ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଅକ୍ଟୋବର ୨୦୨୩



Vol-2 • Issue-8 • October 2023 • Monthly • Rs.40 • 72 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

**SAHITYA CHARCHA**

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୨ • ସଂଖ୍ୟା-୮ • ଅକ୍ଟୋବର ୨୦୨୩ • ମାସିକ • ଟ.୪୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଚିତ୍ରାଙ୍କନ
**ବଳଦେବ ମହାରଥା**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬

**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।


ପାଠକଙ୍କ ମତାମତ ୦୨
ଲେଖନୀ ମୁନରେ ଅସୁର ସଂହାର (ସଂପାଦକୀୟ) ୦୩
ଓଡ଼ିଆ ସାହିତ୍ୟରେ ଶକ୍ତି ଉପାସନା (ପ୍ରବନ୍ଧ): ରମାକାନ୍ତ ନାୟକ ୦୫
ଆଦ୍ୟା (କବିତା) : କୁଳମଣି ଓଝା ୧୦
ତତ୍ତ୍ୱଦୃଷ୍ଟିରେ ବିରଜା ଓ ବିମଳା (ପ୍ରବନ୍ଧ) : ପ୍ରଫୁଲ୍ଲ କୁମାର ମିଶ୍ର ୧୧
ଈର୍ଷାର ରଙ୍ଗ ସବୁଜ (ଗଳ୍ପ) : ଜୟନ୍ତୀ ସାହୁ ୧୫
ଦୁର୍ଗାଙ୍କ ସହ ଦେଖାସାକ୍ଷାତ (ରମ୍ୟରଚନା) : ଡ. କୁଳାଙ୍ଗାର ୧୯
ଲୁଗାକାନି (ଗଳ୍ପ) : ଆରତୀ ସାହୁ ୨୨
ଓଡ଼ିଆ ପତ୍ରପତ୍ରିକା: କୁଟୁମ୍ବଙ୍କୁ ଲାଜ (ପ୍ରବନ୍ଧ) : କାଳୀଚରଣ ଦାସ ୨୪
ମନେ ପଡ଼େ ରାନୁ (ଅନୁଭୂତି): ଲୋପାମୁଦ୍ରା ମହାନ୍ତି ୨୯
କଥାକାର ହୃଷୀକେଶ ପଣ୍ଡାଙ୍କ ସହ ବାର୍ତ୍ତାଳାପ (ସାକ୍ଷାତକାର) ୩୩
ଆଉ ଜଣେ ତ୍ରିଶଙ୍କୁ (ଗଳ୍ପ) : ଜନ୍ମେଜୟ ପଣ୍ଡା ୩୭
କୁହୁକ ଚଦର (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର ୪୦
ସମକାଳୀନ ଓଡ଼ିଆ କାବ୍ୟ ପାଠକ (ପ୍ରବନ୍ଧ) : ବସନ୍ତ କୁମାର ପଣ୍ଡା ୪୪
ବିଧ୍ୱଂସ (ଅନୁବାଦ ଗଳ୍ପ) : ଆଶିଷ କୁମାର ରାୟ ୪୮
ଆମ ଘର (ଏକାଙ୍କିକା) : ଅଳକା ନନ୍ଦ ୫୨
ଶଙ୍ଖ (ବିଜ୍ଞାନ ଆଧାରିତ ଗଳ୍ପ) : ଦୁର୍ଯ୍ୟୋଧନ ଦାସ ୫୬
ଦୁର୍ଦ୍ଦଶାରେ ଓଡ଼ିଆ ଭାଷା (ପ୍ରବନ୍ଧ) : ବୈଷ୍ଣବ ଚରଣ ମହାନ୍ତି ୬୦
ସେ ନିଶ୍ଚୟ ଆସିବ (ଗଳ୍ପ) : ରବି ସ୍ୱାଇଁ ୬୫
ସନେଟ୍‌ରୁ ଚଉପଦୀ (କବିତା) : ଆଲୋକ କୁମାର ପ୍ରଧାନ ୬୬
ଦୁଇଟି ଅଣୁଗପ (ଗଳ୍ପ) : ଅନୀଲ କୁମାର ପାଢ଼ୀ ୬୭
ବିନୟୀ ବଣି ଓ ଅବିନୟୀ ବଗୁଲୀ (ଶିଶୁ ଗଳ୍ପ) : ରତ୍ନାକର ଦାସ ୬୮
ରାଜନୀତି ଭୋଗିବାର କାହାଣୀ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ ୭୦
ସାହିତ୍ୟ ସମାଚାର ୭୧
ଆତ୍ମବିଷ୍ଣୁ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୭୨

# ପାଠକଙ୍କ ମତାମତ

**ସେ**ପ୍ଟେମ୍ବର ସଂଖ୍ୟାରେ ମାନସ ମହାପାତ୍ରଙ୍କ 'ପୁସ୍ତକ ପ୍ରକାଶନ ଓ ସମ୍ପାଦନା' ପଢ଼ି ଭଲ ଲାଗିଲା। କାରଣ ଏ ହେଉଛନ୍ତି ସେହି ମାନସ ମହାପାତ୍ର, ଯାହାଙ୍କୁ ମୁଁ ଭୁବନେଶ୍ୱର ପୁସ୍ତକମେଳାରେ ଭେଟିଥିଲି ଅନେକ ବର୍ଷ ପୁର୍ବେ। ସେହି ସମୟରେ ମୁଁ ତାଙ୍କୁ ଏକ ପ୍ରଶ୍ନ କରିଥିଲି। ପ୍ରସଙ୍ଗଟି ଏହିଭଳି – ସେହିବର୍ଷ ଭୁବନେଶ୍ୱର ପୁସ୍ତକ ମେଳା ଆୟୋଜନର ଅନ୍ୟତମ ସହଯୋଗୀ ଥାଏ 'ନ୍ୟାସନାଲ ବୁକ୍ ଟ୍ରଷ୍ଟ' ଏବଂ ଏନ୍‌ବିଟିର ଜଣେ ପ୍ରତିନିଧି ଓ ଅଧିକାରୀଭାବେ ମାନସ ମହାପାତ୍ର ମେଳା ସ୍ଥଳରେ ଉପସ୍ଥିତ ଥିଲେ। ମୁଁ ସେତେବେଳେ ମାନସ ବାବୁଙ୍କୁ ପଚାରିଥିଲି ଓଡ଼ିଶାରେ 'ନ୍ୟାସନାଲ ବୁକ୍ ଟ୍ରଷ୍ଟ' ପକ୍ଷରୁ କରାଯାଉଥିବା ବା ସହଯୋଗୀଭାବେ ହେଉଥିବା ମେଳା ସ୍ଥାନରେ 'ନ୍ୟାସନାଲ ବୁକ୍ ଟ୍ରଷ୍ଟ', ଇଂରାଜୀରେ ନ ଲେଖି ସେହି ସ୍ଥାନରେ 'ଜାତୀୟ ପୁସ୍ତକ ନ୍ୟାସ' ଲେଖା ନହେଲା କିପରି ?

ଏହାର ଉତ୍ତରରେ ମାନସ ବାବୁ ଚମତ୍କାର କଥା କହିଥିଲେ। ସେ ଯାହା କହିଥିଲେ ତାହା ହେଉଛି, 'ନ୍ୟାସନାଲ ବୁକ୍ ଟ୍ରଷ୍ଟ' ହେଉଛି ଏକ ବ୍ରାଣ୍ଡ, ତେଣୁ ଏକ ବ୍ରାଣ୍ଡର ନାମକୁ ଅଲଗା ଅଲଗା ଭଷାରେ ଭାଷାନ୍ତରଣ ବା ଅନୁବାଦ ବା ଆକ୍ଷରିକ ଅନୁବାଦ କଲେ ନାମ ପରିବର୍ତ୍ତନ ହୋଇଯିବ ଓ ଏହା ପାଠକ କିମ୍ବା ଦର୍ଶକଙ୍କୁ ଦ୍ୱନ୍ଦ୍ୱରେ ପକାଇବ। ତେଣୁ ଭାରତର ଯେଉଁ ରାଜ୍ୟ ବା ଯେଉଁ ସ୍ଥାନରେ ହେଉ ପଛେ ଇଂରାଜୀରେ 'ନ୍ୟାସନାଲ ବୁକ୍ ଟ୍ରଷ୍ଟ' ଲେଖାଯିବାର ନିୟମ କରାଯାଇଛି। ମାନସ ବାବୁଙ୍କ ଏହି ଉତ୍ତର ମୋତେ ବେଶ୍ ଯୁକ୍ତିଯୁକ୍ତ ମନେ ହୋଇଥିଲା। ଏହି ଘଟଣା ପ୍ରାୟ ୧୫ବର୍ଷରୁ ଅଧିକ ଦିନର ହେବ ବୋଲି ମୁଁ ଭାବୁଛି। ଏତେ ଦିନର ବ୍ୟବଧାନ ପରେ ମାନସ ବାବୁଙ୍କ ପୁସ୍ତକ ସମ୍ପାଦନା ସମ୍ପର୍କିତ ଲେଖାଟି ପଢ଼ି ଖୁସି ହେଲି ଏବଂ ତାଙ୍କ କଥା ଆଉ ଥରେ ମନେ ପକାଇଲି।

**ମହେନ୍ଦ୍ର ମିଶ୍ର**
mkmishra29@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

**ଗ**ତ ସଂଖ୍ୟାରେ ପ୍ରକାଶିତ ସମ୍ପାଦକୀୟ 'ଫେସବୁକିଆ ସାହିତ୍ୟ' ଖୁବ୍ ସୁନ୍ଦର ଓ ସମୟୋପଯୋଗୀ। ଯିଏ ଯାହା କୁହନ୍ତୁ ପଛେ ଏହି ଲେଖାଟି ବେଶ ତାତ୍ପର୍ଯ୍ୟପୂର୍ଣ୍ଣ। ଖାଣ୍ଟି ସତକଥା ଓ ମଞ୍ଜି କଥା ଏଥିରେ ଉଲ୍ଲେଖ କରିଛନ୍ତି ସମ୍ପାଦକ ମହୋଦୟ। ମାସ ଆରମ୍ଭ ହେବା ପୂର୍ବରୁ ପତ୍ରିକାଟି ପ୍ରକାଶ କରି ଏକ ନୂତନ ଦିଗନ୍ତ ସୃଷ୍ଟି କରିଛନ୍ତି। ଆପଣଙ୍କର ସମ୍ପାଦକୀୟରେ ଏକ ଭିନ୍ନ ସ୍ୱାଦର ସାରସ୍ୱତ ଲେଖା ଆମ ପାଇଁ ଛାଡୁଛନ୍ତି। ଏବେ ଯେତେ ସାହିତ୍ୟ ପତ୍ରିକା ପ୍ରକାଶ ପାଉଛି ସେମାନଙ୍କ ଭିତରେ ସାହିତ୍ୟ ଚର୍ଚ୍ଚା ଏକ ପ୍ରମୁଖ ସ୍ୱର ହୋଇ ଉଭା ହୋଇଛି।

**ପ୍ରତାପ ଚନ୍ଦ୍ର ଦାସ**
pratap.das18@gmail.com

'**ସା**ହିତ୍ୟ ଚର୍ଚ୍ଚା' ସେପ୍ଟେମ୍ବର ସଂଖ୍ୟାରେ ପ୍ରକାଶିତ ସମ୍ପାଦକୀୟ ଚର୍ଚ୍ଚାର ବିଷୟ। ଉଦୟନାଥ ସାହୁଙ୍କ 'ଓଡ଼ିଆ ଚଉପଦୀ: ଅନୁଶୀଳନ ଓ ଅନୁସରଣ' ଶୀର୍ଷକ ପ୍ରବନ୍ଧ ପ୍ରାଚୀନ ସାହିତ୍ୟର ଚଉପଦୀ ଉପରେ ଏକ ମନୋଜ୍ଞ ଆଲୋଚନା। ଚଉପଦୀ ଅଧ୍ୟୟନ ଏବଂ ଗବେଷଣା ପାଇଁ ଅତ୍ୟନ୍ତ ଉପଯୋଗୀ ପ୍ରବନ୍ଧଟିଏ। ସୁବାଷ ଚନ୍ଦ୍ର ଭୋଇଙ୍କ 'ଲକ୍ଷ୍ମୀନାରାୟଣ ବଚନିକା ଓ ଲକ୍ଷ୍ମୀପୁରାଣ' ଶୀର୍ଷକ ଆଲୋଚନାରେ ତୁଳନାତ୍ମକ ଅଧ୍ୟୟନ କରିଛନ୍ତି। ମାନସ ରଂଜନ ମହାପାତ୍ରଙ୍କ 'ପୁସ୍ତକ ପ୍ରକାଶନ ଓ ସମ୍ପାଦନା' ଶୀର୍ଷକ ଖୁବ୍ ଉପାଦେୟ ପ୍ରବନ୍ଧ। ଗାଳ୍ପିକ ଅଚ୍ୟୁତାନନ୍ଦ ପତିଙ୍କ ଅନୁଭୂତି 'ବଫାଲୋ ଶବ୍ଦ ଓ ବିଏ ପାସ' ମନକୁ ଛୁଇଁଲା। ଧାରାବାହିକ ବ୍ୟଙ୍ଗରେ ଅଜୟ କୁମାର ମିଶ୍ରଙ୍କ 'ସମାଜସେବୀ ଡକ୍ଟର ଘଣ୍ଟେଶ୍ୱର' ଆକର୍ଷଣୀୟ। ମୋଟାମୋଟି ଭାବେ ପତ୍ରିକାଟି ଅତ୍ୟନ୍ତ ଆକର୍ଷଣୀୟ ହୋଇଛି।

**ଜ୍ୟୋତିର୍ମୟୀ ସାହୁ**
sahoosita321@gmail.com

**ସମ୍ପାଦକୀୟ**

# ଲେଖନୀ ମୁନରେ ଅସୁର ସଂହାର

ଶାରଦୀୟ ପାର୍ବଣ ଅବସରରେ ଯେତେବେଳେ ଶକ୍ତିସ୍ୱରୂପା ମହାମାୟା ମହିଷମର୍ଦ୍ଦିନୀ ରୂପରେ ଆବିର୍ଭୁତା ହୁଅନ୍ତି, ସେତେବେଳେ 'ଶ୍ରୀଦୁର୍ଗା ସପ୍ତଶତୀ' ପାଠ କରିବା ଅବକାଶରେ ଏହି ପଙ୍କ୍ତିଟି ମଧ୍ୟ ଭକ୍ତ-କଣ୍ଠରେ ଉଚ୍ଚାରିତ ହୁଏ,

ଯା ଦେବୀ ସର୍ବଭୂତେଷୁ ଚେତନେତ୍ୟଭିଧୀୟତେ ।
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ॥

ଏଠାରେ ଦେବୀଙ୍କୁ ଚେତନା ପ୍ରଦାୟିନୀ ଭାବରେ ଆବାହନ କରାଯାଇଛି । ଏ ଦୃଷ୍ଟିରୁ ଜନ-ମାନସରେ ଚେତନାର ସ୍ଫୁଲିଙ୍ଗ ଜଗାଇବା ଦେବୀ ଦୁର୍ଗାଙ୍କ ଧରାବତରଣର ଅନ୍ୟତମ ଉଦ୍ଦେଶ୍ୟ ବୋଲି କୁହାଯାଇପାରେ ।




ସାହିତ୍ୟ-ସାଧକମାନଙ୍କ ପାଇଁ ଦେବୀ-ତତ୍ତ୍ୱର ଏହି ସାରସ୍ୱତ ଦିଗଟି ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ । ସଂସାରର ଅନ୍ୟ ସମସ୍ତ କ୍ରିୟାକଳାପ ଭଳି, ସାହିତ୍ୟ ଜଗତରେ ମଧ୍ୟ ଏହି ଆସୁରିକ ପ୍ରବୃତ୍ତିର ପରାଭବ କିଛି କମ୍ ନୁହେଁ । ଛଳନା, ପରଶ୍ରୀକାତରତା, ମିଥ୍ୟା ଓ ଦୁରାଚାର ଭଳି ନକାରାତ୍ମକ ଗୁଣମାନ ଅନ୍ୟମାନଙ୍କ ଭଳି ସାରସ୍ୱତ ସ୍ରଷ୍ଟାମାନଙ୍କୁ ମଧ୍ୟ କବଳିତ କରିବା ପାଇଁ ଟାକି ବସିଥାଆନ୍ତି । କେବଳ ଦୃଢ଼ମନା ଓ ଆତ୍ମସଂଯମୀ ସ୍ରଷ୍ଟାଟିଏ ହିଁ ଏମାନଙ୍କ କବଳରୁ ନିଜକୁ ମୁକୁଳାଇବାକୁ ସକ୍ଷମ ହୋଇଥାଏ ।

ତେବେ ମାଆ ଦୁର୍ଗା ସାରସ୍ୱତ ସଂସାରର ନକାରାତ୍ମକତାକୁ ବିନାଶ କରିବା ପାଇଁ କେଉଁ ଭାବରେ ଅବତୀର୍ଣ୍ଣା ହୁଅନ୍ତି, ଏହି ବିଷୟରେ ଚିନ୍ତା କରିବାକୁ ଗଲେ ଆମର ସ୍ମରଣକୁ ଆସେ 'ଅଚ୍ୟୁତାନନ୍ଦ ପତି କଥା ସମଗ୍ର'ରେ ଆମେ କିଛିଦିନ ତଳେ ପଢ଼ିଥିବା 'ରାକ୍ଷସ ଗପ' ଶୀର୍ଷକ କାହାଣୀଟିଏ । ବର୍ଷୀୟାନ୍ କଥାକାର ଅଚ୍ୟୁତାନନ୍ଦ ପତି ଏଥିରେ ଜଣେ ରାକ୍ଷସରାଜର ହାବୁଡ଼ରେ ପଡ଼ିଥିବା ପାଞ୍ଚଜଣ ଦେବୀଙ୍କର ପରିକଳ୍ପନା କରିଛନ୍ତି । ସେମାନଙ୍କର ନାମ ହେଲା ରାଜଶ୍ରୀ, ନୀତିରତା, ପ୍ରଜ୍ଞାଦେବୀ, ସାଧାରଣୀ ଓ ଶ୍ରୀଲେଖା । ଏମାନେ ମାଆ ଶକ୍ତିସ୍ୱରୂପିଣୀଙ୍କର ବିବିଧ ଅବତାର ମାତ୍ର । ଆଲୋଚିତ ଗଳ୍ପରେ ଖଳଚରିତ୍ର 'ରାକ୍ଷସରାଜ' ପ୍ରଥମୋକ୍ତ ଚାରିଜଣ ଦେବୀଙ୍କୁ କବଳିତ କରି ସେମାନଙ୍କ ଉପରେ ପାଶବିକ ଅତ୍ୟାଚାର କରିବାକୁ ସକ୍ଷମ ହୋଇଛି । କିନ୍ତୁ କାବୁ କରିପାରିନାହିଁ କେବଳ ଜଣଙ୍କୁ; ସେ ହେଲେ ଶ୍ରୀଲେଖା । ଅନ୍ୟ ଦେବୀମାନେ ସ୍ୱହସ୍ତରେ ସେମାନଙ୍କର ଚିରାଚରିତ ଆୟୁଧ ଧାରଣ କରିଥିବା ବେଳେ ଶ୍ରୀଲେଖାଙ୍କ ହସ୍ତରେ କିନ୍ତୁ ଅଛି କେବଳ କଲମଟିଏ । ତାଙ୍କର ଏହି କଲମ ରୂପୀ ଅସ୍ତ୍ରଟିର ସାମନା କରିବାକୁ ରାକ୍ଷସରାଜ ଅସମର୍ଥ ହୋଇଛି ଏବଂ ଶେଷକୁ ଶ୍ରୀଲେଖା ନିଜର କଲମ ମୁନରେ ଦଳି ତାହାକୁ ନିହତ କରିଛନ୍ତି ।

ଏକ ରୂପକ-କଥା ଭାବରେ ଏହି କାହାଣୀର ବକ୍ତବ୍ୟ ପ୍ରଣିଧାନ ଯୋଗ୍ୟ । ଏହି ଗଳ୍ପରେ ଶ୍ରୀଲେଖା ସରସ୍ୱତୀଙ୍କ ଭିନ୍ନ ଆଉ କେହି ନୁହନ୍ତି; ଏବଂ ତାଙ୍କ ହସ୍ତରେ ଆୟୁଧ ଭାବରେ ଶୋଭା ପାଉଥିବା ଲେଖନୀ ହିଁ ସାରସ୍ୱତ ପ୍ରଜ୍ଞାର ଅକଳନ ଶକ୍ତିର ପରିଚାୟକ । ଏହା ଆଗରେ ଆଉ ସବୁ ଅସ୍ତ୍ର ତୁଚ୍ଛ । ଗାଳ୍ପିକଙ୍କ ଭାଷାରେ, "ଧନରାକ୍ଷସର ଗର୍ବୋନ୍ନତ ଛାତିରେ ମହାମାୟା ମହାସରସ୍ୱତୀ ଲେଖନୀରେ ବର୍ଚ୍ଛାବିଦ୍ଧ କଲେ । ଭୀତି ଓ ଭକ୍ତିର ଅଶ୍ରୁପାତ କରି ଅସହାୟ ଶିଶୁସମ ଅଶକ୍ତ ଧନରାକ୍ଷସ ଯୋଡ଼ ହସ୍ତରେ ମହାପ୍ରତିଭାଙ୍କ ପୁଣ୍ୟ ପୟରତଳେ ପ୍ରାଣ ଅର୍ପଣ କଲା ।"

ଆସନ୍ତୁ, ଆଜି ପବିତ୍ର ପାର୍ବଣ ଅବସରରେ ଏତିକି କାମନା କରିବା ଯେ ଆମର ସମସ୍ତ ସାରସ୍ୱତ ସ୍ରଷ୍ଟା ନିଜର କଲମ ବଳରେ ସଂସାରରୁ ଆସୁରିକ ଶକ୍ତିର ବିନାଶ କରିବା ସହ ନିଜର ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ଆଗଭର ହେବେ ।

***ନିହାର ଶତପଥୀ***

## ସାହିତ୍ୟ ବିଚାର

**କମଳାକାନ୍ତ ରଥ**




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

| | |
|---|---|
| *IFS Code* | : CNRB0018007 |
| *Account No.* | : 120000048648 |
| *Account Name* | : Sahitya Charcha |

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬

ପ୍ରବନ୍ଧ

# ଓଡ଼ିଆ ସାହିତ୍ୟରେ ଶକ୍ତି ଉପାସନା




ଡ. ରମାକାନ୍ତ ନାୟକ

ଶକ୍ତି ଉପାସନାର ଅନ୍ୟତମ ଆଦ୍ୟପୀଠ ଭାବରେ ଏକଦା ଓଡ଼ିଶା ଥିଲା ବିଶ୍ୱବିଶ୍ରୁତ। ସହସ୍ର ସହସ୍ର ବର୍ଷବ୍ୟାପୀ ଏହି ପବିତ୍ର ଭୂମିରେ ମାତୃରୂପାଶକ୍ତି ତାଙ୍କର ବିଭିନ୍ନ ସ୍ୱରୂପ, ନାମ ଓ ଧର୍ମରେ ବିଚିତ୍ର ଅଲୌକିକ ଲୀଳା ରଚନା କରି ଭକ୍ତ ପ୍ରାଣରେ ଭକ୍ତି ଓ ବିଶ୍ୱାସର ଉଚ୍ଛଳ ସ୍ରୋତ ପ୍ରବାହିତ କରି କରୁଣା ଓ ଆଶ୍ୱାସନା ପ୍ରଦାନ କରି ଆସିଛନ୍ତି। ଏହି ପ୍ରସଙ୍ଗରେ ପ୍ରାଚୀନ ଓଡ଼ିଶାର ଗୌରବ ଗାଥାକୁ କାଳିକା ପୁରାଣ ଉନ୍ମୁକ୍ତ କଣ୍ଠରେ ଉଦ୍‌ଘୋଷଣା କରେ 'ଓଡ୍ରାଖ୍ୟଂ ପ୍ରଥମ ପୀଠମ୍।' ପ୍ରାଗ୍‌ଐତିହାସିକ ଯୁଗରୁ ଓଡ଼ିଶାର ସାହିତ୍ୟ ପଟ୍ଟଭୂମିରେ ଧାରାବାହିକ ଭାବରେ ଶକ୍ତି ଉପାସନାର ବହୁଳ ନିଦର୍ଶନ ଦୃଷ୍ଟିଗୋଚର ହୁଏ। ମାନବଜାତିର ପ୍ରାଚୀନତମ ସାହିତ୍ୟ ଋଗ୍‌ବେଦର ଦଶମ ମଣ୍ଡଳ, ୧୫୫ତମ ସୂକ୍ତରେ ବର୍ଣ୍ଣିତ 'ଅଦୌ ଯଦାରୁ ପ୍ଲବତେ ସିନ୍ଧୋଃପାରେ ଅପୁରୁଷମ' ମନ୍ତ୍ରର ବ୍ୟାଖ୍ୟାନ କରି ସାୟାନାଚାର୍ଯ୍ୟ କହନ୍ତି ସିନ୍ଧୁତୀରରେ ଶ୍ରୀଜଗନ୍ନାଥଙ୍କ ଉପାସନା ପ୍ରଚଳିତ। ଏଥି ସହିତ ତାଙ୍କର ଅନ୍ୟ ଉକ୍ତି ହେଉଛି ସିନ୍ଧୁତୀରରେ ଅଲକ୍ଷ୍ମୀ ମଧ୍ୟ ଉପାସିତ। ପୁରାଣରେ ବର୍ଣ୍ଣିତ ଅଲକ୍ଷ୍ମୀ ଦେବୀ ହେଉଛନ୍ତି ଲକ୍ଷ୍ମୀଙ୍କର ଭଗ୍ନୀ।

## ଧର୍ମଜନିତ ସାହିତ୍ୟ

ଧରାପୃଷ୍ଠରେ ମାନବର ଆବିର୍ଭାବ ସହିତ ତାହାର ଧର୍ମ ଭାବନାର ମଧ୍ୟ ଉନ୍ମେଷ ଓ ବିବର୍ତ୍ତନ ଘଟିଛି। ଧର୍ମ ସହିତ ଜୀବନର ସମ୍ପର୍କ ଯେପରି ଅବିଚ୍ଛିନ୍ନ ଧର୍ମ ସହିତ ସାହିତ୍ୟର ସମ୍ବନ୍ଧ ମଧ୍ୟ ସମଭାବରେ ଅବିଚ୍ଛେଦ୍ୟ। ତେଣୁ ସାହିତ୍ୟ ହିଁ ଧର୍ମଭାବନାର ଅଭିବ୍ୟକ୍ତି; ସାହିତ୍ୟ ହିଁ ଧର୍ମ ପ୍ରଚାର ଓ ପ୍ରସାରରେ ବଳିଷ୍ଠ ଭୂମିକା ଗ୍ରହଣ କରିଆସିଛି ମାନବ ସଭ୍ୟତାର ଆଦ୍ୟକାଳରୁ। ସାଧାରଣତଃ ସାହିତ୍ୟର ଦୁଇ ପ୍ରକାର ସ୍ୱରୂପ, ଲିଖିତ ଓ ଅଲିଖିତ। ଅଲିଖିତ ସାହିତ୍ୟ କହିଲେ ଲୋକ ସାହିତ୍ୟକୁ ବୁଝାଏ। ଏହି ମୌଖିକ ସାହିତ୍ୟର ଜନ୍ମକାଳ ନିର୍ଣ୍ଣୟ କରିବା କଷ୍ଟସାଧ୍ୟ। ପିଢ଼ି ପରେ ପିଢ଼ି ଲୋକମୁଖରେ ଏହା ପ୍ରସାରିତ ହୋଇଚାଲିଥାଏ। ବିଶ୍ୱର ଲୋକବିଜ୍ଞାନୀଗଣ ଏହାକୁ ଲୋକବିଦ୍ୟା, ଲୋକ ସଂସ୍କୃତି, ଲୋକଚର୍ଯ୍ୟା, ଲୋକତତ୍ତ୍ୱ, ଲୋକଧାରା, ଲୋକସାହିତ୍ୟ ଇତ୍ୟାଦି ଭାବରେ ବର୍ଣ୍ଣନା କରନ୍ତି।

ସୁଦୂର ଅତୀତର କେଉଁ ବିସ୍ମୃତ କାଳରୁ ଲୋକସାହିତ୍ୟ ଉତ୍କଳର ପ୍ରାଚୀନ ଧର୍ମଧାରାକୁ ଉଜ୍ଜୀବିତ କରିଆସିଛି ବିଭିନ୍ନ ବ୍ରତକଥା ଓ ମନ୍ତ୍ର ମାଧ୍ୟମରେ। ଓଡ଼ିଶାରେ ବହୁଳ ପ୍ରଚଳିତ ସିଦ୍ଧ ତାରିଣୀବ୍ରତ, ଚୈତ୍ର ମଙ୍ଗଳବାର ଓ ନିଶା ମଙ୍ଗଳବାର ଓଷା, ଦୁର୍ଗାଷ୍ଟମୀ, ଭାଇଜିଅନ୍ତା ଓ କାଞ୍ଜିଅଁଳା ବ୍ରତ ପ୍ରଭୃତି ଶକ୍ତି ଉପାସନାର ସୁଦୃଢ଼ ଭିତ୍ତିଭୂମିକୁ ପ୍ରତିପାଦିତ କରେ। ଶ୍ରୀଗୁଣ୍ଡିଚା ଯାତ୍ରାକୁ ତୀର୍ଥରେ ଆସିଥିବା ଅପୁତ୍ରକ ଦରିଦ୍ର ବ୍ରାହ୍ମଣର ଦୁଃଖକୁ ସହ୍ୟ କରି ନ ପାରି ମହାଦେବୀ ପାର୍ବତୀ, ମହାଦେବ ମହେଶଙ୍କ ନିଷେଧକୁ ଅମାନ୍ୟ କରି ସିଦ୍ଧତାରିଣୀ ବ୍ରତ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଦେବୀଙ୍କ ଉପଦେଶକୁ ଅନୁସରଣ କରି ବ୍ରାହ୍ମଣ ସମସ୍ତ ଦୁଃଖ ଯାତନାରୁ ମଧ୍ୟ ମୁକ୍ତ ହୋଇଛନ୍ତି। ଯଦି ରଥଯାତ୍ରା ମଙ୍ଗଳବାରରେ ପଡ଼େ, ତେବେ ଏହି ବ୍ରତ କରିବାର ପରମ୍ପରା ପ୍ରଚଳିତ ଅଛି। ସେହିପରି ଦେବୀ ମଙ୍ଗଳାଙ୍କ ଆଶୀର୍ବାଦ ନିମିତ୍ତ ଚୈତ୍ର ମଙ୍ଗଳବାର, ନିଶା ମଙ୍ଗଳବାର ଓ ଖୁଦୁରୁକୁଣୀ ଓଷାର ପ୍ରଚଳନ ଅଛି। ଜନୈକ ନିଃସନ୍ତାନ ରାଜା ତାଙ୍କ ରାଜ୍ୟର ଜଣେ ଚାଣ୍ଡାଳୁଣୀ ଛଅଟି ଯାଆଁଳା ପୁତ୍ର ଓ ଗୋଟିଏ କନ୍ୟାର ଜନନୀ ହେବାରେ ଈର୍ଷାନ୍ୱିତ ହୋଇ ବିଭିନ୍ନ ଉପାୟରେ ସେହି



ସନ୍ତାନମାନଙ୍କୁ ହତ୍ୟା କରିଥିଲେ। ଚୈତ୍ର ମଙ୍ଗଳବାର ଓଷାକରି ମଙ୍ଗଳାଙ୍କ କୃପାରୁ ସନ୍ତାନମାନେ ପୁନର୍ଜୀବନ ଲାଭ କଲେ ବୋଲି ଚୈତ୍ର ମଙ୍ଗଳବାର ଓଷାରେ ବର୍ଣ୍ଣିତ ହୋଇଛି। ଆଶ୍ୱିନ ମାସରେ ନିଶା ମଙ୍ଗଳବାର ଓଷାକରି ବିକ୍ରମାଦିତ୍ୟଙ୍କ ରାଜ୍ୟର ମଲ୍ଲିକା ଘାସିଆଣୀ ଓ ସାନରାଣୀ ନିଃସନ୍ତାନ ଦୋଷରୁ ମୁକ୍ତ ହୋଇ ଅନେକ ସନ୍ତାନର ଜନନୀ ହୋଇପାରିଥିଲେ। ଭାଦ୍ରବ ମାସରେ ଖୁଦୁରୁକୁଣୀ ବ୍ରତ ଏବେ ମଧ୍ୟ ପ୍ରଚଳିତ। ଏହି ବ୍ରତ ଅନୁଯାୟୀ ଦେବୀ ମଙ୍ଗଳାଙ୍କ ଅଶେଷ କୃପାରୁ ସାଧବ କନ୍ୟା ତଅପୋଇ ସମସ୍ତ ଦୁଃଖ ଦୁର୍ଦ୍ଦଶାରୁ ରକ୍ଷା ପାଇଥିଲେ। ପ୍ରାଚୀନ ଦୁର୍ଗା ଉପାସନା ପରମ୍ପରାରେ ଦୁର୍ଗାଷ୍ଟମୀ ବ୍ରତ ଓ ଭାଇଜିଅନ୍ତା ବ୍ରତ ଉତ୍କଳୀୟ ସମାଜରେ ବହୁଳ ପ୍ରଚଳିତ। ସତ୍ୟଯୁଗରେ ଅନନ୍ତ ସିଦ୍ଧିରାଜ ଓ ଶେଖରସେନ ବ୍ରାହ୍ମଣ ଦୁର୍ଗାଷ୍ଟମୀ ବ୍ରତ କରି ଶିବଲୋକ ପ୍ରାପ୍ତ ହୋଇଥିଲେ। ସେହିପରି ଦ୍ୱାପର ଯୁଗରେ ଦ୍ରୌପଦୀ ଭାଇଜିଅନ୍ତା ବ୍ରତ ପାଳନ କରି ନିଜ ସହୋଦର ଶିଖଣ୍ଡୀର ଶକ୍ତି ବୃଦ୍ଧି କରାଇଥିଲେ।

ଆଉ ଏକ ବ୍ରତ ଉପାଖ୍ୟାନରେ ବର୍ଣ୍ଣିତ ଅଛି, ଅନ୍ତଃସତ୍ତ୍ୱା ସାଧବ ବୋହୂ ନିଜର ଆଶା ପୂରଣ କରିବାକୁ ଦୋସୀମାଳୀ ବଗିଚାରୁ ପାଣିକଖାରୁ ଚୋରି କରିଥିବାରୁ ମାଳୀର ଅଭିଶାପ କ୍ରମେ ଗୋଟି ଗୋଟି କରି ପାଞ୍ଚଟି ସନ୍ତାନ ଜନ୍ମ ହେବା ମାତ୍ରେ ମୃତ୍ୟୁବରଣ କରିଛନ୍ତି। ଏହି ବିପର୍ଯ୍ୟୟ କାଳରେ ଶାଶୁ ବୋହୂଙ୍କୁ ଅଲକ୍ଷଣୀ ଭାବରେ ବିବେଚନା କରି ଗୃହରୁ ବିତାଡ଼ିତ କରିଦେଇଛନ୍ତି। ତେବେ, ଘୋର ଅରଣ୍ୟ ମଧ୍ୟରେ ସେ ପୁନର୍ବାର ଏକ ସୌମ୍ୟ ପୁତ୍ର ଜନ୍ମକରି ଆକୁଳ ରୋଦନ କରିବାରେ ଲାଗିଛନ୍ତି। ତାଙ୍କର ଦୁଃଖକୁ ସହ୍ୟ କରି ନ ପାରି ଷଷ୍ଠୀଦେବୀ ଆବିର୍ଭୂତ ହୋଇ କାଞ୍ଜିଅଁଳା ବ୍ରତ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ବ୍ରତରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କୁ ସମସ୍ତ ପୁତ୍ରମାନଙ୍କୁ ପ୍ରତ୍ୟର୍ପଣ କରିଛନ୍ତି। ଏବେ ମଧ୍ୟ ମୟୂରଭଞ୍ଜ ସମେତ କେତେକ ଅଞ୍ଚଳରେ ଏହି ବ୍ରତକଥାର ପ୍ରଭାବରେ ପାଣିକଖାରୁ ଚୋରି ଏକ ଭୟଙ୍କର ନିଷେଧ ଭାବରେ ପରିଗଣିତ ହୁଏ।


**ଓଡ଼ିଆ ସାହିତ୍ୟର ପ୍ରଥମ ଗଦ୍ୟ ଭାବରେ ଅଭିହିତ 'ରୁଦ୍ରସୁଧାନିଧି'ରେ ମଧ୍ୟ ଶକ୍ତି ଉପାସନାର ବିଭିନ୍ନ ଦିଗର ବର୍ଣ୍ଣନା ଦୃଷ୍ଟିଗୋଚର ହୁଏ।**

### ମନ୍ତ୍ର ସାହିତ୍ୟ

ଏତଦ୍‌ଭିନ୍ନ ମନ୍ତ୍ର ସାହିତ୍ୟରେ ମଧ୍ୟ ଅନେକ ମନ୍ତ୍ର ଭଣିତାରେ ଦୁର୍ଗା, ମହାକାଳୀ, ରାମଚଣ୍ଡୀ ପ୍ରଭୃତି ଦେବୀମାନଙ୍କର ନାମ ସହିତ ତନ୍ତ୍ର ସାଧକ ଓ ସାଧିକାମାନଙ୍କ ନାମ ଦୃଷ୍ଟିଗୋଚର ହୁଏ। ଦୃଷ୍ଟାନ୍ତ ସ୍ୱରୂପ, 'ଓଁ ରାମ ଲକ୍ଷ୍ମଣ ଗଲେ ଘାସ କାଟି / ପକାଇଲେ ହାତକାଟି / ରକ୍ତ ବହେ ଝରଝର / ସେହି ରକ୍ତ ସେଥିରେ ମାର / ମାର ମାର ବୋଲି କାହାର ଆଜ୍ଞା / ରାମଚଣ୍ଡୀ ଠାକୁରାଣୀଙ୍କର କୋଟିକୋଟି ଆଜ୍ଞା' ଅନ୍ୟ ଏକ ମନ୍ତ୍ରରେ, 'ଓଁ ବାଣ, ପଶୁପତ୍ର ବାଣ, ବୁକୁ ଫାଟି ଯାଉ ପ୍ରାଣ / କାହାର ଆଜ୍ଞା, ଦେବୀ ଦୁର୍ଗାଙ୍କର ଆଜ୍ଞା।' ମାଟିଆଚଣ୍ଡୀ ସାଧନ ମନ୍ତ୍ର 'ଓଁ ବିକଟ ମୁଖିଲୋ ଫୁଫୁଇ ଚଣ୍ଡୀ / ମହୁ ମାଂସ ଖାଇଲେ ଟାଙ୍ଗରି ମୁଣ୍ଡି / ତୋହର ହାକ ଡାକେ କମ୍ପଇ ବ୍ରହ୍ମାଣ୍ଡ / ବାଦା ବୁଲାଇ ହସ୍ତେ ଧରୁ ଉଲମହ ଦଣ୍ଡ / ଚମ ଦଉଡ଼ି ଧରୁ / ଡାକ ହାକ ଦେଉ / ମୋହର ମଣ୍ଡଳେ ଆସି ଉଭା ହୋଉ / ଧାଁ ଧାଁ ବେଗେ / ମୋହ ମଣ୍ଡଳକୁ ଧାଁ।' ତନ୍ତ୍ର ସାଧିକାମାନଙ୍କ ମଧ୍ୟରୁ କୀଟେଇ ମା, ପତ୍ର ଶଉରୁଣୀ, ନିତେଇ ଧୋବଣୀ, ଶୁକୁଟୀ ଚମାରୁଣୀ, ଜ୍ଞାନଦେଇ ମାଳୁଣୀ ପ୍ରଭୃତିଙ୍କ ନାମରେ ଝଡ଼ାଫୁଙ୍କା ପଦମାନ ଦୃଷ୍ଟିଗୋଚର ହୁଏ। ସେମାନେ ବୌଦ୍ଧ ତନ୍ତ୍ରର ସିଦ୍ଧିପ୍ରାପ୍ତ ସାଧିକା ହୋଇଥିବାରୁ, ସେମାନଙ୍କ ଆଜ୍ଞା ଭାବରେ ତାଙ୍କ ନାମକୁ ପ୍ରୟୋଗ କରିଲେ ପ୍ରତ୍ୟକ୍ଷ ଫଳପ୍ରାପ୍ତ ହୁଏ ବୋଲି ବିଶ୍ୱାସ ଥିଲା। ଏମାନଙ୍କ ବ୍ୟତୀତ ହନୁମାନ, ନୃସିଂହ, ଚଉଷଠୀ ସିଦ୍ଧାଚାର୍ଯ୍ୟ, ଚଉଷଠୀ ଯୋଗିନୀ, ଶିବପାର୍ବତୀଙ୍କ ଆଜ୍ଞାନାମରେ ବହୁ ଓଡ଼ିଆ ମନ୍ତ୍ରମାନ ଉପଲବ୍ଧ ହୁଏ। ବୌଦ୍ଧଧର୍ମର ବଜ୍ରଯାନ ସାହିତ୍ୟରେ ଶକ୍ତି ଉପାସନା, ମାତୃପୂଜା ଓ ଡାକିନୀ ପୂଜା ଆଦି ପ୍ରବର୍ତ୍ତିତ ହୋଇଥିବା ଜଣାଯାଏ।

ଓଡ଼ିଆ ସାହିତ୍ୟର ପ୍ରଥମ ଗଦ୍ୟ ଭାବରେ ଅଭିହିତ 'ରୁଦ୍ରସୁଧାନିଧି'ରେ ମଧ୍ୟ ଶକ୍ତି ଉପାସନାର ବିଭିନ୍ନ ଦିଗର ବର୍ଣ୍ଣନା ଦୃଷ୍ଟିଗୋଚର ହୁଏ। ଗ୍ରନ୍ଥକର୍ତ୍ତା ଅବଧୂତ ସ୍ୱାମୀ ଥିଲେ ଜଣେ ତନ୍ତ୍ର ଉପାସକ ଶୈବ। 'ରୁଦ୍ରସୁଧାନିଧି'ର କଥାବସ୍ତୁ ତନ୍ତ୍ର ତଥା ଶକ୍ତିତତ୍ତ୍ୱ ଉପରେ ଆଧାରିତ। କୈଳାସ ନିକଟବର୍ତ୍ତୀ ମାନସ ସରୋବର ତଟରେ ଯୋଗ ସାଧନାରେ ନିମଗ୍ନ ରୁଦ୍ରଗଣଙ୍କର ସାଧନାଗତ ସିଦ୍ଧିକୁ ପରୀକ୍ଷା କରିବା ପାଇଁ ଶିବଙ୍କ ନିର୍ଦ୍ଦେଶରେ ମୋହିନୀ କନ୍ୟା ସୃଷ୍ଟି ହୋଇଥିଲେ। ଗୋଟିଏ

ପ୍ରସଙ୍ଗରେ ଏଥିରେ ଉଲ୍ଲିଖିତ ହୋଇଛି, 'ଏ ଆଗମ ବିଦ୍ୟା ମନ୍ତ୍ରେ କହିଲା ଭୋ ଦେବ! ବ୍ରହ୍ମ ମାତୃକାକୁ ସାଧିଅଛି। XXXX ବ୍ରହ୍ମ ମାତୃକା ମୋତେ କାନ୍ଧରେ ବସାଇ ହୁଙ୍କାରି ନେଲା।' ଏଥିରେ ମଧ୍ୟ କମଳିନୀ ଦ୍ରାକ୍ଷିଣୀ(ଯକ୍ଷିଣୀ)ଙ୍କ ଉପାସନା ସହିତ ଭାର୍ଯ୍ୟା, ଉପସର୍ପା, ବଶିନୀ, ବେତାଳୀ, ମୋହିନୀ, ଜାଳନ୍ଧରୀ, ବିରୁପାକ୍ଷୀ, ସିଦ୍ଧମାତା, ଭଗ୍ନୀସୁର ସୁନ୍ଦରୀ ପ୍ରଭୃତି ଚତୁଃଷଷ୍ଠୀ ଯୋଗ୍ନୀଙ୍କ ସାଧନା ସମ୍ବନ୍ଧରେ ବର୍ଣ୍ଣିତ ହୋଇଛି। ଭୁବନେଶ୍ୱରୀ ଦେବୀ, କାମାକ୍ଷୀଙ୍କ ମହିମା ସହିତ ଲାକେନୀ, କାକେନୀ, ହାକିନୀ, ଡାକିନୀ, ବାକିନୀ ଆଦି ଷଟଚକ୍ର ଅଧିଷ୍ଠାତ୍ରୀ ଷଟଶକ୍ତିଙ୍କର ଉପାସନା ସମ୍ପର୍କରେ ଉଲ୍ଲେଖ ଅଛି ଏଥିରେ। ଏତାଦୃଶ 'ରୁଦ୍ରସୁଧାନିଧି'ର ପ୍ରତ୍ୟେକ ପୃଷ୍ଠା ଶକ୍ତି ଉପାସନାର ମହିମା ବର୍ଣ୍ଣନା ବୈଭବରେ ବିମଣ୍ଡିତ ହୋଇଛି।




**ସାରଳା ଦାସ**

ପ୍ରଚଣ୍ଡ ପ୍ରତିଭାଧାରୀ, ଓଡ଼ିଆ ଭାଷା ସାହିତ୍ୟର କ୍ରାନ୍ତିକାରୀ ଯୁଗସ୍ରଷ୍ଟା ସାରଳା ଦାସ ଥିଲେ ଉତ୍କଳର ବାଗ୍‌ଦେବୀ ଝଙ୍କଡ଼ବାସିନୀ ଦେବୀ ସାରଳାଙ୍କର ପରମ ଉପାସକ। ଗବେଷକମାନଙ୍କ ମତରେ ବାଲ୍ୟକାଳରୁ ପାରମ୍ପରିକ ଶିକ୍ଷାରୁ ବଞ୍ଚିତ ସାରଳା ଦାସଙ୍କ ଅତୁଳନୀୟ ସାରସ୍ୱତ ସର୍ଜନାର ମୂଳଭିତ୍ତି ଥିଲା ଦେବୀଙ୍କର ଅସୀମ କୃପା। ଦେବୀ ସାରଳା ଥିଲେ ତାଙ୍କ ସମଗ୍ର ପ୍ରେରଣା ଓ ପ୍ରଜ୍ଞାର ଉତ୍ସ। ସେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି ଯେ ରାତ୍ରରେ ଦେବୀ ଯାହାକିଛି ତାଙ୍କୁ ନିର୍ଦ୍ଦେଶ ପ୍ରଦାନ କରନ୍ତି, ଦିବସରେ ସେ କେବଳ ମାତ୍ର ତାହାକୁ ଲିପିବଦ୍ଧ କରନ୍ତି। ତାଙ୍କ ଭାଷାରେ, 'ଶ୍ରୀଚଣ୍ଡୀ ଶାରଳା ଦେବୀ କହେ ଯାହା ନିତ୍ୟେ / ମୁହିଁ ତାହା ଲେଖିଯାଏ ଜଗଜ୍ଜନ ହିତେ / ସେ ଦେବୀ ପାଦପଦ୍ମେ ମୁଁ ନିତ୍ୟ କରେ ସେବା / ଶୂଦ୍ରମୁନି ସାରଳାଙ୍କୁ ପ୍ରସନ୍ନ ହୋଇବା / ଝଙ୍କଡ଼ପୁରବାସିନୀ ଯେ ଶାରଳା ଦେବୀ / ତାହାଙ୍କର କୁମର ମୁଁ ଶ୍ରୀ ଶାରଳା କବି / ଆହେ ବୁଧଜନେ ମୋତେ ସେ ଯାହା କହଇ / ଅରୁଣ ଉଦୟକାଳେ ତାହା ମୁଁ ଲେଖଇଁ।' ଆଦିକବି ସାରଳା ଦାସ ତାଙ୍କ ରଚିତ ପରମଗ୍ରନ୍ଥର ଶ୍ରେୟ କଦାପି କେଉଁଠାରେ ସେ ନିଜେ ଦାବି କରି ନାହାନ୍ତି, ବରଂ ତାଙ୍କ ସାରସ୍ୱତ ଲେଖନୀ ବହୁବାର ଯେପରି ଦେବୀଙ୍କ ପ୍ରତି ବିନମ୍ର, ତରଳ କୃତଜ୍ଞତାର ଭାବ ସହିତ ଭକ୍ତିପୂର୍ଣ୍ଣ ଧାର୍ମିକ ସ୍ୱଭାବ ଯେ ପ୍ରକାଶ କରିଛି ତାହାର ପଟାନ୍ତର ନାହିଁ। ତାଙ୍କ ରଚିତ 'ଚଣ୍ଡୀପୁରାଣ' ଶାକ୍ତ ଧର୍ମଧାରାର ସର୍ବପ୍ରଥମ ଲିଖିତ ସାହିତ୍ୟ ଭାବରେ ଅଭିହିତ ହୁଏ। ଚଣ୍ଡୀପୁରାଣରେ ଶୂଦ୍ରମୁନି ସାରଳାଦାସଙ୍କ ଲେଖନୀରୁ ମହାମାୟୀ ଦୁର୍ଗାଙ୍କୁ ଭକ୍ତିପୂତ ପ୍ରଣତି ଜ୍ଞାପନ କରିବା ଉଦ୍ଦେଶ୍ୟରେ 'ଦୁର୍ଗାସ୍ତୁତି' ଶୀର୍ଷକରେ ନିସୃତ ହୋଇଛି, 'ଜୟ ଜୟ ଦୁର୍ଗା ମାଗୋ ଦୁର୍ଗତିନାଶିନୀ / ଜୟ ଜୟ ଦୁର୍ଗା ମାଗୋ ସଙ୍କଟ ତାରିଣୀ / ଜୟ ଜୟ ଦୁର୍ଗା ମାଗୋ ସଦାଶିବ ଜାୟା / ଶତଦାହ କନକକୁ ଜିଣି ତୋର କାୟା।' ଶକ୍ତି ବା ଦେବୀଙ୍କର ବିଭିନ୍ନ ରୂପ, ବୈଶିଷ୍ଟ୍ୟ ଓ ମହିମାକୁ ଆଦିକବି ବର୍ଣ୍ଣନା କରିଛନ୍ତି। ସେ ଶକ୍ତିର ସପ୍ତମାତୃକା, ଅଷ୍ଟଚଣ୍ଡୀ, ନବକାତ୍ୟାୟନୀ, ଦଶ ଅବତାର, ଚତୁଃଷଷ୍ଠୀ ଯୋଗ୍ନୀ ଓ ଭୈରବୀ ପ୍ରଭୃତି ରୂପ କଳ୍ପନା କରି ତାଙ୍କର ବନ୍ଦନା କରିଛନ୍ତି। କବିଙ୍କ ରଚିତ ଚଣ୍ଡୀପୁରାଣରେ ଦେବୀଙ୍କର ଅସଂଖ୍ୟ ନାମ ଦେଖିବାକୁ ମିଳିଥାଏ। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ନାମ ଓଡ଼ିଶାର ବିଭିନ୍ନ ଗ୍ରାମରେ ଗ୍ରାମଦେବତୀ ଭାବରେ ପୂଜା ପାଉଥିବା ନାମ ଅଟେ। ତାଙ୍କ ରଚନାରେ ତନ୍ତ୍ରଜଗତର ପ୍ରସିଦ୍ଧା ଦେବୀ ସାରଳା, ମଙ୍ଗଳା ଓ କାମାକ୍ଷୀଙ୍କୁ ପ୍ରାଧାନ୍ୟ ପ୍ରଦର୍ଶନ କରିଛନ୍ତି। ଆସାମର ବିଖ୍ୟାତ କାମାକ୍ଷା ତନ୍ତ୍ରପୀଠର ଅଧିଷ୍ଠାତ୍ରୀ ଦେବୀ କାମାକ୍ଷା ସିଦ୍ଧି ପ୍ରଦାୟିନୀ ଅଟନ୍ତି। କବିଙ୍କ ଭାଷାରେ, 'କାମାକ୍ଷା ବୋଲି କରି ତହିଁ ଦେବୀ ଯେ ସେ ଅଟଇ ମହାଜ୍ଞାତା / ପ୍ରତକ୍ଷେ ମାତାଙ୍ଗୀ ସେ ଧରଇ ତିନିମୂର୍ତ୍ତି / ପ୍ରାତକାଳେ କୁମାରୀ ସେ ମଧ୍ୟକାଳେ ବୃଦ୍ଧାରୂପେ ବିରାଜନ୍ତି / ସନ୍ଧ୍ୟା କାଳରେ ସେ କାଉଁରୀ କାମସେଣା / ପହରକ ମଧ୍ୟେ ସେ ମୋହିନୀ ସର୍ବଜିଣା / ମହାନିଶାଯେ ବିକାଶଇ ସେ ଚାମୁଣ୍ଡା ମାହେଶ୍ୱରୀ / ସଂସାର ବଶ୍ୟ କରଇ ସେ ମୋହିନୀ ରୂପଧରି / କାଳାନ୍ତକ ଯୁଗାନ୍ତକ ଜାଣଇ ସର୍ବବିଦ୍ୟା।'

ପୁରାଣ ବର୍ଣ୍ଣିତ ଦକ୍ଷଯଜ୍ଞ ଉପାଖ୍ୟାନ ବର୍ଣ୍ଣନା କରେ, ପତିନିନ୍ଦା ଶ୍ରବଣରେ ତୀବ୍ର ମର୍ମାହତା ଶିବପତ୍ନୀ ସତୀ ଯଜ୍ଞକୁଣ୍ଡରେ ଆତ୍ମବିସର୍ଜନ କରିଦେଲେ। ଶିବପତ୍ନୀ ସତୀଙ୍କର ପାର୍ଥିବ ଶରୀରକୁ ଭଗବାନ ବିଷ୍ଣୁ ତାଙ୍କ ସୁଦର୍ଶନ ଚକ୍ରରେ ଖଣ୍ଡ ବିଖଣ୍ଡିତ କରିଦେଇଥିଲେ। ସେହି ଖଣ୍ଡିତ ଦେହାଂଶ ଯେଉଁ ଯେଉଁ ସ୍ଥାନରେ ନିପତିତ ହେଲା, ସେହିସବୁ ସ୍ଥାନ ପବିତ୍ର ଶାକ୍ତପୀଠ ଭାବରେ ଆବିର୍ଭୂତ ହେଲେ। ସେଠାରେ ଶକ୍ତି ସହିତ ଭୈରବ ଉପାସନାର ମଧ୍ୟ ପ୍ରସାର ଘଟିଲା। ପାରିପାର୍ଶ୍ୱିକ, ସାମାଜିକ ତଥା ଆଞ୍ଚଳିକ ଧର୍ମୀୟ ଭାବନାର ପ୍ରଖର ସ୍ରୋତ ପ୍ରବାହର ମୂଳଉତ୍ସ ଏହି ପୌରାଣିକ ଆଖ୍ୟାନ। ଏହି ପ୍ରସଙ୍ଗରେ ମହାକବି ସାରଳାଦାସଙ୍କ ଉକ୍ତି ଥିଲା, 'ନମସ୍ତେ ମଙ୍ଗଳା ମାଗୋ ନମସ୍ତେ ହରଚଣ୍ଡୀ / ତୋତେ ସୁମରିଲେ ମାଗୋ ଦୁର୍ଗତି ହୋଏ ଖଣ୍ଡି / XXXX ଝଙ୍କଡ଼େ ରହିଲୁ ନାମ ଶାରଳା ବୋଲାଇ / କାକଟପୁରେ ରହିଲୁ ମାଗୋ ମଙ୍ଗଳା ଯେ ତୁହି/ କୋଣାରକେ ରହିଲୁ ମାଗୋ ଅଭୟା ରାମଚଣ୍ଡୀ / ଲହଲହ ଜିହ୍ୱା ତୋର ସିନ୍ଦୂର ମା ମୁଣ୍ଡି / ଭୁବନେଶ୍ୱରରେ ରହିଲୁ ନାମ ତୋ ଗଉରୀ / ନମସ୍ତେ ଚଣ୍ଡିକା ମାଗୋ ଅମ୍ବିକେ ମାହେଶ୍ୱରୀ।'

**ବଳରାମ ଦାସଙ୍କ ମାଣବସା ପୁରାଣରେ ଜଗନ୍ନାଥଙ୍କ ଅପେକ୍ଷା ଲକ୍ଷ୍ମୀଙ୍କ ପ୍ରାଧାନ୍ୟ ଶକ୍ତି ଉପାସନାର ଗୁରୁତ୍ୱକୁ ସ୍ମରଣ କରାଇଦିଏ।**


## ସାହିତ୍ୟରେ ଶକ୍ତି ଉପାସନା

ଗଜପତି ପୁରୁଷୋତ୍ତମ ଦେବଙ୍କ ପ୍ରଣୀତ 'ଭୁବନେଶ୍ୱରୀପୂଜା ପଲ୍ଲବ' ଓ 'ଦୁର୍ଗୋତ୍ସବ', ଗୋଦାବରୀଶ ମିଶ୍ରଙ୍କ ଲିଖିତ 'ଶାରଦା ଶରଦର୍ଚ୍ଚନ ପଦ୍ଧତି' 'ତନ୍ତ୍ର ଚିନ୍ତାମଣି' ଓ 'ଯନ୍ତ୍ର ଚିନ୍ତାମଣି', ବାସୁଦେବ ରଥଙ୍କ 'ଶ୍ୟାମାର୍ଚ୍ଚନ ପଦ୍ଧତି' ଓ 'ଭୁବନେଶ୍ୱରୀ ପ୍ରକାଶ' ଗ୍ରନ୍ଥମାନ ସୂର୍ଯ୍ୟବଂଶୀୟ ଗଜପତି ଶାସକମାନଙ୍କ ରାଜତ୍ୱ କାଳରେ ଶକ୍ତି ଉପାସନା ପରମ୍ପରାର ଜନପ୍ରିୟତା ସଦର୍ପେ ଉଦ୍‌ଘୋଷଣା କରନ୍ତି। ଏହି ପୁସ୍ତକଗୁଡ଼ିକ ସମେତ ଗଜପତି ରାମଚନ୍ଦ୍ର ଦେବଙ୍କ ରଚିତ 'ଦୁର୍ଗୋତ୍ସବ ଚନ୍ଦ୍ରିକା', ଜଗନ୍ନାଥ ଆଚାର୍ଯ୍ୟଙ୍କ ରଚିତ 'ଦୁର୍ଗା ଯଜନ ଦୀପିକା', ରାମ ନାମଧାରୀ ପଣ୍ଡିତଙ୍କ ଲିଖିତ 'ତାରାର୍ଚ୍ଚନ ତରଙ୍ଗିଣୀ', ରାମଚନ୍ଦ୍ର ଉଦ୍‌ଗାତାଙ୍କ 'ତାରିଣୀ ସୁଧା ତରଙ୍ଗିଣୀ', ଲକ୍ଷେଶ୍ୱର ରଥଙ୍କ 'ଜ୍ଞାନ ବଲ୍ଲଭ ତନ୍ତ୍ର' ଓ 'ଶିବାର୍ଚ୍ଚନ ପଦ୍ଧତି', ରଘୁନାଥଙ୍କ ରଚିତ 'ବନଦୁର୍ଗା ପୂଜା', ମହାମହୋପାଧ୍ୟାୟ କୃଷ୍ଣ ମିଶ୍ରଙ୍କ 'ବିଦ୍ୟାପଦ୍ଧତି', ଦାମୋଦର ନନ୍ଦଙ୍କ ପ୍ରଣୀତ 'ଉଗ୍ରତାରା ପଦ୍ଧତି' ପ୍ରଭୃତି ପୋଥି ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପୋଥି ବିଭାଗରେ ସଂରକ୍ଷିତ ହୋଇ ରହିଛି, ଯାହା ତତ୍କାଳୀନ ଓଡ଼ିଶାରେ ଶକ୍ତି ଉପାସନାର ସ୍ୱର୍ଣ୍ଣାଭ ସ୍ୱାକ୍ଷର ବହନ କରେ।

ସାରଳାଙ୍କ ପରବର୍ତ୍ତୀ ଯୁଗରେ ବଳରାମ, ଜଗନ୍ନାଥ, ଯଶୋବନ୍ତ, ଅଚ୍ୟୁତ, ଅନନ୍ତ ପ୍ରମୁଖ ପଞ୍ଚସଖା ଓ ତଦୀୟ ଶିଷ୍ୟ ପ୍ରଶିଷ୍ୟାଦିମାନଙ୍କ ସୃଷ୍ଟ ସାହିତ୍ୟକୁ ଜ୍ଞାନମିଶ୍ରା ଭକ୍ତି ସାହିତ୍ୟ ଭାବରେ ବର୍ଣ୍ଣନା କରାଯାଏ। ଏହି ସମୟରେ ସାଧକମାନଙ୍କର ସାଧନା ମୁଖ୍ୟତଃ ଥିଲା କାୟା ସାଧନା ଓ ମନ୍ତ୍ରୋପାସନା। ପଞ୍ଚରାତ୍ର ଆଗମର ବିହଗେନ୍ଦ୍ର ସଂହିତାରେ ଶ୍ରୀ, ଭୂ ଏବଂ ଲୀଳାକୁ ବିଷ୍ଣୁଙ୍କର ତ୍ରିଶକ୍ତି ରୂପେ ବର୍ଣ୍ଣନା କରାଯାଇଛି। ବିହଗେନ୍ଦ୍ର ସଂହିତାରେ ଯାହାକୁ ଲୀଳାଶକ୍ତି କୁହାଯାଇଛି, ଜଗନ୍ନାଥ ଦାସ, ବଳରାମ ଦାସ ତାହାକୁ ଶ୍ରୀରାଧା ବୋଲି ବର୍ଣ୍ଣନା କରିଛନ୍ତି। ପଞ୍ଚସଖା ଯୁଗର ସାହିତ୍ୟରେ ଦେବୀ ବୃନ୍ଦାବତୀ, ଗୋମତ୍ରୀ ପ୍ରଭୃତି ଶକ୍ତିମାନଙ୍କ ମହିମା ବିଶଦ ଭାବରେ ବର୍ଣ୍ଣିତ ହୋଇଛି। ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ତାଙ୍କ ବନବାସ ସମୟରେ ଚନ୍ଦ୍ରଭାଗାରେ ସ୍ନାନ ସମାପ୍ତ ପରେ କୁଳାଇଚଣ୍ଡୀଙ୍କୁ ରାମଚଣ୍ଡୀର ନାମକରଣ ପ୍ରସଙ୍ଗ, ଯାଜପୁର ବିରଜା ମାହାତ୍ମ୍ୟ, ବଳରାମ ଦାସଙ୍କ ମାଣବସା ପୁରାଣରେ ଜଗନ୍ନାଥଙ୍କ ଅପେକ୍ଷା ଲକ୍ଷ୍ମୀଙ୍କ ପ୍ରାଧାନ୍ୟ ପ୍ରଭୃତି ଶକ୍ତି ଉପାସନାର ଗୁରୁତ୍ୱକୁ ସ୍ମରଣ କରାଇଦିଏ। ଭକ୍ତକବି ବଳରାମ ଦାସ କୃତ 'ଶ୍ରୀ ରାମଚନ୍ଦ୍ରଙ୍କ ଦୁର୍ଗାସ୍ତୁତି'ର ଆରମ୍ଭ ହୋଇଛି, 'ଶ୍ରୀ ଦୁର୍ଗାଙ୍କୁ ସ୍ତୁତି ଯେ କରନ୍ତି ରାମରାୟେ / ଜୟତୁ ଦୁର୍ଗା ମାଗୋ ଅନାଦି ସିଦ୍ଧକାୟେ / ନମସ୍ତେ କାତ୍ୟାୟନୀ ମାଗୋ ଜଗତ ଯୋଗେଶ୍ୱରୀ / ସତ୍ୟ ଯୁଗରେ ମାଗୋ ମହିଷାସୁର ଦର୍ପହାରୀ / କାଳୀ ତୁ କରାଳି ମାଗୋ ବିକଟ ବିକରାଳି / ମସ୍ତକେ ସିନ୍ଦୂର ମାଗୋ ହସ୍ତରେ ଜପାମାଳି।' ପ୍ରୋକ୍ତ ସମୟରେ ଓଡ଼ିଆ ଗୀତି ସାହିତ୍ୟରେ ଶାକ୍ତ ଧର୍ମ କିପରି ପ୍ରଭାବଶାଳୀ ଥିଲା, ତାହାର ଚିତ୍ର ଦାମୋଦର ଚମ୍ପତିରାଏଙ୍କ କାଳୀ ବନ୍ଦନରୁ ଉପଲବ୍ଧ

କରିହୁଏ। ତାଙ୍କ ରଚିତ ଗୀତି କବିତାର କିୟଦଂଶ, 'ନାଚଇ କାଳୀ ଦ୍ୱୟ କରତାଳୀ / ଦେହ କଙ୍କାଳୀ ରୂପ କରାଳୀ / ପ୍ରାଚୀ ବୃଷାଳୀ କରେ କରବାଳୀ/ ଖାଙ୍କର ବାଳୀ ସଙ୍ଗେ ବେତାଳୀ/ ଜୟ ଚାମୁଣ୍ଡା ଚର୍ବିତ ମୁଣ୍ଡା / ନାଦ ପ୍ରଚଣ୍ଡା ସୁବିପୁଳଚଣ୍ଡା / ଧାବେ ଉଦଣ୍ଡା ଗଳେ ନରମୁଣ୍ଡା / ମାରଣ ଖଣ୍ଡା ଘାତଲୋ ଚଣ୍ଡା।' ଷୋଡ଼ଶ ଶତାବ୍ଦୀର କବି କାର୍ତ୍ତିକ ଦାସ ରକ୍ମିଣୀ ବିବାହରେ ଦୁର୍ଗାପୂଜାର ବର୍ଣ୍ଣନା କରିଛନ୍ତି। ଅସହାୟ ରକ୍ମିଣୀ ଶ୍ରୀକୃଷ୍ଣଙ୍କୁ ପତିରୂପେ ପାଇବାକୁ ଦୁର୍ଗାସ୍ତୁତି କରିବା ସମୟରେ ଦେବୀଙ୍କ ବଜ୍ର ଗମ୍ଭୀର କଣ୍ଠରୁ ନିନାଦିତ ହୋଇଛି, 'ପାଇବ କୃଷ୍ଣଙ୍କୁ ଏଥେ ନାହିଁ ଗୋ ସଂଶୟ।'

ରୀତିଯୁଗରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ ରଚିତ 'ଲାବଣ୍ୟବତୀ' କାବ୍ୟରେ ସହଚରୀମାନେ ଲାବଣ୍ୟବତୀଙ୍କ ଅଭୀଷ୍ଟ ପୂରଣ ପାଇଁ ଚଣ୍ଡୀଙ୍କୁ ପ୍ରାର୍ଥନା କରିଛନ୍ତି, 'ଚଣ୍ଡୀ ରିଷ୍ଟ ଖଣ୍ଡନେ / ଚଣ୍ଡୀ ମନାସି ମନେ / ଗ୍ରହ ଶାନ୍ତି କି ବିଚାରିରେ। XXXX ଚୈତ୍ର ମଙ୍ଗଳବାରରେ ଆରମ୍ଭି ପୂଜାକୁ / ପଞ୍ଚଦଶ ପାଳିରେ ତୋଷ କଲେ ଗିରିଜାଙ୍କୁ।' ମହାଦେବ ଦାସଙ୍କ ବିଷ୍ଣୁ କେଶରୀ ପୁରାଣରେ ମହିଷାସୁର ବଧ ଓ ଦେବୀସ୍ତୁତିରେ ଶାକ୍ତଧର୍ମର ପ୍ରଶସ୍ତ ନିଦର୍ଶନ ଦେଖିବାକୁ ମିଳେ। ମାର୍କଣ୍ଡେୟ ପୁରାଣରେ କବି ବର୍ଣ୍ଣନା କରିଛନ୍ତି, 'ଦାନବ ବିନାଶ କଲେ ମୂର୍ତ୍ତିମତୀ ହୋଇ / ଖଣ୍ଡିଲେ ପୃଥିବୀ ଭାରା ଦେବଙ୍କୁ ନିସ୍ତାରି / ପୁନରପି ବିଜେକଲେ ବୈକୁଣ୍ଠପୁରୀ।' ଅଷ୍ଟାଦଶ ଶତାବ୍ଦୀର କବି ପୀତାମ୍ବର ଦାସଙ୍କ ନୃସିଂହ ପୁରାଣରେ ଶାକମ୍ଭରୀ, ଘଟୋଦରୀ, ଦୁର୍ଗେଶ୍ୱରୀ, କାଳୀ, ଭଗବତୀ, ରାମଚଣ୍ଡୀ, କୁଠାରୁ, ବାସେଳୀ, ଚାମୁଣ୍ଡା, ହାଡ଼ଖାଇ ବ୍ରାହ୍ମଣୀ, ରୁଦ୍ରାଣୀ, ସାବିତ୍ରୀ, କଣ୍ଟାଖାଇ, ସର୍ବମୁଖୀ, କନ୍ଧାଇ, କଞ୍ଚାଖାଇ ପ୍ରଭୃତି ଯୋଗିନୀମାନଙ୍କ ନାମ ଉଲ୍ଲେଖ ଅଛି।




## ପୁରାଣ ସାହିତ୍ୟ

ପରବର୍ତ୍ତୀ ଯୁଗୀୟ ଓଡ଼ିଆ ପୁରାଣ ସାହିତ୍ୟରେ ଶାକ୍ତ ଧର୍ମର ପ୍ରଖର ପ୍ରବାହ ଦେଖିବାକୁ ମିଳେ। ଏହି ସମୟରେ ରଚିତ ବହୁ ଶାକ୍ତ ଉପାସନା ସମ୍ବଳିତ ପୁରାଣଗୁଡ଼ିକ ମଧ୍ୟରେ ଅନ୍ୟତମ ଥିଲେ, 'ମହାଲକ୍ଷ୍ମୀ ପୁରାଣ', 'କାଳିକା ପୁରାଣ', 'ଶାରଦା ମେଳା'। ଆଧୁନିକ ସାହିତ୍ୟରେ ମଧ୍ୟ ପ୍ରତିବିମ୍ବିତ ଶକ୍ତି ଉପାସନାର ଧାରା ବେଶ ସମୁଜ୍ଜ୍ୱଳ। 'ରାଧାନାଥ ବିୟୋଗେ' କବିତାରେ ଭକ୍ତିକବି ମଧୁସୂଦନଙ୍କ ଲେଖନୀରୁ ମାଆ ଭାରତୀଙ୍କ ବନ୍ଦନା ଝଙ୍କୃତ ହୋଇଥିଲା, 'ହେ ଆଦି ଜନନୀ କାବ୍ୟମୟୀ ସରସ୍ୱତୀ / ଜଗତରେ କବିକୁଳ ତୋହର ସନ୍ତତି / ଅଗାଧ ଅତଳ ସ୍ୱର୍ଶ ଜଠରୁ ତୋହରି / ଜନମ ଲଭଇ କବି ନରରୂପ ଧରି।' ଉଦ୍‌ବୋଧନ କବିତାରେ, 'ଆସଗୋ ଅମୃତମୟୀ / ଜନନୀ ଭାରତୀ / ଦରଶନ ଦିଅ ବାରେ / ଦୀନେ ଦୟାକରି / ତୋ ବିହୁନେ ଚରାଚର / ଜୀର୍ଣ୍ଣାରଣ୍ୟ ଭୟଙ୍କର / ନୀରସ ମାନସସରଃ / ମାତଃ ସରସ୍ୱତୀ / ଜୀବନ ଦୁର୍ବହ ଭାର / କଳୁଷ ସମ୍ପତ୍ତି।' କବିବର ରାଧାନାଥଙ୍କ ଚିଲିକା ଓ ଚନ୍ଦ୍ରଭାଗା କାବ୍ୟରେ ଓଡ଼ିଶାର ପ୍ରାୟ ସମସ୍ତ ଦେବଦେବୀ ସ୍ଥାନିତ ହୋଇଛନ୍ତି। ସେ 'ଚନ୍ଦ୍ରଭାଗା'ରେ ଲେଖିଛନ୍ତି, 'କେତେ କାନନ ସଂକୁଳ ରମ୍ୟ ସିକତାସ୍ଥଳ / ଛାଡ଼ି ହରଚଣ୍ଡୀ ଆଗତ ଆଜି ଶ୍ରୀନୀଳାଚଳ / ଭଗବତୀ ବାଣପୁରରୁ ଉପନୀତ ସ୍ୱଗୁଣେ।' ଏହି କାବ୍ୟର ବିଭିନ୍ନ ପଙ୍କ୍ତି ଭୁବନେଶ୍ୱରୀ, ଚର୍ଚ୍ଚିକା, ଚଣ୍ଡିକା, ଗୌରୀ, କଟକଚଣ୍ଡୀ, ସାରଳା, କାଳିଜାଇ ପ୍ରଭୃତି ଶକ୍ତିସ୍ୱରୂପା ଦେବୀମାନଙ୍କ ସ୍ତୁତିରେ ଶତମୁଖର ହୋଇଉଠିଛି। ତେବେ ଆର୍ଯ୍ୟ ସଂସ୍କୃତିର କରୁଣପୂର୍ଣ୍ଣ ଅଧୋଗତିରେ ମର୍ମାହତ କବି ମୂଳ କୃଷ୍ଣଚନ୍ଦ୍ର ବସୁଙ୍କ ଲେଖନୀରୁ ଝରି ଆସିଛି, 'କହମା' ସାରଳେ / ଆଉ କି ଉତ୍କଳେ / ଆଉ ତୋ ବୀଣା ନବାଜେ।'

ଉତ୍କଳ ଭୂଖଣ୍ଡରେ ବୌଦ୍ଧ, ଜୈନ, ଶୈବ, ସୌର, ଗାଣପତ୍ୟ, ବୈଷ୍ଣବ ଧର୍ମମତ ପରି ଶାକ୍ତମତବାଦର ପ୍ରଚାର ଓ ପ୍ରସାର ସହିତ ସମତାଳରେ ଓଡ଼ିଆ ସାହିତ୍ୟ ଜଗତରେ ନୂତନ ଚିନ୍ତନର ଉନ୍ମେଷ ଓ ବିବର୍ତ୍ତନ ପ୍ରତିଭାତ ହୋଇଥିଲା। ସେହି ଧର୍ମୀୟ ସାହିତ୍ୟ ମଧ୍ୟରେ ଗୌରବୋଜ୍ଜ୍ୱଳ ଶକ୍ତି ଉପାସନାର ସାହିତ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ଓଡ଼ିଆ ସାହିତ୍ୟର ଦିଗନ୍ତ ବିସ୍ତୃତ ଆକାଶରେ ଶାକ୍ତ ସାହିତ୍ୟର ଦୀପ୍ତି ଚିରକାଳ ଅମ୍ଳାନ ରହିଥିବ।

ଲେଖକଙ୍କ ଇ-ମେଲ୍ ଠିକଣା:
rknprincipalbbm@gmail.com

କବିତା



# ଆଦ୍ୟା

ଡ.କୁଳମଣି ଓଝା



ଚଳମାନ୍ ବସୁଧାରୁ ଦୂର ଅଂତରୀକ୍ଷ
ଅସୀମ ଅଂତରୀକ୍ଷରୁ କୋଟି କୋଟି
ମାଳ ମାଳ ଅନଂତ ବ୍ରହ୍ମାଣ୍ଡ... ଅଶ୍ରୁତ ଅଦୃଶ୍ୟ
ଅଥଚ ବେଗବାନ୍ ଐଶ୍ୱର୍ଯ୍ୟର ପ୍ରମୂର୍ତ୍ତ ପ୍ରକାଶ
ବହ୍ନିମୟ-ବ୍ରହ୍ମମୟ ମହାଶକ୍ତି ଧ୍ୱନି ଆଉ ଶବ୍ଦ ;
ଭିନ୍ନ ଭବ୍ୟ ଉଚ୍ଚାରଣ, ଆଦ୍ୟା ସେ ଆରାଧ୍ୟା
ନୂଆ ଏକ ସ୍ୱୟଂସିଦ୍ଧ ସର୍ଜନାର ମୂର୍ତ୍ତିମଂତ ମଂତ୍ର
ମାଆ ସିଏ ଶକ୍ତିରୂପା ସ୍ୱୟଂସିଦ୍ଧା ପରାର୍ଦ୍ଧ ସ୍ୱରୂପା,
କମନୀୟା କୋଟିକାଂତି, ଆଲୋକିତ ଆଭା
ଅବତରି ଆସ ମାଆ ଆଦ୍ୟା ଦୁର୍ଗେ ଦୁର୍ଗା !
ନିତ୍ୟ ସନାତନୀ ମାତା ସ୍ୱୟଂଭୂ ଆରାଧ୍ୟା ।

ଆଶ୍ୱିନର ଶୁଭ୍ର ସ୍ୱଚ୍ଛ ନିର୍ମେଘ ଆକାଶୁ
ଝରି ପଡ଼େ ମୁକ୍ତାମେଘ ବିଂଦୁ ବିଂଦୁ ମୋକ୍ଷ
କାଚକେଂଦୁ ବିଶ୍ୱାସର ବଳୟିତ ଜ୍ୟୋତିର୍ମୟ ଦ୍ୟୁତି
କାଶ ଫୁଲେ ଫେନିଳ ଫୁଆରା, ଅଲକ୍ତକ ଦିବ୍ୟ ପଦ୍ମପାଦ;
ଏବେ ଏଇ ଉତ୍କଳରେ ଢାଳିଦିଅ ଶୁଭାଶିଷ
ଅମିୟ ଆଲୋକ ! ଆର୍ଯ୍ୟାବର୍ତ୍ତ ଅଖଣ୍ଡ ଭାରତେ
ଏବଂ ସପ୍ତ ମହାଦେଶେ ରେଣୁ ରେଣୁ କରୁଣାର
ଅକୈତବ ଦିବ୍ୟାଶିଷ ; ଅପାର୍ଥିବ ଅମିୟ ପରଶ !

ଦୁର୍ଗତି ନାଶିନୀ ଦୁର୍ଗେ ମହିଷାମର୍ଦ୍ଦିନୀ !
ଆସ ବାରେ ଅବତରି ଏ ମୃଣ୍ମୟ ଘଟକୁ ;
ଭରିଦିଅ ପ୍ରତ୍ୟୟର ପୂର୍ଣ୍ଣପ୍ରସୂ ସୁଖସ୍ୱପ୍ନ ଶାଂତି
ଅଂଧାରର ଛାତି ଚିରି ବୁଣି ନୂଆ ଆଲୋକର ଦ୍ୟୁତି
ଆସ ଆଦ୍ୟା ଆସ ! ଅଶାଂତି ଓ ଅତୃପ୍ତିର
ଅଂତ ହେଉ ନେତି ନେତି ପାଶବ ପ୍ରବୃତ୍ତି,
ଯୁଦ୍ଧମୁକ୍ତ ପୃଥ୍ୱୀ ; ହତଗର୍ବ ପୈଶାଚିକ ଘୋଷ
ଲିଭିଯାଉ ଈର୍ଷା ଆଉ ଦ୍ୱେଷର ଦୀପାଳି
ଶାଂତି ମଂତ୍ରେ କର ଶୁଦ୍ଧପୂତ ସପ୍ତଦ୍ୱୀପା ପୃଥ୍ୱୀ !
କର ପୁଣି ମୂର୍ତ୍ତିମନ୍ତ ଏ ମଣିଷେ ମାନବିକତାର
ଅର୍ଥାବହ ଜୀବନ ପ୍ରଦୀପ ! ନମୋସ୍ତୁତେ ଅଂବେ !
ଅନ୍ୟା ଅନୁପମା ଦେବୀ ପୂର୍ଣ୍ଣତମା ଆଦ୍ୟା ।

□□

କବିଙ୍କ ଇ-ମେଲ ଠିକଣା:
ojhakulamani1966@gmail.com

ପ୍ରବନ୍ଧ

# ତତ୍ତ୍ୱଦୃଷ୍ଟିରେ ବିରଜା ଓ ବିମଳା



ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର

ଶକ୍ତି ଉପାସନା ମହିମାରେ କୁହାଯାଇଛି,
ଯସ୍ୟାସ୍ତି ଭୋଗଃ ନ ଚତସ୍ୟ ମୋକ୍ଷଃ
ଯସ୍ୟାସ୍ତି ମୋକ୍ଷଃ ନ ଚ ତସ୍ୟ ଭୋଗଃ ।
ଶ୍ରୀସୁନ୍ଦରୀ ସେବକତତ୍ପରାଣାଂ
ଭୋଗଶ୍ଚ ମୋକ୍ଷଶ୍ଚ କରସ୍ଥ ଏବ । ।

ଶକ୍ତି ଉପାସନା ଭାରତରେ ଏକ ଅନନ୍ୟ ପରମ୍ପରା । ଓଡ଼ିଶାରେ ପଞ୍ଚଦେବ ପୂଜା ମଧ୍ୟରେ ଅମ୍ବିକାଙ୍କ ପୂଜା ଅନ୍ୟତମ । ଶାରଦୀୟ ଓ ବାସନ୍ତିକ ଦୁର୍ଗାପୂଜା ସେଥିପାଇଁ ଉତ୍କଳରେ ପାଳିତ ହୋଇଥାଏ ।

ଉତ୍କଳକୁ ସ୍ମରଣାତୀତ କାଳରୁ ସମଗ୍ର ଅଖଣ୍ଡ ଭାରତବର୍ଷରୁ ଯାତ୍ରୀମାନଙ୍କର ସୁଅ ଛୁଟୁଥିଲା । ସଂସ୍କୃତ ମହାଭାରତର ବର୍ଣ୍ଣନା ତାହା ମନେ ପକାଇଦିଏ । 'ଏତେ କଳିଙ୍ଗାଃ କୌନ୍ତେୟ ଯତ୍ର ବୈତରଣୀ ନଦୀ ।' ବୈତରଣୀ ତୀର୍ଥ ସହିତ ଉତ୍କଳୀୟ ସୀମା ଓତଃପ୍ରୋତ ଭାବେ ଜଡିତ ଯେଉଁଠି ମନୁଙ୍କ ଉକ୍ତି 'ତୀର୍ଥଯାତ୍ରାଂ ବିନା ଗଚ୍ଛେତ୍ ତତ୍ର ସଂସ୍କାରମର୍ହତି ।' ତେଣୁ ସର୍ବାନ୍ତଃକରଣରେ ତୀର୍ଥର ପ୍ରାଧାନ୍ୟ ଉତ୍କଳରେ ଥିବାରୁ ମହମ୍ମଦୀୟ ଶାସକମାନେ ତା'ର ଗୁରୁତ୍ୱ ଉପଲବ୍ଧି କରିଥିଲେ । କାରଣ ଏକଦା ସେମାନଙ୍କର ଉପଦ୍ରବରେ ଶ୍ରୀକ୍ଷେତ୍ରରୁ ମହାପ୍ରଭୁ ପାତାଳୀ ହୋଇଯିବାରୁ ଏକଥା ସାରା ଦେଶର କୋଣାନୁକୋଣରେ ବନାଗ୍ନିଭଳି ବ୍ୟାପିଗଲା; ଫଳତଃ ଯାତ୍ରୀ ଆସିବା ବନ୍ଦ ହୋଇଗଲା । ତେଣୁ କଟକରେ ଥିବା ନାଏବ୍ ନାଜିମ୍ ରାଜକର୍ମଚାରୀଙ୍କ ଖର୍ଚ୍ଚ ମଧ୍ୟ ଯାତ୍ରୀ କର ଅଭାବରୁ ମିଳି ନ ଥିଲା । ସେଥିପାଇଁ ସେମାନେ ଉଦ୍ୟମ କରି ପୁନର୍ବାର ଶ୍ରୀଜୀଉମାନଙ୍କୁ ମନ୍ଦିରରେ ସ୍ଥାପିତ କରିବାର ଉଦ୍ୟମ କରିଥିଲେ । ବୈତରଣୀକୁ ସ୍ଥାନୀୟ ବ୍ୟକ୍ତିମାନେ ଗଙ୍ଗାଜ୍ଞାନ କରନ୍ତି । ଏହି ନଦୀତୀରରେ ସ୍ଥାପିତା ମା'ବିରଜାଈଙ୍କ ଠାରୁ ଆରମ୍ଭ କରି ଦକ୍ଷିଣରେ ହେଙ୍ଗୁଳାଈଙ୍କ ପର୍ଯ୍ୟନ୍ତ ଉତ୍କଳରେ ଶକ୍ତି ଆରାଧନା ସୁଦୂରପ୍ରସାରୀ । ତେଣୁ ତୀର୍ଥଯାତ୍ରୀମାନେ ଏହି କ୍ଷେତ୍ରକୁ ଅର୍ଥାତ୍ ଉତ୍କଳକୁ ପ୍ରବେଶ କରି ବିଷ୍ଣୁଙ୍କ ଆୟୁଧ ଅନୁସାରେ ପରିକ୍ରମା କରିଥାନ୍ତି ।

| କ୍ଷେତ୍ର | ତୀର୍ଥସ୍ଥାନ ନାମ | ମହାଭୂତ | ଦେବତାଶକ୍ତି | କ୍ଷେତ୍ରପାଳ ଓ ଅନ୍ୟଦେବତା |
|---|---|---|---|---|
| ୧. ଶଙ୍ଖ | ଶ୍ରୀକ୍ଷେତ୍ର ପୁରୀ/ ପୁରୁଷୋତ୍ତମ କ୍ଷେତ୍ର/ ନୀଳାଦ୍ରି/ନୀଳାଚଳ | ଜଳ | ପୁରୁଷୋତ୍ତମ-ବିମଳା ବିଷ୍ଣୁ | ଲୋକନାଥ ଜମେଶ୍ୱରାଦି ପଞ୍ଚପାଣ୍ଡବ |
| ୨. ଚକ୍ର | ଏକାମ୍ର କ୍ଷେତ୍ର/ ଭୁବନେଶ୍ୱର ସ୍ୱର୍ଣ୍ଣାଦି | ଅଗ୍ନି | ଅନନ୍ତ ବାସୁଦେବ | ଭୁବନେଶ୍ୱରୀ ଏକାମ୍ରେଶ୍ୱର ତ୍ରିଭୁବନେଶ୍ୱର |
| ୩. ଗଦା | ବିରଜା କ୍ଷେତ୍ର/ଯାଜପୁର ନାଭିଗୟା | ବାୟୁ | ବରୁ-ବରାତ-ବିରଜା | କୋଟିଲିଙ୍ଗ ସପ୍ତମାତୃକା |
| ୪. ପଦ୍ମ | ଅର୍କକୋଣ / କୋଣାର୍କ / ଅର୍କତୀର୍ଥ / କୋଣାଦିତ୍ୟ କ୍ଷେତ୍ର/ଚନ୍ଦ୍ରଭାଗା | ପୃଥିବୀ | ସୂର୍ଯ୍ୟନାରାୟଣ ଭଗବତୀ | ରାମଚଣ୍ଡୀ |

ପ୍ରଥମେ ଗଦାକ୍ଷେତ୍ର, ତା'ପରେ ଏକାମ୍ରକ୍ଷେତ୍ର, ତା'ପରେ ପଦ୍ମକ୍ଷେତ୍ର ପରିକ୍ରମା କରି ଶେଷରେ ଯାତ୍ରୀମାନେ ଶଙ୍ଖକ୍ଷେତ୍ରକୁ ଯାଉଥିଲେ। ଏହି କ୍ଷୁଦ୍ର ପ୍ରବନ୍ଧରେ ବିରଜା ଓ ବିମଳାଙ୍କ ସମ୍ପର୍କରେ କିଛି ଚିନ୍ତନ ଅଭିବ୍ୟକ୍ତ କରିବାର ପ୍ରୟାସ କରାଯାଇଛି। ଯଦ୍ୟପି ଭାରତୀୟ ଶକ୍ତିପୀଠମାନଙ୍କ ଗଣନାନୁସାରେ କେଉଁଠି କେଉଁଠି ବିରଜାକ୍ଷେତ୍ର ଓ କେଉଁଠି ବିମଳାକ୍ଷେତ୍ର ସ୍ଥାନ ପାଇଛି, ଓଡିଶାରେ ମୁଖ୍ୟ ଶକ୍ତିପୀଠମାନଙ୍କ ମଧ୍ୟରେ ଏ ଦୁଇଟି ହେଲେ ମୁଖ୍ୟଶକ୍ତି। ଆଉ ଅନ୍ୟପୀଠମାନେ ଅଷ୍ଟମାତୃକାର ଅବାନ୍ତର ଭେଦଭାବେ ପରିଗଣିତ ହୋଇଥାନ୍ତି।

| ସ୍ଥାନ | ନାମ |
|---|---|
| ପୁରୀ | ବିମଳା |
| କାକଟପୁର | ମଙ୍ଗଳା |
| ବାଣପୁର | ଭଗବତୀ |
| ବାଙ୍କୀ | ଚର୍ଚ୍ଚିକା |
| କଟକ | ଚଣ୍ଡୀ |
| ଯାଜପୁର | ବିରଜା |
| ସମ୍ବଲପୁର | ସମଲେଶ୍ୱରୀ |
| କୋଣାର୍କ | ରାମଚଣ୍ଡୀ |



ଏମାନଙ୍କ ବ୍ୟତୀତ ହିଙ୍ଗୁଳା, ମାଣିକେଶ୍ୱରୀ, ପାଟକେଶ୍ୱରୀ, ଉଗ୍ରତାରା, ରାମଚଣ୍ଡୀ, ହରଚଣ୍ଡୀ, ତାରିଣୀ, ବ୍ୟାଘ୍ରଦେବୀ, ବାରାହୀ, କୀଚକେଶ୍ୱରୀ, ଗଡ଼ଚଣ୍ଡୀ, କାଳିଜାଇ, ନାରାୟଣୀ, ତାରାତାରେଣୀ, ପାଟଣେଶ୍ୱରୀ, ଭଦ୍ରକାଳୀ, ଶାରଳା, ଜାଗୁଳାଇ, ବାସେଳୀ, ବରୁଣେଇ, ସିଂହାସନୀ, ମଣିନାଗେଶ୍ୱରୀ, ଚାମୁଣ୍ଡା, ଅଲମ୍ବା ଅର୍ଦ୍ଧଶନୀ, ଦକ୍ଷିଣକାଳୀ ଓ ଶ୍ୟାମାକାଳୀ ପ୍ରଭୃତି ଅନେକ ପ୍ରସିଦ୍ଧ ଦେବୀସ୍ଥାନ ରହିଛି, ଯେଉଁଠାରେ ଅହରହ ଭକ୍ତମାନେ ସେମାନଙ୍କ ଭକ୍ତି ଅର୍ଘ୍ୟ ନିବେଦନ କରି ପରମ ସନ୍ତୋଷ ଲାଭ କରୁଛନ୍ତି।

## ବିରଜା ପୀଠ

ତେବେ ସର୍ବଭାରତୀୟ ସ୍ତରରେ ବିରଜା ପୀଠ, ନାଭିଗୟା ଓ ବୈତରଣୀ ତୀର୍ଥଭାବେ ଅତି ପ୍ରାଚୀନକାଳରୁ ଯାଜପୁର ପ୍ରସିଦ୍ଧ। ବୈତରଣୀ କୂଳ ଦଶାଶ୍ୱମେଧ ଘାଟ ଏବେ ମଧ୍ୟ ତା'ର ମୂକସାକ୍ଷୀ। ତେଣୁ ଯଜନ ଯାଜନର ଆଦ୍ୟକ୍ଷେତ୍ର ଓ ଉତ୍କଳର ଆଦ୍ୟ ରାଜଧାନୀ ଭାବେ ଏହା ପ୍ରସିଦ୍ଧ ଥିବାରୁ ବୋଧହୁଏ ରାଜାଙ୍କ ଇଷ୍ଟଭାବେ ମା'ବିରଜା ଦେବୀ ପ୍ରତିଷ୍ଠିତା। ତେବେ ଏହି କ୍ଷେତ୍ର ସୌର, ଶାକ୍ତ, ଶୈବ ଓ ବୈଷ୍ଣବ କ୍ଷେତ୍ରଭାବେ ପରିଚିତ। କାରଣ ବିରଜା କ୍ଷେତ୍ର ମାହାତ୍ମ୍ୟରେ ଏହା ଉଲ୍ଲେଖ ଅଛି ଯେ,

'ବୈଷ୍ଣବଂ ଚ ତଥା ସୌରଂ ଶାମ୍ଭବଂ ବ୍ରାହ୍ମମୁଚ୍ୟତେ।
ଚତୁର୍ଥଂ ଯତ୍ତୁ ଭୂଖଣ୍ଡଂ ତତ୍ର ସା ସରିତାମ୍ବରା ।।୧/୪୭
ଗୋନାସିକାତଃ ସମ୍ଭୁତା ପୁଣ୍ୟା ବୈତରଣୀ ନଦୀ।
ଭୁକ୍ତିଦା ମୁକ୍ତିଦା ନୃଣାଂ ସକୃତ୍ ଦର୍ଶନମାତ୍ରତଃ ।।'୪୮

ବୈତରଣୀ କୂଳର ପୁଣ୍ୟପ୍ରଦ ସ୍ଥାନରେ ସମସ୍ତ ଦେବଦେବୀଙ୍କ ଗହଣରେ ବିରାଜମାନ ବିରଜାମାତା। ବିରଜାକ୍ଷେତ୍ର ମାହାତ୍ମ୍ୟରେ ଏହା ବିଶଦ୍‌ଭାବେ ବର୍ଣ୍ଣିତ। ଏଠାରେ ଈଶାନେଶ୍ୱର ଶିବ ବିରାଜମାନ କରିଛନ୍ତି। ଯାହାଙ୍କ ସ୍ତୁତି ଏହି ଅଧ୍ୟାୟରେ ବର୍ଣ୍ଣିତ।

ମା' ବିରଜାଙ୍କୁ ମଧ୍ୟ ବ୍ରହ୍ମା ସ୍ତୁତି କରିଛନ୍ତି। ଅର୍ଦ୍ଧନାରୀଶ୍ୱର କଳ୍ପନାକରି ତାଙ୍କୁ ସ୍ତୁତି କରାଯାଇଛି।

ଦେବୀ ପ୍ରସୀଦ ଜଗଦୀଶ୍ୱର ବାମଭାଗ।
ନିତ୍ୟାଳୟେ ନିୟମିନାଂ ହୃଦୟାମ୍ବୁଜସ୍ଥେ।।
ସମ୍ପଦ୍‌ପ୍ରଦେଶ! ସକଳସିଦ୍ଧନୁତେ ଶରଣ୍ୟେ।
କଲ୍ୟାଣ ଗାତ୍ରି! ବିମଳାକ୍ଷି ନମୋନମସ୍ତେ।।୨/୪
ତ୍ୱଂ ମାଂ ବିରଜସାଂ ନାମ୍ନା ମନ୍ୟସ୍ୱ କମଳୋଦ୍‌ଭବ!
ପ୍ରସନ୍ନାଂ ଭବତେ କାମଂ ଜାନୀହି ଜଗତାଂ ପିତଃ।।୨/୧୮

## ମୂର୍ତ୍ତିର ମାହାତ୍ମ୍ୟ


ବିଗତରଜ 'ବିରଜା' ମା ଲୋକରେ ବିରଜାଇଭାବେ ପରିଚିତ। ଧନଧାନ୍ୟ ପ୍ରଦାୟିନୀ ଓ ମଙ୍ଗଳମୟୀ। ସ୍ନେହବୋଳା ଆଖି ବା ବିମଳାକ୍ଷି ବିରଜାଦେବୀ ସକଳ କାମନାର ପୁରାଣ କାହାଣୀ ବିରଜାକ୍ଷେତ୍ର ମାହାତ୍ମ୍ୟର ୨୮ଟି ଅଧ୍ୟାୟରେ ମା' ବିରଜାଦେବୀଙ୍କ ଲୀଳା ଓ ମହିମା ବର୍ଣ୍ଣନା କରାଯାଇଛି। ଦେବୀଙ୍କ ମୂର୍ତ୍ତି ବର୍ଣ୍ଣନା ପ୍ରସଙ୍ଗରେ ଦ୍ୱିତୀୟାଧ୍ୟାୟରେ କୁହାଯାଇଛି ଯେ-

ବିଶ୍ୱଂ ଚର୍ତୁମୁଖି! ସୃଜସ୍ୟଥ ରକ୍ଷସି ତ୍ୱଂ
ଶଙ୍ଖଂ ରଥାଂଗମନିଶଂ ଦଧତୀ କରାଭ୍ୟାମ୍।
ରୌଦ୍ରଂ ବପୁଃ କଳୟତି ହରସି ତ୍ୱମେବ
କୃତ୍ୟଂ ବିନା ତ୍ୱଦିଦମମ୍ବ! କଥଂ ହି ସିଦ୍ଧେତ୍। ୨/୧୨

ଶୀର୍ଷମରବିନ୍ଦନିଭେନ ପାଦେନାକ୍ରମ୍ୟ
ପାଣିମଳେନ ଗୃହୀତ ପୁଚ୍ଛା।
ଅନ୍ୟେନ ତତ୍ କକୁଦ ଗବିଶିଖରସ୍ୟ ମୂଳମ୍
ସଂଗୃହ୍ୟ ଭୂଷୟସି ମେଽହହ ଗାର୍ହପତ୍ୟମ୍।।୨/୧୩

ମା'ଙ୍କ ରୂପବର୍ଣ୍ଣନା ପ୍ରସଙ୍ଗରେ କୁହାଯାଇଛି ଯେ, ସେ ବିଶ୍ୱକୁ ସୃଷ୍ଟି କରନ୍ତି ଓ ରକ୍ଷା କରନ୍ତି। ଶଙ୍ଖ ଓ ଚକ୍ର ଧାରଣ କରିଥାନ୍ତି। ତାଙ୍କ ଶରୀର ରୌଦ୍ରରୂପ ଧାରଣ କରିଥାଏ।

ହାତରେ ପଦ୍ମଫୁଲଟିଏ ଭଳି ଶତ୍ରୁ ମୁଣ୍ଡଧାରଣକାରିଣୀ ପାଦରେ ଦଳି ଦେଉଥିବା ଓ କର କମଳରେ ତା'ର ପୁଚ୍ଛକୁ ଧାରଣ ପୂର୍ବକ ଅନ୍ୟହାତରେ ମୁକ୍ତ ଶୂଳକୁ ସଂଗ୍ରହ କରି ଭୂଷି ଦେଉଛନ୍ତି। ପରନ୍ତୁ ବର୍ତ୍ତମାନ ସିଂହାସନରେ ମା' ବିରଜା ଦେବୀଙ୍କ ମୂର୍ତ୍ତିର ଧ୍ୟାନ ଟିକିଏ ଭିନ୍ନ। ତାହା ହେଲା -




ଧୃତକନକନିଭା ଯା ଶୂଳଲାଙ୍ଗୁଳ ହସ୍ତା,
ପ୍ରବଳ - ମହିଷ - ପୃଷ୍ଠେ ଶୂଳମାଭେଦ୍ୟମାନା।
ଗଣପତି-ଫଣି-ସମ୍ରାଟ୍-ଯୋନି-ଲିଙ୍ଗେନ୍ଦୁଚୂଡ଼ା
ରଚୟତୁ ବିରଜା ମେ ମଙ୍ଗଳଂ ମଙ୍ଗଳାନାମ୍।।

ସ୍ୱର୍ଣ୍ଣବର୍ଣ୍ଣା, ଶୂଳ ଓ ଲାଙ୍ଗୁଳକୁ ହସ୍ତରେ ଧାରଣ କରିଛନ୍ତି। ସେହି ଶୂଳରେ ମହିଷର ପୃଷ୍ଠକୁ ବିଦ୍ଧ କରୁଛନ୍ତି। ତାଙ୍କର ମସ୍ତକରେ ଅନନ୍ତନାଗଙ୍କ ଫଣା ଶୋଭା ପାଉଛି। ସେହି ବିରଜା ମୋର ମଙ୍ଗଳ ବିଧାନ କରନ୍ତୁ।

ଏହି ବର୍ଣ୍ଣନା ବର୍ତ୍ତମାନର ଦ୍ୱିଭୁଜା ବିରଜାଦେବୀଙ୍କ ସହ ମିଶିଯାଇଛି। ତେବେ ବିରଜାକ୍ଷେତ୍ର ମାହାତ୍ମ୍ୟର ଷଡ଼ଭୁଜା ଦେବୀ ମଧ୍ୟ ସେହି ମହିଷକୁ ବଧ କରୁଥିବା ସହିତ ଶଙ୍ଖ ଚକ୍ର ଧାରଣ କରିଛନ୍ତି। ବସ୍ତୁତଃ ବିରଜାଦେବୀ ହେଉଛନ୍ତି ମହିଷମର୍ଦ୍ଦିନୀ। ତେଣୁ ରକ୍ଷାକର୍ତ୍ତ୍ରୀ ଓ ମହାଘୋରା ତନୁବିଶିଷ୍ଟ ଦଣ୍ଡାୟମାନା ମୂର୍ତ୍ତି। କୁହାଯାଏ ଯେ, ଭାରତର ପ୍ରସିଦ୍ଧ ପୀଠ ମଧ୍ୟରେ ବିରଜାଦେବୀ ହେଉଛନ୍ତି ସତୀଙ୍କ ପଡ଼ିଥିବା ନାଭିଅଂଶ। 'ତନ୍ତ୍ର ଚୂଡ଼ାମଣି' ଗ୍ରନ୍ଥରେ କୁହାଯାଇଛି ଯେ, ଉତ୍କଳର ବିରଜାକ୍ଷେତ୍ରରେ ପଡ଼ିଥିବା ସତୀଙ୍କ ଅଙ୍ଗ ହେଉଛି ନାଭି। ସେଠାରେ ଶକ୍ତି ହେଲେ ବିମଳା ଓ ଭୈରବ ହେଉଛନ୍ତି ଜଗନ୍ନାଥ। କାରଣ କୁହାଯାଇଛି, 'ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ।' କେବଳ ସେତିକି ନୁହେଁ - 'ଉତ୍କଳେ ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣକାଳିକା।' ତେଣୁ ଉତ୍କଳକ୍ଷେତ୍ରଟି ଏ ଶକ୍ତି ଉପାସନାର ପୀଠ ଥିଲା, ଯେଉଁଠାରେ ଉଡ୍ଡିୟାନ ତନ୍ତ୍ରର ପ୍ରବର୍ତ୍ତନ କରାଯାଇଥିଲା। ଦେବୀ ଭାଗବତରେ ଅନ୍ୟ ପ୍ରକାର ଉଲ୍ଲେଖ ରହିଛି। ସେଥିରେ କେବଳ ସ୍ଥାନ ଓ ଦେବତା ଉଲ୍ଲେଖ ଅଛି। ତାହା ହେଲା ପୁରୁଷୋତ୍ତମରେ ବିମଳା। (ବିମଳା ପୁରୁଷୋତ୍ତମ)। ସେ ଚତୁର୍ଭୁଜା, ଶ୍ୱେତପଦ୍ମଉପରେ ଠିଆ ହୋଇଛନ୍ତି। ସୁନାରଙ୍ଗର କେଶର ବିଶିଷ୍ଟ ସେ ପଦ୍ମମୁଖୀ। ତାଙ୍କର ଉପର ବାମହସ୍ତରେ ସେ ନାଗକନ୍ୟା, ଦକ୍ଷିଣ ଉପର ହସ୍ତରେ ଜପାମାଳା ଓ ନାଗକନ୍ୟା ଧାରଣ କରିଛନ୍ତି। ତଳ ବାମହସ୍ତରେ ଅମୃତ କଳସ ଓ ତଳ ଦକ୍ଷିଣ ହସ୍ତରରେ ବରଦ ମୁଦ୍ରା ପ୍ରଦର୍ଶନ କରୁଛନ୍ତି। ବାମଦେବ ସଂହିତାର ୨୩ ଅଧ୍ୟାୟସ୍ଥିତ ଷଷ୍ଠ ଶ୍ଲୋକରେ କୁହାଯାଇଛି ଯେ,

ତସ୍ମାତ୍ କୁଣପମାନୀୟ ବଭ୍ରାମ କ୍ଷିତି ମଣ୍ଡଳେ।
ପୁରୁଷୋତ୍ତମକେ କ୍ଷେତ୍ରେ ତ୍ୱନ୍ନାଭିଃ ପତିତସ୍ତଦା।।୨୩/୬
ଏକ ପଞ୍ଚାଶତ୍ ପୀଠାନି ଭବନ୍ତି କ୍ଷିତି ମଣ୍ଡଳେ।
ବୈତରଣୀଂ ସମାସାଦ୍ୟ ଯାବତ୍ତୁ ଋଷି କୁଲ୍ୟକା।।୭
ଏତଦ୍ ନାଭି ସ୍ଥଳଂ ବିଦ୍ୟାତ୍ ଯତ୍ରତ୍ୱଂ ଭୈରବୀମତା।
ଭୈରବୋଽପି ଜଗନ୍ନାଥୋ ଯତ୍ର ତିଷ୍ଠିତି ନିତ୍ୟଶଃ।।୮
ସୋଽୟଂ ତିଷ୍ଠତି ନୀଳାଦ୍ରୌ ନାନାକାରଧରପ୍ରଭୁଃ।
ଶ୍ରୁତି ସ୍ମୃତିଭ୍ୟାଂ ବିହିତଂ ଯତ୍କର୍ମ ତତ୍ କରୋତି ସଃ।।

ଏଥିରେ ୫୧ଟି ଶକ୍ତିପୀଠରୁ ପୁରୁଷୋତ୍ତମ କ୍ଷେତ୍ରରେ ସତୀଙ୍କ ନାଭି ପଡ଼ିଥିବା କଥା କୁହାଯାଇଛି। ଏହି ପୀଠ ବୈତରଣୀଠାରୁ ଆରମ୍ଭ କରି ଋଷିକୁଲ୍ୟା ପର୍ଯ୍ୟନ୍ତ ବ୍ୟାପ୍ତ। ଏହାକୁ ନାଭିକ୍ଷେତ୍ର କୁହାଯାଏ, ଯେଉଁଠାରେ ଭୈରବୀରୂପେ ମୃଡ଼ାନୀ ବିମଳା ବିରାଜମାନ ଏବଂ ଜଗନ୍ନାଥ ହେଲେ ତାଙ୍କ ଭୈରବ। ତେଣୁ ଏହି ନାଭିକ୍ଷେତ୍ରଟି କେବଳ ଯାଜପୁର ନୁହେଁ, ସମଗ୍ର ଉତ୍କଳ ପ୍ରଦେଶ ବୋଲି ବୁଝିବାକୁ ହେବ।

**ନୀଳାଦ୍ରି ମହୋଦୟ**

କିନ୍ତୁ ନୀଳାଦ୍ରି ମହୋଦୟ ୩୦ ଅଧ୍ୟାୟରେ ୨୧ ଶ୍ଲୋକଠାରୁ କୁହାଯାଇଛି-

ବିମଳାଂ ବିମଳାସ୍ଥାନଂ ଗତ୍ୱା ତାଂ ପ୍ରାର୍ଥୟେତ୍ ତଥା।
ଦୁର୍ଗେଦେବି ନମସ୍ତୁଭ୍ୟଂ ବିଷ୍ଣୁଭକ୍ତି ପ୍ରଦାୟିନୀ।।
ବିମଳେ ନିର୍ମଳଧିୟଂ ଦେହି ସର୍ବପଦେଽନଘେ।
ଲକ୍ଷ୍ମୀସ୍ତ୍ୱଂଚ ସାବିତ୍ରୀ ତ୍ୱଂ ହି ଦେବି ସରସ୍ୱତୀ
ସର୍ବରୂପେ ନମସ୍ତୁଭ୍ୟଂ ସର୍ବପାପ ପ୍ରମୋଚନୀ।।

ଚର୍ତୁବର୍ଗ ପ୍ରଦେ ବିଷ୍ଣୋ ବଲ୍ଲଭେ ତ୍ରାହିମାଂ ଶୁଭେ।

ଇତି ପ୍ରାର୍ଥନୟାଭୂପ ପ୍ରଣମେତ୍ ବିମଳାଂ ନରଃ।।

ନୀଳାଦ୍ରି ମହୋଦୟରେ ବିମଳାଙ୍କୁ ଦର୍ଶନାର୍ଥୀ କେଉଁ ଭାବରେ ଦର୍ଶନ କରିବ ତା'ର ବିବରଣୀ ପ୍ରଦାନ କରାଯାଇଛି। 'ହେ ଦୁର୍ଗା ଦେବୀ, ତୁମେ ଭକ୍ତି ପ୍ରଦାୟିନୀ ଅଟ। ହେ ବିମଳେ ତୁମେ ନିର୍ମଳ ବୁଦ୍ଧି ପ୍ରଦାନ କାରିଣୀ। ତୁମେ ଲକ୍ଷ୍ମୀ, ତୁମେ ସାବିତ୍ରୀ ଓ ସରସ୍ୱତୀଙ୍କୁ ପ୍ରଦାନ କର। ତୁମେ ବିଷ୍ଣୁଙ୍କ ପ୍ରିୟତମା ଅଟ।' ନୀଳାଦ୍ରି ମହୋଦୟ ଓ ବାମଦେବ ସଂହିତାରେ ଉଲ୍ଲେଖ ଥିବା ବିମଳାଙ୍କୁ ଅଧ୍ୟୟନ କଲେ ଦୁଇଟି ଭିନ୍ନ ମତ ସ୍ପଷ୍ଟ ବାରିହୁଏ। ବାମଦେବ ସଂହିତାରେ ବିମଳା ଆଦିଶକ୍ତି (୨୩/୨୪) ଭାବରେ ଚିହ୍ନିତ। ଏଠାରେ 'ବିମଳା' ନାମ ଉଲ୍ଲେଖ ନ ଥିଲେ ମଧ୍ୟ ଏହି କ୍ଷେତ୍ରେଶ୍ୱରୀ ସାକ୍ଷାତ୍ ଭୈରବୀ ଓ ଜଗନ୍ନାଥ ଭୈରବ ଭାବେ ଅଭିହିତ ହୋଇଛନ୍ତି। କିନ୍ତୁ କ୍ଷେତ୍ରର ବ୍ୟାପ୍ତି ବୈତରଣୀଠାରୁ ଋଷିକୁଲ୍ୟା ପର୍ଯ୍ୟନ୍ତ। ସତୀଙ୍କ କୁଣପ(ଜୀର୍ଣ୍ଣଶରୀର)ରୁ ନାଭିଅଂଶ ଏହି ସ୍ଥାନରେ ପତିତ ହୋଇଥିବା କଥା ଉଲ୍ଲିଖିତ ହୋଇଛି। ପୁରୁଷୋତ୍ତମ କ୍ଷେତ୍ରରେ ଯେ ସତୀଙ୍କ ନାଭିପଡ଼ି ଏହା ନାଭିସ୍ଥଳ ବୋଲି ପରିଚିତ ହେବା ସହିତ ମହାପ୍ରଭୁଙ୍କ ନାଭିବ୍ରହ୍ମ ମଧ୍ୟ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ଅର୍ଦ୍ଧ ଦଗ୍ଧ ଶରୀରର ନାଭିବ୍ରହ୍ମ ବୋଲି କୁହାଯାଇଛି। ବାମଦେବ ସଂହିତା ଦ୍ୱିତୀୟ ଅଧ୍ୟାୟରେ ବିମଳା ଶବ୍ଦ ଉଲ୍ଲେଖ କରାଯାଇଛି।

**କ୍ଷେତ୍ରେଶ୍ୱରୀ ସାକ୍ଷାତ୍ ଭୈରବୀ ଓ ଜଗନ୍ନାଥ ଭୈରବ ଭାବେ ଅଭିହିତ ହୋଇଛନ୍ତି। କିନ୍ତୁ କ୍ଷେତ୍ରର ବ୍ୟାପ୍ତି ବୈତରଣୀଠାରୁ ଋଷିକୁଲ୍ୟା ପର୍ଯ୍ୟନ୍ତ।**

ପ୍ରଥମାବରଣେ ଦେବୀ ବିମଳା ଚାଦ୍ୟ ଶକ୍ତିକା।।୨/୧୩

ତିଷ୍ଠନ୍ତୀ ବିଷ୍ଣୁନିର୍ମାଲ୍ୟଂ ଧ୍ୟାୟନ୍ତୀ ଚ ସଦ୍ୟୋହ୍ମିତା/ସଦାସ୍ମିତା

ଏଣୁ ଶ୍ରୀକ୍ଷେତ୍ରରେ ତନ୍ତ୍ରପୀଠାଧିଶ୍ୱରୀ ହେଉଛନ୍ତି ମା'ବିମଳା। ତାଙ୍କ ସହିତ ପୂର୍ବରେ ରାମଚଣ୍ଡୀ, ପଶ୍ଚିମରେ ହରଚଣ୍ଡୀ, ଉତ୍ତରରେ ଅଲାମ୍ବା ଚର୍ଚ୍ଚିକା, ଦକ୍ଷିଣରେ ଦକ୍ଷିଣ କାଳିକା ପ୍ରାଚୀର ନିକଟେ ବାସେଳି ଓ ଗଡ଼ଚଣ୍ଡୀ, ଶ୍ୟାମାକାଳୀ ଆଦି ସବୁ ଦିଗରୁ ଶ୍ରୀକ୍ଷେତ୍ରକୁ ରକ୍ଷା କରିଛନ୍ତି।

□□

ଲେଖକଙ୍କ ଇ-ମେଲ ଠିକଣା:
prof.prafullam@gmail.com

ଏକ ନୂଆ ପ୍ରୟାସ...
AMESABU
WE ALL. FOR ALL.
ଆମେସବୁ
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
ANDROID APP ON Google Play
@ amesabu

ଗଳ୍ପ

# ଈର୍ଷାର ରଙ୍ଗ ସବୁଜ



ଜୟନ୍ତୀ ସାହୁ

ଆଜି ଦିନଟା କାହା ମୁହଁ ଚାହିଁ ତା'ର ଆରମ୍ଭ ହୋଇଥିଲା କେଜାଣି, ଦିନସାରା ଖାଲି ଏକ ଅବ୍ୟକ୍ତ ଅସ୍ୱସ୍ତିକର ଯନ୍ତ୍ରଣାରେ ଛଟପଟ ହୋଇ ବିତାଇବାକୁ ପଡୁଛି। ବୈଶାଖର ଏତେ ଉଦୁଉଦିଆ ଦ୍ୱିପ୍ରହରଟାରେ ବି ତା' ଆଖିକୁ ତନ୍ଦ୍ରା ଘାରୁନି। ଫ୍ୟାନ୍‌କୁ ଯେତେ ଫୁଲ୍ ସ୍ପିଡରେ ଦେଲେ ବି ଥଣ୍ଡା ଲାଗିବା ପରିବର୍ତ୍ତେ ଝାଳରେ ଗୋଟାପଣେ ସେ ଗାଧୋଇ ପଡୁଛି। ମୁଣ୍ଡ ଭିତରଟା ଟଣ୍‌ଟଣ୍ ହୋଇ ବିନ୍ଧି ଉଠୁଛି। ତଣ୍ଟିରେ ମେଞ୍ଚାଏ ଛେପ ଅଟକିଗଲା ଭଳି ଲାଗୁଛି। ଇଚ୍ଛା ହେଉଛି, ରୁଦ୍ଧ ଅନ୍ତରର ସମସ୍ତ ବ୍ୟଥାକୁ ବାହାରକୁ କାଢ଼ିଦେଇ ଖୁବ୍ ଜୋର୍‌ରେ ସେ ଲହୁଲୁହ ନିଗାଡ଼ି କାନ୍ଦିପକାନ୍ତା କି?



ନୀତା ବୁଝିପାରୁନି ଏମିତି ଅନ୍ତର୍ଜ୍ୱଳନରେ ସେ କାହିଁକି ଆଜି ସନ୍ତୁଳି ହେଉଛି? ଠିକ୍ ନାନୀର ଫୋନ୍ ପାଇବା ପରଠାରୁ ହିଁ ତା'ର ମନରେ ଓ ଶରୀରରେ ଏପରି ଅବସ୍ଥା ଦେଖାଦେଇଛି। ନାନୀ ଆଜି ସକାଳୁ ସକାଳୁ ଫୋନ୍ କରିଥିଲା ଯେ ତାଙ୍କ କମ୍ପାନୀ ତରଫରୁ ଭାଇନାଙ୍କୁ ଫ୍ୟାମିଲି ସହ ଲଣ୍ଡନ ଯିବାର ଅଫର୍ ମିଳିଛି। ପାସ୍‌ପୋର୍ଟ, ଭିସା ଆଦି ଆରେଞ୍ଜ ହୋଇସାରିଛି। ଆସନ୍ତାକାଲି ଦିନ ଦୁଇଟାବେଳେ ହିଁ ଏୟାରପୋର୍ଟରେ ପହଞ୍ଚିବାକୁ ପଡ଼ିବ। ତେଣୁ ତୁ ଓ ସିଦ୍ଧାନ୍ତ ନିଶ୍ଚୟ ସାଥୀରେ ବର୍ଷା, ବନ୍ୟାଙ୍କୁ ଧରି ଏୟାରପୋର୍ଟ ଆସିବ। ଘରୁ ମଧ୍ୟ ବାପା, ମାଆ, ଦାଦା, ଖୁଡ଼ୀ ସମସ୍ତେ ଆମକୁ ସି-ଅଫ କରିବା ପାଇଁ ଆସିବେ ବୋଲି ଭାରି ଖୁସିରେ ଆଜି ଫୋନ୍‌ରେ କହିଛନ୍ତି।

ନାନୀର ଏ ସୌଭାଗ୍ୟରେ ପାଟିରେ ଖାଲି ଖୁସି ହବାର ଛଳନା କରି ହଁ, ହାଁ ମାରି ନୀତା ଫୋନ୍ କାଟିଦେଲା ସିନା, ହେଲେ ସେତିକି ବେଳଠାରୁ ସେ ଆଉ ଏଯାବତ୍ ସହଜ ହୋଇପାରୁନି। ନାନୀ ଓ ତା'ର ଝିଅ ବେଳର ଦିନଗୁଡ଼ା ଆଖି ଆଗରେ ସ୍ମୃତି ହୋଇ ଭାସିଯାଉଛି। ନାନୀ ଓ ସିଏ କେମିତି ଛୋଟ ବେଳେ ଆଚାର ଚୋରେଇ ନେଇ ବାଡ଼ିପଟ ପିଜୁଳି ଗଛମୂଳେ ଲୁଚି ଲୁଚି ଖାଉଥିଲେ। ଲଙ୍କା, ଲୁଣ ହାତରେ ଧରି ସାରା ଖରା ବେଳଟା ଆମ୍ବ ଗଛ ମୂଳେ ବସି ଆମ୍ବ ପଡ଼ିବାକୁ ନିୟମିତ ଏକ ଲୟରେ ଚାହିଁ ରହୁଥିଲେ। ସ୍କୁଲରୁ ଆସିବା ବାଟରେ ଫ୍ରକ୍‌ରେ ମେଞ୍ଚା ମେଞ୍ଚା ଗୁଗୁଚିଆ ଲାଗିଗଲେ ରାତିରେ ନାନୀ ନିଜେ ନ ଶୋଇ ନୀତାର ଫ୍ରକ୍‌ରୁ ଆଗ ସବୁତକ ଗୁଗୁଚିଆ ବାଛିଦିଏ। ସିଙ୍ଗଡ଼ା, ଆଳୁଚପ୍, ବରା ଘରକୁ କିଣା ହୋଇ ଆସିଲେ ନାନୀ ହାତରୁ ସେ କେମିତି ଜୋର୍ ଜବରଦସ୍ତ ଛଡ଼େଇ ଖାଇ ଦେଉଥିଲା, ଆଉ ନାନୀ ଅଳ୍ପ ଖାଇ ବି ସନ୍ତୁଷ୍ଟ ହୋଇଯାଉଥିଲା। ଗଣେଶପୂଜା, ସରସ୍ୱତୀ ପୂଜା ହେଲେ ନାନୀ ତା' ନୂଆ ଡ୍ରେସ୍‌କୁ ସୁନ୍ଦର ଭାବେ ପିନ୍ଧି ଦେଇ, ଲମ୍ବା ବେଣୀ ପକାଇ ରାସ୍ତାକୁ ବାହାରିବା ବେଳକୁ ନୀତା ଦୁଷ୍ଟାମୀ କରି ତା' ଡ୍ରେସ୍‌ରେ ମେଞ୍ଚାଏ କାଳି ଛିଞ୍ଚାଡ଼ି ଦେଉଥିଲା। ତଥାପି ନାନୀ କେବେ ତା' ଉପରେ ରାଗୁ ନ ଥିଲା। ରାତିରେ ଗପ କହୁ କହୁ ଭୂତ ଗପ କହିଲାବେଳେ ନୀତାକୁ ଡର ଲାଗିଲେ, ଏତେ ଡରକୁଳୀଟା ତୁ, କହି ସେଇଠି ଗପ ବନ୍ଦ କରି ତାକୁ ନିଜ ଆଡ଼କୁ ଆଉଜାଇ ଆଣି ଶୁଆଇ ପକାଉଥିଲା।

କଲେଜ ହଷ୍ଟେଲ୍‌ରେ ରହି ନାନୀ ପାଠ ପଢ଼ିଲା ବେଳେ ତା' ପାଇଁ ଭାରି ସୁନ୍ଦର ଡ୍ରେସ୍, ଚୁଡ଼ି, କ୍ଲିପ୍ ଇତ୍ୟାଦି ଇତ୍ୟାଦି ସାଜସରଞ୍ଜାମ ଆଣି ତାକୁ ଘରେ ସଜେଇ ଦେଉଥିଲା। ମଝିରେ ମଝିରେ ବିୟୁଟିପାର୍ଲର ନେଇ ତା'ର ଚୁଟି ଅତ୍ୟାଧୁନିକ ଷ୍ଟାଇଲରେ କଟେଇ ଆଣୁଥିଲା। ନୀତା ବି ତା'ର ନାନୀକୁ

ପ୍ରଚୁର ଭଲ ପାଉଥିଲା। ହଷ୍ଟେଲରୁ ନାନୀ ଆସିବା ଦିନଟିକୁ ସେ ବହୁ ଉତ୍କଣ୍ଠାର ସହ ଚାହିଁ ରହୁଥିଲା। ନାନୀ ଘରେ ଥିବା ଦିନତକ ସେ ଏତେ ଖୁସି ହୋଇଯାଉଥିଲା ଯେ, ତାକୁ ରାତି ଦିନ ବି ଜଣା ପଡୁ ନ ଥିଲା। ନାନୀ ସୁନ୍ଦରୀ ଥିବାରୁ ଗୋଟିଏ ପ୍ରସ୍ତାବରେ ହିଁ ତା' ବାହାଘର ଠିକ୍ ହୋଇଯାଇଥିଲା। ଭାଇନା ବି ନାନୀ ଭଳିଆ ସୁନ୍ଦର ସୁପୁରୁଷ ଥିଲେ। ନୀତାର ଠିକ୍ ମନେ ଅଛି, ନାନୀର ନିର୍ବନ୍ଧ ଦିନ ବହୁତ ଖୁସିରେ ସେ ତା' କ୍ଲାସ୍‌ର ସବୁ ପିଲା ଓ ସାର୍‌ଙ୍କୁ ବୁଲିବୁଲି ମିଠା ବାଣ୍ଟୁଥିଲା। ରାତି ରାତି ଅନିଦ୍ରା ରହି ନାନୀର ଶାଢ଼ି ଫଲ୍‌ସ ସିଲେଇ କରୁଥିଲା। ନାନୀ ବାହାଘରର ମାର୍କେଟିଂ କରୁଥିଲା। ଭିଣୋଇବାବୁଙ୍କ ପାଇଁ ସବୁଯାକ ଦାମୀ ଦାମୀ ଉପହାର ସଜାଡୁଥିଲା। ନାନୀ ବାହାଘର ଦିନ ଏତେ ସ୍ମାର୍ଟ ଓ ହ୍ୟାଣ୍ଡସମ୍ ଭାଇନାଙ୍କୁ ଦେଖାଇ ସମସ୍ତଙ୍କୁ କାବା କରିଦେବ ବୋଲି ସେ ତା'ର ସବୁ ସାଙ୍ଗମାନଙ୍କୁ ନିମନ୍ତ୍ରଣ କରିଥିଲା ଓ ଖୁବ୍ ଖୁସିରେ ନାଚି ନାଚି ସମସ୍ତଙ୍କୁ ଆପ୍ୟାୟିତ କରିଥିଲା। ନାନୀର ପ୍ରଥମ ପୁଅ 'ସୋହମ୍'ର ଜନ୍ମ ବେଳକୁ ବି ସେମିତି ସେ ଖୁସିରେ ଆତ୍ମହରା ହୋଇ ଉଠିଥିଲା। ଏହି ସୋହମ୍ ନାଁ'ଟି ନୀତାର ପସନ୍ଦ ଅନୁସାରେ ଦିଆଯାଇଛି।


ନାନୀ ଶାଶୁଘରୁ ଆସିଲେ ବି ଦୁଇ ଭଉଣୀଙ୍କ ଭିତରେ ଖୁବ୍‌ଗୁଡ଼ାଏ ଆନନ୍ଦ, ଉଲ୍ଲାସ ଖେଳିଯାଉଥିଲା। ରାତି ରାତି ଅନିଦ୍ରା ରହି ନାନୀଠାରୁ ତା' ସୁଖ ସୌଭାଗ୍ୟର କାହାଣୀକୁ ନୀତା ବେଶ୍ ଆନନ୍ଦର ସହ ଶୁଣି ନାନୀର ଖୁସିରେ ଆହ୍ଲାଦିତ ହେଉଥିଲା। ତା' ପରଦିନ ସାଙ୍ଗମାନଙ୍କ ଆଗରେ ନାନୀ ଓ ଭାଇନାଙ୍କ କଥା ଏକା ନିଃଶ୍ୱାସକେ ବଖାଣି ବସୁଥିଲା। ଏହା ପରେ ନୀତାର ପାଳି ପଡ଼ିଲା। ବର୍ଷ କେତେଟା ନ ଯାଉଣୁ ବଡ଼ ପୁତୁରା 'ସୋହମ୍' ହେବା ପରେ ପରେ ହିଁ ତା' ବାହାଘର ହୋଇଯାଇଥିଲା। ନୀତା ଟିକେ ଶ୍ୟାମଳୀ ଥିବାରୁ ବହୁ ଖୋଜାଖୋଜି ପରେ ପ୍ରାଇଭେଟ୍ କଲେଜରେ ଲେକ୍‌ଚରର୍ ଥିବା ସିଦ୍ଧାନ୍ତଙ୍କ ସାଂଗେ ହିଁ ନୀତାର ବାହାଘର ଠିକ୍ ହୋଇଥିଲା। ଏକାଧିକ ବରପକ୍ଷ ଲୋକଙ୍କୁ ନୀତା ଦେଖା ଦେଇ ଦେଇ ଅତିଷ୍ଠ ହୋଇପଡ଼ିଥିବାରୁ, ସିଦ୍ଧାନ୍ତଙ୍କ ସମ୍ମତି ଓ ବାହାଘରଜନିତ ଖୁସିରେ ସେ ଭାରି ପ୍ରଫୁଲ୍ଲ ଦିଶୁଥିଲା।

କିନ୍ତୁ ସିଦ୍ଧାନ୍ତ ତାଙ୍କ ଘରକୁ ବର ହୋଇ ଆସିବାପରଠାରୁ ହିଁ ତା' ମାନସିକ ଅଶାନ୍ତି କ୍ରମଶଃ ଆରମ୍ଭ ହୋଇଯାଇଛି। ବରକୁ ଦେଖୁ ଦେଖୁ ସାଇପଡ଼ିଶା ସ୍ତ୍ରୀ ଲୋକେ କୁହାକୁହି ହେଲେ, ତାଙ୍କ ବଡ଼ ଜ୍ୱାଇଁ ଭଳି ଏ ସାନ ଜ୍ୱାଇଁ ଏତେ ରୂପବାନ୍ ନୁହେଁ ମ! ପୁଣି କେହି ଜଣେ ସ୍ତ୍ରୀ ଲୋକ ବଡ଼ପାଟିରେ ଆଉ ଜଣେ ସ୍ତ୍ରୀଲୋକକୁ ଶୁଣେଇ କହୁଥାଏ, ବଡ଼ଜ୍ୱାଇଁ ବର ବେଶ ଧରି ଆସିଲା ବେଳେ ସାକ୍ଷାତ କାର୍ତ୍ତିକଙ୍କ ପରି ଦିଶୁଥିଲେ ଗୋ ଅପା! ହଁ, ଯେଉଁ ଝିଅ ଭାଗ୍ୟରେ ଯାହା ବିହି ଲେଖିଥିବ। "କପାଳ ଲିଖନ କେ କରିବ ଆନ।" ଏସବୁ କଥା କନ୍ୟାବେଶ ସାଜି ବସିଥିବା ନୀତାର କାନରେ ବାଜି ତାକୁ ପ୍ରଥମଥର ଅନ୍ତର୍ଜ୍ୱଳନରେ ଘାରିଥିଲା। ପୁଣି ଶାଶୁ ଘରର ଅଳଙ୍କାର ପିନ୍ଧି ବେଦୀ ଉପରକୁ ଗଲାବେଳେ ବଡ଼ ପିଉସୀ, ନୀତାର ବୋଉକୁ କହୁଥିଲେ- ଆମ ବଡ଼ଝିଅ ରୀତା ବଡ଼ ଭାଗ୍ୟବତୀ ଭାଉଜ। ତା' ଶାଶୁଘର ସଂଗେ କ'ଣ ନୀତାର ଶାଶୁଘର ସମାନ ହେବ! ବୋଉ ପିଉସୀନାନୀଙ୍କୁ ଉତ୍ତର କରୁଥିଲେ- ନା, ନା, ନୀତାର ଶାଶୁଘର ବି ସେ ଅଞ୍ଚଳର ଜମିଦାର ଘର। ଚାଷବାସ, ହଳ ହଳିଆ, ଧାନ ଅମାରରେ ତାଙ୍କ ଘର ଭରପୂର। ରୀତା ଶାଶୁଘରଠାରୁ ଏମାନେ ଧନସମ୍ପଦରେ କମ୍ ନୁହନ୍ତି। କିନ୍ତୁ ପିଉସୀ ନାନୀ ବୋଉଠାରୁ କଥା ଛଡ଼େଇ କହିଲେ, ଯେତେ କହିଲେ ମନ କେବେ ମାନିବ ଭାଉଜ, ଦେଖୁନ ପ୍ରାଇଭେଟ କଲେଜରେ ଚାକିରି କରି ପୁଣି ଏତେ ଲକ୍ଷ ଟଙ୍କା ଡିମାଣ୍ଡ ନେଇ କେମିତି ଏ ପୁରୁଣା ହାରଟା ନୀତା ପାଇଁ ଆଣିଛନ୍ତି। ପୁଣି ନିର୍ବନ୍ଧ ଆଟାଚିରେ କୌଣସି ସାଜସରଞ୍ଜାମ ତ ପସନ୍ଦଯୋଗ୍ୟ ଦେଇନାହାନ୍ତି। ତାଙ୍କୁ ବନାରସୀ ପାଟଶାଢ଼ି ଖଣ୍ଡେ ମିଳିଲା ନାହିଁ ଯେ ସମ୍ବଲପୁରୀ ସୂତା ଶାଢ଼ିକୁ ଆଣିଛନ୍ତି। ବୋହୂହାତକୁ ମୁଦିଟିଏ ଆଣିଛନ୍ତି ଯେ ସେ ପୁଣି ନହନହକା। ଏଥିରୁ ତାଙ୍କ ଘରର ବଡ଼ପଣ ଜଣାପଡୁନି ଯେ ଆହୁରି ତମେ ବଖାଣୁଛ। ରୀତା ଶାଶୁଘରର ସେ ମୋଟା ରାଣୀହାର, ପେଣ୍ଡିଫୁଲ, ମୟୂରକଟା ପଥରବସା ମୁଦି, ପାଞ୍ଚଭରି ଓଜନର ମଙ୍ଗଳସୂତ୍ର ପାଖରେ ନୀତା ଶାଶୁଘରର ଏ ଗହଣା ତୁଚ୍ଛ। ଭାଗ୍ୟରେ ଥିଲେ ରୀତା ଭଳି ବିନା ଯୌତୁକ ଦାବିରେ ଏମିତି

**ସିଦ୍ଧାନ୍ତ ତାଙ୍କ ଘରକୁ ବର ହୋଇ ଆସିବାପରଠାରୁ ହିଁ ତା' ମାନସିକ ଅଶାନ୍ତି କ୍ରମଶଃ ଆରମ୍ଭ ହୋଇଯାଇଛି।**

ଖାନ୍‌ଦାନୀଘର ଓ ଉଚ୍ଚପଦସ୍ଥ ଅଫିସର ବର ମିଳେ ସିନା। ରୀତା ଭାଗ୍ୟ ଭଳି ନୀତା ଭାଗ୍ୟ କାହୁଁ ହେବ? ପିଉସୀ ନାନୀଙ୍କର ଏଇ କେତେପଦ କଥା ନୀତାକୁ ପୁଣି ତା' ଅଜାଣତରେ ନାନୀର ଭାଗ୍ୟ ପ୍ରତି ଅସହିଷ୍ଣୁ ଭାବ ଆଣି ଦେଇଥିଲା। ସେହି ବାହାଘର ରାତିରୁ ହିଁ ନାନୀ ପ୍ରତି ଏ ଅସୂୟା ଓ ଅଶାନ୍ତିର ମଞ୍ଜି ନୀତାର ମନ ମଧ୍ୟରେ ଅଜଣା ଭାବେ ସତେ ଯେମିତି କିଏ ପୋତି ଦେଇଥିଲା। ତାହା ଏବେ କ୍ରମଶଃ ଶାଖା ପ୍ରଶାଖା ମେଲାଇ ଗଛ ହେବାକୁ ବସିଲାଣି।

ରୀତା ଓ ନୀତା ଏକାସଙ୍ଗେ ବାପଘରକୁ ଗଲେ ବି ସେଇ ଏକାକଥା ଶୁଣିବାକୁ ମିଳେ। ଖୁଡ଼ୀ କହନ୍ତି, ରୀତାଙ୍କର ରୂପ ଯେମିତି, ଗୁଣ ବି ସେମିତି। ବଡ଼ ମା' କହନ୍ତି ରୀତାର ରୋଷେଇ ଏତେ ସୁସ୍ୱାଦୁକର ଯେ ଥରେ ଖାଇଲେ ହାତ ତିନିଦିନ ଯାଏଁ ବାସ୍ନା ଛାଡୁଥାଏ। ରୀତାର ଘରକରଣା ଭଲ, ଆଚାର ବ୍ୟବହାର ଭଲ। ମଧୁର କଥାରେ ସେ ସମସ୍ତଙ୍କ ମନ ମୋହିନିଏ, ନାନୀ ଭଲ ପାଠ ପଢ଼େ। ଭଲ କବିତା ଆବୃତ୍ତି କରେ। ଭଲ ଗୀତ ଗାଏ, ଭଲ ଝୋଟି ବି ପକାଏ। ନାନୀର ଏତେ ସବୁ ଭଲ ଗୁଣ ପାଖରେ ନୀତାର ଗୁଣ ଓ ରୂପ ଛାଏଁ ନିଷ୍ପ୍ରଭ ପାଲଟିଯାଏ। କହିବା ବାହୁଲ୍ୟ, ବାପଘରୁ ଶାଶୁଘରକୁ ଲେଉଟିଲା ବେଳେ ନାନୀ ପାଇଁ ସହରରୁ ଭାଇନାଙ୍କ କାର୍ ଯାଇ ଅପେକ୍ଷା କରିଥିଲାବେଳେ, ତା' ପାଇଁ ଅଟୋରିକ୍ସାର ଯୋଗାଡ଼ କରନ୍ତି।



ଭୁବନେଶ୍ୱରରେ ନାନୀର ଘର ପ୍ରତିଷ୍ଠା ବେଳେ ମଧ୍ୟ ନୀତାକୁ ଦେଖି ମାଇଁ ସଙ୍ଗେ ସଙ୍ଗେ ବୋଉକୁ କହିଲେ, ରୀତା ଝିଅ ବେଳେ ଯେମିତି ଦିଶୁଥିଲେ, ଏତେବଡ଼ ପୁଅ ଦୁଇଟାଙ୍କର ମାଆ ହୋଇ ବି ଠିକ୍ ସେମିତି ଦିଶୁଛନ୍ତି। ହେଲେ ନୀତା କାହିଁକି ଏମିତି ଦୁର୍ବଳ ଦିଶୁଛନ୍ତି? ଏତେ କମ୍ ବୟସରୁ ବି ଚୁଟିଗୁଡ଼ା ପାଚି ଯାଇ ବୟସ୍କା ଲାଗୁଛନ୍ତି। ଜ୍ୱାଇଁଙ୍କ ରୋଜଗାର ପାଇଁ ଆଉ ଚିନ୍ତା କରୁଛନ୍ତି କି ଝିଅ। ବୋଉ କହିଲା, ନାଇଁ ମ, ଏବେ ତ ପୂରା ଭେଜାଲ ଯୁଗ। ସେ ଭେଜାଲ୍ ସାରମିଶା ଖାଦ୍ୟ ଖାଇ ସାନସାନ ପିଲାଙ୍କର ପରା ଚୁଟି ପାଚିଯାଉଛି। ମାଇଁ ବି ବୋଉର କଥାରେ ଭଳି ନ ଯାଇ କହିଲେ, ଚୁଟି ସିନା ଭେଜାଲ୍ ଖାଦ୍ୟ ପାଇଁ ନୀତାଙ୍କର ପାଚି ଯାଇଛି, ହେଲେ ଆଖି ତଳେ ବହଳେ କଳାଦାଗ ପରା ସ୍ପଷ୍ଟ ଦେଖାଯାଉଛି। ଯା' ହେଉ, ବଡ଼ ଝିଅ ଭାରି ଭାଗ୍ୟବତୀ। କେଉଁଥିରେ ଭଗବାନ ତାକୁ ଊଣା କରିନାହାନ୍ତି। ଗାଁରେ ଏତେ ବଡ଼ ରାଜନଅର ପରି ଘର, ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ମାର୍ବଲ୍‌ଫ୍ଲୋରିଂ ଚାରିମହଲା କୋଠା। ତା' ସାଙ୍ଗକୁ ଯେଉଁ ଘରେ ପଶିଯାଆ, ସେ ଘର ଦାମୀ ଦାମୀ ଜିନିଷପତ୍ରରେ ଭରପୂର। ସତେ ଯେମିତି ଲାଗୁଛି, ଇୟେ ଘର ନୁହେଁ, ସାକ୍ଷାତ୍ ଲକ୍ଷ୍ମୀପୁର। ତେବେ ଭାଗ୍ୟକୁ ନ କହି କାହାକୁ କହିବ। ନୀତା ପାଇଁ କ'ଣ ତମେ ବଡ଼ଜ୍ୱାଇଁଙ୍କ ଭଳି ବାହାରେ ଭଲ ଚାକିରି କରିଥିବା ଅଫିସର ଜ୍ୱାଇଁ ଖୋଜି ନ ଥିଲ, ହେଲେ କାହା ଭାଗ୍ୟକୁ କିଏ ବା ପରିବର୍ତ୍ତନ କରିପାରିବ। ଶାସ୍ତ୍ରରେ ପରା ଅଛି- "ଯଦ୍ ଧାତା ଭାଲ ପଟଳେ ଲିଖିତଂ, କର୍ମାନୁସାରେ ଫଳିତଂ।" ତେଣୁ ଅଦୃଷ୍ଟ ବିଧାତା ଯାହା ଲଲାଟରେ ଯାହା ସୁଖଦୁଃଖ ଲେଖିଛି, ତାକୁ ହିଁ ସମସ୍ତଙ୍କୁ ଭୋଗ କରିବାକୁ ପଡ଼ିବ। ପୁଣି ଏମିତି ଭାଗ୍ୟର ବିଡ଼ମ୍ବନା ଯେ ରୀତାଙ୍କର ଦୁଇଟା ପୁଅକୁ ନୀତାଙ୍କର ଦୁଇଟି ଯାକ ଝିଅ। ରୀତା ବାହାହେଲା ପରଠାରୁ ଜ୍ୱାଇଁଙ୍କ ସାଙ୍ଗେ ବାହାରେ ରହିଲେ ଯେ ଶାଶୁଘର ଗଞ୍ଜଣା, ଶାଶୁଘର ଦୁଃଖ କ'ଣ ଜମା ଜାଣିଲେ ନାହିଁ। ପାର୍ଟି, ପିକ୍‌ନିକ୍, ମଉଜ, ମଜଲିସ୍‌ରେ ତାଙ୍କର ସମୟ କଟିଲା। ହେଲେ ନୀତା ବିଚାରୀ ସେତିକି ପାଠ ପଢ଼ି ନିପଟ ମଫସଲ ଗାଁରେ ଶାଶୁ ଶ୍ୱଶୁରଙ୍କ ପାଖରେ କେଡ଼େ ଦୁଃଖରେ କାଳ କାଟିଲେ। ଯାହା କୁହ ପଛକେ, ବଡ଼ ଭଉଣୀ ଏତେ ସୁଖ ସୌଭାଗ୍ୟରେ ଥିବାର ଦେଖି କେଉଁ ଭଉଣୀ ନିଜ ଭାଗ୍ୟକୁ ନିନ୍ଦା ନ କରିବ ଯେ। ଏକଥା ଶୁଣି ନୀତାର ମନ ଦୁଃଖରେ ଭାଙ୍ଗି ପଡ଼ିବା ପରିବର୍ତ୍ତେ ଅସହିଷ୍ଣୁତାରେ ବିଦ୍ରୋହ କରି ଉଠୁଥିଲା। କିନ୍ତୁ ପ୍ରତିବାଦର ସ୍ୱର ତା'ର ଓଠ ଖୋଲି ବାହାରକୁ ଆସିପାରୁ ନ ଥିଲା।

ଆଜି ସେହି ନାନୀ ପୁଣି ଥରେ ଅଖଣ୍ଡ ସୌଭାଗ୍ୟର ପାହାଚ

ପରେ ପାହାଚ ଚଢ଼ି ଶୀର୍ଷରେ ପହଞ୍ଚିବାକୁ ବସିଛି। ତା'ର ସୁଖ ସୌଭାଗ୍ୟକୁ ବଧେଇ ଜଣାଇବା ପାଇଁ ଫୋନ୍‌ରେ ନୀତାକୁ ନିମନ୍ତ୍ରଣ ଜଣାଇଛି, ନୀତା ଭାବୁଛି ନାନୀ ଓ ଭାଇନାଙ୍କର ଏଇ ଖୁସି ଓ ଏଇ ସଫଳତାକୁ ସିଏ ଅବିବାହିତ ଅବସ୍ଥାରେ ବାପଘରେ ଥିଲାବେଳେ ବେଶ୍ ଉତ୍‌ଫୁଲ୍ଲ ମନ ନେଇ ଉପଭୋଗ କରିପାରିଥାନ୍ତା। ସାହିପଡ଼ିଶା, ସାଙ୍ଗସାଥୀ ମେଳରେ ନାନୀଭାଇନାଙ୍କ ସୁଖ ସୌଭାଗ୍ୟକୁ, ଏରୋପ୍ଲେନ୍‌ରେ ବିଦେଶ ଯାତ୍ରାକୁ ଆହୁରି ରମଣୀୟ କରି ବର୍ଣ୍ଣନା କରିଥାନ୍ତା। ଅଥଚ ଆଜି ଆଉ କାହାକୁ କହିବା ତ ଦୂରର କଥା, ନିଜ ସ୍ୱାମୀ ସିଦ୍ଧାନ୍ତଙ୍କୁ କହିବାକୁ ବି ତା' ଜିଭକୁ ଭିତରୁ କିଏ ଯେମିତି ଟାଣି ଧରୁଛି। ସିଏ ଶତଚେଷ୍ଟା କରି ଆତ୍ମୀୟତାର ଦାୟରେ ମନକୁ ବୁଝାଇବାକୁ ଚାହିଁଲେ ମଧ୍ୟ ଅସୂୟା, ପରଶ୍ରୀକାତରତାରେ ମନଟା ଭାରି ଅବୁଝା ହୋଇ ତାକୁ ଭୀଷଣ କଷ୍ଟ ଦେଉଛି। ଏତିକିବେଳେ ବାଡ଼ିପଟୁ ନୀତାର ସାନଝିଅ "ବନ୍ୟା"ର ଖୁବ୍ ଜୋର୍‌ରେ କାନ୍ଦ ଶୁଭିଲା। ଝିଅର କାନ୍ଦ ଶୁଣି ନୀତା ଅତି କ୍ଷିପ୍ର ଗତିରେ ବାଡ଼ିପଟକୁ ଧାଇଁଗଲା ବେଳକୁ ଅଦୂରରେ ପହଞ୍ଚି ଦେଖେ ତ, ପଡ଼ିଯାଇଥିବା ବନ୍ୟାକୁ ଗୋଟିଏ ଖାଲ ମଧ୍ୟରୁ ବଡ଼ଝିଅ "ବର୍ଷା" ଉଠାଇ ଆଣି ତାକୁ ତା'ର ପିନ୍ଧିଥିବା ଫ୍ରକ୍‌ରେ ଝାଡ଼ିଦେଉଛି। ତା'ର ଲୁହ ପୋଛି ଆଶ୍ୱାସନା ଦେଇ କହୁଛି, ତୁ କାନ୍ଦନା ବନ୍ୟା, ମୁଁ କ'ଣ ତୋତେ ସେ ଖାଲ ଭିତରେ ପକାଇ ଦେଲିକି? ଆମେ ଦୁଇ ଜଣ ଏଠି ଖେଳୁଥିଲେ, ତୁ ଖେଳୁ ଖେଳୁ ସେ ପଟେ ଅଜାଣତରେ ଓଲଟି ପଡ଼ିଲୁ। ମୁଁ ତ ତତେ ଖାଲ ଭିତରକୁ ଉଠାଇ ଆଣି ତୋ ଦେହରୁ ସବୁତକ ଧୂଳି କାଦୁଅ ମୋ ଫ୍ରକ୍‌ରେ ସଫା କରିସାରିଲିଣି। ଆଉ କାହିଁକି କାନ୍ଦୁଛୁ? ଚାଲ୍, ଏବେ ପୁଣି ଦୁହେଁ ମିଶି ହସି ବୋହୂଚୋରି ଖେଳ ଖେଳିବା।

**ଏଇ କିଛି ସମୟ ପୂର୍ବରୁ ଖୁବ୍ ନିରସ ଓ ପାଣ୍ଡୁର ଦିଶୁଥିବା ପୃଥିବୀଟା ନୀତାକୁ ସବୁଜିମାମୟ ଲାଗୁଥିଲା।**

ନୀତା ଝିଅ ପାଖକୁ ଯାଉଯାଉ ପୁଣି ସେଇଠୁ ଫେରି ଆସିଲେ। ତା' କଥା ଶୁଣି ଲାଗିଲା, ଯେମିତି ନୀତା ତା'ର ମହତ, ଉଦାର, ନମ୍ର ତଥା ନିରହଂକାର ପଣିଆରେ ତା' ମନ ମଧ୍ୟରେ ଜମି ଯାଇଥିବା ପରସ୍ତ ପରସ୍ତ ଅସୂୟାର ଧୂଳିକୁ ସେହି ମୁହୂର୍ତ୍ତରେ ଝାଡ଼ିଝୁଡ଼ି ସଫା କରିଦେଇଛି। ଈର୍ଷା ଆଉ ହୀନମନ୍ୟତାର ଖାତ ଭିତରୁ ନାନୀ, ନୀତାକୁ ଖୁବ୍ ସୁନ୍ଦର ଭାବେ ଉଠାଇ ଏକ ପରିବ୍ୟାପ୍ତ ବିଶାଳ ପୃଥିବୀ ପୃଷ୍ଠରେ ଠିଆ କରେଇ ଦେଇଛି। ଏଥର ନୀତାକୁ ପରିଷ୍କାର ଦିଶୁଛି ନିଜ ଝିଅ ବର୍ଷା ଓ ବନ୍ୟାର ସରଳ ସମ୍ପର୍କ ପରି ତାଙ୍କ ଦୁଇ ଭଉଣୀଙ୍କ ସାବଲୀଳ, ସୁନ୍ଦର ଆତ୍ମିକ ସଂଯୋଗ। ଅଚାନକ ବିଜୁଳି ସକ୍ ଖାଇଲା ପରି ନିମିଷକେ ଉଭେଇଗଲା ନୀତାର ଦେହ ଓ ମନର କ୍ଲାନ୍ତି। ଏଇ କିଛି ସମୟ ପୂର୍ବରୁ ଖୁବ୍ ନିରସ ଓ ପାଣ୍ଡୁର ଦିଶୁଥିବା ପୃଥିବୀଟା ନୀତାକୁ ସବୁଜିମାମୟ ଲାଗୁଥିଲା। ନିଜ ଭିତରେ ଥିବା ନିର୍ମଳ ଆନ୍ତରିକତା ଓ ନିଃସ୍ୱାର୍ଥ ପ୍ରେମର ମୋହମୁଗ୍ଧ ବାସ୍ନାରେ ସେ ମୁହୂର୍ତ୍ତରୁ ମୁହୂର୍ତ୍ତ ଗୋଟାପଣେ ବିଭୋର ହୋଇଉଠୁଥିଲା। ଆସନ୍ତାକାଲି ଏୟାରପୋର୍ଟରେ ପହଞ୍ଚିବା କ୍ଷଣି ନାନୀ କେମିତି ସର୍ବପ୍ରଥମେ ତାକୁ ଆଲିଙ୍ଗନବଦ୍ଧ କରିବ ଏବଂ ବର୍ଷା, ବନ୍ୟାଙ୍କୁ ଛାତି ଉପରେ ଭିଡ଼ି ଧରି ଚୁମା ପରେ ଚୁମା ଆଙ୍କି ତାଙ୍କ ଫରମାଇସ୍ ଜିନିଷ ସବୁକୁ ଲଣ୍ଡନରୁ ଆଣିବା ପାଇଁ ତାଲିକା କରି ଭ୍ୟାନିଟିରେ ଭର୍ତ୍ତି କରିବ, ସେସବୁ ସୁଖଦ ଚିତ୍ରାବଳୀ ନୀତାର ମାନସ ଚକ୍ଷୁରେ ରଙ୍ଗିନ ସ୍ୱପ୍ନ ପ୍ରାୟ ନାଚିଯାଉଥିଲା। ଏସବୁ ଭାବିବାକ୍ଷଣି ନୀତାର ଶରୀର ଓ ମନରେ ଖୁସିର ଏକ ଅପୂର୍ବ ପୁଲକ ଛାଏଁ ଖେଳିଯାଉଥିଲା। ଆଉ ମୁହୂର୍ତ୍ତେ କାଳ ବିଳମ୍ବ ନ କରି ଏଥର ସିଦ୍ଧାନ୍ତଙ୍କୁ ତତ୍‌କ୍ଷଣାତ୍ ଦିବା ନିଦ୍ରାରୁ ଉଠେଇ ଦେଇ ନୀତା ଅନର୍ଗଳ ଭାବେ ବଖାଣି ଚାଲିଥିଲା ନାନୀ ଓ ଭାଇନାଙ୍କ ବିଦେଶ ଯାତ୍ରାର ଧାରାବିବରଣୀ। ପୁଣି କାଲି ସକାଳୁ ସକାଳୁ ଭୁବନେଶ୍ୱର ଯାଇ ନିର୍ଦ୍ଧାରିତ ଟାଇମ୍‌ରେ ଏୟାରପୋର୍ଟରେ ପହଞ୍ଚିବା ପାଇଁ ସିଦ୍ଧାନ୍ତଙ୍କୁ ସ୍ଥିର ନିଶ୍ଚିତ କରି ଆସନ୍ତାକାଲିର କିଛି ଜରୁରୀ କାମକୁ ଆଜି ସାରିବା ପାଇଁ ନୀତା ତତ୍‌ପର ହୋଇ ଉଠୁଥିଲା। ଅଳସ, ଅବସନ୍ନ ଓ ସ୍ଥବିର ମୁହୂର୍ତ୍ତଗୁଡ଼ା କର୍ମଚଞ୍ଚଳତାର କ୍ଷୀପ୍ରତାରେ ଲୀନ ହୋଇଯାଉଥିଲେ।

□□

ଲେଖକଙ୍କ ଇ-ମେଲ ଠିକଣା:
jayantisahoo10@gmail.com

ରମ୍ୟରଚନା

# ଦୁର୍ଗାଙ୍କ ସହ ଦେଖାସାକ୍ଷାତ୍



ଡ. କୁଳାଙ୍ଗାର

ଅନଲାଇନ୍ ବଜାରରୁ ମୋଟା ରିହାତିରେ ମୋଟା ଆକାରର ଖର୍ଚ୍ଚ ସହିତ କିଣାକିଣି ଓ ବୁଲାବୁଲି ପାଇଁ ଆଗୁଆ ଟିକଟ ତଥା ହୋଟେଲ ବୁକିଂ କରି ସିଏ ପୂଜାଋତୁର ଆଗମନ ସମ୍ପର୍କରେ ଆଗୁଆ ସୂଚନା ପାଇସାରିଥିଲା। ପରେ ପରେ ପୂଜା କମିଟିବାଲାଏ ତା' ଘରେ ଶ୍ରଦ୍ଧାରେ ବଳପୂର୍ବକ ପ୍ରବେଶ କରି ତାକୁ ମୁକ୍ତହସ୍ତରେ ଚାନ୍ଦା ଦେବା ପାଇଁ ଅତ୍ୟନ୍ତ ଆତ୍ମୀୟତାର ସହ ବାଧ୍ୟ କରିବା ପରେ ସିଏ ଏକରକମର ସଚ୍ଚା ଦେବୀଭକ୍ତରେ ପରିଣତ ହୋଇଗଲା।



ଯଦି ଖର୍ଚ୍ଚ ହୋଇସାରିଲାଣି ଦେବେ ଯେନତେନ ପ୍ରକାରେଣ ସେଥିରୁ ଲାଭ କରିବା ପାଇଁ ଆଶା ରଖିବା ତ ମଣିଷର ପ୍ରକୃତି। ସେଥିରୁ ସିଏ ବା ବାଦ ପଡ଼ନ୍ତା କିପରି। ତେବେ ଲାଭ ହେଲେ ହେଉ ନ ହେଲେ ନାଇଁ, ଅନ୍ତତଃ ମୂଳଟା ଆଦାୟ ହୋଇଯାଆନ୍ତା କି ବୋଲି ମନସ୍ଥ କରି ସିଏ ଶୟନେ ସପନେ ଦେବୀଙ୍କୁ ସ୍ମରଣ କରିବାରେ ଲାଗିଲା। ଦେବୀଙ୍କୁ ତ ସିଏ ଦେଖିନି ତେଣୁ ସିନେମା, ଟିଭି, ମୋବାଇଲି ଆଦିରେ ଦେବୀ ଯେମିତି ବେଶ ପୋଷାକ ହୋଇ ଦୃଶ୍ୟମାନ ହୁଅନ୍ତି ତାକୁ ସେମିତି ଦିଶିଲା। ହେଲେ ଯେତେଥର ସିଏ ଧୈର୍ଯ୍ୟର ସହିତ ଦେବୀଙ୍କ ମୁହଁକୁ ସ୍ମରଣ କଲା, ତାକୁ ତା' ସ୍ତ୍ରୀର ମୁହଁ ଦୃଶ୍ୟ ହେଲା। ଅଧିକାଂଶ ସ୍ତ୍ରୀଙ୍କ ପରି ତା' ସ୍ତ୍ରୀ ମଧ୍ୟ ଅଧିକାଂଶ ସମୟ କୋପରୂପା, ଅତଏବ କ୍ରୋଧାନ୍ୱିତା ପତ୍ନୀର ମୁହଁକୁ ଚାହିଁ ସିଏ ଯେବେ ନିମ୍ନମୁଖୀ ହେଲା ଦେଖିଲା ତଳେ ମହିଷାସୁର ଜାଗାରେ ସିଏ ନିଜେ ମ୍ରିୟମାଣ ହୋଇ ବସିରହିଛି। ବାରମ୍ବାର ଏକାନ୍ତ ଭକ୍ତିର ସହିତ ଦେବୀଙ୍କୁ ସ୍ମରଣ କଲା ପରେ ମଧ୍ୟ ଘରଣୀର ମୁହଁବାଲା ଏମନ୍ତ ଦେବୀ ଉପାସନା ତାକୁ ଅକଳରେ ପକାନ୍ତେ ସିଏ ଅନ୍ୟ ଉପାୟ ଚିନ୍ତା କଲା। ଘରଣୀର ମୁହଁ ସହିତ କର୍ଣ୍ଣପ୍ରକମ୍ପନକାରୀ ସ୍ୱର ମଧ୍ୟ ଶୁଣିବାକୁ ମିଳନ୍ତେ ସିଏ ସବୁବେଳେ ଯାହା କରେ ଆଜି ମଧ୍ୟ ସେମିତି କାନରେ ଇୟରଫୋନକୁ ଖୋସିଦେଲା।

**ଭକ୍ତିର ପରୀକ୍ଷା**

ଏଥର ନିଜ ଭକ୍ତିର ଶକ୍ତି ପରୀକ୍ଷା କରିବା ପାଇଁ ସିଏ କାନରେ ଇୟରଫୋନ୍ ଲଗେଇ ବାରମ୍ବାର ଦୁର୍ଗାସ୍ତବ, ଚଣ୍ଡୀପାଠ, ଦେବୀପୁରାଣ ଆଦି ଶୁଣିଲା। କପି କରିବାରେ ତ ସିଏ ମାହିର୍। କପି କରିକରି ଆଜି ସିଏ ବଡ଼ ଅଫିସର ହୋଇଛି। ସେଇଗୁଣକୁ ଆଜି ବି ଛାଡ଼ି ପାରିନି। ତେଣୁ ଏ ସବୁ ଆରାଧନା ପଦ୍ୟାବଳୀକୁ ସିଏ ଶୁଣିବା ସହିତ ଗୁଣୁଗୁଣେଇଲା। ପୂର୍ବରୁ ତା'ର କପିରେ ସନ୍ତୁଷ୍ଟ ହୋଇ ଭାଗ୍ୟଦେବୀ ପ୍ରସନ୍ନ ହୋଇଥିଲେ, ଏଥର ଦୁର୍ଗାଦେବୀ ସ୍ୱୟଂ ଦର୍ଶନ ଦେଲେ।

ସିଏ ସ୍ୱୟଂ ଦୁର୍ଗାଦେବୀଙ୍କୁ ସମ୍ମୁଖରେ ଦେଖି ସହଜରେ ବିଶ୍ୱାସ କଲା ନାଇଁ। କେମିତି ବିଶ୍ୱାସ କରନ୍ତା କହୁ ନାହାନ୍ତି ! ହଇଓ ଆଜିକାଲିର ବ୍ୟସ୍ତବହୁଳ ଦୁନିଆରେ ଯେଉଁଠି ନିଜ ଲୋକମାନେ ବି ଦେଖା ଦେଉନାହାନ୍ତି। ସେଠି ସର୍ବଗ୍ରାହ୍ୟ ଦୁର୍ଗାଦେବୀ ଏମିତି ପୁଣି ପାର୍ବଣ ଋତୁରେ ଯେ ଦେଖାଦେବେ ସେ କଥାକୁ ସିଏ ବିଶ୍ୱାସ କରନ୍ତା ବା କିପରି ?

ସିଏ ଭାବିଲା ଘରଣୀ ବୋଧେ ତାକୁ ପରୀକ୍ଷା କରିବା ପାଇଁ ମେକଅପ ହୋଇ ଦୁର୍ଗା ବେଶରେ ଏମିତି ପ୍ରହସନ କରୁଛି। ଡରେଇ ଧମକେଇ କିଛି ନୂଆ ଗହଣା ନଚେତ ଶାଢ଼ି କିମ୍ବା ଦାମୀ ପୋଷାକ ଝଡ଼େଇବାର ଚକ୍କରରେ ଅଛି ବୋଧେ ! ଅତଏବ ସିଏ ଏହି ଘଟଣାରେ ବେଶି ଉତ୍ସାହ ପ୍ରଦର୍ଶନ

କଲାନାହିଁ।

ତାଆଠାରେ ଏମିତି ନିରୁତ୍ସାହିତ ନୀରବତା ଦେଖି ଦେବୀ ପଚାରିଲେ- ବତ୍ସ... କ'ଣ ଭାବୁଛୁ? ମୋତେ ତୁ ଏତେ ଡାକିଲୁ! ମୁଁ ତୋର ଆରାଧନାରେ ସନ୍ତୁଷ୍ଟ ହୋଇ ଆସିଲି... ହେଲେ କିଛି ନ କହି କି ନ ମାଗି, ତୁ ମୋର ମୂଲ୍ୟବାନ ସମୟଗୁଡ଼ାକ ନଷ୍ଟ କରୁଛୁ କାହିଁକି? କିଛି କାମ ନାହିଁ ତ ମୁଁ ଯାଉଛି। ତେଣେ କେତେକେତେ ବ୍ୟବସାୟିକ ସଂସ୍ଥା ସେମାନଙ୍କର ପୂଜା ସେଲ୍ ପାଇଁ ମୋତେ ବିକଳରେ ପ୍ରାର୍ଥନା କରୁଛନ୍ତି, ଏୟା ଦେବୁ ସେୟା ଦେବୁ ବୋଲି ମନସ୍କାମନା କରି ମୋତେ ଲୋଭ ଦେଖଉଛନ୍ତି! କ'ଣ କହିବାର ଅଛି ଯଦି କହ, ନଚେତ୍ ମୁଁ ଚାଲିଲି।

## ମୋବାଇଲିୟ ପ୍ରାର୍ଥନା

ସିଏ ଏଥର କୁନ୍ଥୁକୁନ୍ଥୁ ହୋଇ କହିଲା- ମାତେ... କ୍ଷମା କରିବେ! କଥା କ'ଣ କି ଏ କଳିଯୁଗରେ ମୋର ଏମିତି କପିକରା ମୋବାଇଲିୟ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଆପଣ ମୋ ସାମ୍ନାରେ ପ୍ରକଟିତ ହେବାଟା ମୋର କ୍ଷୁଦ୍ର ବିବାହିତ ମାନବ ହୃଦୟକୁ ଅବିଶ୍ୱସନୀୟ ମନେ ହେଉଛି! ତେଣୁ ଆପଣ ଯଦି କିଛି ଦେବୀଶକ୍ତିର କିଛି ଝଲକ ଦେଖାନ୍ତେ ତେବେ ମୁଁ ଜାଣନ୍ତି କି ଆପଣ ହିଁ ସ୍ୱୟଂ ମହାମାୟୀ!!

**ମୋତେ କ୍ଷମା କର ମାଆ! ମୁଁ ତୋର ପୁଅ... ହେଲେ... ସାଂସାରିକ ଜୀବନରେ ଘରୁ ବାହାର ସବୁଠି ବାରମ୍ବାର ଧୋକା ଖାଇ ଏମିତି ଅବିଶ୍ୱାସୀ ପାଲଟି ଯାଇଛି!!**

ତା' କଥା ଶୁଣି କ୍ରୋଧାନ୍ୱିତ ଦୁର୍ଗା ପଚାରିଲେ- କ'ଣ ହେଲା ମୋତେ ତୁ ପରୀକ୍ଷା କରୁଛୁ? ହଉ ରହ ବେଟା, ମୋର ତ୍ରିଶୂଳରେ ମହିଷାସୁର ଭଳିଆ ତୋତେ ମଧ୍ୟ ଭୁସି ଏବେ ହିଁ ଦେଖେଇ ଦେଉଛି।

ସିଏ ଏଥର ଭୟରେ ଦେବୀଙ୍କର ପାଦ ତଳେ ଲମ୍ବବତ୍ ପଡ଼ିରହି କହିଲା- ମୋତେ କ୍ଷମା କର ମାଆ! ମୁଁ ତୋର ପୁଅ... ହେଲେ.... ସାଂସାରିକ ଜୀବନରେ ଘରୁ ବାହାର ସବୁଠି ବାରମ୍ବାର ଧୋକା ଖାଇ ଅବିଶ୍ୱାସର ଶିକାର ହୋଇ ଏମିତି ଅବିଶ୍ୱାସୀ ପାଲଟି ଯାଇଛି!!

ଦେବୀ କହିଲେ- ହଉ, ଉଠ୍ ଉଠ୍! ମୋତେ କାହିଁକି ସ୍ମରଣ କଲୁ କହ?

ସିଏ କହିଲା- ସେମିତି କିଛି ସ୍ପେଶାଲ ନାହିଁ କି ଅସୁବିଧାରେ ପଡ଼ି ମୁଁ ତୁମକୁ ଡାକିନି ମା! ପୂଜା ସିଜିନି ଚାଲିଛି ତ, ତେଣୁ ମୁଁ ନିଜକୁ ଖୁସ୍ ରଖିବା ପାଇଁ ଏମିତି କରୁଥିଲି। ଆସିଛ ଯେତେବେଳେ ମୋତେ ଆଶୀର୍ବାଦ କରିଦେଇ ଯାଅ! ମୁଁ ଯେମିତି ସବୁବେଳେ ସୁଖରେ ରହେ!!

ସ୍ମିତହସି ଦେବୀ କହିଲେ- ତେବେ ସନ୍ନ୍ୟାସ ଗ୍ରହଣ କରିବାକୁ ପ୍ରସ୍ତୁତ ତ?

ସିଏ ପଚାରିଲା- ମାନେ?

ଦେବୀ କହିଲେ- ମାନେ ଆଉ କ'ଣ? ବିବାହ କରିବ, ପିଲାଛୁଆ କରି ପରିବାରରେ ରହିବ ପୁଣି ସୁଖରେ ରହିବ? ଏହା କିପରି ସମ୍ଭବ??

ସିଏ କହିଲା- ହଉ... ଏହା ଯଦି ଅସମ୍ଭବ। ଯେତିକି ସମ୍ଭବ ସେତିକି ସୁଖୀ ହେଲେ କରିଦିଅ। ଏ ପୂଜା କମିଟି ବାଲା ଭାଆରି ହଇରାଣ କରୁଛନ୍ତି। ସେମାନଙ୍କୁ ଟିକେ ଜବତ କର। ଯେମିତି ଆପଣଙ୍କର ପୂଜା ଆୟୋଜନ କରିବା ପାଇଁ ସେମାନେ ଆମକୁ ଚାନ୍ଦା ଦେବା ପାଇଁ ଆଉ ଜୋର୍ ଜବରଦସ୍ତି ନ କରନ୍ତି! ସେମାନଙ୍କୁ ଆପଣ ନିର୍ଦ୍ଦେଶ ଦିଅନ୍ତୁ କି ଆମେ ଖୁସିରେ ଯାହା ଦେବୁ, ସେୟାକୁ ନେବେ ଆଉ ସେଇଥିରେ ପୂଜା କରିବେ!

## ପୂଜା ହେବ କେମିତି?

ଦେବୀ କହିଲେ- ତୁ ତ ଭଲ କଥା କହୁଚୁ! ହଇରେ.. ଚାନ୍ଦା ନ ଦେଲେ ମୋ ପୂଜା ହେବ କେମିତି? ତୁ କ'ଣ ଚାହୁଁଚୁ କି କଳାଟଙ୍କାରେ ମୋ ମେଢ଼ ତିଆରି ହେଉ?? ତା ଛଡ଼ା.. ମଦ ପିଆରେ, ସିଗାରେଟ୍ ଟଣାରେ, ଖିଆପିଆରେ ତ ଏତେ ଟଙ୍କା ଉଡ଼ାଉଛ, ହେଲେ ମୋ ପୂଜାପାଇଁ ଟଙ୍କା କେତେ ଦେବାକୁ କାହିଁକି କୁନ୍ଥଉଛ??

ସିଏ କହିଲା- ଖାଲି କ'ଣ ପୂଜା! ସେ ଅଭଦ୍ର ଦ୍ୱିଅର୍ଥବୋଧକ ଗୀତ ସହିତ ଲଙ୍ଗୁଳି ମେଲୋଡ଼ି ନାଚ ବି କ'ଣ ତମେ ଦେଖିବାକୁ ଭଲ ପାଅ?

ତା' ପ୍ରଶ୍ନ ଶୁଣି ଦୁର୍ଗା ଓଲଟି ପଚାରିଲେ- ତୁ କ'ଣ ଭାବିଛୁ? ତୁମେମାନେ ସବୁ ଦିନକୁ ଦିନ ଆଧୁନିକ ହୋଇ ରୁଚି ବଦଳେଇ ଚାଲିଥିବ ଆଉ ଦେବଦେବୀମାନେ ସେମିତି ମରହଟ୍ଟିଆ ହୋଇ

ଥିବୁ ନା କ'ଣ ??

ହାତ ଯୋଡ଼ି ସିଏ କହିଲା- ତୁ ପରା ମାଆ, ଆମେ ସବୁ ତୋ ପୁଅ। ଆମ ଦୁଃଖ ତୁ କେମିତି ସହୁଛୁ? ଏତେ ସବୁ ରୋଗ ବଇରାଗ ଲୋକଙ୍କୁ କାହିଁକି ହେଉଛି ମାଆ? ତୁ କିଛି କରୁନୁ କାହିଁକି?

ଦୁର୍ଗା କହିଲେ- ରୋଗୀ ମୋର ପୁଅ। ଡାକ୍ତର ବି ମୋର ପୁଅ। ତେଣୁ ଦୁଇ ଜଣଯାକର କଥା ଶୁଣିବାକୁ ପଡୁଛି। ତା' ଛଡ଼ା ଜନସଂଖ୍ୟା ଯେତେ ହେଲାଣି ତାକୁ ତ ପୁଣି କମେଇବାକୁ ପଡ଼ିବ କି ନାଇଁ? ହଉ ମୁଁ ଯାଉଛି, ଅଯଥାରେ ତୋ ଘରକୁ ଆସି ଗୁଡ଼ାଏ ସମୟ ନଷ୍ଟ କଲି। ଆଗକୁ ଆଜିର ସବୁ ପ୍ରୋଗ୍ରାମଗୁଡ଼ାକ ମୋର ପଛୁଆ ଚାଲିବ।


ସିଏ ଦୁର୍ଗାଙ୍କର ପଥ ରୋକି କହିଲା- ମାଆ.. ଆଉ ଗୋଟେ କଥା କହିଦେଇ ଯାଅ ମାଆ!

ଦୁର୍ଗା ପଚାରିଲେ- କ'ଣ?

ସିଏ କହିଲା- ସବୁବେଳେ ଦଶହରା ପୂର୍ବରୁ ଓଡ଼ିଶାକୁ ଗୋଟେ ଗୋଟେ ବାତ୍ୟା କାହିଁକି ପଠାଇଥାଅ?

**ବାତ୍ୟା ମାହାତ୍ମ୍ୟ**

ଦେବୀ କହିଲେ- କ'ଣ ଆଉ କରନ୍ତି। ଯୁଆଡ଼େ ଦେଖିବୁ ସିଆଡ଼େ ମୋର ମେଢ଼ ଗଢ଼ା ହେଉଛି। ପୂଜା ଆୟୋଜନ ହେଉଛି। ହେଲେ ଚତୁର୍ଦ୍ଦିଗ ଅପରିଷ୍କାର। ପୂଜାମେଢ଼ ଚାରିପଟୁ ସିନା ଓଳେଇ ଦେଉଛନ୍ତି କିନ୍ତୁ ଦୂରରୁ ମଧ୍ୟ ଗନ୍ଧ ଭାସି ଆସୁଛି ନା ନାଇଁ? ତେଣୁ ମୁଁ ବାଧ୍ୟ ହୋଇ ବାତ୍ୟାକୁ ପଠାଉଛି। ବାତ୍ୟାର ପବନ। ଏକାଥରକରେ ଚତୁର୍ଦ୍ଦିଗ ଓଳେଇ ଦେଇ ଯାଉଛି। ତା' ପରେ ମୂଷଳ ଧାରାରେ ବର୍ଷା ଚାରିଆଡ଼ ଧୋଇଧାଇ ଦେଉଛି।



ସିଏ କହିଲା- ଓହ.. ଆପଣଙ୍କର ଲାଭ ଆଉ ଆମର କ୍ଷତି!! ଝଡ଼ବର୍ଷାରେ କେତେ ଜୀବନ ମଧ୍ୟ ସଫା ହୋଇ ଯାଉଛି ମାଆ!

ତା' କଥା ଶୁଣି ଜିଭ ଲହଲହ କରି ଦେବୀ କହିଲେ- କ'ଣ ଆଉ କରିଥାଆନ୍ତି... ଆଇନକାନୁନ କଟକଣା କରି ମୋର ବଳି ପ୍ରଥାଟା ତ ବନ୍ଦ କରିଦେଲ!!

ହଉ... ମୁଁ ଆସୁଛି!

ଦୁର୍ଗାଦେବୀ ଯିବା ପାଇଁ ଅଗ୍ରସର ହୁଅନ୍ତେ ସିଏ କହିଲା- ନାଇଁମ.. ଏମିତି ଠିଆରେ ଠିଆରେ ଚାଲିଯିବ? ରୁହ ରୁହ ମାଆ...! କ'ଣ ଦିଇଟା ଖାଇଦେଇ ଯିବ....!!

ଘରଣୀଙ୍କ ରଡ଼ିରେ ତାଆର ନିଦ ଭାଙ୍ଗିଗଲା। ସିଏ ବହୁଗୁଣିତ ସ୍ୱରରେ କହୁଥିଲେ- ଦିନ ବେଳଟାରେ ଶୋଇରହି କେତେ ବାଉଳି ଚାଉଳି ହେଉଛ ମ...! ପୂଜା ଛୁଟିରେ ବୁଲିଯିବା ପାଇଁ ବ୍ୟାଗ୍ ଓ ସ୍ନାକ୍ସ କିଣିବାକୁ ବଜାର ଯିବା ପରା!! ନା ପୂଜା ଖର୍ଚ୍ଚ ଡରରେ ଚେଇଁକି ଶୋଇଛ ମ?

□□

ଲେଖକଙ୍କ ଇ-ମେଲ ଠିକଣା:
dr.kulangar@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




Search **Sahitya Charcha**
on Play Store

ଆପଣଙ୍କ ମୋବାଇଲ ଫୋନ୍‌ର 'ପ୍ଲେଷ୍ଟୋର'ରୁ 'ସାହିତ୍ୟ ଚର୍ଚ୍ଚା'ର ଆପ୍ ଡାଉନ୍‌ଲୋଡ୍ କରନ୍ତୁ, ଏଥିରେ ପ୍ରକାଶିତ ରଚନାମାନ ସୁବିଧାରେ ପଢ଼ିବା ପାଇଁ।



ଗଳ୍ପ

# ଲୁଗାକାନି

ଆରତୀ ସାହୁ

ବୋଉ ମଲାଣି କୋଉ ଦିନୁ। ତାକୁ ମନେ ପକାଇ କାନ୍ଦିବାକୁ ଚାହୁଁଥିଲେ ବି ଆଖିକୁ ଚିପୁଡ଼ିଲେ ହେଲେ ଟୋପେ ଲୁହ ବାହାରୁନି। ଦୁଃଖଟା ଧୀରେ ଧୀରେ ଦିହେଇଯାଏ, ଚେମଡ଼ିଆ ହେଇ।

ଲୁହ ନ ବାହାରିଲେ ହିଁ ଭଲ। ବୋଉ ନାହିଁ କି ବୋଉର ଲୁଗାକାନି ନାହିଁ ସେ ଲୁହକୁ ପୋଛି ଦେବାକୁ।

କପବୋର୍ଡମାନଙ୍କରେ ଶାଢ଼ିର ଚିହ୍ନବର୍ଣ୍ଣ ନାହିଁ। ଜାଗା ମାଡ଼ି ବସିଛନ୍ତି ସମ୍ଭ୍ରାନ୍ତ ଶ୍ରେଣୀର କ୍ଷୁଦ୍ର ଆଉ ବୃହତ୍ ଆଧୁନିକ ପୋଷାକମାନ।

ଶାଢ଼ି, ଲୁଗାକାନି ଓ ମଣିଷ ପରି ସମ୍ପର୍କମାନେ ମଧ୍ୟ ବଦଳି ଯାଇଛନ୍ତି।

ପଛ ବାଲକୋନୀ ସାମ୍ନାରେ ଅନାବାଦୀ ଜମିଟାକୁ ମାଡ଼ି ବସିଛନ୍ତି ପୁଞ୍ଜାଏ କେଳା ପରିବାର। ଉଠା ନଡ଼ିଆ ପିଞ୍ଚା ତିଆରି ଘର। ଭାଙ୍ଗିଗଲେ କୋଉ ଦରଜ ହେବ ଛାତିକୁ ନା କୋଉ ତିଆରି କରିବା ଅସହଜ? ଫି ବର୍ଷ ଭୋଟହାଓ୍ୱାରେ ଭାଙ୍ଗୁଛି, ପୁଣି ଭୋଟ ଦୟାରୁ ଗଢ଼ି ମଧ୍ୟ ଉଠୁଛି।



ବିତ୍ତଶାଳୀ ଲୋକଙ୍କର ସିନା ଛାତି ଦୋହଲିଯାଏ, ମାତ୍ର ଦୁଇ ରିକ୍ଟର୍ ସ୍କେଲ୍‌ର ନିଉଛୁଣିଆ ଭୂମିକମ୍ପଟାଏ ଆସିଲେ! ସେମାନଙ୍କର କିନ୍ତୁ ନିଧଡ଼କ୍ ନିଦ; ଭୂମିକମ୍ପ ଆସୁ କି ବଢ଼ିପାଣି ପଶିଯାଉ ସେଇ ଚାଖଣ୍ଡେମିତି ଘର ଭିତରେ ପରୁଆ ନାହିଁ। ଆଜି ଭାଙ୍ଗିଗଲେ କାଲି ଠିଆ କରିଦେବେ କମର୍ ଭିଡ଼ି। ଏଠାରୁ ତଡ଼ିଲେ ଆଉ ଗୋଟେ ଜାଗାରେ ଗଢ଼ିଦେବେ ନଡ଼ିଆ ପିଞ୍ଚା, ତାଳ ବରଡ଼ା, ବାହୁଙ୍ଗା, ଚାଞ୍ଚରା, ତାଳପତ୍ର ଲଗେଇ। ବାଲିଛତ୍ରୁ, କାଠଛତ୍ରୁ ଏମାନେ। ଯୋଉଠି ହେଲେ ଉଧେଇବେ। ବାଇ ଚଢ଼େଇର କ'ଣ ଯାଏ .....

ପଡ଼ିଆରେ ମାଳ ମାଳ ଲୁଗା ଶୁଖୁଛି ରଶିରେ। ମୋର ଇଚ୍ଛା ହୁଏ ସେହି ଲୁଗାମାନଙ୍କ ମଝିରେ ଖେଳନ୍ତି, ତାଙ୍କୁ ଧରି ଦୋଳି ଝୁଲନ୍ତି, ଯେମିତି ଆମ ବାଡ଼ି ଅଗଣାରେ ଝୁଲି ଝୁଲି ଲୁଗାଶୁଖା ଦଉଡ଼ି ଛିଣ୍ଡେଇ ଦେଉଥିଲି, ଆଉ ବଡ଼ ନାନୀ ଦଉଡ଼ି ଆସି କାନଟିକୁ ମକଚି ଦେଉଥିଲା ତ ସାନନାନୀ ମୋତେ ଆଡ଼ କରି ପକାଉଥିଲା। ଏକ ଦୁର୍ବାର, ଅସମ୍ଭବ ସ୍ୱପ୍ନଟାଏ ଦେଖେ, ସେହି ନଡ଼ିଆ ପିଞ୍ଚା ଘେରାଉ ଦାଣ୍ଡପିଣ୍ଡାରେ ବସି ହଜିଯାଇଥିବା ସମ୍ପର୍କର ବାସ୍ନାକୁ ଶୁଙ୍ଘନ୍ତି। ତାଙ୍କ ସହିତ ଏକାକାର ହେଇ ଯାଆନ୍ତି। ବଡ଼ ମାଟିଆ, ଗାଉଁଲିଆ ମନଟାଏ ମୋର ସତରେ!

ଅଲଗା ଦିନ ତ ଅଫିସରେ କଟିଯାଏ। ରବିବାର ଦିନଟା ମୋର ଏଇ ବାଲକୋନୀ ଛଡ଼ା ଗତି ନାହିଁ। ମିସେସ୍‌ଙ୍କୁ ସମୟ କାହିଁ? ବଡ଼ଘର ଝିଅ, ଖାଲି ଉଚ୍ଚପାହ୍ୟା ଚାକିରି ଦେଖି ତାଙ୍କ ବାପା ଛନ୍ଦି ଦେଇଥିଲେ ଯାହା। ନ ହେଲେ ବଡ଼ ବ୍ୟସ୍ତ ଲୋକ ସିଏ। କେତେ ସଭା ସମିତିର ଚେୟରପର୍ସନ୍, ପ୍ରେସିଡେଣ୍ଟ। ଆମ ପରି ମଲିମୁଣ୍ଡିଆଙ୍କ ପାଇଁ ସମୟ କାହିଁ, ଯିଏ ନିଜର ଗାମୁଛା ପିନ୍ଧାକୁ ଛାଡ଼ି ପାରିନାହିଁ ଏଯାଏଁ।

- ଭଲ ଗେଟ୍‌ଅପ୍‌ରେ ରହିବ, ନ ହେଲେ ବାହାରକୁ ବାହାରିବ ନାହିଁ। ଆମ ଘରେ ମହିଳା ସମିତିର ମିଟିଂ ଅଛି ଆଜି।

ଆଗରୁ କାଇଦା କଟକଣା ବତେଇ ଦିଆ ହୁଏ, କେବେ କେବେ ଯଦି ମହିଳା ସଭାସମିତି ଆୟୋଜିତ ହୁଏ ଆମଘରେ। ମୋର ମଧ୍ୟ କୋଉ ଗରଜ ଥାଏ।

ପୁଅ ତ ବୋର୍ଡିଂରେ। ଆଠ ବର୍ଷର ଝିଅକୁ ବି ଫୁରସତ ଦିଆ ହୁଏନାହିଁ। କେବେ କରାଟେ, କେବେ କଥକ, କେବେ ଜିମ୍ନାଷ୍ଟିକ୍। ମୁଁ ହିଁ ଏଠି ବେକାର ଦରବଟିଏ।

କେବେ କେବେ ଝିଅ ଲିଜା ଥିଲେ ମୋ ପାଖରେ ବସେ ସେହି ବାଲକୋନୀରେ। ସେ ବି ଉପଭୋଗ କରେ କେଲାମାନଙ୍କର ଦିନଚର୍ଯ୍ୟା।

ସେମାନେ ତଳେ ଚୁଛା ଭୂଇଁ ଉପରେ ବସି ମହାନନ୍ଦରେ ଗୋଲେଇ ହେଇ ଖୋଲା ଆକାଶ ତଳେ, ଚନ୍ଦ୍ରାଲୋକରେ ବସି ସମୂହ ଭୋଜନ କରନ୍ତି। ରସ ବେଲାମାନଙ୍କରେ ଉଛୁଉଛୁଳିଆ ପଖାଳ ତୋରାଣି। ପାଉଁଶ ମଜା ରୁପା ପରି ଝଲଝଲିଆ ବାସନରେ ଧଳା ପିନ୍ ପିନ୍ ଭାତ। ମଝିରେ ରସ ଥାଳିଆରେ କୋଲେ ଦିକୋଲା ପିଆଜ ରସୁଣ, ଆଉ ଗୋଟେ ଗିନାରେ ତେନ୍ତୁଳି ପାଗ, କଦବାୟ କେମିତି ମାଛ, କୁକୁଡ଼ା ଓ ମାଂସ ମଧ୍ୟ ରନ୍ଧା ହୁଏ। ଓଃ, ପରମ ଆନନ୍ଦରେ ସୁଡ୍ରୁକି ଯାଉଥାନ୍ତି, ସତେକି ଅମୃତ ମଣୋହି! ମୋ ପାଟିରୁ ଲାଳ ବହିପଡ଼େ। ଲିଜା ବି ଓଠକୁ ଜିଭରେ ଆଉଁସିଆଣେ।

**ମୁଁ ବାରବେକ୍ୟୁ ନେସନ୍ ଗଲେ ମଧ୍ୟ ଏହି ତୃପ୍ତିଟା ତ ଚାଖି ପାରେ ନାହିଁ। ଭୋକକୁ ମଣେଇ ରଖିବା ଏକ ସିଦ୍ଧ କଳା।**

କାହିଁ, ମୁଁ ବାରବେକ୍ୟୁ ନେସନ୍ ଗଲେ ମଧ୍ୟ ଏହି ତୃପ୍ତିଟା ତ ଚାଖି ପାରେ ନାହିଁ। ଭୋକକୁ ମଣେଇ ରଖିବା ଏକ ସିଦ୍ଧ କଳା। ଏଇ କେଳା ବା ମୂଲିଆ, ମଜୁରିଆ ଜାତୀୟ ଜୀବମାନେ ସେହି କଳାକୁ ଠିକ୍ ଆୟତ୍ତ କରି ଜାଣନ୍ତି। ତାକୁ ବଶରେ ରଖନ୍ତି। ତାକୁ ସାଇତି ରଖନ୍ତି ମନ ଭିତରେ ଅତି ଆଦରରେ। ଆଉ ଆମେ? ଦିନକୁ ଦଶଥର ସ୍ନାକ୍ସ, କୋଲ୍ଡ୍ରିଙ୍କ। ଭୋକ କଦବଦ ହେଇଯାଏ। ତେଣୁ ଭୋଜନ ସମୟରେ ଶୋଇପଡ଼େ ନିଝାଳିଆ ହେଇ।

କେଲାଟି ଖାଇସାରି ମୁହଁ ଧୁଏ। ତା'ପରେ ମୋର ଚିର ପ୍ରତୀକ୍ଷିତ ଦୃଶ୍ୟଟିଏ। କେଲୁଣି ପାତିଦିଏ କାନି। କେଲା ପୋଛେ ହାତ ମୁହଁ। ଓଃ କି ନିରୋଳା ପ୍ରେମ, କି ଚମତ୍କାର ସମ୍ପର୍କ, କି ଈର୍ଷଣୀୟ ଆନନ୍ଦ!

କେବେ ଅତୀତରେ ମୋର ଗୋଟେ ବୋଉ ଥିଲା। ଜଣେ ଦମଦାର ବାପା ବି ଥିଲେ। ଥିଲେ ଚାରି ଚାରିଟା ସାଧବ ବୋହୂ ପରି ନାଲି ଟୁକୁ ଟୁକୁ ଓଠ ଥିବା ସୁନ୍ଦରୀ ବଡ଼ ଭଉଣୀ। ଯାହାଙ୍କ ପାଖରେ ନ ଥିଲା ଲଜ୍ଜା ଘୋଡ଼େଇବା ପାଇଁ ଯଥେଷ୍ଟ ଆବରଣ। ଭୋର ମହଳଣ ଅନ୍ଧାରରେ ଆଉ ସଞ୍ଜବୁଡ଼ର ମାଛି ଅନ୍ଧାରରେ ସେମାନେ ଦାଣ୍ଡେ ଦାଣ୍ଡେ ଯାଉଥିଲେ ନିତ୍ୟକର୍ମ ପାଇଁ। ତଥାପି ବୋଉ ଆଉ ନାନୀମାନଙ୍କର ଛିଣ୍ଡା କାନି ଲମ୍ଭି ଆସୁଥିଲା ମୋର ହାତ ମୁହଁ ପୋଛିବା ଲାଗି। ହଳଦିଆ ହେଇ ଯାଉଥିଲା ତାଙ୍କର ପିନ୍ଧା କାନି।

କେବଳ ମୋର ଅଇଁଠା ମୁହଁ, ଅଇଁଠା ହାତ ନୁହେଁ ବାପାଙ୍କର ଦେହ ମୁହଁରୁ ନିଗିଡ଼ି ପଡୁଥିବା ଝାଳପାଣିକୁ ମଧ୍ୟ ଶୁଖେଇବାର ବେଜାଏଁ ତାକତ୍ ରଖୁଥିଲେ ସେ ଛିଣ୍ଡା କୋତରା କାନିମାନେ।

ଭିତରର ବାମ୍ଫ ତରଳି ମୋ ଆଖି କୋଣରେ ଜକେଇ ଆସେ ଦୁଇ ଟୋପା ପାଣି। ମୋ ଝିଅ ଲିଜା ଏସବୁ କେବେ ନିଖିରେଇ ଦେଖିଥିଲା କେଜାଣି?

ସେଦିନ ଭାତ ଖାଇ ହାତ ଧୋଇ ସାରିବା ପରେ ବଢ଼େଇ ଦେଉଥିଲା ତା'ର ପିନ୍ଧା ଜାମା। ମୁଁ ଲୁହପାଣିରେ ଅନ୍ଧ ହେଇ ଯାଉଥିଲି।

ଓଃ ଲିଜା ! କୁନି ମାଆଟା ମୋର!

□□


ଲେଖିକାଙ୍କ ଇ-ମେଲ ଠିକଣା:
sahooarati10@gmail.com




**'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି**

**Visit**

**www.sahityacharcha.com**



ପ୍ରବନ୍ଧ

# ଓଡ଼ିଆ ପତ୍ରପତ୍ରିକା: କୁଟୁମ୍ବଙ୍କୁ ଲାଜ

କାଳୀଚରଣ ଦାସ

ସବୁ କଥା କଅଣ କହି ହୁଏ! ଏମିତି କେତେ କଥା ରହିଛି- ଯାହା କହି ହୁଏ ନାହିଁ କି ସହି ହୁଏ ନାହିଁ। ପୁଣି 'ନ କହିଲେ କୁଳ ଭାସି ଯାଉଛି' ଚିନ୍ତିଲା ବେଳକୁ ତୁଣ୍ଡ ଖୋଲିଲେ ମୁଣ୍ଡ କାଟର ରହିଛି ଭୟଙ୍କର ପ୍ରମାଦ। ହେଲେ 'ସତ କହି ପଛେ ମଲେ ମରିବି,' ଗୁରୁଜନଙ୍କୁ ଅମାନ୍ୟ କରିବି- ପୁଣି ଏ ବୟସରେ; କାହା ଭୟରେ! କୋଉ ସ୍ୱାର୍ଥରେ!



ମୁଁ କୁହେ ନାହିଁ, ଲେଖେ। କହିବା, ଲେଖିବା- ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ମୁଁ କିନ୍ତୁ ଏମିତିରେ ଲେଖେନାହିଁ। ଯେମିତି ବଡ଼ ଅବଧାନମାନେ କହନ୍ତି- ସେମାନଙ୍କୁ କୁଆଡ଼େ ଲେଖା ମାଡ଼େ; ମୋତେ କିନ୍ତୁ ଲେଖା ଆଦୌ ମାଡ଼େ ନାହିଁ। ବନ୍ଧୁ ପ୍ରତିମ କିଏ ଜଣେ ଯଦି ବାରମ୍ବାର 'ଲେଖ, ଲେଖ' କହିଲା- ତା' ହେଲେ ମୁଁ ଦୁଇ ଚାରି ପୃଷ୍ଠା ଲେଖି ପକାଏ। କଅଣ ଲେଖିଲି - ସେ ବିଚାର ପାଠକଙ୍କର - ଦିଅଁ ନା ମାଙ୍କଡ଼। ଅତିଥି କଳାକାର ଭଳି କେବେ କବିତା ଲେଖୁଥିବାର ମୁଁ ମଞ୍ଚ ମଣ୍ଡପରେ ନାହିଁ, କି ଚର୍ଚ୍ଚାରେ।

ପ୍ରାୟ ସବୁ ଲେଖକଙ୍କର ଗୋଟିଏ ଭାଷା- ଲେଖା ମୋର ପେସା ନୁହେଁ ନିଶା। ପେସା କଲେ କଅଣ ପେଟ ପୋଷି ହେବ ଏ ନଅଙ୍କିଆ ରାଜ୍ୟରେ! ଏ ନିକୁଛିଆ ବେଉସାରେ ମାତି କିଏ କାହିଁକି ବଅଁସ ବୁଡ଼ାଇବ। ଲେଖିବା ମୋର ବୃତ୍ତି ନୁହେଁ କି ପ୍ରବୃତ୍ତି। ମୁଁ ଜଣେ ସଉକିଆ ଲେଖକ। ଏ ବଦଭ୍ୟାସ ମୋର ଯୁବାବୟସରୁ। ସବୁ ସଚେତନ ଯୁବକର ସମାଜରେ ଏକ ସ୍ୱତନ୍ତ୍ର ପରିଚିତି ହାସଲ କରିବା ପାଇଁ ନାନା ପଥ ଓ ପନ୍ଥା ଆଡ଼କୁ ମନ ଡଙ୍କାଏ। ଦେଉଳ ତୋଳିବା ଠାରୁ ବାଟରେ ଛେରିବା ଭଳି ନାନା କର୍ମରୁ- ଯାହାକୁ ଯାହା ଘେନା ହେଲା, ସେଇ ଭେକରେ ସଜେଇ ହେଲା। ମାନ୍ୟବର ଲେଖକଟିଏ ହେବା ମଧ୍ୟ ଜନ୍ମ ନିଏ ସେଇ ସୃଜନ ସ୍ୱପ୍ନରୁ।

**ପେଟ ଶୀତଳିଆଙ୍କ ସାହିତ୍ୟ**

ଲେଖକଟିଏ ହେବା ପେଟ ଶୀତଳିଆଙ୍କ କାମ, ଭୋକ ଉପାସିଆଙ୍କର ନୁହେଁ। ତେଣୁ ଆମ ରାଜ୍ୟରେ ଲେଖି ଲେଖି କରଣ ହେବା କାହାର ଅବଲମ୍ବନ ନୁହେଁ। କିଞ୍ଚିତ ସାମାଜିକ ପ୍ରତିଷ୍ଠା, ଉତ୍ତମ ରୋଜଗାର ସ୍ରୋତ ପକ୍କା ହୋଇଯିବା ପରେ ତାଙ୍କୁ ଅହୋରାତ୍ର ସାହିତ୍ୟ ସ୍ୱପ୍ନେଇବ- ଫୁଲ ଫଳ କଷି ଧରିବ। ସମ୍ମାନାସ୍ପଦ ହେବା ଲକ୍ଷ୍ୟ ସମ୍ଭାବନାମୟ ହୋଇଯିବ ଲେଖକଟିର - ସେ ବାଟ ଅବାଟ ମାଡ଼ି ଚାଲିବ। ସାମାଜିକ ପ୍ରତିଷ୍ଠା କାରଣରୁ ପ୍ରତିଷ୍ଠିତ ସାହିତ୍ୟିକଟିଏ ହେବା ପଥ ସୁଗମ ହୋଇଯିବ। ଯିଏ ଯେତେ ଭଲ କର୍ମ କଲା, ତା' ଚାଷବାସ ସେତେ ଉଠିଆ। ଆମଦାନୀ କରା ସାର, ବିହନ ପ୍ରୟୋଗ

କରିପାରିଲେ କ୍ଷେତରେ ଲହରେଇବ ସୁନାର ଫସଲ। ବାନା ବିଖ୍ୟାତ ହୋଇଯିବ। ଏମିତି ଭାଗ୍ୟବାନଙ୍କ ସଂଖ୍ୟା କମ୍।

ସଂଖ୍ୟାଗରିଷ୍ଠ ସ୍ୱପ୍ନଜୀବୀ ଲେଖକ ଏମିତି କଅଣ 'ନେଇ ଆଣି ଥୋଇ ପାରନ୍ତି।' ଗିରିଶୃଙ୍ଗେ ଲୟ ରଖି ଚାଲୁ ଚାଲୁ ଅଧବାଟରେ ରହିଯାଆନ୍ତି ନିଅଣ୍ଟ ବୁଦ୍ଧିଆମାନେ। ଘାସକୁ ଲମ୍ବ ପାଳକୁ ଛୋଟ ହୋଇ ଲେଖକ ଗହଳରେ ମୁହଁ ଦେଖାଇବା ଅପଚେଷ୍ଟାରେ ଯାଏ ବର୍ଷ ପରେ ବର୍ଷ। ଈଶ୍ୱର ଏମିତି ବିଚିତ୍ର କଳାକାର, ଯାହା ଘରେ ସଂପତ୍ତି, ସମ୍ବଳ ଫାଟି ପଡୁଛି, ତା' ଘରେ ଖାଇବାକୁ ପାଟି ନାହିଁ, ଅଥଚ ଯାହା ଘରେ ଖାଇବାକୁ ଦଶଟା ପାଟି ସେଠି ଠନ୍ ଠନ୍ ମଦନଗୋପାଳ। କପାଳ ଫାଟି ଦି' ଫାଳ। ଏମିତି ଭାଗ୍ୟ, ଭବିଷ୍ୟତରେ ଛନ୍ଦି ହୋଇ ଆଶା ବୈତରଣୀ ପାରିହେବା ସ୍ୱପ୍ନକୁ ଉଜ୍ଜୀବିତ ରଖିବା ସାର ହୁଏ।

ଆମ ରାଜ୍ୟରେ ଲେଖକୀୟ ସମ୍ମାନ ରକ୍ଷା କରିବାରେ ରହିଛି ନାନା ପ୍ରତିବନ୍ଧକ। ଆମ ରାଜ୍ୟ ଆଉ ଗଙ୍ଗାଠାରୁ ଗୋଦାବରୀ ନୁହେଁ, ସୁବର୍ଣ୍ଣରେଖାରୁ ଋଷିକୂଲ୍ୟା ଭିତରେ ସୀମାବଦ୍ଧ। ଚାରିଶହ ପଚାଶ ଲକ୍ଷ ଜନସଂଖ୍ୟା। ଖବରକାଗଜ, ପତ୍ରପତ୍ରିକା ପଢ଼ନ୍ତି କେତେଜଣ ? ପଠନ ଅଭ୍ୟାସ ନ ଥିବା ଏ ରାଜ୍ୟରେ ତିନି ଲକ୍ଷ ସମ୍ବାଦପତ୍ର କାଟତି ଅଛି କି ନା ସନ୍ଦେହ। ମାଗାଜିନ ସଂଖ୍ୟା ଖଣ୍ଡେ ଦି'ଖଣ୍ଡକୁ ବାଦ୍ ଦେଲେ ପାଞ୍ଚ ଶହ ଅତି ବେଶିରେ। ଆଉ ପୁସ୍ତକ ? ତା' ଅବସ୍ଥା ବି ବେହାଲ। ପ୍ରତିଷ୍ଠିତ ପ୍ରକାଶକଙ୍କ ଆଖି ରାଜା ରାମମୋହନ ଫଣ୍ଡରେ। ଦାମୀ ନାମୀ ଲେଖକ କେତେଜଣଙ୍କୁ ଛାଡ଼ି ସେ ସାଧାରଣ ଲେଖକଙ୍କୁ ପାଖରେ ପୂରାଇ ଦେଇ ନାହାନ୍ତି। ଆଉ ଯେଉଁମାନଙ୍କ ବହି ଛପାଯାଉଛି ସେମାନଙ୍କୁ ଆଦାନପ୍ରଦାନ ଉପରେ ନିର୍ଭର କରିବାକୁ ପଡୁଛି। ହାତରୁ ଖାଇ ଘୋଡ଼ା ଆଗରେ ନାଚିବା ଯଶପ୍ରାର୍ଥୀଙ୍କ ପାଇଁ ରାଜ୍ୟରେ ମାଳମାଳ ଚୁଲି ଚାଳ ନ ଥିବା ପ୍ରକାଶକ। କେତେକ ଲେଖକ ମଧ୍ୟ ବେନାମୀ ପ୍ରକାଶନ ସଂସ୍ଥା ଖୋଲିଛନ୍ତି। ଲେଖକଠାରୁ ସମ୍ପୂର୍ଣ୍ଣ ଛପା ଖର୍ଚ୍ଚ ନେଇ କୋଡ଼ିଏ ପଚାଶ ଖଣ୍ଡ ବହି ଧରାଇ ଦିଅନ୍ତି। ଏମାନେ ମଧ୍ୟ ଟାକି ବସିଥାନ୍ତି ଲାଇବ୍ରେରୀ ସପ୍ଲାଇକୁ। ଏସବୁ ବହି ପ୍ରାୟତଃ ବଜାରରେ ଉପଲବ୍ଧ ନ ଥାଏ। ଲେଖକ ନିଜ କାରିଗରିର ଲମ୍ବା ତାଲିକା ଦେଖି ଆତ୍ମସନ୍ତୋଷ ଲାଭ କରନ୍ତି, ଆଉ ଯାହାର ବଡ଼ ଚାକିରି କି ଉପୁରି ନ ଥାଏ- ସେ ଦରିଦ୍ର ପଞ୍ଚାକ୍ଷର ଭଜିବା ସାର ହୁଏ।

**ରୀତିମତ ଅନିୟମିତତା**

ଲେଖକଟିଏର ଆତ୍ମପ୍ରକାଶ ଘଟିଥାଏ ପତ୍ରପତ୍ରିକାରୁ। କେତେକ ଧନବାନ ପତ୍ରିକା ସଂସ୍ଥାକୁ ଛାଡ଼ିଦେଲେ ବାକି ସମସ୍ତେ ପକ୍ଷାଘାତ ପୀଡ଼ିତ। ରୀତିମତ ଅନିୟମିତ। ଅର୍ଥ ଅନର୍ଥ ହେଉଛି କାଳ। ଛପାଖର୍ଚ୍ଚ ଉଠେନି ବିକ୍ରି ଲବ୍ଧ ଅର୍ଥରୁ। 'ଆକାଶ କଇଁଆ ବିଜ୍ଞାପନ' ହେଲା ଏକମାତ୍ର ଭରସା। ସମସ୍ତେ କେଉଁଠି ଯୋଗାଡ଼ି ପାରୁଛନ୍ତି ? ଏଭଳି ସ୍ଥିତିରେ ଲେଖକଙ୍କୁ ପ୍ରାଧାନ୍ୟ ଦେବା ଲକ୍ଷ୍ୟରୁ ଅପସରି ଯାଉଛନ୍ତି ପ୍ରକାଶକ ଓ ପାଠକ। ଅଧିକ ପାଠକ ସୃଷ୍ଟି କରିବା ସମ୍ଭବ ହେଉ ନ ଥିବାରୁ ଦୁର୍ଦ୍ଦଶାଗ୍ରସ୍ତ ଓ କ୍ଷଣଜନ୍ମା ହେବା ସ୍ୱାଭାବିକ।

**ଲେଖା ଓ ଲେଖକକୁ ଲୋକଲୋଚନକୁ ଆଣିବାରେ ରହିଛି ପତ୍ରପତ୍ରିକାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା। ସାହିତ୍ୟ ଓ ସାହିତ୍ୟସ୍ରଷ୍ଟାମାନଙ୍କର ଭିତ୍ତିସ୍ଥାପନ ହୋଇଥାଏ ପତ୍ରପତ୍ରିକାରୁ।**

ପତ୍ରିକାମାନେ ପାଠକ ସୃଷ୍ଟି କରନ୍ତି, ଲେଖକ ବି। ଇଏ ହେଉଛି ପତ୍ରିକାର ଧର୍ମ। ସମ୍ପ୍ରତି ସ୍ୱଳ୍ପସଂଖ୍ୟକ ଲେଖକ ପତ୍ରିକାରେ ସ୍ଥାନିତ ହେଉଥିବାବେଳେ, ସଠିକ୍ ପରିସଂଖ୍ୟାନ ନ ଥିଲେ ବି କଲମ ଧରିଥିବା ମାନ୍ୟତା ଆଶାୟୀଙ୍କ ସଂଖ୍ୟା ହଜାର ହଜାର କହିଲେ ଅତ୍ୟୁକ୍ତି ହେବନି। ଏ ଲେଖକମାନଙ୍କୁ ଏ ସାହିତ୍ୟ ଭବସାଗରରୁ ଉଦ୍ଧାର କରିବ କୋଉ ଭଗୀରଥ !

ସାହିତ୍ୟ ପାଇଁ ଓଡ଼ିଶାର ମାଟି ଅନୁକୂଳ ନୁହେଁ। ଅନୁର୍ବର ଚାଷଜମିକୁ ସର୍ବସ୍ତରରେ ସଚେତନତାର ଅଭାବ। ପ୍ରକାଶକ ହୁଅନ୍ତୁ କି ସମ୍ପାଦକ, ଲେଖକ ହୁଅନ୍ତୁ ଅଥବା ବିତରକ- ସମସ୍ତଙ୍କର ସାହିତ୍ୟପ୍ରୀତି ରହିବା, ସାହିତ୍ୟକୁ ଯଥୋଚିତ ସମ୍ମାନ ଦେବା ଉଚିତ। ଅର୍ଥ ଓ ସମ୍ମାନ ପଛରେ ଧାଇଁଲେ- ସାହିତ୍ୟ ଉତ୍କର୍ଷତା ଲାଭ କରିପାରିବ ନାହିଁ।


ଲେଖା ଓ ଲେଖକକୁ ଲୋକଲୋଚନକୁ ଆଣିବାରେ ରହିଛି ପତ୍ରପତ୍ରିକାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା। ସାହିତ୍ୟ ଓ ସାହିତ୍ୟ ସ୍ରଷ୍ଟାମାନଙ୍କର ଭିତ୍ତିସ୍ଥାପନ ହୋଇଥାଏ ପତ୍ରପତ୍ରିକାରୁ। ଯଦି ପତ୍ରିକାମାନଙ୍କର ଭିତ୍ତିଭୂମି ଅସଜଡ଼ା, ଅବ୍ୟବସ୍ଥିତ ହେଲା, ଆଗକୁ ବଢ଼ିବାରେ ରାସ୍ତା ସଂକୁଚିତ ହେବ। ଆମ ଭାଗ୍ୟ,

ଆମ ସାହିତ୍ୟର ପ୍ରଶଂସା ବଖାଣି ଆମେ ଯେତେ ଚିତ୍କାର କଲେ ବି ଯେଉଁ ତିମିରକୁ ସେଇ ତିମିରରେ।

ସାହିତ୍ୟ ପତ୍ରିକାମାନେ ଯେହେତୁ ସ୍ରଷ୍ଟା ଓ ସୃଷ୍ଟିର ଅଗ୍ରଦୂତ, ସେମାନଙ୍କ ଉପରେ ଟିକିଏ ଦୃଷ୍ଟିପାତ କରିବା। ପତ୍ରପତ୍ରିକା ସମ୍ପର୍କରେ ବଖାଣିବା ଗୋଟାଏ ଗହନ ପାଠ। କେତେ ମୁଣ୍ଡି ମହାଜନ, ଆଜ୍ଞା, ଅବଧାନଙ୍କ ରାଜୁତି ରାଜପଣକୁ ବର୍ଣ୍ଣନା ଗୋଟାଏ ଅଗ୍ନି ପରୀକ୍ଷା। ଧୃଷ୍ଟତା ମଧ୍ୟ।

**କିଏ ଦାୟୀ?**

ଆମ ରାଜ୍ୟରେ ପାଠକ ଦୃଷ୍ଟିରୁ ପତ୍ରପତ୍ରିକା ସଂଖ୍ୟା ଆଦୌ କମ୍ ନୁହେଁ। କିନ୍ତୁ ଅଧିକାଂଶ ପତ୍ରିକାର ଦୟନୀୟ ଅବସ୍ଥା ଜଣେ ସଚେତନ ଲେଖକଙ୍କୁ ନିଶ୍ଚିତ ବିବ୍ରତ କରିବ। କାରଣ, ଅକାରଣ ଖୋଜିବ କିଏ? କିଏ ଦାୟୀ, ପାଠକ ନା ସମ୍ପାଦକ/ପ୍ରକାଶକ? ଗାଈର ଦୋଷ ନା ଖୁଣ୍ଟର? ନା ଗାଈଆଳର!



ଆମ ସମ୍ଭ୍ରାନ୍ତ ଘରାନାରୁ ନିୟମିତ ପ୍ରକାଶ ପାଉଥିବା ଚାରି ପାଞ୍ଚଟି ମାସିକ ପତ୍ରିକାରେ ସାହିତ୍ୟିକ ଆଭିମୁଖ୍ୟ ସ୍ପଷ୍ଟ ବାରିହେଉଛି। ପାଠକ ଓ ଲେଖକ ସୃଷ୍ଟି କରିବାରେ ସେମାନଙ୍କ ସାହିତ୍ୟିକ ଅବଦାନ ଅସ୍ୱୀକାର କରିବାର ନାହିଁ। କିନ୍ତୁ ସ୍ୱଳ୍ପ ସଂଖ୍ୟକ ପତ୍ରିକା ମଧ୍ୟରୁ କେତେକ ସୁସଂପାଦିତ ହେଉ ନ ଥିବାର ବ୍ୟତିକ୍ରମ ବାରି ହେଉଛି, ଯାହା ଆଦୌ ପ୍ରତ୍ୟାଶିତ ନୁହେଁ।

ସାହିତ୍ୟ ପତ୍ରିକାର ସଂପାଦକ ଏମିତି ଜଣେ ସୁସାହିତ୍ୟିକ ହେବା ବାଞ୍ଛନୀୟ, ଯାହାର ଭାଷା-ସାହିତ୍ୟରେ ଗଭୀର ଜ୍ଞାନ ଥିବ ଓ ଅଭିଜ୍ଞ ବୈଦ୍ୟ ନାଡ଼ି ଦେଖି ରୋଗ ନିଦାନ କଲା ଭଳି ଲେଖାର ଗୁଣାତ୍ମକମାନ ନିର୍ଦ୍ଧାରଣ କରିପାରୁଥିବ। ସବୁଶ୍ରେଣୀର ପାଠକମାନଙ୍କ ଅଭିରୁଚି ପ୍ରତି ଧ୍ୟାନ ଦେଇ ଲେଖା ନିର୍ବାଚନ କରୁଥିବା ଦକ୍ଷତା ଥିବ। ନଖରୁ ନାସିକା ପର୍ଯ୍ୟନ୍ତ ସବୁ ସମ୍ପନ୍ନ ହେଉଥିବ ତା ତତ୍ତ୍ୱାବଧାନରେ। ବଡ଼ ଲୋକଙ୍କୁ କଅଣ ଉତ୍ତର ଥାଏ ଯେ ଆମେ ଆଜ୍ଞାମାନଙ୍କ ଦୋଷତ୍ରୁଟି ବାଛିବା ନା ଆତ୍ମ ନିରୀକ୍ଷଣ କରିବାକୁ ଉପଦେଶ ଦେଇପାରିବା?

ଆମ ରାଜ୍ୟର କିଛି ପରିଚିତ ଲେଖକ (ଏପରିକି ବିଶିଷ୍ଟ ତାଲିକାଭୁକ୍ତ) ଏକକ ପ୍ରଚେଷ୍ଟାରେ ପତ୍ରିକାମାନ ସମ୍ପାଦୁଛନ୍ତି। କିନ୍ତୁ ତାଙ୍କ ଦପ୍ତରକୁ ଆସୁଥିବା ଲେଖାସବୁକୁ ସେମାନେ ପଢ଼ନ୍ତି ନାହିଁ - ଏ ଅଭିଯୋଗ ଅନେକ ପ୍ରବୀଣ ଓ ନବୀନ ଲେଖକଙ୍କର। ପତ୍ରିକା ଅନିୟମିତ, ଧାରାବାହିକତା ନାହିଁ। ଲେଖକ, ପାଠକ ସୃଷ୍ଟି କରିବାର ବଚନବଦ୍ଧତା ପ୍ରତି ଗୁରୁତ୍ୱାରୋପ କରିବାକୁ କୁଣ୍ଠିତ। ତାଙ୍କ ପାଇଁ ପୃଷ୍ଠପୋଷକ ଅଛନ୍ତି। ଲେଖକୀୟ ବାତାବରଣ ସୃଷ୍ଟି କରିବା ଅଭିପ୍ରାୟ ନାହିଁ କହିଲେ ଚଳେ।

**ପତ୍ରିକାଙ୍କ ବୀରଗତି**

ସ୍ୱଳ୍ପସଂଖ୍ୟକ ହେଲେ ହେଁ କିଛି ସାହିତ୍ୟପ୍ରେମୀ ଅଛନ୍ତି - ସେମାନଙ୍କର ଭାଷା ସାହିତ୍ୟ ପ୍ରତି ଅନୁରକ୍ତି ରହିଛି - ସେମାନେ ପରମୁଖାପେକ୍ଷୀ ନ ହୋଇ, ପତ୍ରିକା ଲାଭଜନକ ବେପାର ନୁହେଁ ଜାଣି ମଧ୍ୟ ମୂଳଧନ ଖଟାନ୍ତି ଏକ ଅନିଶ୍ଚିତ ଭବିଷ୍ୟତ ଆଶାରେ। ସାହିତ୍ୟ ସେବାକୁ ପ୍ରାଧାନ୍ୟ ଦେଇ ଅଗ୍ରସର ହୁଅନ୍ତି। ନିଜର ନିଆରା ଦୃଷ୍ଟିଭଙ୍ଗୀ ନେଇ ପତ୍ରିକା ସର୍ବଜନାଦୃତ କରିବାକୁ ଅଥକ୍ ଉଦ୍ୟମ କରନ୍ତି। ବ୍ୟୟବହୁଳ ଓ ଆକର୍ଷଣୀୟ ପତ୍ରିକା ସତ୍ତ୍ୱେ ପାଠକମାନଙ୍କ ଉଦାସୀନତା ଯୋଗୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ହୁଏ ସୁଦୂର ପରାହତ। ସେମାନଙ୍କର ବୀରଗତି ଯେପରି ବିଧି ନିର୍ଦ୍ଦିଷ୍ଟ।

ଆଉ ଯେଉଁ ସବୁ ପତ୍ରିକା ପ୍ରକାଶ ପାଉଛି ସେମାନଙ୍କ ଆବିର୍ଭାବ ନିହିତ ସ୍ୱାର୍ଥରୁ। ସାହିତ୍ୟକୁ ଗତି ମୁକ୍ତିର ମହତ୍‌ପନ୍ଥା ତଥା ସମାଜରେ ପରିଚିତି ଓ ପ୍ରତିଷ୍ଠା ଅର୍ଜିବାକୁ କେହି କେହି ସାହିତ୍ୟ କର୍ମକୁ ବାଛି ନେଇଥାନ୍ତି। ସାହିତ୍ୟ କର୍ମ ଧର୍ମ ଯଦି ସହସା ନ ଫଳିଲା କପାଳକୁ - ସେମାନେ ନିରବି ଯାଆନ୍ତି ନାହିଁ। ଛପା ଅକ୍ଷରରେ ନିଜକୁ ଦେଖିବା ଚେଷ୍ଟା / ଅପଚେଷ୍ଟାରୁ

ବିରତ ହୁଅନ୍ତି ନାହିଁ। ଲକ୍ଷ୍ୟ ସାଧନର ଅଭିଳାଷ ପୂରଣ କରିବାକୁ ସେମାନଙ୍କୁ ସ୍ୱପ୍ନ ଦେଖାଏ ପତ୍ରିକା।

ଏମିତିରେ ଦୁଇ ତିନି ଶହ ପତ୍ରିକା ଛାପିବା ପାଇଁ ବଡ଼ ପୁଞ୍ଜିର ଆବଶ୍ୟକତା ନ ଥାଏ। ମାଗି ଯାଚି ବି ଯୋଗାଡ଼ କରିହେବ। ଏମିତିରେ ତ ଅପ୍ରକାଶିତ, ଅପ୍ରସାରିତ ଲେଖକମାନେ ଗୋଡ଼ ଟେକି ବସିଛନ୍ତି। ସେମାନେ ଆସି ଭିଡ଼ ଜମାନ୍ତି ଏଇ ସୁଯୋଗରେ- ଉଦ୍ୟୋକ୍ତାମାନଙ୍କ ପାଖେ। ଛ' ମାସ ବର୍ଷରେ ପତ୍ରିକା ଖଣ୍ଡେ କାଢ଼ି ପାରିଲେ ହେଲା। ମାସିକିଆ ପତ୍ରିକା ଦି'ତିନି ମାସରେ, ତ୍ରୈମାସିକ ପତ୍ରିକା ଛ'ମାସ, ନଅ ମାସକରେ କିମ୍ବା ବର୍ଷକେ ଥରେ ମୁହଁ କାଢ଼ନ୍ତି। କାହା ସହିତ ବଚନବଦ୍ଧତା ନାହିଁ, କି ନାହିଁ ଉତ୍ତରଦାୟିତ୍ୱ। କିନ୍ତୁ ଏମାନେ ବେଶିଦିନ ନିପାଣିଆ ହୋଇ ରହନ୍ତି ନାହିଁ। ସେଇ ପତ୍ରିକା ଖଣ୍ଡକକୁ ଅସ୍ତ୍ର କରି ତମାମ ଖେଦି ଯାଆନ୍ତି। ଚତୁରତା ସାଙ୍ଗକୁ ବୁଦ୍ଧିପାକଳ ହୁଏ। ତାଳପତ୍ର ମେଲାଏ। ପାର୍ଟ ଟାଇମ୍‌ରୁ ଫୁଲ୍‌-ଟାଇମର୍ ହୋଇଯାଆନ୍ତି। 'ବାନ୍ଧିବା ଘୋଡ଼ା ଘାସ ଖାଏ' ପ୍ରବାଦ ବାସ୍ତବ ରୂପ ନିଏ। ରୂପ ଭେକ, ରଙ୍ଗଢଙ୍ଗ ବଦଳିଯାଏ। ନିଜକୁ ସହଜରେ ସାବ୍ୟସ୍ତ କରିପାରନ୍ତି।

**ମହାପୁରୁଷମାନେ ଅପ୍ରିୟ ସତ୍ୟ କହିବାକୁ ବାରଣ କରିଛନ୍ତି। କିନ୍ତୁ ସତ କହିଲେ- ପଛରେ କୁକୁର ଲଗାଇ ଦେବାର ଭୟ ରହିଛି।**

ଗହ୍ଲାପୁନିଅଁ ମାଇଁ ଭଳି ବର୍ଷ ସାରା ମୁହଁ ଦେଖାଇ ନ ଥିବା ପତ୍ରିକାମାନଙ୍କର ସଂଖ୍ୟା ସର୍ବାଧିକ। ଏ ପତ୍ରିକାମାନଙ୍କ ଭିଡ଼ ଦେଖିବାର ଅଛି ଦଶହରା ବେଳେ। ବ୍ୟକ୍ତିରୁ ସଙ୍ଗଠନ / ସଂସ୍ଥା ହୋଇଯିବା ଯୋଗାଡ଼ରେ ସବୁ ସହଜଲଭ୍ୟ ହୋଇଯାଏ। ତେଣୁ ବର୍ଷସାରା ସାନବଡ଼ ବ୍ୟବସାୟ ପ୍ରତିଷ୍ଠାନ, ଏବଂ ସରକାରୀ ଅର୍ଦ୍ଧ ସରକାରୀ, କର୍ପୋରେଟ ଜଗତର ବିଜ୍ଞାପନ ସଂଗ୍ରହରେ ଲାଗି ପଡ଼ିଥାନ୍ତି। ସାନ ବଡ଼, ମଝାରି ସବୁ ଶ୍ରେଣୀର ଲେଖକଙ୍କଠାରୁ ଲେଖା; ଉପାଦେୟ ହେଉ ବା ନ ହେଉ, ପତ୍ରସ୍ଥ କରି ବିପୁଳ କଳେବରର ପତ୍ରିକା ପ୍ରକାଶ କରନ୍ତି ଦୁର୍ଗାପୂଜା ଅବସରରେ। ବିଶେଷ ସଂଖ୍ୟାର ପରିଚୟ ବହନ କରୁଥିବା ଏ ପତ୍ରିକାମାନେ ମାଗାଜିନ ଷ୍ଟଲରେ ଆସ୍ଥାନ ଜମାନ୍ତି ସଦର୍ପରେ। ଆମ ଜ୍ଞାନପିପାସୁମାନଙ୍କୁ ଦଶହରା ଭେଟି ଦେଇଥାନ୍ତି ସୁଲଭ ମୂଲ୍ୟରେ।

**ବଙ୍ଗଳାରୁ ଆମଦାନୀ**

ଆମ ପତ୍ରିକା ଜଗତକୁ ଶାରଦୀୟ ବିଶେଷାଙ୍କର ପରମ୍ପରା ବଙ୍ଗଳାରୁ ଆମଦାନୀ ହୋଇଛି। ୧୯୫୧ ମସିହାରେ କଲିକତାରୁ ପ୍ରକାଶିତ 'ଆସନ୍ତାକାଲି' ଦୁର୍ଗାପୂଜା ବିଶେଷାଙ୍କର ଶ୍ରୀ ଗଣେଶ କରିଥିଲା। ସେତେବେଳେ ଓଡ଼ିଶାରୁ ଆଙ୍ଗୁଠି ଗଣତି ପତ୍ରିକା ପ୍ରକାଶ ପାଉଥିଲା। ଆସନ୍ତାକାଲିକୁ 'ଦେଖାଦେଖି ପଡ଼ିଶା' ନ୍ୟାୟରେ ଅନ୍ୟ ପତ୍ରିକା ପୂଜା ବିଶେଷାଙ୍କ ପ୍ରକାଶ କଲେ। ଆଜି ଆସନ୍ତାକାଲି ନାହିଁ, କିନ୍ତୁ ଶାରଦୀୟ ସଂଖ୍ୟାର ରବ ରବ ସାରା ଓଡ଼ିଶାରେ ବହୁଗୁଣିତ ହୋଇସାରିଲାଣି। ମାଆ ଦୁର୍ଗାଙ୍କ ଆଗମନରେ ହସି ଉଠୁଛି ଯେପରି ସାହିତ୍ୟର ଶସ୍ୟ କେଦାର। ଅମାର ଖମାର ଭରିଯାଉଛି ସାରସ୍ୱତ ମଣିମାଣିକ୍ୟରେ !

ଆଜ୍ଞାଙ୍କୁ ସତ, ଆମକୁ ମିଛ ହେଉ, କି ଆଜ୍ଞାଙ୍କୁ ମିଛ ଆମକୁ ସତ ହେଉ; ଆମ କୋଦଣ୍ଡଧାରୀମାନେ କହୁଛନ୍ତି - ପୂଜା ସାହିତ୍ୟ ବହୁ ଆଡ଼ମ୍ବରେ ଲଘୁକ୍ରିୟା ମାତ୍ର। ତାଙ୍କ ଆକଳନ ହେଲା- ଶହକରୁ ଅଶି ଅପଠ୍ୟ, ଅଗ୍ରହଣୀୟ। ଗୁଡ଼ାଏ ନିଷ୍ଫଳ କସରତ। ପତ୍ରିକାମାନଙ୍କର ତ କାଟତି ସଂଖ୍ୟା ଆଶାନୁରୂପ ନୁହେଁ। କିମିତି ବୁଝିବା ଏମାନଙ୍କ ମନ୍ତବ୍ୟ ଈର୍ଷଣୀୟ କି ଅସ୍ପୃହଣୀୟ ! ସେମିତି କଷଟି ତ ଆମ ହାତରେ ନାହିଁ।

ତେବେ ଆମ ବିଚାରରେ ଶତାଧିକ ମାଗାଜିନ, ହଜାର ହଜାର ପୃଷ୍ଠାର ତରୁତମାଳରେ ଚିତ୍ରବିଚିତ୍ର ଶୋଭନ ସଂଖ୍ୟା ନିଷ୍ଫଳା କହିବା କେଉଁ ମାନଦଣ୍ଡରେ। ଧୁଆମୂଳା ଅଧୁଆମୂଳା ବୋଲି କିଛି ଗୋଟାଏ ଅଛି ନା ! ଇଏ ତ ଅଲୋଡ଼ା ଅପୁଛା ଲେଖକମାନଙ୍କର ଛପା ଅକ୍ଷରରେ ମୁହଁ ଦେଖିବାର ଗୋଟାଏ ଅବସର। ସମସ୍ତଙ୍କୁ ନେଇ ତ ସାହିତ୍ୟ ସଂସାର। ସମ୍ଭାବନାମୟ ନବପ୍ରତିଭା ହୁଅନ୍ତୁ କିମ୍ବା ଆସରରେ ଥିବା ଆଶାୟୀମାନଙ୍କୁ ତ ଜାଗା ଦେବାକୁ ପଡ଼ିବ ! ସମସ୍ତଙ୍କୁ ନାକଚ କରିବା ତ ଅନ୍ୟାୟ ନିଶ୍ଚୟ। ଆମ ପ୍ରବୀଣ ପ୍ରତିଷ୍ଠିତମାନେ କଅଣ ପଛରେ ଥାଆନ୍ତି କି ! ବ୍ରହ୍ମା ବିଳିବିଳେଇଲେ ବେଦ ଭଳି ଜଣକେ କୋଡ଼ିଏ ପଚିଶଟା ଗପ କବିତା ଲେଖିଛନ୍ତି ବୋଲି କେହି କେହି ବାହାସ୍ଫୋଟ ମାରନ୍ତି। ମାଲ୍ ମସଲା କିନ୍ତୁ ସବୁ ଲେଖାରେ ନ

ଥାଏ। ଡିସ୍କାଉଣ୍ଟ ସେଲ୍‌ରେ ବଢ଼ିଆ ଧଡ଼ିଆ ସମସ୍ତେ ଥାଆନ୍ତି। ଆକାର ପ୍ରକାର ସଂଖ୍ୟା ଯେତେ, ସୁଆଦ ଶବଦ ସେତେ ନୁହେଁ। ଅସଲ କଥା ହେଲା- ଯୋଗାଡ଼ିଆ ରାନ୍ଧୁଣିଆଙ୍କ ହାତ ଭଲ ନ ହେଲେ - ଗ୍ରାହକ ସନ୍ତୁଷ୍ଟ ହେବେ କିପରି ? ଇଆଡୁ ସିଆଡୁ ପୁଳାଏ ଆବୋରି ପୃଷ୍ଠା ଭର୍ତ୍ତି କରିଦେଲେ କିମିତି ହେବ ! ଗୀତଟିଏ ହେଉ କି କଥାଟିଏ - ସେଥିରେ ମାଧୁର୍ଯ୍ୟ ଥିବ, ରୁଚି ସମ୍ପନ୍ନ ହୋଇଥିବ। କନିଷ୍ଠ ବରିଷ୍ଠ ଲେଖାର ମାନଦଣ୍ଡ ନୁହେଁ- ଲେଖାଟି ରସୋତ୍ତୀର୍ଣ୍ଣ ହୋଇ ପାଠକର ମନ ଜିଣିପାରିବା ହେଲା ଲେଖାର ବୈଶିଷ୍ଟ୍ୟ। ତେଣୁ ପୂଜା ପତ୍ରିକାର ସମ୍ପାଦନା ବେଳେ କର୍ତ୍ତାମାନେ ଦୃଷ୍ଟି ଦେଉ ନ ଥିବା ସେମାନଙ୍କ ଅଜ୍ଞାନ କି ଅହମିକା ବୁଝା ପଡୁନାହିଁ।

ମହାପୁରୁଷମାନେ ଅପ୍ରିୟ ସତ୍ୟ କହିବାକୁ ବାରଣ କରିଛନ୍ତି। ତା' ଛଡ଼ା ସତ କହିଲେ- ପଛରେ କୁକୁର ଲଗାଇ ଦେବାର ଭୟ ରହିଛି। ତେବେ ମାନ୍ୟବର ସଂପାଦକମାନେ ନିଜ ଆଡୁ ହଲପ କରି / ବିଦ୍ୟାରାଣ ପକାଇ କହିବା ହେବେ କି- ସେମାନଙ୍କ ମାଗାଜିନ ସଂପାଦିତ ନା ସଂକଳିତ ? ଜଣେ ଅଧେ ଚିପା ସମ୍ପାଦକଙ୍କୁ ବାଦ୍ ଦେଲେ, ଅଧିକାଂଶ ପର୍ଯ୍ୟନ୍ତ ଲେଖା ବିଡ଼ା ବାନ୍ଧି ପ୍ରେସ୍‌କୁ ଦେବା ମହତ କାର୍ଯ୍ୟଟି କରୁଥିବା ଅନୁମେୟ। ଲେଖାରେ କଲମ ଦାଗ ପର୍ଯ୍ୟନ୍ତ ମାରୁ ନାହାନ୍ତି। ପତ୍ରିକାମାନଙ୍କର ମୁଖ୍ୟ ପୃଷ୍ଠାରେ ଏ ଯେଉଁ ଆଠଦଶ ଜଣ ବିଭିନ୍ନ ପଦବୀର ସଂପାଦକ ଶୋଭାବର୍ଦ୍ଧନ କରୁଛନ୍ତି- ସେମାନେ ମାଗାଜିନ ପାଇଁ କରନ୍ତି କଅଣ ? ଦକ୍ଷତା ନ ଥିବାରୁ ଖାମଖିଆଲି ନୀତି ଆଦୌ ସ୍ପୃହଣୀୟ ନୁହେଁ। ସୁତରାଂ ଏ ବିଶାଳ ଆୟୋଜନରୁ କିଏ କୃତାର୍ଥ ହୁଏ - ସାହିତ୍ୟ, ସାହିତ୍ୟିକ ନା ସଂପାଦକ ?

ଆମେ ଆଉ ବେଶି ଗଭୀରକୁ ଯିବୁ ନାହିଁ। କାରଣ ଏଠି 'ତୁ ସୁନ୍ଦରକୁ ମୁଁ ସୁନ୍ଦର' ପ୍ରଶସ୍ତି ଗାଇବାକୁ ଅନେକ ବାହାରିବେ।

ବିଶେଷ ସଂଖ୍ୟାମାନେ ବିଶେଷତ୍ୱ ବହନ କରିବା କଥା। ଉନ୍ନତମାନର ବିବିଧ ରୁଚି ସମ୍ପନ୍ନ ଲେଖା ପ୍ରଚ୍ଛଦ, ଅଙ୍ଗସଜ୍ଜା, ଅଳଙ୍କରଣ ସବୁ ଦୃଷ୍ଟିରୁ ଆକର୍ଷଣୀୟ ନ କଲେ ସବୁ ପ୍ରୟାସ ବିଫଳ ହୋଇଥାଏ। ଲମ୍ବା ଚଉଡ଼ା ସୂଚୀପତ୍ରରେ ଦେଢ଼ଶ ଦୁଇଶ ଲେଖକଙ୍କ ନାଆଁ ଛାପି, ପାଞ୍ଚଶ ସାତଶ ହଜାର ପୃଷ୍ଠାର ପତ୍ରିକା ପ୍ରକାଶ କରିଥିବା ରାୟ ବାହାଦୁରମାନଙ୍କୁ କେହି ପ୍ରଶଂସିବେ ନାହିଁ। ଆମ ରାଜ୍ୟର ସାହିତ୍ୟ ପ୍ରୀତିଥିବା ପାଠକମାନେ ଅଧାପାଠୁଆ ହେଲେ ବି ରସଗ୍ରାହୀ। ସେମାନେ ବିମୁଖ ହେଲେ, ଶହ ଶହ ମାଗାଜିନ୍ ଷ୍ଟଲ୍‌ରେ ପଡ଼ି ପଡ଼ି ଶେଷକୁ ରଦିରେ ବିକ୍ରି ହେବେ। ହେଉଛନ୍ତି ମଧ୍ୟ।

**ଭିତିରି କଥା**

ଇଏ ଆମ ମନଗଢ଼ା ଗାଲୁଗଳ୍ପ ନୁହେଁ। ପୂଜା ସଂଖ୍ୟା ପାଇଁ ଏ ଯେଉଁ କୋଳାହଳ, ଗହଳି ଚହଳି, ମେଳା ମଉଛବ ତହିଁର ଅମୃତ ଅନୁଭବ ଏବଂ ତତ୍‌ସହିତ କିଛି ତିକ୍ତ କଷାୟ ବ୍ୟଥାତୁର ଭିତିରି କଥା - କ୍ଷମା କରିବେ ଆଜ୍ଞାମାନେ, ତାହା ହିଁ ସ୍ଥାନିତ ହୋଇଛି ଏ ଅସଜଡ଼ା ପୃଷ୍ଠାରେ।

ଆମେ ଆଉ ବେଶି ଗଭୀରକୁ ଯିବୁ ନାହିଁ। କାରଣ ଏଠି 'ତୁ ସୁନ୍ଦରକୁ ମୁଁ ସୁନ୍ଦର' ପ୍ରଶସ୍ତି ଗାଇବାକୁ ଅନେକ ବାହାରିବେ। ପୂରି ଅଛନ୍ତି ଚର୍ଚ୍ଚିତ ସମୀକ୍ଷକ, ଆଲୋଚକ, ପର୍ଯ୍ୟାଲୋଚକ- ଯେଉଁମାନଙ୍କୁ କଲମର ଅନବରତ ପ୍ରଶଂସାର ସୁଅ ଛୁଟୁଥାଏ- ସେମାନେ କହିବେ ଅପୂର୍ବ, ଅନବଦ୍ୟ। କହିଲେ ନାହିଁ, କହି ଆସୁଛନ୍ତି। ସେମାନଙ୍କ ବସା ତ ବାଆରେ ଦୋହଲୁଛି- ସେମାନେ ଅଡୁଆ ପାଠକୁ ଯିବେ କାହିଁକି !

ସତ କହିବା ମହାପରାଧ - ଯେହେତୁ ଏ ଯୁଗଧର୍ମ, ସେମାନେ ଆମକୁ ତ ଘେନା କରିବେ ନାହିଁ - ଅପରନ୍ତୁ ଛିଦ୍ରାନ୍ୱେଷୀ, ଦୋଷଦ୍ରଷ୍ଟା, ଅସହିଷ୍ଣୁ ଭଳି ନାନା ଅପଶବ୍ଦରେ ଅର୍ଚ୍ଚନା କରିବେ। କରନ୍ତି ମଧ୍ୟ।

ଉପସଂହାରରେ ଆମେ ଫେରି ଆସିବା ସେଇ କଥାର କଥାକୁ। କଥାରେ କଥାରେ ଅନେକ କିଛି କହିସାରିଛୁ। ଅଳ୍ପେ ସନ୍ତୁଷ୍ଟ ଆମ ଜାତିର ଇଏ ହେଲା ଆମ ପୁସ୍ତକ, ପତ୍ରପତ୍ରିକା ଜଗତର ଚିତ୍ର ଚରିତ୍ର। ଏସବୁ ବ୍ୟତିକ୍ରମ ଓ ଅର୍ଗଳି ସତ୍ତ୍ୱେ କିଛି ସଂଗ୍ରହଣୀୟ, ଉପାଦେୟ ପୁସ୍ତକ ଓ ପତ୍ରିକା ପ୍ରକାଶ ପାଉଛି। ନିଷ୍ଠାବାନ ଓ ସମର୍ପିତ ସାହିତ୍ୟ ସାଧକ ରହିଛନ୍ତି। ସାରସ୍ୱତ ଭଣ୍ଡାରର ଅଭିବୃଦ୍ଧି ହେଉଛି - ଯାହା ସାହିତ୍ୟପ୍ରେମୀଙ୍କ ପାଇଁ ଆଶ୍ୱାସନାର ବିଷୟ।

□□

ଲେଖକଙ୍କ ଇ-ମେଲ ଠିକଣା:
kalicharandas@odiarecipes.com

ଅନୁଭୂତି

# ମନେପଡ଼େ ରାନୁ



**ଲୋପାମୁଦ୍ରା ମହାନ୍ତି**

୧୯୯୭ ମସିହା ଶ୍ରାବଣ ମାସର କଥା। ମୋର ରାଜ୍ୟ ମହିଳା କମିଶନର ଚେୟାରମ୍ୟାନ ନିଯୁକ୍ତ ହେବାର ସେତେବେଳକୁ ଗୋଟିଏ ବର୍ଷ ବିତିଗଲାଣି। ମହିଳା କମିଶନରେ ଯୋଗଦେବା ପୂର୍ବରୁ ମୁଁ ନାରୀମାନଙ୍କ ସମସ୍ୟା କଥା ଜାଣିଥିଲି, ମାତ୍ର ତାହା ଯେ ଏତେ ଜଟିଳ ଏହା ମୋ’ ଧାରଣା ବାହାରେ ଥିଲା। ପ୍ରତ୍ୟେକ ନାରୀର ଯନ୍ତ୍ରଣା ଭିନ୍ନ, ସମସ୍ୟା ମଧ୍ୟ ଭିନ୍ନ। ମୁଁ କେବଳ ନୀରବରେ ସେମାନଙ୍କ କଥା ଶୁଣେ।

ପିପିଲି ଥାନା ଅଧିକାରୀ ମହିଳା ଟ୍ରାଫିକିଂର ଶିକାର ରାନୁ ଇତି ମଧ୍ୟରେ ଫେରି ଆସିଛି ବୋଲି ଖବର ଦେଇଥିଲେ। ତେଣୁ ରାନୁଠାରୁ ପ୍ରତ୍ୟକ୍ଷ ଜମାନବନ୍ଦୀ ପାଇଁ ମୁଁ ତା’ ପାଖକୁ ଯାଇଥିଲି। ସାଙ୍ଗରେ ଥିଲେ କମିଶନ ସଦସ୍ୟା ଅସୀମା ମହାନନ୍ଦ, ଇନ୍ସପେକ୍ଟର ଶ୍ରୀମତୀ ବିଜୟଲକ୍ଷ୍ମୀ ଆଚାର୍ଯ୍ୟ ଓ ସହକାରୀ ଶ୍ରୀ ଅରବିନ୍ଦ। ପିପିଲିରୁ ନିମାପଡ଼ା ଯିବା ବାଟରେ ବସ୍ତି ପାଖେ ଗାଡ଼ି ଅଟକିଲା। ଆମ ଆଗରୁ ପିପିଲି ଥାନା ଇନ୍ସପେକ୍ଟର ଓ ଜଣେ ସାଥୀ ଆମକୁ ସେଠାରେ ଅପେକ୍ଷା କରିଥିଲେ। ସେମାନେ ବସ୍ତି ଭିତରୁ ରାନୁକୁ ଡାକିବାକୁ ଯାଇଥିଲେ। ଜହ୍ନ ବିହୁନେ ତାରା ଭର୍ତ୍ତି ଆକାଶ, ଶୀତୁଳିଆ ବାଆରେ କେଉଁ ପୁଷ୍ପର ସୁଗନ୍ଧ ବାରି ହେଉଛି। ଦୂରରୁ ବୁଲା କୁକୁରଙ୍କ ସ୍ୱର ଓ ତା’ ସହ ପାଖ ମଦ ଭାଟିରୁ ମଦୁଆଙ୍କ ଚିତ୍କାର ପରିବେଶଟାକୁ ଆକ୍ତାମାକ୍ତା କରୁଛି। ମନଟା ଅଯଥାରେ ଉଦାସ ଲାଗୁଥାଏ। ହଠାତ୍ ଅସୀମା କହିଲା– “ଅପା ଆସିଲାଣି ଥାନା ବାବୁଙ୍କ ସହ।” ମୋ ଦୃଷ୍ଟିକୁ ଆସିଲା ଠା’ ଠା’ ଚିରା ଶାଢ଼ି ପରିହିତ ଶାବନା ବର୍ଣ୍ଣ ୨୦ ବର୍ଷିଆ ଝିଅଟିଏ। ନୁଖୁରା ବାଳରେ ଉଜ୍ଜ୍ୱଳ ଆଖି ସତେ ଯେମିତି ବହୁ ବେଦନା ଧାରଣ କରି କିଛି କହିବାର ପ୍ରୟାସ କରୁଛି।



ତା’ ପଛରେ ପରିବାର ଲୋକଙ୍କ ସହ ବସ୍ତିବାସିନ୍ଦା। ସମସ୍ତଙ୍କ ଆଖିରେ ଉତ୍କଣ୍ଠା କ’ଣ ଘଟିଥିଲା ଆଗକୁ କ’ଣ ହେବ? ପାଞ୍ଚ ଦିନ ହେଲା ରାନୁ ନିଖୋଜ ହେବା, ତା’ ବାପା ମା’ ଥାନା ଓ ମହିଳା କମିଶନରେ ଫେରାଦ ହେବା ଓ ଥାନା ବାବୁ ରାନୁକୁ ମେଦିନୀପୁରରୁ ଉଦ୍ଧାର କରିବା କଥା ସମସ୍ତଙ୍କୁ ଜଣାଥାଏ।

**ରାନୁର ବ୍ୟଥା**

ସଞ୍ଜଆଉଟା ଜହ୍ନାଲୋକ କୋଳାହଳହୀନ ରାସ୍ତାରେ ରାନୁ ମୋ’ ହାତକୁ ଜାବୁଡ଼ି ଧରିଥାଏ। ପାଖରେ ଥିବା ପିଣ୍ଡାରେ ବସି ରାନୁର ପ୍ରତ୍ୟକ୍ଷ ଅନୁଭୂତି ଶୁଣିବା ସହ ତାଙ୍କ ତଦନ୍ତ ଫାଇଲ ଦେଖିବାକୁ ଥାନା ବାବୁ ଅନୁରୋଧ କଲେ। କାହିଁକି କେଜାଣି ରାନୁ ପାଣି ପିଇବାକୁ ଚାହୁଁଛି ବୋଲି ମୋର ହୃଦ୍‌ବୋଧ ହେଲା। ଜଣଙ୍କ ହାତରୁ ପାଣି ଆଣି ତା’ ହାତକୁ ବଢ଼ାଇ ଦେଲି। ସେ ଢକ ଢକ କରି ପାଣି ପିଇଗଲା। ସତେ ଯେମିତି କୋଟି ତୃଷ୍ଣା ମେଣ୍ଟାଇ ନିଜର ଅଗଭୀର ଗହନ କଥା ବାହାରକୁ ଆଣିବାକୁ ଚାହୁଁଥିଲା। ରାନୁ କହିବାକୁ ଲାଗିଲା– ମୁଁ ଓ ମୋର ପରିବାର ଏହି ବସ୍ତିରେ ରହୁ। ପୁଅ ଆଶାରେ ଆମେ ତିନି ଝିଅରେ ଭାରାକ୍ରାନ୍ତ ଆମ ପରିବାର। ଭାଇ ଭଉଣୀ ମିଶି ଚାରି, ବାପା, ମା’ ଓ ଜେଜେ ମା’ ସଂଖ୍ୟାକୁ ସାତ କରିଛନ୍ତି। ବାପା ପାଖ ହୋଟେଲରେ କାମ କରେ ଓ ମା’ ମଧ୍ୟ ସେଠାରେ ବାସନ ମାଜେ। ସେତିକି ଉପାର୍ଜନରେ ଆମର ସାତ ପେଟ ପୂରେ ନାହିଁ। ଦାଦା ଅନ୍ୟ ଜାତିରେ ବାହା ହେବା

ପରେ ଯୌଥ ପରିବାରରୁ ଅଲଗା ହୋଇ ପୁରୀ ସମୁଦ୍ରକୂଳରେ ଚାନ୍ଦି ବେଉସା ଚଳାଉଛି। ଘରର ବଡ଼ ହୋଇଥିବାରୁ ବାପା ମୋର ମୋତେ ବଡ଼ ପୁଅର ବଳା ପିନ୍ଧାଇ କେତେବେଳେ ଭାଗବତ ଶୁଣାଇ ସଂସ୍କାର ଦେଇଛି ତ କେତେବେଳେ ନିଜ ଅପୂରଣୀୟ ଆଶାକୁ ମୋ' ଆଖିରେ ସାକାର କରିବାର ସ୍ୱପ୍ନ ଦେଖିଛି। ଅଭାବ ଅନଟନ ମଧ୍ୟରେ ମୁଁ ପାଠ ପଢ଼ି ପ୍ରଥମ ଶ୍ରେଣୀରେ ମେଟ୍ରିକ ପାସ କଲି। ମୋର ପଢ଼ିବା ନିଶା ଦେଖି ସାନ ଦୁଇ ଭଉଣୀଙ୍କୁ ପଢ଼ାଇବାକୁ ବାପା ତା' ରକ୍ତକୁ ପାଣି କରିଛି। କିନ୍ତୁ ମେଟ୍ରିକ ପର ପାଠପଢ଼ା ପାଇଁ ବାପାର କାତ ପାଇଲା ନାହିଁ। ଏଣୁ ନିଜ ଶିଙ୍ଗରେ ମାଟି ତାଡ଼ିବା ପାଇଁ ପିପିଲିରେ ଚାନ୍ଦୁଆ କାମରେ ବାପାର ସହମତିରେ ଯୋଗଦେଲି। ବାହା ବୟସରେ ବର ନ ଖୋଜି ବାପା ମୋ ପାଇଁ ଚାକିରି ଖୋଜିବା କଥା ଶୁଣି ମା' ଲୁହ ଗଡ଼ାଇଲା ବେଳେ ଜେଜେ ମା' ମୋତେ ମାଟି ହାଣ୍ଡି କହି ପିପିଲି ବଜାରରେ ସତର୍କରେ ଚଳିବାକୁ ତାଗିଦ କରିଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମୁଣ୍ଡିଆ ମାରି ମୁଁ ଘରୁ ଗୋଡ଼ କାଢ଼ିଲି। ହେଉ ହେଉ ଏ କାମରେ ଏକବର୍ଷ ପୂରିଲା ଏବଂ କାନ୍ଧ ସହ କାନ୍ଧ ମିଶାଉ ମିଶାଉ ସାତ ପେଟ ପୂରିଲା ଭଳି ଲାଗିଲା, ଚିରା ଫଟା ପୋଷାକରେ ଦେଖାଯାଉଥିବା ଦେହ ଅଦୃଶ୍ୟ ହେଲା ଓ ସ୍ୱପ୍ନ ଦେଖିବାର ଆଖିରେ ଚମକ ବଢ଼ିଲା। ମୋତେ ଦେଖି ବସ୍ତିରେ ବହୁ ଲୋକ 'ଝିଅ ହେବ ତ ଏପରି' କହୁଥିବା ବେଳେ କିଛି ଲୋକ କହୁଥିଲେ- ଦେଖ କ'ଣ ହେବ... ଝିଅ ପିପିଲି ବଜାରରେ ମୁହଁ କଳା କଲା ପରେ ଏ ନିଶାକର ଲୁଚି କରି କାନ୍ଦିବାକୁ ବି ଜାଗା ପାଇବ ନାହିଁ।

**ମୋତେ ଦେଖି ବସ୍ତିରେ ବହୁ ଲୋକ 'ଝିଅ ହେବ ତ ଏପରି' କହୁଥିବା ବେଳେ କିଛି ଲୋକ କହୁଥିଲେ- ଦେଖ କ'ଣ ହେବ।**

ସେ ଦିନ ଥିଲା ମାସ ଶେଷ ରବିବାର। ଆଇଁଷ ପାଣିର ମହକ ମଧ୍ୟରେ ଜେଜେ ମା' ଓ ନାତି ନାତୁଣୀମାନଙ୍କର ସାପ ଶିଢ଼ି ଖେଳ ଜମିଥାଏ। ହଠାତ୍ ଘର ମଧ୍ୟକୁ ପଶି ଆସିଲେ ଭିନ୍ନ ପରିଚ୍ଛଦର ଦୁଇ ଯୁବତୀ। ସିନ୍ଥିରେ ସିନ୍ଦୂର, ସ୍ୱର୍ଣ୍ଣାଭୂଷଣର ଚାକଚକ୍ୟ ଓ ନାଲି ଶାଢ଼ି ପରିହିତ ପାନଖିଆ ପାଟିରେ ମଧୁର ସମ୍ଭାଷଣ ସହ ବାପା, ମା' ଓ ଜେଜେ ମା'ଙ୍କୁ ପ୍ରଣାମ କରି ରାନୁକୁ ଆଉଁଶି ଦେଲେ। ହଠାତ୍ କହିଲେ – ଦାଦା କ'ଣ ତୁମେ ଆମକୁ ଚିହ୍ନି ପାରୁନ ? ଆମେ ଆର ସାହି ରଘୁଆ ଓ ବାସୁ ଝିଅ। ବାହାଘର ପରେ ଶାଶୂଙ୍କ ସହ କୋଣାର୍କ ବୁଲି ଆସିଥିଲୁ। ଏଠି ରାନୁ କଥା ଶୁଣିଲୁ। ଶାଶୂ ଆମ ଦିଅର ସହ ରାନୁର ବାହାଘର କରିବାକୁ ଭାରି ଇଚ୍ଛୁକ। ତୁମେ ତ ଜାଣ ଆମେ ବି ସେ ଘର ବୋହୂ ହୋଇ କେତେ ଖୁସିରେ ଅଛୁ। ଆମ ଚାଲିଚଳଣ, ଭାଷା ଓ ସ୍ଥାନ ଅଲଗା ହେଲେ ହେଁ ସେମାନେ ବହୁତ ଭଲ। ପ୍ରତିବର୍ଷ ପରିବାର ସହ ଆମେ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସୁ। ଆମ ଶାଶୂ ଘରେ ସେମାନେ ବିନା ଯାନିଯୌତୁକରେ କେବଳ ସଂସ୍କାରୀ ବୋହୂ ଚାହାନ୍ତି। ରାନୁକୁ ଧରି ତୁମେ ପୁରୀ ଆସ... ସେହିଠାରେ ବାହାଘର କରିଦେବା... ପଇସା କଥା ଚିନ୍ତା କର ନାହିଁ। ସେମାନେ ସବୁ ଖର୍ଚ୍ଚ କରିବେ।

**ଅସମଞ୍ଜସରେ ରାନୁ**

ସାପ ଲୁଡୁ ଖେଳରେ ସାପ ଗିଳା କିମ୍ବା ଶିଢ଼ି ଚଢ଼ାଇ ଅସମଞ୍ଜସରେ ଥିବା ରାନୁ ଏ ସବୁ କଥା ଶୁଣୁଥାଏ। ହଠାତ୍ ତା' ଜେଜେ ମା' କହିଲେ- ଆରେ ନା ବର ଦେଖା ନା ଘରଦେଖା..... ଏମିତି କ'ଣ ବାହାଘର ହୁଏ ? ମହିଳା ଦୁହେଁ କହିଲେ ଆମ ଘର ଆମ ବାପା ଦେଖିଛି ତାକୁ ପଚାର... ଆଉ ବରକୁ ଦେଖି ଝିଅ ବାହା କର। ଆମ ଶାଶୁ ରାନୁ ବିଷୟରେ ସବୁ ଜାଣନ୍ତି ଯେ ସେ କିପରି ଘରର ପୁଅ ପରି ଦାୟିତ୍ୱ ନେଇଛି। ଏଣୁ ଏ ତିରିଶ ହଜାର ଘର ଚଳାଇବା ପାଇଁ ପଠାଇଛନ୍ତି; ଆଉ ତୁମ ଜ୍ୱାଇଁ ବାହାଘର ପରେ ତୁମ ଘର କଥା ବୁଝିବେ। ଏତିକି କହି ସେମାନେ ରାନୁ ବାପା ହାତରେ ତିରିଶ ହଜାର ଟଙ୍କା ଗୁଞ୍ଜି ଦେଲେ। ପରଦିନ କୁକୁଡ଼ା ଡାକିବା ଆଗରୁ ପୁରୀ ବାହାରିବା ଥୟ ହେଲା। ପରିବାର ରାନୁ ସହ ଶେଷ ପର୍ବରେ ପେଜ ପାଣି ମିଶା ପଖାଳ ସହ ଲଙ୍କା, ରସୁଣ ଓ ଆମ୍ବୁଲ ଚକଟାର ସ୍ମୃତି ପଖାଳିଲେ।

କେତେ କାମ ! ସମସ୍ତେ ଶୋଇଲେଣି। ରାନୁ ଆସି ଜହ୍ନହସା ଆକାଶ ତଳେ ବସିଲା। ମନରେ ଦ୍ୱନ୍ଦ୍ୱ, କେତେବେଳେ ସ୍ୱାମୀ ସହ ଘର କରିବ। ଭିନ୍ନ ଦେଶ, ଚାଲିଚଳଣି, ଭିନ୍ନ ଭାଷା, ରୀତିନୀତି ଓ ଖାଦ୍ୟ। ଏସବୁକୁ ଆବୋରି ପାରିବ ତ ? ହଁ ରାନୁର ଦୁଇ ଓଳି ପଖାଳ ଦରକାର। ହଠାତ୍ ପାଖରେ ବୋଉ କାନ୍ଧ ପାଇ ବାରଣ୍ଡାରେ ଶୋଇପଡ଼ିଲା।

ସିନ୍ଦୂରା ଫାଟିବା ପୂର୍ବରେ ସମସ୍ତେ ପୁରୀ ମୁହାଁ ହେଲେ ଏବଂ ଠିକଣା ସମୟ ପୂର୍ବରୁ ଗୁଣ୍ଡିଚା ମନ୍ଦିର ପାଖ ଧର୍ମଶାଳାରେ ପହଞ୍ଚିଲେ। ନୂତନ ଜୀବନ ଆରମ୍ଭ ପୂର୍ବରୁ ମଣିମାଙ୍କୁ ପ୍ରାର୍ଥନା କଲା ରାନୁ। ବିବାହ କାର୍ଯ୍ୟ ସରିଲା। ପରିବର୍ତ୍ତନ ଧାରାରେ ମୁଣ୍ଡରେ ସିନ୍ଦୂର, ହାତରେ ଶଙ୍ଖା, ବେକରେ ଶୁଖିଲା ଫୁଲମାଳ ଓ ମୁଣ୍ଡରେ ଓଢ଼ଣା ଥିବା ରାନୁ କାହାକୁ ଦେଖିପାରୁ ନ ଥାଏ। ବାପା ବୋଉ ଜେଜେମା'ଙ୍କୁ ଧରି ମନଭରି କାନ୍ଦିବାକୁ ଇଚ୍ଛା ହେଉଥିଲେ ହେଁ ଜଣେ ହାତ ଧରି ଟାଣିନେଲା, ଯେପରି ମାନସିକ ବୋଦାର ଟଣା ହେବାର ଦୃଶ୍ୟ। ପତିତପାବନଙ୍କୁ ମୁଣ୍ଡିଆଟେ ମାରିପାରିଲା ନାହିଁ। କୋଳାହଳ ମଧ୍ୟରେ ସେ ଲୋକଟା ରାନୁକୁ ଗୋଟିଏ ସିଟ୍‌ରେ ବସାଇଦେଲା। ଚତୁର୍ଥୀ ପୂର୍ବରୁ ଓଢ଼ଣା ନ ଖୋଲିବା ନିୟମ ତାକୁ ବସ୍ତି ଝିଅ ଓ ବର୍ତ୍ତମାନର ଯା' ରାନୁର କାନେ କାନେ କହିଛି। ଅଗତ୍ୟା ଆଖିରେ ଲୁହ ଥାଇ ମଧ୍ୟ କୁଟାଖିଆ ପରି ବିନା କାନ୍ଦରେ ବସ୍‌ରେ ଆଗକୁ ବଢ଼ିଲା ରାନୁ। ଭରସା, ବିଶ୍ୱାସ ଓ ଭକ୍ତି ଥାଏ ମଣିମା ଓ ମା' ଲକ୍ଷ୍ମୀଙ୍କ ଉପରେ। ପୁରୀ ବଡ଼ଦାଣ୍ଡରୁ ଶୁଖିଲା ପ୍ରସାଦ କିଣିବା ବେଳେ ପାଖ ଦୋକାନରୁ ସିନ୍ଦୂର ଓ ନାଲି ଚୁଡ଼ି ସହ ଶ୍ରୀଜଗନ୍ନାଥଙ୍କ ଲକେଟଟା ନାଲି ସୂତାରେ ବାନ୍ଧି ରାନୁ ବେକରେ ଗଳେଇ ଦେଇଥିଲା ତା' ବୋଉ।



## ଆଖିରେ ବାଘୁଣୀ

ଗାଡ଼ି ପୁରୀ ଛାଡ଼ିଲା। ରାନୁର ଭାବନା ସହ ଭୋକ ଓ ଶୋଷ ଗ୍ରାସ କରିଥାଏ। କିନ୍ତୁ ଚିରାଚରିତ ଭାବେ କେବଳ ପାଣି ପିଇ ତୃପ୍ତ ହେଲା। ପଛ ସିଟ୍‌ରୁ କିଏ ଜଣେ ତା' ଲୁଗା ଟାଣିଲା, ଓଢ଼ଣାଟା ଖସି ପଡୁଥିଲା, ଡରରେ ଟାଣି ଧରିଲା। ପଛରେ ବସିଥିବା ଆମ ଗାଁ ପରୀ କହିଲା - ଓଢ଼ଣା କାଢ଼ି ଦେ... ଆମେ ପୁରୀ ଛାଡ଼ିଲୁଣି... ଆଉ ଡର ନାହିଁ। ରାନୁ କିଛି ବୁଝିପାରିଲା ନାହିଁ। ବସ ମଝି ସିଟ୍ ପାଖରେ ତା'ର ଶାଶୁ ବୋଲି ପରିଚୟ ଦେଉଥିବା ସ୍ତ୍ରୀ ଲୋକଟିର ମୁହଁରେ ସକାଳର ସେ ସରଳପଣ କିନ୍ତୁ ଦୃଶ୍ୟମାନ ହେଉ ନ ଥାଏ। ପାଟିରେ ପାନ ଓ ବାଘୁଣୀ ଆଖିରେ କର୍କଶ ସ୍ୱରରେ କଥା ହେଉଥାଏ। ରାନୁର ଗୋଟିଏ ପାର୍ଶ୍ୱରେ ଜଣେ ସ୍ତ୍ରୀ ଓ ଅନ୍ୟ ପାର୍ଶ୍ୱରେ ଜଣେ ପୁରୁଷ ଲୋକ ବସିଥାନ୍ତି। ତାର ବାପା ଦାଦାଙ୍କ ପରି ନୁହେଁ ବରଂ ବଳିଷ୍ଠ, ଡେଙ୍ଗା, ମୁଣ୍ଡରେ କେଶ ଓ ମୁହଁରେ ନିଶର ନକ୍ସା। ଏହା ଭିତରୁ ତା'ର ସ୍ୱାମୀ କିଏ? ସଂଶୟରେ ତଣ୍ଟି ଶୁଖି ଯାଉଥାଏ। ପାଣି ମାଗିବାରୁ ଶାଶୁ ଚିତ୍କାର କଲେ- ଡରିଗଲା, ସତରେ କ'ଣ ଭୁଲ କରିଦେଲା କି? ଝରକା ବନ୍ଦ। ଅନ୍ଧାର ବସ୍‌ରେ ଜଣେ କେହି ପାଣି ବୋତଲଟା ବଢ଼ାଇଦେଲା। ରାନୁ ଢକ ଢକ କରି ପାଣି ପିଇଗଲା।

ବସରେ ଚଢ଼ିଲା ବେଳକୁ ତା'ର ଶାଶୁ ହୋଟେଲ ମାଲିକର ଫୋନ ନମ୍ବର ତା' ବାପାଠାରୁ ନେଇଥିଲା। ଦୁଇଦିନ ମଧ୍ୟରେ ଘରେ ପହଞ୍ଚି ଝିଅ ସହ କଥା କରାଇବ। ରାନୁ ମଧ୍ୟ ହୋଟେଲ ମାଲିକ ନମ୍ବରଟା ରଖିଥିଲା। ପାଣି ପିଇଲା ପରେ ଭୋକ ନାହିଁ; କେତେବେଳେ ଆଖି ଲାଗିଯାଇଛି। ହଠାତ କିଏ ତା'ର ଶାଢ଼ି ଟାଣିଲା। ନୀଳ ଆଲୁଅ, ବସରେ ଗୀତ ଓ ଅଶ୍ଳୀଳ ହସ ଓ ମଦର ଗନ୍ଧ। ପାଖରେ ବସିଛି ବଳିଷ୍ଠ ଯୁବକଟିଏ; ଯୁବକ ନୁହେଁ ତ ମଣିଷଖିଆ ବାଘ। ରାନୁ ଅଳ୍ପ ହିନ୍ଦୀ ବୁଝିପାରେ, ସେ ଯୁବକଠୁ ଯାହା ବୁଝିଲା; ସେ ବାହା ହୋଇ ଯାଉନାହିଁ ବରଂ ଶାଶୁ କହୁଥିବା ସ୍ତ୍ରୀ ଦ୍ୱାରା ତିରିଶ ହଜାର ଟଙ୍କାରେ କିଣା ହୋଇଛି। ଅନ୍ୟ ୧୦/୧୫ ଜଣ ତା' ପରି ଝିଅ ବି ତା' ପରି କିଣା ହୋଇଛନ୍ତି। ବସ୍ତିର ପରୀ ପରି ୫/୬ ଜଣ ଝିଅ ମଧ୍ୟ ବିଭିନ୍ନ ପ୍ରଲୋଭନ ସହ ବିବାହର ପ୍ରହେଳିକା କରି ଝିଅମାନଙ୍କୁ କିଣନ୍ତି। ୨୫ ଜଣ ପୁରୁଷ ମଧ୍ୟରୁ ୧୫ ଜଣ ଗ୍ରାହକ। ସେମାନେ ଝିଅମାନଙ୍କୁ ଖିନଭିନ କରି ଖାଇବେ। ପାଟି କଲେ କିମ୍ବା ପଳାଇବାକୁ ଉଦ୍ୟମ କଲେ ଜୀବନ ଗଲା ଜାଣ।

## ଶ୍ରୀଜଗନ୍ନାଥ ଭରସା

ସେ ନିଃଶ୍ୱାସ ମାରିଲା, ସଂବାଳୁଆ କୋଳରୁ ବାହାରି ପ୍ରଜାପତି ପରି ଉଡ଼ିବାକୁ ସ୍ୱପ୍ନ ଦେଖୁଥିଲା। ମାତ୍ର ଖୋଳପାରୁ ବାହାରିବ କିପରି? ଜାବୁଡ଼ି ଧରିଲା ଶ୍ରୀଜଗନ୍ନାଥଙ୍କ ଲକେଟଟାକୁ, କ'ଣ ଯେ କରିବ? ମନେ ମନେ ନିଶ୍ଚୟ କଲା ଯେପରି ଚାଲାକି କରି ତା'କୁ ଆଣିଲେ ସେହିପରି ଏମାନଙ୍କ କବଳରୁ ମୁକୁଳିବାକୁ ପଡ଼ିବ। କ'ଣ କରିବ! ପଛ ସିଟ୍‌ରେ ଗୋଟିଏ ଝିଅକୁ ଧରି ତା'ର ଇଜ୍ଜତ ନେଉଥାନ୍ତି ଦୁଇ ପୁରୁଷ। ସମସ୍ତେ ଦେଖି ହସୁଥାନ୍ତି, କେହି ଆସୁ ନାହାନ୍ତି। ବସ୍

ସାରା ସେହି ଏକା ଦୃଶ୍ୟ... ଜଣେ ଜଣେ ମହିଳା ପାଖରେ ଜଣେ ବା ଦୁଇ ଜଣ ପୁରୁଷ। ଗରିବଙ୍କୁ ଭଗବାନ ସାହା। ହଠାତ୍ ବସ୍‌ର ସାମ୍ନା ସିଟ୍‌ରେ ପହଲମାନ ଜଗୁଆଳିଙ୍କ ଘେରରେ ଥିବା ଶାଶୂ କହିଲେ- "ଆଉ ଡର ନାହିଁ। ଆମେ ଓଡ଼ିଶା ପାର ହୋଇ ଛତିଶଗଡ଼ରେ ପହଞ୍ଚିଲୁଣି। ସମସ୍ତଙ୍କୁ ଭୋକ ଲାଗୁଥିବ। ଆଗରେ ଗୋଟିଏ ଧର୍ମଶାଳା ଅଛି। ଆମର ଖାଇବା ରଖିଥିବ। ସମସ୍ତେ ନିଜ ହେପାଜତରେ ନିଜ ନିଜ ସ୍ତ୍ରୀକୁ ନେଇ ୧୦ ମିନିଟରେ ଖାଇ କରି ଆସିବ। ପିଣ୍ଡରେ ପ୍ରାଣ ପଶିଲା। ବସରୁ ଓହ୍ଲାଏ, ତା' ପରେ କ'ଣ ହେବ ଦେଖାଯିବ।

ଛଳନା କରି ପାଖରେ ବସିଥିବା ଯୁବକ ସହ ମିଠା ମିଠା କଥା ଆରମ୍ଭ କରି ଦେଇଥାଏ ରାନୁ। ଖୁସି ହୋଇ ସେ ରାନୁର ହାତ ଆଉଁଶୁଥାଏ; ବସ୍‌ର ହଲଚଲରେ ଦେହକୁ ଦେହ ବାଜିଗଲେ ହସୁଥାଏ।

ବସ୍‌ଟି ତା'ର ଗନ୍ତବ୍ୟ ସ୍ଥଳରେ ରହିଲା। ରାନୁ କହି ଚାଲିଥାଏ..... ବସ୍ ପାଖରେ କଥିତ ଶାଶୁ ଠିଆ ହୋଇ ତାଗିଦା କଲେ- ହୋଟେଲରେ ଆଗରୁ କୁହାଯାଇଛି। କିଏ ପଚାରିଲେ କହିବ, "ଆମେ ଗାଁରୁ ପୁରୀ ଦର୍ଶନ ପାଇଁ ଆସିଥିଲୁ... ଆଉ ଏମାନେ ଆମ ସ୍ତ୍ରୀ।"

## ସ୍ୱାମୀର ଧମକ

ବସରୁ ଓହ୍ଲାଇ ତାରା ଛନଛନ ଆକାଶକୁ ଚାହିଁ ଶ୍ରୀଜଗନ୍ନାଥଙ୍କ ଲକେଟ ଉପରେ ନଜର ପକାଇଲା ରାନୁ। କଥିତ ସ୍ୱାମୀ ହାତ ଟାଣି ନେଲା, ରାନୁର। ବହୁତ ଭିଡ଼ ଓ ଭୟାନକ ପରିବେଶରେ ରୁଟି, ଡାଲି ଓ ପିଆଜ ଖଣ୍ଡେ ଥୋଇଲା ଦୁର୍ବଳ ହ୍ୟାପ୍ ପ୍ୟାଣ୍ଟ ଗଞ୍ଜି ପିନ୍ଧା ଛୋଟ ପିଲାଟିଏ। ପାଖ ଟେବୁଲରେ ମଦୁଆ ଲୋକ ଠରାଠରି ହେଉଥାନ୍ତି। ଖାଇବା ଆରମ୍ଭରେ କଥିତ ସ୍ୱାମୀ ଟେବୁଲ ଛାଡ଼ି ତାଗିଦା କରି ଗଲେ- ଏପଟ ସେପଟ ହେବୁ ନାହିଁ, ନ ହେଲେ ମାରିଦେବି।

ସେଇ ରୁଟି ଦେଉଥିବା ପିଲାର ହାତ ଧରି ତାକୁ କେଉଁ ଯେ ଭରସାରେ ପଚାରିଦେଲା ରାନୁ- "ମୋତେ ସାହାଯ୍ୟ କରିବୁ?" ପାଟିରୁ ଓଡ଼ିଆ କଥା ଶୁଣି ସେ ହତବାକ ହୋଇଗଲା। କିଛି କହିବା ପୂର୍ବରୁ ସେ ପିଲାଟି ରାନୁର ହାତ ଧରି ଦୌଡ଼ି ପାଖ ଟ୍ରକ୍ ଡ୍ରାଇଭରକୁ କହିଲା- "ସେମାନେ ଖୋଜିବା ଆଗରୁ ଆକୁ ନେଇ ପୋଲିସ ପାଖରେ ପହଞ୍ଚାଇ ଦେ.... ଶୀଘ୍ର ପଳାଅ।

ରାନୁ କହୁଥାଏ, ମତେ ଛାଡ଼ି ସେ ପିଲାଟି ହୋଟେଲ ଆଡକୁ ଦୌଡ଼ି ଅଦୃଶ୍ୟ ହୋଇଗଲା। ଟ୍ରକ ଡ୍ରାଇଭର କହିଲା, ଆସନ୍ତୁ, "ଟ୍ରକର ବୋଝେଇ ଜିନିଷ ମଧ୍ୟରେ ଲୁଚି ବସନ୍ତୁ, ଶୀଘ୍ର ଜାଗା ଛାଡ଼ିବା, ନଚେତ ଦୁହେଁ ମରିବା।" ଯନ୍ତ୍ରଚାଳିତ କଣ୍ଢେଇ ପରି ଟ୍ରକ୍ ପଛରେ ଲୁଚି ବସିଲା ରାନୁ। ପାଟି ଚିତ୍କାର ଭିତରେ ଅନ୍ଧାର ରାତି ଚିରି ଟ୍ରକ୍‌ଟି ସର୍ପିଳ ରାସ୍ତାରେ ଗଡ଼ି ଚାଲିଲା। ହଠାତ୍ ଟ୍ରକ୍‌ଟା ରହିଲା ଗୋଟିଏ ଟୋଲ୍ ଗେଟ ପାଖରେ। ଡ୍ରାଇଭର କହିଲା- ବାହାରି ଆସନ୍ତୁ, ପୋଲିସକୁ ସବୁ କୁହନ୍ତୁ। ମୁଁ ଏଥର ଅନ୍ୟ ରାସ୍ତାରେ ଯିବି। ସେ ପୋଲିସକୁ କ'ଣ ସବୁ କହିଲା। ରାନୁ ମଧ୍ୟ ପୋଲିସ ପଚାରିବାରୁ ହଁ କଲା।

> **ହଠାତ୍ ଟ୍ରକ୍‌ଟା ରହିଲା ଗୋଟିଏ ଟୋଲ୍ ଗେଟ ପାଖରେ। ଡ୍ରାଇଭର କହିଲା- ବାହାରି ଆସନ୍ତୁ, ପୋଲିସକୁ ସବୁ କୁହନ୍ତୁ।**

ଟୋଲ୍ ଗେଟ ପାଖରୁ ଥାନାକୁ ଆଣି ରାନୁକୁ ପଚାରିବାରୁ ସେ ସବୁ କଥା ବର୍ଣ୍ଣନା କଲା। ଥାନା ବାବୁ ରାନୁଠାରୁ ବୁଝି ପିପିଲି ଥାନାକୁ ଫୋନ କଲେ ଓ ଖାଇବାକୁ ଦେଇ କହିଲେ, "ଡର ନାହିଁ। ରାତି ପାହିଲେ ତୁମ ଘରକୁ ଯିବାର ସମସ୍ତ ବ୍ୟବସ୍ଥା କରିଦେବି।" ଶାନ୍ତିରେ ନିଃଶ୍ୱାସ ମାରିଲା ରାନୁ। ସକାଳୁ ପିପିଲି ଥାନା ବାବୁଙ୍କ ସହ ସେ କଥା ହେଲେ। ରାନୁ ମଧ୍ୟ ହୋଟେଲ ମାଲିକଙ୍କ ଫୋନରେ ବାପା ସହ କଥା ହେଲା। ସବୁ ସମସ୍ୟାର ସମାଧାନ ହେଲା। ରାନୁ ଘରକୁ ଫେରିଲା। ସାପ ଶିଡ଼ି ଖେଳରେ ସାପ ଗିଳାର ଶିକାର ହୋଇ ପୁଣି ଶିଡ଼ି ଚଢ଼ିଲା ରାନୁ; କିନ୍ତୁ କେଉଁଠି କେମିତି ମନର କୌଣସି ଅଜଣା ଆଶଙ୍କା ଆଉ ତାକୁ ପ୍ରଜାପତି ପରି ଉଡ଼ିବାକୁ ସାହସ ଜୁଟାଇପାରୁ ନ ଥିଲା। ହେଲେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସେ ବଞ୍ଚି ଯାଇଥିବାରୁ ଶ୍ରଦ୍ଧା ଓ ଭକ୍ତିରେ ଆଜି ବି କୋଟି ପ୍ରଣାମ କରୁଛି ରାନୁ।

ଓଡ଼ିଶା ରାଜ୍ୟ ମହିଳା କମିଶନରେ ମୋର ସାତ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଏଭଳି ବହୁ ମରମ ଛୁଆଁ ଅନୁଭବ ମୋତେ ଗଭୀର ଭାବରେ ବିବ୍ରତ କରିଥିଲା।


□□

ଲେଖିକାଙ୍କ ଇ-ମେଲ୍ ଠିକଣା:
photooflopamudra@gmail.com

ସାକ୍ଷାତକାର

# ପ୍ରବୀଣ କଥାକାର ହୃଷୀକେଶ ପଣ୍ଡାଙ୍କ ସହ ଏକ ଅନ୍ତରଙ୍ଗ ବାର୍ତ୍ତାଲାପ

*ଡ. ହୃଷୀକେଶ ପଣ୍ଡା ଓଡ଼ିଆ ସାହିତ୍ୟ ଜଗତର ପ୍ରବୀଣ କଥାକାର ଭାବରେ ସୁପ୍ରତିଷ୍ଠିତ। ୧୯୫୫ ମସିହାରେ ଜନ୍ମିତ ଶ୍ରୀ ପଣ୍ଡା ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସେଥିରେ ଯୋଗଦିଅନ୍ତି ୧୯୭୯ ମସିହାରେ। ଦୀର୍ଘ ୩୬ ବର୍ଷ କାଳ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଜର ଦାୟିତ୍ୱ ନିର୍ବାହ କରିବାପରେ ସେ ୨୦୧୫ ମସିହାରେ ଅବସର ଗ୍ରହଣ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଶାରଳା ପୁରସ୍କାର ଓ ଅନ୍ୟାନ୍ୟ ଅନେକ ସାରସ୍ୱତ ସମ୍ମାନରେ ଭୂଷିତ ଶ୍ରୀ ପଣ୍ଡାଙ୍କର ବହୁ ସଂଖ୍ୟକ ଉପନ୍ୟାସ, ଗଳ୍ପ ସଂକଳନ ଓ ନାଟକ ପ୍ରକାଶିତ ହୋଇ ପାଠକାଦୃତ ହୋଇଛି। ତା'ଙ୍କ ସହିତ ବାର୍ତ୍ତାଲାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ଆଜିକୁ ପ୍ରାୟ ୪୫ ବର୍ଷ ତଳେ ଯେତେବେଳେ ଆପଣ 'ଭାରତୀୟ ପ୍ରଶାସନିକ ସେବା' ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ହାସଲ କଲେ, ସେତେବେଳେ ସମଗ୍ର ଦେଶରେ ଚହଳ ପଡ଼ିଯାଇଥିଲା। ଆମେ, ସେତେବେଳର ତରୁଣ ଛାତ୍ରମାନେ ଆପଣଙ୍କୁ ମନେମନେ ଆମର ଆଦର୍ଶ ବୋଲି ଧରି ନେଇଥିଲୁ। ସେହି ସମୟରେ କ'ଣ ଆପଣ କଳ୍ପନା କରିଥିଲେ ଯେ ଦିନେ ଆଜିର ସ୍ଥିତିରେ ଆସି ପହଞ୍ଚିବେ?

**ହୃଷୀକେଶ ପଣ୍ଡା:** କେଉଁ ସ୍ଥିତି ?

**ସାହିତ୍ୟ ଚର୍ଚ୍ଚା:** ସାଧାରଣରେ ଯାହା ଧାରଣା ଅଛି, ନିଜର ନୀତି ଓ ନିଷ୍ଠାରେ କେବେ ସାଲିସ୍ ନ କରିଥିବା କାରଣରୁ ଆପଣଙ୍କୁ ବୃତ୍ତିଗତ ଜୀବନରେ ବହୁ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଛି, ଏବଂ ପରିଶେଷରେ ମନେହୋଇଛି ଯେମିତି ଆପଣ ବ୍ୟବସ୍ଥାଠାରୁ ହାରିଯାଇଛନ୍ତି।

**ହୃଷୀକେଶ ପଣ୍ଡା:** ହାରିନାହିଁ। ଅନେକ ଲୋକଙ୍କ ମନରେ ଥାଏ ଯେ ମୁଖ୍ୟ ଶାସନ ସଚିବ ହେବାଟା ଖୁବ୍ ବଡ଼ କଥା। ସେଇଟା ନ ହୋଇପାରିଲେ ବି, ଶେଷକୁ ଭାରତ ସରକାରଙ୍କର ସଚିବ ଭାବରେ କାର୍ଯ୍ୟ କରିବାର ଅବସର ତ ମୋତେ ମିଳିଛି। ଏଣୁ ମୁଁ କହିବି ଯେ ଚାକିରି ଜୀବନର ପ୍ରାପ୍ୟ ମୁଁ ପାଇଛି।

**ସାହିତ୍ୟ ଚର୍ଚ୍ଚା:** ତେବେ ଆମେ ପଦବୀଜନିତ ପ୍ରାପ୍ୟର କଥା କହୁନାହୁଁ। ଅନ୍ୟ ଗୋଟିଏ ଦିଗ ହେଲା ଆତ୍ମସନ୍ତୁଷ୍ଟି। ଯେତେବେଳେ ଆପଣ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଲେ, ସେତେବେଳେ ଦେଶ ବା ସମାଜ ପାଇଁ ଯେଉଳି ନିଜର କର୍ତ୍ତବ୍ୟ ସାଧନ କରିବା ପାଇଁ ସ୍ୱପ୍ନ ଦେଖିଥିଲେ, ତାହା ସାର୍ଥକ ହେଲା କି?

**ହୃଷୀକେଶ ପଣ୍ଡା:** ହୋଇଛି, ଏବଂ ନ ହୋଇଛି ମଧ୍ୟ।

କିନ୍ତୁ ମୁଁ ଯେତେବେଳେ ଯେଉଁ କାମ କରିବାକୁ ଚାହିଁଛି, ବା ଯେଉଁ ଭାବରେ ଲୋକମାନଙ୍କ ପାଇଁ କାମ କରିବାକୁ ଚାହିଁଛି, ବୋଧହୁଏ ମୋତେ ସେହିଭଳି ଦାୟିତ୍ୱ ମିଳିଛି। ବେଳେବେଳେ ମୋତେ କେତେକ ଦଣ୍ଡମୂଳକ ପଦକୁ ମଧ୍ୟ ଠେଲି ଦିଆଯାଇଛି। ପରେ, ଭାରତ ସରକାରଙ୍କ ଅଧୀନରେ ଅବଶ୍ୟ ମୋତେ କିଛି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିଲା।

**ସାହିତ୍ୟ ଚର୍ଚ୍ଚା:** ତଥାପି ଆପଣଙ୍କ ଭଳି ଏକ ବ୍ୟତିକ୍ରମ ପ୍ରତିଭା ପାଇଁ ବୋଧହୁଏ ଆହୁରି ଅଧିକ ସ୍ୱୀକୃତି ଅପେକ୍ଷିତ ଥିଲା। ସରକାରଙ୍କର ଆପଣଙ୍କ ପ୍ରତି 'ଆଟିଚ୍ୟୁଡ୍' ଆପଣଙ୍କୁ ବିବ୍ରତ କରିଥିଲା କି?

**ହୃଷୀକେଶ ପଣ୍ଡା:** ଏହି 'ଆଟିଚ୍ୟୁଡ୍' ପାଇଁ କ'ଣ କିଏ କାମ କରେ? ମୁଁ ତ ପାରେନି। ସେମାନେ ଯେ କାହିଁକି ମୋତେ ଏତେ ଡରନ୍ତି, ମୁଁ ବି ବୁଝିପାରେନି।

**ସାହିତ୍ୟ ଚର୍ଚ୍ଚା:** ଏହି ଡରଟି କ'ଣ ଥିଲା ଆପଣଙ୍କର ସାଲିସହୀନ ନୀତି ଓ କର୍ତ୍ତବ୍ୟନିଷ୍ଠା ଯୋଗୁ?

**ହୃଷୀକେଶ ପଣ୍ଡା:** ଏକ୍‌ଜାକ୍ଟଲି। ଅନେକ ଲୋକ ଭାବନ୍ତି ଯେ ମୁଁ ଲୋକଙ୍କ ପଛରେ ପଡ଼ି ସେମାନଙ୍କୁ ଧରେ। ସେମିତି କିଛି କଥା ନ ଥିଲା, ବରଂ ଏହା ଥିଲା ମୋ' କର୍ତ୍ତବ୍ୟ ନିର୍ବାହର ଏକ ଅଂଶ ମାତ୍ର।

**ଏହି 'ଆଟିଚ୍ୟୁଡ୍' ପାଇଁ କ'ଣ କିଏ କାମ କରେ? ମୁଁ ତ ପାରେନି। ସେମାନେ ଯେ କାହିଁକି ମୋତେ ଏତେ ଡରନ୍ତି, ମୁଁ ବି ବୁଝିପାରେନି।**

**ସାହିତ୍ୟ ଚର୍ଚ୍ଚା:** ନିଜ ଅବସର ପରବର୍ତ୍ତୀ କାଳର ଜୀବନ ଆପଣ କାହିଁକି ସହରର ଚାକଚକ୍ୟରୁ ଦୂରରେ ରହି ଗାଆଁରେ ଥିବା ନିଜର ପୈତୃକ ଘରେ ହିଁ ବିତାଇବାକୁ ପସନ୍ଦ କଲେ?

**ହୃଷୀକେଶ ପଣ୍ଡା:** ଗାଆଁକୁ ତ ପୂର୍ବରୁ ମୁଁ ବରାବର ଯାଉଥିଲି। ଗାଆଁର ପରିବେଶ ସହିତ ସମ୍ପର୍କର ଡୋର ଯୋଡ଼ି ହୋଇ ରହିଥିଲା। ତେଣୁ ଅବସର ପରେ ତାହାକୁ ବାଛିନେଲି।

**ସାହିତ୍ୟ ଚର୍ଚ୍ଚା:** ଗାଆଁରେ କ'ଣ ଆପଣ ଏକୁଟିଆପଣ ଅନୁଭବ କରନ୍ତି ନାହିଁ?

**ହୃଷୀକେଶ ପଣ୍ଡା:** ଆପଣ କୁହନ୍ତୁ, ସହରର ଲୋକେ ଏକୁଟିଆ ନୁହନ୍ତି କି !

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ପ୍ରଥମ ଉପନ୍ୟାସଟିର ନାଁ ହେଲା, 'ଶୂନ ସଙ୍ଗେ ସାମୟିକ ସନ୍ଧି'। ତେବେ ବାସ୍ତବ ଜୀବନର ଚଲାବାଟରେ ଏମିତି ଶୂନମାନଙ୍କ ସହିତ ସନ୍ଧି କରିପାରିଲେନି କାହିଁକି?

**ହୃଷୀକେଶ ପଣ୍ଡା:** ନା, ନା। ସେଥିରେ ଯେଉଁ ପ୍ରସଙ୍ଗରେ ଏହି ସନ୍ଧିର କଥା କୁହାଯାଇଛି ସେଇଟା ଖୁବ୍ ବଡ଼। ଇଏ ତ ଗୋଟିଏ ଦର୍ଶନ। ଏଥି ସହିତ ମୋ' ନିଜ ଜୀବନର ଭାତ, ରୁଟି, ଡାଲିର କିଛି ସମ୍ପର୍କ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଏହି ଦର୍ଶନ ଅନୁସାରେ ଜୀବନଟା କ'ଣ ତେବେ ଶୂନ୍ୟ, ମୂଲ୍ୟହୀନ?

**ହୃଷୀକେଶ ପଣ୍ଡା:** ମଣିଷ ଜୀବନଟା ସେଇଆ ନୁହେଁ କି? ଆପଣ ଯେତେସବୁ ଜିନିଷକୁ ଭାବୁଛନ୍ତି ମୂଲ୍ୟବାନ ବୋଲି, ସବୁ ତ ଆପଣମାନେ ହିଁ ସୃଷ୍ଟି କରିଛନ୍ତି। ଏଇଟା ମୂଲ୍ୟହୀନ, ଆଉ ସେଇଟା ହେଉଛି ମୂଲ୍ୟବାନ - ଏସବୁ ଭାବନା ତ ଆମ ନିଜର ସୃଷ୍ଟି।

**ସାହିତ୍ୟ ଚର୍ଚ୍ଚା:** ପ୍ରଶାସନିକ ସେବାରୁ ଅବସର ନେବାପରେ ମନେହେଉଛି ଯେମିତି ଆପଣ ସାହିତ୍ୟ ଜଗତରୁ ଉଭେଇ ଯାଇଛନ୍ତି। ଏବେ ଆପଣଙ୍କର ନୂଆ ରଚନା ପଢ଼ିବାକୁ ମିଳୁନାହିଁ, କି ସଭାସମିତିମାନଙ୍କରେ ବି ଆପଣଙ୍କୁ ଦେଖିବାକୁ ମିଳୁନାହିଁ। ଏମିତି କାହିଁକି?

**ହୃଷୀକେଶ ପଣ୍ଡା:** ମୁଁ ଆଗରୁ ବି ସାହିତ୍ୟ ସଭାଗୁଡ଼ିକୁ ବିଶେଷ ଯାଉ ନ ଥିଲି। କାରଣ ସେଥିରେ ବହୁତ ସମୟ ଅକାରଣେ ନଷ୍ଟ ହୁଏ; ମୋ ପାଖରେ ବି ଏତେ ସମୟ ନ ଥାଏ। ବାକି ଆପଣ ଯେଉଁ କହିଲେ ଯେ ସାହିତ୍ୟ ଜଗତରୁ ମୁଁ ଉଭେଇ ଯାଇଛି, ଏ ବିଷୟରେ ଗୋଟିଏ ପଦ କହିବି। ଅବସର ପରେ ଲୋକଙ୍କ ପାଇଁ ମୋର ଗୋଟିଏ, ଦୁଇଟା କାମ ବାକି ରହିଯାଇଥିଲା। ନଦୀବନ୍ଧ ଯୋଗୁ ବିସ୍ଥାପିତ ହୋଇଥିବା ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ମୋତେ ସମୟ ଦେବାକୁ ପଡ଼ିଲା। ଏଇମିତି ଅସୁବିଧାଗ୍ରସ୍ତ ଓ ଦୁଃଖୀ ଲୋକଙ୍କ ପାଇଁ କିଛିକିଛି କାମ କରୁଥାଏ; ଏଣୁ ମୋର ସାହିତ୍ୟସେବା କିଛି ଧିମେଇଗଲା। ଅବଶ୍ୟ ଏହାରି ଭିତରେ ମୋର ଶେଷ ବହିଟି ବି ପ୍ରକାଶିତ ହୋଇଛି।

**ସାହିତ୍ୟ ଚର୍ଚ୍ଚା:** କେଉଁ ବହି?


**ହୃଷୀକେଶ ପଣ୍ଡା:** ମୋର ଉପନ୍ୟାସ, 'ସମସ୍ତେ ତ ଜାଣିଥିଲେ'। ବହିଟା ତ ବାହାରିଲା; ପାଠକଙ୍କୁ କିନ୍ତୁ କେଜାଣି କାହିଁକି ଜଣାପଡ଼ିଲା ନାହିଁ ଏହା। ତା' ପୂର୍ବର ଉପନ୍ୟାସ, 'ଗର୍ବ କରିବାର କଥା' ବାହାରିଲା ବେଳକୁ ଯେମିତି ଚହଳ ପଡ଼ିଯାଇଥିଲା, ଏଇଟି ବେଳକୁ ସେୟା ହେଲାନାହିଁ।

**ସାହିତ୍ୟ ଚର୍ଚ୍ଚା:** ଏହାର କାରଣ ହୋଇପାରେ ଯେ ଆଜିକାଲି ସାହିତ୍ୟର ଅନ୍ୟ ବିଭାଗ ଅପେକ୍ଷା ଉପନ୍ୟାସର ପାଠକମାନଙ୍କ ସଂଖ୍ୟା ଢେର କମିଯାଇଛି।

**ହୃଷୀକେଶ ପଣ୍ଡା:** ଏଥିରେ ମୁଁ ରାଜି ହେବିନାହିଁ। ମୋର ପାଖାପାଖି ୬୦୦ ପୃଷ୍ଠାର ବହି 'ଗର୍ବ କରିବାର କଥା' ତ ପୁଣି ବହୁତ ବିକ୍ରି ହୋଇଛି !

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣଙ୍କ ଏହି ସଦ୍ୟତମ ଉପନ୍ୟାସ 'ସମସ୍ତେ ତ ଜାଣିଥିଲେ'ର ପାଠକୀୟ ଗ୍ରହଣୀୟତା ବିଶେଷ ନ ହେବାରୁ ଆପଣ ଟିକିଏ ନିରୁତ୍ସାହିତ ହୋଇପଡ଼ିଛନ୍ତି କି?

**ହୃଷୀକେଶ ପଣ୍ଡା:** ସେକଥା ନୁହଁ। ଏବେ ମୁଁ ଅଧିକ ଲେଖାଲେଖି ନ କରୁଥିବାରୁ ହୁଏତ ସେମିତି ମନେ ହେଉଥିବ। କିନ୍ତୁ କଥା ହେଲା, ଅନ୍ୟାନ୍ୟ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିବା କାରଣରୁ ମୁଁ ନୂଆ ଲେଖା ବେଶି ଲେଖିପାରୁନାହିଁ।




**ସାହିତ୍ୟ ଚର୍ଚ୍ଚା:** ଏମିତି ବି ହୋଇପାରେ ଯେ, ଆପଣଙ୍କୁ ଆଉ ଲେଖା ମାଡୁନାହିଁ !

**ହୃଷୀକେଶ ପଣ୍ଡା:** ତା' ନୁହେଁ ! କିଛି ଦିନ ପୂର୍ବେ ନାଟକଟିଏ ଲେଖିବାରେ ମନୋନିବେଶ କରିଥିଲି। ଏହା ଅବଶ୍ୟ ଏବେ ଅର୍ଦ୍ଧଲିଖିତ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ଅର୍ଦ୍ଧଲିଖିତ ନାଟକଟିର ସ୍ଥିତି ସହିତ ଆପଣଙ୍କ ଲେଖକୀୟ ଜୀବନର ପୂର୍ବତନ ସ୍ଥିତିକୁ ତୁଳନା କଲେ ଆମେ ପାଉ ଯେ ଆପଣ ତ ସେତେବେଳକୁ ରାଶି ରାଶି ଗଳ୍ପ ଲେଖୁଥିଲେ। ସେହି ଗଳ୍ପମନସ୍କତା ଏବେ ଆଉ ନାହିଁ କାହିଁକି ?

**ହୃଷୀକେଶ ପଣ୍ଡା:** କିନ୍ତୁ ମୁଁ ନିଜେ ଅନୁଭବ କରୁନାହିଁ ମୋର ସେହି ରଚନାପ୍ରବଣତା ଏବେ ନାହିଁ ବୋଲି।

**ସାହିତ୍ୟ ଚର୍ଚ୍ଚା:** ତେବେ ଆଉ ନୂଆ ଗଳ୍ପ କାହିଁକି ଲେଖୁନାହାନ୍ତି ?

**ହୃଷୀକେଶ ପଣ୍ଡା:** ସେମିତି କିଛି ନିର୍ଦ୍ଦିଷ୍ଟ କାରଣ ନାହିଁ। ହୁଏତ ପୂର୍ବରୁ ନୂଆ ଗଳ୍ପ ପାଇଁ ପତ୍ରପତ୍ରିକାମାନଙ୍କ ପକ୍ଷରୁ ପ୍ରବଳ ଚାପ ପଡୁଥିଲା ଗଳ୍ପ ପାଇଁ। ସେଥିପାଇଁ ଅନେକ କିଛି ଲେଖି ହୋଇଯାଉଥିଲା।

**ସାହିତ୍ୟ ଚର୍ଚ୍ଚା:** ଟିକିଏ ଆଗରୁ ଆପଣ 'ଗର୍ବ କରିବାର କଥା' ଉପନ୍ୟାସଟି ବିଷୟରେ କହୁଥିଲେ। ଏହା ତ ଓଡ଼ିଆ ଉପନ୍ୟାସ ପ୍ରତି ଆପଣଙ୍କର ଏକ ମୂଲ୍ୟବାନ ଅବଦାନ। ଏହି ଫର୍ମାଟ୍‌ରେ ଆମ ଭାଷାରେ ଅନ୍ୟ କୌଣସି ଉପନ୍ୟାସ ଲେଖା ହୋଇନାହିଁ। ଆପଣ ଅନନ୍ୟ ଭାବରେ ଷୋଡ଼ଶ ଶତାବ୍ଦୀରୁ ଆରମ୍ଭ କରି ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଗଡ଼ିଆସିଥିବା ଗୋଟିଏ ପରିବାରର ସବୁତକ ପିଢ଼ିର ଏକ ମନୋରମ ଉପସ୍ଥାପନ କରିଛନ୍ତି ଏଥିରେ। ସେହି କାଳଖଣ୍ଡଗୁଡ଼ିକର ସାମାଜିକ ଓ ଐତିହାସିକ ସ୍ଥିତି ବଡ଼ ଜୀବନ୍ତ ଭାବରେ ପ୍ରତିଫଳିତ ହୋଇଛି।

**ହୃଷୀକେଶ ପଣ୍ଡା:** ଓ ଅର୍ଥନୈତିକ ସ୍ଥିତି ମଧ୍ୟ।

**ସାହିତ୍ୟ ଚର୍ଚ୍ଚା:** ହଁ, ଅର୍ଥନୈତିକ ମଧ୍ୟ। ଏ ବହିଟି ପାଇଁ ଆପଣଙ୍କୁ ସ୍ୱୀକୃତି ମଧ୍ୟ ମିଳିଛି। ଏଇଟି ପାଇଁ ଆପଣ ଶାରଳା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ବହିଟିର ଏଭଳି ସଫଳତା ଆପଣ ପୂର୍ବରୁ ଆଶା କରିଥିଲେ କି ?

**ହୃଷୀକେଶ ପଣ୍ଡା:** ମୁଁ ଯେତେବେଳେ ବହିଟି ନେଇ ପ୍ରକାଶକଙ୍କ ପାଖକୁ ଯାଇଥିଲି, ତାଙ୍କୁ କହିଥିଲି, 'ଏମିତି ପୃଥୁଳକାୟ ବହି ୨୦୦ରୁ ୩୦୦ ଖଣ୍ଡେ ବିକ୍ରି ହେବ; ଏଣୁ ଆପଣ ବେଶି ଛାପିବେନି।' ସିଏ କିନ୍ତୁ କହିଲେ,'ସେକଥା ଆମେ ବୁଝିବୁ; ଆପଣ କାହିଁକି ବ୍ୟସ୍ତ ହେଉଛନ୍ତି ?' ଦେଖିଲା ବେଳକୁ, ଏବେ ସେହି ବହିର ଏବେ ଛଅଟା ସଂସ୍କରଣ ବାହାରି ସାରିଲାଣି।

**ସାହିତ୍ୟ ଚର୍ଚ୍ଚା:** ଏଥିରୁ ଜଣାପଡୁଛି ଯେ ବହିଟି କେବଳ ପୁରସ୍କାରଜନିତ ସ୍ୱୀକୃତି ହିଁ ପାଇନାହିଁ; ପାଠକୀୟ ସ୍ୱୀକୃତି ମଧ୍ୟ।

**ହୃଷୀକେଶ ପଣ୍ଡା:** ତାହା ବୋଧହୁଏ ବହିଟିଏ ଭାଗ୍ୟ।

**ସାହିତ୍ୟ ଚର୍ଚ୍ଚା**: ଏଥିରେ ଆଉ ଗୋଟିଏ କଥା ମଧ୍ୟ ଲକ୍ଷ୍ୟ କରିବାର କଥା ଯେ, ଆପଣ ସାଧାରଣ ଭାବରେ ଏକ ଐତିହାସିକ ଉପନ୍ୟାସ ମାତ୍ର ଲେଖିନାହାନ୍ତି, ବରଂ ଏକ ଐତିହାସିକ ପୃଷ୍ଠଭୂମିରେ ସାଧାରଣ ମଣିଷର କଥା ଲେଖିଛନ୍ତି।

**ହୃଷୀକେଶ ପଣ୍ଡା**: ତାହା ହିଁ ମୋର ଆଭିମୁଖ୍ୟ ଥିଲା। ଇତିହାସର ବିବର୍ତ୍ତନ ଭିତରେ କେତେବେଳେ ଯେ ଓଡ଼ିଶା ଗରିବ ହୋଇଗଲା ଓ କାହିଁକି, ତାହା ମୁଁ ସୂଚାଇବାକୁ ଚେଷ୍ଟା କରିଛି।

**ସାହିତ୍ୟ ଚର୍ଚ୍ଚା**: ଆପଣ ଚାକିରି ଜୀବନରେ କୋରାପୁଟ ଜିଲ୍ଲାରେ ଅନେକ କାଳ ଧରି ଅବସ୍ଥାପିତ ହୋଇଥିଲେ। ସେହି ହେତୁ ଆପଣଙ୍କର ବହୁତ ରଚନାରେ କୋରାପୁଟର ଅଧିବାସୀମାନଙ୍କର ଜୀବନଚିତ୍ର ପ୍ରତିଫଳିତ। ସ୍ଥାନୀୟ ଜନଜୀବନ ପ୍ରତି ଆପଣଙ୍କର ଏମିତି ଆସକ୍ତି ଆସିବାର ହେତୁ କ'ଣ ?

> **କୋରାପୁଟର କଥାଟି ଅବଶ୍ୟ ବେଶି ପ୍ରସିଦ୍ଧ ହୋଇଗଲା ମୋର 'ସୁନାପୁଟର ଲୋକେ' ଉପନ୍ୟାସ ପାଇଁ।**

**ହୃଷୀକେଶ ପଣ୍ଡା**: ଏକଦା ମୁଁ କୋରାପୁଟରେ ବି ରହି ପାଠ ପଢୁଥିଲି। ପରେ ଯେତେବେଳେ ମୋତେ ସେଠାରେ କେ.ବି.କେ. କମିଶନର ଭାବରେ ଅବସ୍ଥାପିତ କରାଗଲା, ସେତେବେଳେ ମୋର ବିଶେଷ କିଛି ଔପଚାରିକ ଦାୟିତ୍ୱ ନ ଥିଲା। ଏଣୁ ମୁଁ ବିଭିନ୍ନ ଅଞ୍ଚଳ ବୁଲି ସେଠାକାର ଜନଜୀବନକୁ ଅନୁଧ୍ୟାନ କରିବାକୁ ସମୟ ପାଉଥିଲି।

**ସାହିତ୍ୟ ଚର୍ଚ୍ଚା**: କୋରାପୁଟ ପାଇଁ ତେବେ ଆପଣଙ୍କର ଥିଲା ସ୍ୱତନ୍ତ୍ର ଦୁର୍ବଳତା।

**ହୃଷୀକେଶ ପଣ୍ଡା**: କେବଳ କୋରାପୁଟ ନୁହେଁ, ମୁଁ ଯେଉଁଠି ଯେତେବେଳେ ରହିଛି, ସେଠିକାର ଜନଜୀବନ ସହିତ ସମ୍ପୃକ୍ତ ହୋଇଯାଇଛି। କୋରାପୁଟର କଥାଟି ଅବଶ୍ୟ ବେଶି ପ୍ରସିଦ୍ଧ ହୋଇଗଲା ମୋର 'ସୁନାପୁଟର ଲୋକେ' ଉପନ୍ୟାସ ପାଇଁ।

**ସାହିତ୍ୟ ଚର୍ଚ୍ଚା**: ସମାଜ-ଚିତ୍ରକୁ ସାହିତ୍ୟରେ ପ୍ରତିଫଳିତ କରିବାରେ ଆପଣ ଅଗ୍ରଣୀ ଭୂମିକା ନେଇଛନ୍ତି ବୋଲି ଆମେ ମନେକରୁ। ପିଏଚ୍.ଡ଼ିରେ ଆପଣଙ୍କର ସନ୍ଦର୍ଭର ବିଷୟ ମଧ୍ୟ ଥିଲା, 'ସମାଜ ଓ ସାହିତ୍ୟ ମଧ୍ୟରେ ସମ୍ପର୍କର ବିଶ୍ଳେଷଣ'। ମନେହୁଏ ଏହି ସମ୍ପର୍କଟି ଆପଣଙ୍କ ପାଇଁ କେବଳ ଏକ ଗବେଷଣାର ବିଷୟ ହିଁ ନୁହେଁ, ବରଂ ସାହିତ୍ୟରେ ବି ଆପଣ ଏହାର ବାସ୍ତବ ପ୍ରୟୋଗ କରିଛନ୍ତି।

**ହୃଷୀକେଶ ପଣ୍ଡା**: ସେଇଟା ଆପଣ କହିପାରନ୍ତି ବାସ୍ତବତା ପ୍ରତି ମୋର ପ୍ରତିବଦ୍ଧତା। ମୋ ଲେଖାରେ କଳ୍ପନା ଓ ଭାବପ୍ରବଣତା ତ ନିଜ ସ୍ଥାନରେ ଅଛି, କିନ୍ତୁ ତାହା ବାସ୍ତବତାର ବିନିମୟରେ ନୁହେଁ।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କର ରଚନା ଶୈଳୀକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଆପଣ ଆଧୁନିକତାଠାରୁ ବରଂ ଆଉ କେଇ ପାଦ ଆଗୁଆ; ଅର୍ଥାତ ଆପଣଙ୍କ ଶୈଳୀ ଯେମିତି 'ସୁପ୍ରା-ମଡର୍ନ'। ଏହା ଆପଣଙ୍କ ଦ୍ୱାରା ସାହିତ୍ୟକୁ ଏକ ନୂଆ ଦିଗ ଦେବାର ପ୍ରୟାସର ପରିଣାମ କି ?

**ହୃଷୀକେଶ ପଣ୍ଡା**: ଏଇଟା ତ ମୁଁ ସଚେତନ ଭାବରେ କରିନାହିଁ। ଏଣୁ ନିର୍ଦ୍ଦିଷ୍ଟ ଭାବରେ କହିପାରିବି ନାହିଁ।

**ସାହିତ୍ୟ ଚର୍ଚ୍ଚା**: ବୃତ୍ତିଗତ ଜୀବନ ହେଉ, ଅବା ବ୍ୟକ୍ତିଗତ ଜୀବନ, ଆପଣ ମିତଭାଷୀ ଭାବରେ ପରିଚିତ। ଏମିତି କି ସଭାସମିତିରେ ଭାଷଣ ଦେବାକୁ ଭଲ ପାଆନ୍ତି ନାହିଁ, ଯେମିତି ଆଜିକାଲି ଅନେକ ସାହିତ୍ୟ ମଞ୍ଚରେ ଦେଖିବାକୁ ମିଳେ। ଏହାର କାରଣ କ'ଣ ?

**ହୃଷୀକେଶ ପଣ୍ଡା**: ମୁଁ ପ୍ରଥମେ ପ୍ରଥମେ ଯେତେବେଳେ ଏମିତି ସଭାମାନଙ୍କୁ ଗଲି, ବହୁତ ସମୟ ନଷ୍ଟ ହେବା ଭଳି ଲାଗିଲା। ଏତେ ଜାଣିଥିବା କଥା ସେଠି ଏତେ ଜୋର୍‌ରେ କୁହାଗଲା ଯେ ମୁଁ ବ୍ୟତିବ୍ୟସ୍ତ ହୋଇପଡ଼ିଲି।

**ସାହିତ୍ୟ ଚର୍ଚ୍ଚା**: ଅର୍ଥାତ୍ ସେହି ମଞ୍ଚମାନଙ୍କରେ ଥାଏ କେବଳ ଜଣା କଥାମାନଙ୍କର ପୁନର୍କଥନ ?

**ହୃଷୀକେଶ ପଣ୍ଡା**: ହଁ, ସେଇଆ। ଅତିଥିମାନେ ବହିଟିଏ ଉନ୍ମୋଚନ କରିବାକୁ ଆସିଥିବେ; କିନ୍ତୁ ବହିଟି ପଢ଼ି ନ ଥିବେ। କହିବେ ଯେ, ସମୟ ହେଲା ନାହିଁ ବହିଟି ପଢ଼ିବାକୁ। ଯଦି ସମୟ ହେଲା ନାହିଁ, ବାବୁ, କାହିଁକି ଆସିଛ ?

**ସାହିତ୍ୟ ଚର୍ଚ୍ଚା**: ଆଜିର ଏହି ସାର୍ଥକ ବାର୍ତ୍ତାଳାପଟି ପାଇଁ ଆପଣଙ୍କୁ ଅନେକ ଧନ୍ୟବାଦ ଜଣାଉଛୁ।

□□

ଗଳ୍ପ

# ଆଉ ଜଣେ ତ୍ରିଶଙ୍କୁ




ଜନ୍ମେଜୟ ପଣ୍ଡା

ପ୍ରେମ କଲା ବେଳେ ପୃଥିବୀର ସବୁ ପୁରୁଷମାନଙ୍କୁ ନାରୀମାନେ ଦେବୀ ପରି ଲାଗନ୍ତି, ପାଣିଗ୍ରହଣ ପରେ ସେଇ ପୁରୁଷମାନଙ୍କ ପାଇଁ ଦେବୀତ୍ୱ ସବୁ ଗ୍ଲୁକୋଜ ପରି କେଜାଣି କେଉଁ ପାଣିରେ ମିଳେଇ ଯାଏ? ଚତୁର୍ଥୀ ରାତିରେ ଦେହକୁ ଦେବାଳୟ ବୋଲି କହୁଥିବା ପୁରୁଷମାନେ ରାତିର ଚଉହଦି ଡେଇଁଗଲା ପରେ ସେହି ଦେବାଳୟକୁ ମାରା ବୋଲି କୁହନ୍ତି। କିନ୍ତୁ କାରଣ କ'ଣ?

ନାରୀ କ'ଣ କେବଳ ଭୋଗର ସାମଗ୍ରୀ?

ଏମିତି ସବୁ ପ୍ରଶ୍ନ ଉଙ୍କି ମାରୁଥାଏ ଶତରୂପାଙ୍କ ମନରେ।

ପ୍ରଶ୍ନିଳ ଆଖିରେ ଦେଖୁଥାନ୍ତି ଆକାଶକୁ, ଚାହିଁଥାନ୍ତି ଜହ୍ନକୁ। ପ୍ରଶ୍ନ ସବୁ ଢେଉ ପରି ଖେଳି ଖେଳି ଆସି ମନ ବେଳାଭୂମିରେ ବିଞ୍ଚି ଦେଉଥିଲେ ଦୁଃଖର ବାଲୁକା, କୋହର ପରସ୍ତ ପରେ ପରସ୍ତ ଆସ୍ତରଣ।



ହେଲେ ଜହ୍ନ କ'ଣ କେବେ ଉତ୍ତର ଦିଏ? ନା ଆକାଶ କେବେ ଆଉଁଶିଦିଏ?

ଯାହାକୁ ସେ ମନ ଦେଇଥିଲେ, ସେହି ବିନୟ କେବେଠୁ ତାଙ୍କ ମନ ଭାଙ୍ଗିସାରିଲେଣି। ସବୁଦିନ ମଦ ପିଇ ଫେରନ୍ତି। ପଚାରିଲେ ଗାଳି, ମାଡ଼ର ବର୍ଷଣ ହୁଏ। ଦିନଯାକ ଘରେ ରହନ୍ତି ନାହିଁ। ପତ୍ନୀ ବୋଲି କିଏ ଜଣେ ତାଙ୍କର ଅଛି ସେ କଥା ହୁଏତ ତାଙ୍କର ମନେ ନ ଥିବ। କଥା କଥାରେ କଳି ଆରମ୍ଭ ହୁଏ। ପୁଅ ଆସି ଟେନ୍‌ଥ ଷ୍ଟାଣ୍ଡାର୍ଡ ପଢ଼ିଲାଣି, ତା ଆଗରେ ବି ଯାହା ଇଚ୍ଛା ତାହା କହିଦିଅନ୍ତି ଶତରୂପାଙ୍କୁ। ଏତେ ଚାକର ବାକର ସମସ୍ତେ ଆଖି ତଳକୁ କରି ଦିଅନ୍ତି। କେହି କେହି ତ ପଛରେ କୁହନ୍ତି ବଡ଼ ଘର ବଡ଼ ଗୁମର କଥା।

ଏତେ ବଡ଼ ଦାମୀ ପ୍ରଡ୍ୟୁସର। ଅନେକ ସିନେମା ତାଙ୍କର ସୁପର ଡୁପର୍ ହିଟ୍। ସିନେମା ଇଣ୍ଡଷ୍ଟ୍ରିର ଅନେକ ଜୁନିଅର ଆର୍ଟିଷ୍ଟ ତାଙ୍କୁ ଗଡ୍‌ଫାଦର ବୋଲି ମାନନ୍ତି। ଘରେ ପଇସାର କେବେ ଅଭାବ ନ ଥାଏ। ଶତରୂପାଙ୍କ ଶୃଙ୍ଗାରଠାରୁ ଆରମ୍ଭ କରି ତାଙ୍କର ପ୍ରତ୍ୟେକ ଇଚ୍ଛା ପୂରଣ ହୋଇଛି, ବାସ୍ କେବଳ ଅର୍ଥରେ। ସମୟ ମାଗିଲେ, ମିଳେ ଅର୍ଥ। ପ୍ରେମ ମାଗିଲେ, ମିଳେ ପ୍ରହାର। ଆଉଁସା ମାଗିଲେ, ମିଳେ କଳି।

କିନ୍ତୁ କେବଳ ଅର୍ଥ କ'ଣ ଜୀବନ ଜିଇବା ପାଇଁ ଯଥେଷ୍ଟ?

ଟଙ୍କା ଦେଖେଇପାରେ ଆଭିଜାତ୍ୟକୁ; କିନ୍ତୁ ମେଣ୍ଟେଇ ପାରେନା ଜୀବନର ମୂଲ୍ୟବୋଧକୁ। ଟଙ୍କାରେ ଅନେକ ଦାମୀ ଡ୍ରେସ୍ କିଣି ହୁଏ; କିନ୍ତୁ କିଣି ହୁଏନା ନିଜ ମନର ମଣିଷ ଦଶ ଟଙ୍କିଆ ରୁମାଲ୍‌ଖଣ୍ଡେ ଉପହାର ଦେଉଥିବା ବେଳକୁ। ଟଙ୍କାରେ ଖାଦ୍ୟ କିଣା ଯାଇ ପାରେ କିନ୍ତୁ କିଣା ଯାଇପାରେ ନାହିଁ ସ୍ୱାମୀଟିଏ ପ୍ରେମରେ ପତ୍ନୀକୁ ଖୁଆଇ ଦେଉଥିବା ବେଳର ଆନନ୍ଦକୁ, ମହାମୋହକୁ।

ବିନୟଙ୍କ ଠାରୁ ଯେଉଁ ସ୍ନେହ ଓ ଦାମ୍ପତ୍ୟ ପ୍ରେମ ପାଇବେ ବୋଲି ସେ ଆଶା କରିଥିଲେ ତାହା କେବଳ ତାଙ୍କର ପୁତ୍ର ବାବୁନ ଜନ୍ମ ହେବା ପର୍ଯ୍ୟନ୍ତ ସୀମିତ ଥିଲା। ବାବୁନର ଜନ୍ମ ପରେ ବିନୟଙ୍କ ବ୍ୟକ୍ତିତ୍ୱରେ ଘୋର ପରିବର୍ତ୍ତନ ସେ ଲକ୍ଷ୍ୟ କଲେ। ବିଶେଷ କରି ଯେବେ ବିନୟ ନୂଆ ନୂଆ ସିନେମା ଲାଇନରେ ପାଦ ଦେଲେ। ଘରେ ରହିବା ଅପେକ୍ଷା ସେ ବାହାରେ ରହିବାକୁ ଅଧିକ ପସନ୍ଦ କଲେ। ଶତରୂପାଙ୍କ ଉପରେ ବିନା କାରଣରେ ଚିଡ଼୍‌ଚିଡ଼୍ ହେବା ଆରମ୍ଭ କଲେ। ଏମିତି ବଦ୍‌ରାଗୀ ତ ସେ ଆଗରୁ ନ ଥିଲେ ତେବେ, ଏବେ କାହିଁକି? କ୍ରମଶଃ ଏହି ସ୍ୱଭାବ ବଢ଼ିବାକୁ ଲାଗିଲା।

ପ୍ରଥମେ ପ୍ରଥମେ ବିନୟଙ୍କ ଏସବୁ ପରିବର୍ତ୍ତନକୁ ଶତରୂପା

ଅତି ସହଜରେ ଗ୍ରହଣ କରି ନେଉଥିଲେ। ସେ ଭାବୁଥିଲେ ଯେ ସିନେମା ଇଣ୍ଡଷ୍ଟ୍ରିର ଲୋକମାନେ କାମ ପାଇଁ ଅନେକ ଟେନସନ୍‌ରେ ରୁହନ୍ତି। ତେଣୁ ବିନୟ ବି ବିରକ୍ତ ହେବା ସ୍ୱାଭାବିକ କଥା। କିନ୍ତୁ ଏ ଭ୍ରମ ତାଙ୍କର ବେଶିଦିନ ରହିଲା ନାହିଁ। ଧୀରେ ଧୀରେ ତାଙ୍କୁ ଅନୁଭବ ହେଲା ତାଙ୍କ ଦୁର୍ବଳ ସମ୍ପର୍କର ଆଳରେ ଯେଉଁ ଦିନ ବିନୟ ମଦ ପିଇ ଆସି ଖାଇବା ଭଲ ନ ହୋଇଥିବାର ବାହାନା କରି ତାଙ୍କୁ ମାଡ଼ ମାରିବା ଆରମ୍ଭ କଲେ। ସେଦିନୁଁ ସମ୍ପର୍କର ସୂତାଖିଅଟାରେ କଳଙ୍କି ଲାଗି ନଷ୍ଟ ହେଇ ଯାଉଥିବାର ସେ ଆଭାସ ପାଇଲେ।

ତା'ପର ଦିନ ସେ ପୁଣି ମଦ ପିଇ ଫେରିଲେ କିନ୍ତୁ ଏଥର ତାଙ୍କ ସହ ଥିଲେ ଜଣେ ସିରିଏଲର ହିରୋଇନ। ହିରୋଇନ ମଧ୍ୟ ନିଶାରେ ଉବୁଟୁବୁ। ଅର୍ଦ୍ଧ ମୁକୁଳା ଦେହ। ଆଲୁଳାୟିତ କେଶ। ମୁଖରୁ ଉତ୍କଟ ଗନ୍ଧ ବାହରୁଥିଲା।

ନିଶାରେ ବିନୟ କହିଲେ,

– ଏ ରୂପା ! ରୂପା ବେ !

– ତମେ ପୁଣି ସେହି ବିଷଗୁଡ଼ା ପିଇକି ଆସିଲ। ଛି....

– ଏ ବାରବୁଲି ଝିଅଟା ପୁଣି କିଏ ?

– 'କଣ କହିଲୁ ? ଛି... ଶଳା ତୋ ବୋପା ଦଉଚି କିବେ ପିଇବାକୁ...' – ପାଖକୁ ଲାଗି ଆସି ଶକ୍ତ ଚଟକଣାଟେ ପକେଇ ଦେଲେ।

– ଆଇ ଏମ ଦ ଗ୍ରେଟ ପ୍ରଡ୍ୟୁସର ବିନୟ ସାମନ୍ତରାୟ। ମୋ ଇଚ୍ଛା ମୁଁ ଯାହା କରିବି। ମୁଁ ପିଇବି, ମୁଁ ଲାଇଫକୁ ଏନ୍‌ଜୟ କରିବି। ହେସ୍ ! କେତେ କେତେ ଆର୍ଟିଷ୍ଟ ମୋ ଗୋଡ଼ ଚାଟନ୍ତି ଫିଲ୍ମ ଗୋଟେ ପାଇବା ପାଇଁ। ଆଇ ଏମ ଦ ଗଡ୍ ଅଫ୍ ଦିସ ଫିଲ୍ମ ଇଣ୍ଡଷ୍ଟ୍ରି।

ଠିକ ଏହି ସମୟରେ ହିରୋଇନ ଜଣକ ପଚାରିଲେ, 'ଡାର୍ଲିଂ ! ୟେ କୌନ ହୈ ଯୋ ତୁମାରା ପ୍ରାଇଭେସୀ ମେ ଇଣ୍ଟରଫିଅର କର ରହି ହୈ ?'

– 'ସି ଇଜ ମାଇଁ କୁକ୍। ଡୋଣ୍ଟ ୱରୀ ଲେଟ୍‌ସ କମ ଉଇଥ ମି' – ଏତିକି କହି ଦୁହେଁ ଚାଲିଗଲେ ହାତ ଧରାଧରି ହୋଇ ଉପର ମହଲାକୁ। କିଛି ସମୟ ପରେ ଠକ୍ କିନା ପଡ଼ିଗଲା କବାଟଟା।

କଥାଟା ଭାରି ବାଧିଲା ଶତରୂପାଙ୍କୁ। ଗୋଟେ ବାହାର ଝିଅ ଆଗରେ ନିଜ ପତ୍ନୀଙ୍କୁ ସେ ଚାକର ପରି ବ୍ୟବହାର କଲେ, କୁକ୍ ବୋଲି କହିଲେ। ପୁଣି ସେ ଝିଅକୁ ନେଇ କବାଟ ବନ୍ଦ କରି ଉପର ଘରକୁ ପଳେଇଲେ। ଏମିତି କି ସିନେମାର ଆଲୋଚନା କରିବେ କି ମଦ ନିଶାରେ ?

ସେ ଝିଅ ବି ତ ଶିଷ୍ଟ ପରି ଜଣା ପଡୁ ନ ଥିଲା। କୌଣସି ସମ୍ଭ୍ରାନ୍ତ ଘରର ଝିଅ କ' ଣ ମଦ ପିଏ, ନା ପର ପୁରୁଷ କାନ୍ଧରେ ଆଉଜି ତାକୁ 'ଡାର୍ଲିଂ' ବୋଲି ସମ୍ବୋଧନ କରେ, ନା ଗୋଟେ ବନ୍ଦ ଘରେ ପର ପୁରୁଷ ପାଖେ ରହେ ? ଏମିତି ନିତି ଝିଅମାନଙ୍କ ସହ ବୁଲନ୍ତି ଏବଂ ସେମାନଙ୍କୁ ଫିଲ୍ମରେ କାମ ଦେବାର ଆଳରେ ନିଜର କାମ ଚରିତାର୍ଥ କରନ୍ତି ବୋଲି ଏଇ ଦୁଇଦିନ ତଳେ କ୍ୟାମେରାମ୍ୟାନ ସନ୍ତୋଷଙ୍କଠାରୁ ଶୁଣିଥିଲେ ସେ। କିନ୍ତୁ ବିଶ୍ୱାସ କରୁ ନ ଥିଲେ। ବିନୟ ମଦ ପିଇ ପାରନ୍ତି, ତାଙ୍କୁ ମାଡ଼ ମାରି ପାରନ୍ତି, କିନ୍ତୁ କେବେ ଧୋକା ଦେଇ ଆଉ କାହା ସହ ସମ୍ପର୍କ ରଖିବେ ଏ କଥାକୁ ସେ ସହଜରେ ହଜମ କରିପାରୁ ନ ଥିଲେ। ଏବେ ନିଜ ଆଖିରେ ଦେଖିଲା ପରେ ତାଙ୍କ ମନ ତଳେ କୋହ ଏବଂ ଆଖିରେ ଲୁହର ଭୂମିକମ୍ପ ଯେପରି ହେବା ଆରମ୍ଭ ହେଲା।

**କୌଣସି ସମ୍ଭ୍ରାନ୍ତ ଘରର ଝିଅ କ'ଣ ମଦ ପିଏ, ନା ପର ପୁରୁଷ କାନ୍ଧରେ ଆଉଜି ତାକୁ 'ଡାର୍ଲିଂ' ବୋଲି ସମ୍ବୋଧନ କରେ ?**

ତତକ୍ଷଣାତ୍ ସେ ଉପର ମହଲାକୁ ଗଲେ ଏବଂ ଧଡ଼ ଧଡ଼ କରି କବାଟ ବାଡ଼େଇବାକୁ ଲାଗିଲେ। ନିଶାରେ ମତୁଆଲା ତାଙ୍କର ସ୍ୱାମୀ ବିନୟ କବାଟ ଖୋଲିଲେ। ତାପରେ ଯାହା ଦେଖିଲେ ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ। ଏମିତି ଅସଂଯତ ଅବସ୍ଥାରେ ତାଙ୍କର ପ୍ରାଣପ୍ରିୟ ବିନୟକୁ ଦେଖିବେ ବୋଲି ସେ କେବେ କଳ୍ପନା କରି ନ ଥିଲେ। ସ୍ତ୍ରୀ ଥାଉ ଥାଉ ପର ନାରୀକୁ ଧରି ଯିଏ ତାମସା କରେ ତାକୁ ପୁରୁଷ ନୁହେଁ, କୁପୁରୁଷ ବୋଲି କହନ୍ତି।

ଅଧେ ପ୍ରେମ ତ ଆଗରୁ କଡ଼ ଲେଉଟେଇ ସାରିଥିଲା, ବାକି ପ୍ରେମତକକୁ ବି ଆଜି ବିନୟ ତାଙ୍କ ନିଜ ହାତରେ ତଣ୍ଟି ଚିପି ହତ୍ୟା କରିଦେଲେ। କେମିତି ସହିଥାନ୍ତା ଶତରୂପାଙ୍କ ହୃଦୟ !

ସ୍ୱପ୍ନର ଅଟ୍ଟାଳିକା ସବୁ ଭାଙ୍ଗୁଥିଲେ ତାଙ୍କ ଆଖିରେ ଓ ଭାଙ୍ଗି ଯାଇ ମାଟିରେ ମିଶି ଯାଉଥିଲେ। ରକ୍ତ ସବୁ ଓଲଟା

ବୋହି ମୁହଁ ଓ ଆଖିରେ ଠୁଳ ହେଉଥିଲେ।

ଏବେ ସବୁ ବୁଝିପାରୁଥିଲେ ସେ। ଏତେଦିନ ଧରି ବିନୟ ତାଙ୍କୁ କାହିଁକି ଅଣଦେଖା କରୁଥିଲେ, କାହିଁକି ମଦ ପିଇ ଫେରୁଥିଲେ, କାହିଁକି ତାଙ୍କ ସହ ଭଲରେ ଟିକେ କଥା ହେଉ ନ ଥିଲେ, କାହିଁକି ବାବୁନକୁ ସ୍ନେହ କରୁ ନ ଥିଲେ- ସବୁ ପ୍ରଶ୍ନର ଉତ୍ତର ସେ ଖୋଜି ପାଇ ଯାଇଥିଲେ।

କେବେ ଦେଖିଛ କୋମଳାଙ୍ଗୀ ନାରୀମାନଙ୍କୁ ବଜ୍ର ପାଲଟି ଯିବାର? ଲହ ଲହ ଜିଭ କାଢ଼ି ରାକ୍ଷସର ସନ୍ଧାନ କରିବାର, ପ୍ରତିଶୋଧ ନେବାର, ପ୍ରତିବାଦ କରିବାର?

ଅଣ୍ଟାରେ କାନିକୁ ଖୋସିଦେଲେ ଶତରୂପା ଏବଂ ବିନୟଙ୍କ କଲାର୍ ଧରି ଠୋ ଠୋ ଦୁଇଟି ଶକ୍ତ ଚାପୁଡ଼ା ଦେଲେ ତାଙ୍କ ଗାଲରେ। ସେହି ହିରୋଇନର ଚୁଟିକୁ ଧରି ଝିଙ୍କି ଆଣିଲେ ଏବଂ ଠେଲି ଦେଲେ ବାହାରକୁ। ପାଖରେ ପଡ଼ିଥିବା ଝାଡୁଟିକୁ ଧରି ମାରି ଚାଲିଲେ ସେହି ଝିଅକୁ। ବିନୟ ଆକ୍ରମଣ କରିବାକୁ ଉଦ୍ୟତ ହେଉଥିବା ବେଳେ ତାଙ୍କ ଉପରେ ମଧ ବସିଲା ଝାଡୁ ପାହାର। ମୋବାଇଲ ଧରି ସବୁକୁ ରେକର୍ଡ଼ିଂ କଲେ ଏବଂ କହିଲେ, 'ଏସବୁ ମିଡ଼ିଆରେ ଏକ୍ସପୋଜ କରିବି। ତୁମେ ମତେ କ'ଣ ଡିଭୋର୍ସ କରିବ ବୋଲି ନିତି ଧମକ ଦେଉଥିଲ, ଆଜି ମୁଁ ତୁମକୁ ଡିଭୋର୍ସ ଦେବି ବୋଲି କହିଦେଇ ଯାଉଛି। ଖାଲି ଡିଭୋର୍ସ ନୁହେଁ ତୁମକୁ ତୁମ ଗର୍ବ ଅହଂକାର ଭାଙ୍ଗିଲା ପର୍ଯ୍ୟନ୍ତ ରକ୍ତାକ୍ତ କରୁଥିବି। ଦିନେ ମୋ ବିଶ୍ୱାସ ଓ ମନକୁ ଭାଙ୍ଗିବାର କରୁଣ ପରିଣତିକୁ ନିଶ୍ଚୟ ତୁମେ ହୃଦୟଙ୍ଗମ କରିବ।'

ଏତିକି କହି ସାରି ଘର ଛାଡ଼ି ସେ ଚାଲିଆସିଲେ ନିଜ ବାପ ଘରକୁ ସବୁଦିନ ପାଇଁ।

ସେଦିନ ଶତରୂପା ସତେ ଯେମିତି ଦେବୀ ରୂପ ଧାରଣ କରିଥିଲେ। ତାଙ୍କ ଚେହେରାରେ ଦେଖାଯାଉଥିଲା ଅନେକ ଦିନର ଅବଦମିତ କ୍ରୋଧ, ଛାତି ଭିତରୁ ବାହାରି ଆସୁଥିଲା ଦୀର୍ଘ ଦିନର କୋହ।

ଲୁହ ସବୁ ଲୁହାଠାରୁ ଓଜନିଆ ଜଣାପଡୁଥିଲେ ଏବଂ ସେହି ଲୁହ ସବୁ ଖିନ୍‌ଭିନ୍ କରି ପକାଉଥିଲେ ସ୍ୱପ୍ନର ଇମାରତ।

ଯା ଭିତରେ ଅନେକ ଦିନ ବିତିଗଲାଣି। ମିଡିଆରେ ଅନେକ ହଙ୍ଗାମା ହୋଇସାରିଲାଣି। ଅନେକ ଲୋକହସା ହୋଇସାରିଲେଣି। ଓଡ଼ିଆ ପ୍ରଡ୍ୟୁସରଙ୍କ ପରକୀୟା ପ୍ରୀତି ବୋଲି ଟିଭିରେ ବାରମ୍ବାର ବାଜୁଛି। କୋର୍ଟରେ ଚାଲିଛି ଡିଭୋର୍ସ କେସ। ତାରିଖ ପରେ ତାରିଖ ଗଡ଼ି ଚାଲିଛି। ସମସ୍ୟା ଆହୁରି ଅଡୁଆ ସୂତା ପରି ଗୁଡ଼େଇ ହେଇ ଚାଲିଛି। ସମାଧାନର ଦିଗ୍‌ବଳୟ କେବଳ ଦେଖାଯାଉଛି ଯାହାର ଅନ୍ତ ଖାଲି ମରୀଚିକା ଭଳି। ଉତ୍ତର ଦେଇ ଦେଇ ଥକି ଗଲେଣି ଶତରୂପା। ଓକିଲମାନେ ପାରିବାରିକ କଳହକୁ ନେଇ ରାଜନୀତି କରିବା ଆରମ୍ଭ କଲେଣି। ବିନୟଙ୍କ ପାଖେ ଅଚଳାଚଳ ସମ୍ପତ୍ତି କିନ୍ତୁ ଶତରୂପାଙ୍କ ବାପା ଜଣେ ରିଟାୟାର୍ଡ ପିଅନ। ଆଉ କୁ ନାହିଁ ତାଙ୍କର। ମନ ବି ନାହିଁ। ଧନ ବି ନାହିଁ। ସମ୍ପର୍କରେ ମୋହ ନାହିଁ। ମୋହ ସବୁ ଲୁହ ହୋଇ କେବେଠୁ ଶୁଖି ଯାଇଛନ୍ତି ଦୟାନଦୀ ପରି।



ଛାତ ଉପରେ ଆକାଶକୁ ଚାହିଁ ଭାବୁଥିଲେ ସେ କାହା ସହ ଲଢୁଛନ୍ତି? କାହାଠାରୁ ଦୂରେଇ ଯିବାକୁ ଚାହୁଁଛନ୍ତି?

ଯାହାକୁ ନେଇ ଦିନେ ସ୍ୱପ୍ନ ଦେଖିଥିଲେ। ନା ଯାହାକୁ ନିଜର ସର୍ବସ୍ୱ ବୋଲି ଭାବିଥିଲେ! ବାବୁନର କ'ଣ ହେବ? ତା'ର ବର୍ତ୍ତମାନ, ଭବିଷ୍ୟତ।

ତାଙ୍କ ନିଜ ବାପା ବୋଉଙ୍କ ଆଖିକୁ ଚାହିଁପାରୁ ନାହାନ୍ତି ସେ। କିଛି ନ କହିଲେ ବି କେମିତି ଗୋଟେ ତାଙ୍କୁ ବୋଝ ପରି ଅନୁଭବ ହେଉଛି। କେତେଦିନ ତାଙ୍କ ବାପା ଏମିତି ଆଉ ଏ ବୁଢ଼ା ବୟସରେ କୋର୍ଟର ଚକ୍କର କାଟୁଥିବେ? ଝିଅ ବାହା ଦେଇ ଯିଏ ଟିକେ ଶାନ୍ତିରେ ନିଃଶ୍ୱାସ ମାରିବେ ବୋଲି ଭାବୁଥିଲେ ସେ ଆଜି - ନୀରବ, ନିଷ୍ପନ୍ଦ, ହତୋତ୍ସାହିତ, ଚିନ୍ତାଗ୍ରସ୍ତ।

ବେଳେବେଳେ ଗୋଟେ ବୟସ ପରେ ନିଜ ଲୋକମାନଙ୍କର ସ୍ନେହ ବି ସହାନୁଭୂତି ଭଳିଆ ଲାଗେ, ଆଉ ଆନ୍ତରିକତା ବି ବୋଝ ଭଳିଆ ଲାଗେ। ଶତରୂପାଙ୍କୁ ବି ଠିକ୍ ସେମିତି ଲାଗୁଥିଲା ନିଜ ବାପଘରେ। କିନ୍ତୁ ଉପାୟ କ 'ଣ? ସେ ଛିଡ଼ା ହୋଇଛନ୍ତି ଜୀବନର ଦୋ' ଛକିରେ, ତ୍ରିଶଙ୍କୁ ପରି।

□□

ଲେଖକଙ୍କ ଇ-ମେଲ ଠିକଣା:
janmejayapanda1997@gmail.com



ବ୍ୟଙ୍ଗ

# କୁହୁକ ଚଦର

ଡ. ଅଜୟ କୁମାର ମିଶ୍ର

ବାପାଙ୍କର ହରିନାମ ସତ୍ୟ ହେ ଡକରା ପଡ଼ିବାର ଅନେକ ପୂର୍ବରୁ, ତରକା କାଉ ଭଳିଆ ବାପେ ଟିମ ପୁଅ ରଘୁନାଥଙ୍କୁ ଗୋଡ଼େ ଗୋଡ଼େ ଜଗି ଇଲମ ଇଂଜେକସନ୍ ଦେଇଥିଲେ। ରଘୁନାଥେ ବି ବକଧ୍ୟାନ କରିବା ଭଳି ଅଜାଙ୍କ ସବୁ ଉପଦେଶକୁ ରକତରେ ମିଶାଇ ଦେଇଥିଲେ। ହରିବୋଲ ହେବାର ଠିକ୍ ପୂର୍ବଦିନ ସଂଜରେ ରଘୁନାଥଙ୍କ ଭାଗବତ ପାଠ, ବାପାଙ୍କ କାନରେ ପଶୁ ନ ଥିଲା। ଖନେଇ ଖନେଇ ବାପେ କହିଲେ! ମୋର ତ ଝଡ଼ନ୍ତା ବେଳ ଆଇଲାଣି, ତତେ ଆଉ ବୁଦ୍ଧି ଦବ କିଏ? ହରିଆ ମଉସା ଅତି ତରକା । ମୁଁ ଯିବା ପରେ, ତୋର ବୁଦ୍ଧି ଅକୁଲାଣ ହେଲେ ମଉସାଙ୍କ ସେବା କରି, ତାଙ୍କ ଠୁଁ ବୁଦ୍ଧି ଆଣିବୁ। ପୁଏ ମହାର୍ଦ୍ଦ ପାଣି, ନିର୍ମାଲ୍ୟ ଦେବା ବେଳକୁ, ରଘୁନାଥେ ଗୁଆକୁ ମଥାରେ ଛୋଇଁ, ଜୀବନର ଚଳଣି ପାଇଁ ହରିଆ ମଉସାଙ୍କ ଠୁଁ ଇଲମ ଆଣିବାକୁ ଶେଷ ବାକ୍ୟ କହି ଆଖି ତରାଟି ଦେଲେ।




ବାପା ରଘୁନାଥଙ୍କ କୋକେଇ ଉଠିବା ପୂର୍ବରୁ, ମଡ଼ ପଡ଼ିଲେ ଶାଗୁଣା ବାସନା ବାରି ପହଞ୍ଚିବା ଭଳିଆ ହରିଆ ମଉସା ଅଗତ୍ୟା ଆସି ପହଞ୍ଚିଗଲେ। ଡାଳ ଓ ନଙ୍ଗଳା କଟୁରି ଧରିଥିବା ରଘୁନାଥେ, ହରିଆ ମଉସାଙ୍କୁ ଅନଉ ନ ଅନଉଣୁ, ମଉସା ଶବ ସଂସ୍କାର କରି ଫେରି ଆସିଲେ ଇଲମ ଦେବେ ବୋଲି ନିଜ ଆଡୁ ଜଣାଇଦେଲେ। ଏଇଟା ମଉସାଙ୍କ ବଡ଼ପଣ ବୋଲି ଧରି ନେଇଗଲେ ପିତାଶୋକ ବିଧୂର ରଘୁନାଥେ। ଦିଇଦିନ ପରେ ମଉସାଙ୍କ ଡକରାରେ ରଘୁନାଥେ ତାଙ୍କ ମେଲାଘରେ ପହଞ୍ଚି ମଉସାଙ୍କ ପ୍ରସାଦ ତୁଲ୍ୟ ଇଲମମାନ ମହାର୍ଦ୍ଦ ଭଳି ପାଇଗଲେ। ହରିଆ ମଉସା ଜଣେଇଲେ ଶୁଦ୍ଧି ଘର କାମ ଚୁମ୍ବକେ ଚୁମ୍ବକେ କରିବୁରେ ରଘୁ। ଶ୍ରାଦ୍ଧ ବେଳେ ଗୋସେଇଁ କହନ୍ତି "ବସ୍ତ୍ରାଭାବାତ୍ ସୂତ୍ରଂ ଦଦ୍ୟାତ୍"– ଲୁଗା ନ ଦେଇ ସୂତା ଖଣ୍ଡକରେ କାମ ଚଳେଇ ଦିଅନ୍ତି ସେ। ତେଣୁ ସବୁକାମ ଚୁମ୍ବକେ ଚୁମ୍ବକେ ନ କଲେ ତୋ' ବାପା ଆତ୍ମା ଶାନ୍ତି ପାଇବନିରେ ବାଇମନ। କାଲି ରାତିରେ ସପନରେ ମତେ ତୋ' କଥା ଜଣେଇଲେ ତୋ ବାପ। ବ୍ରାହ୍ମଣ ଭୋଜନୀରେ ଶହ ଶହ ଲୋକଙ୍କୁ ଖାଇବାକୁ ଦେବା ଦରକାର ନାଇଁ, ଅତି ବେଶିରେ ଏଗାର ଜଣଙ୍କୁ ଦେବୁରେ ପୁଅ, ସବୁ ଚୁମ୍ବକେ ଚୁମ୍ବକେ।

### ଚୁମ୍ବକେ ଚୁମ୍ବକେ

ମଡ଼ାସାଙ୍ଗିଆ ଭାଇ ବିରାଦର ଏଗାର ବ୍ରାହ୍ମଣ, ପୁରୋହିତ, ବାରିକ – ଏମାନଙ୍କୁ ହରିଆ ମଉସାଙ୍କ ଆଦେଶରେ ଚୁମ୍ବକେ ଚୁମ୍ବକେ ସନ୍ତୋଷ୍ଟ କଲା ରଘୁନାଥ। ଗମରା ଚୁଡ଼ା, ମାଛିବସା କଦଳୀ, ପାଣିଆ ଗୁଡ଼, ପ୍ରାୟ ପଚା ନଡ଼ିଆ, ଫିମ୍ଫିମରା ଖଟାରେ କୌଣସି ପ୍ରକାରେ କାମ ବଢ଼େଇ ଦେଲେ, ହରିଆ ମଉସିଆ ଶୈଳୀରେ। ପ୍ରାଇଭେସି ରକ୍ଷା କରିବାକୁ ଯାଇ, ଅତି ଘରୋଇ ଭାବରେ କେବଳ ନିଜର କେତେଜଣ ସାଇଲୋକଙ୍କ ତୁଣ୍ଡରେ ବଗଡ଼ା ଭାତ ଓ ଜଳାର୍ଣ୍ଣବ ଡାଲମା ଦେଇ ତୋଷ କଲେ। ଶୁଦ୍ଧଘର ଟଳିଲା ବେଳକୁ ସାଇର ମୁରବି ନଖିଆବା ବଡ଼ାପା ଆରମ୍ଭିଲେ ନୂଆ ଭିଆଣ। ଚଉଦ ଦିନରେ ପ୍ରେତ ଛଡ଼ାଇବା ସହ ପରିବାର ମଙ୍ଗଳକାରଣ ପାଇଁ ଗୋଟେ ହରିନାମ ଆୟୋଜନର ବରାଦ ଦେଲେ। କଥାଟା ହରିଆ ମଉସାଙ୍କୁ ଜଣେଇଦେଲେ ରଘୁନାଥେ। ତାଙ୍କ ପରାମର୍ଶ ନେଇ ଚଉଦଦିନ ଘରେ ହରିନାମ କରିବା କଥା। ଏଠି ସଂକୀର୍ତ୍ତନିଆଁଙ୍କୁ କହିବାକୁ ହେବ, ସେମାନେ ଦଳବଳ, ଖୋଳ କରତାଳ ନେଇ ଆସିବେ, ଚା' ଜଳଖିଆ, ଖାଇବା ପିଇବାରେ ଆଚ୍ଛା ପ୍ରକାରେ ଖର୍ଚ୍ଚ ହେବ।

ବାପା ଆରପାରିକୁ ଯିବା ପରଠାରୁ ହରିଆ ମଉସା ରଘୁଙ୍କର ଏକମାତ୍ର ଆଶା-ଭରସା ଆଉ ଆଦର୍ଶ। ହରିଆ ମଉସା ବୁଝେଇ ଦେଲେ, ଇଂରାଜୀ ୟୁ ମାର୍କା ନାସାଗ୍ର ଚିତାକଟାଙ୍କୁ ଉକେଇ ଖୋଳକରତାଳ ବଜେଇ ହରିନାମ କଲେ ଖର୍ଚ୍ଚ ବଢ଼ିବରେ ପୁଅ। ତୋ ବାପା, ଆରପାରିରେ ଥାଇ ଦେଖିବେ, ହୁରୁଡ଼ା ଗୋରୁ ଭଳିଆ, ଯମଘରେ ଥାଇ ପଘା ଛିଣ୍ଡେଇ ଡିଆଁ ଝପଟ କରିବେ। ଏମିତି କ'ଣ ତୋ ବାପାର ପ୍ରେତକୁ ଶାନ୍ତ କରେଇବୁ ନା ତାଙ୍କୁ ପ୍ରେତପୁରରେ ରଖେଇ ଅପଦସ୍ଥ କରେଇବୁ! ତୋ ନଖିଆ ବଡ଼ବାପା କଥା ରଖି ହରିନାମ ଆୟୋଜନ କରିଛୁ ମହର୍ଗପୁରର ନାମୀ ସଂକୀର୍ତ୍ତନିଆଁ ଦଳର ଭଜରାମ ଦାସଙ୍କୁ ନିମନ୍ତ୍ରଣ ଦେଇ ଆସିଚୁ ବୋଲି କହିଦେବୁ। ମାତ୍ର ନିମନ୍ତ୍ରଣ ସତରେ ଦେବୁନି, ସେ ବି ଆସିବନି। ନଖିଆ ବଡ଼ାପା ଆସିବେ, ଭାରି ଜିଦିଆ ସେ। କହିଦବୁ, ଭଜରାମେ ତ ପେଟ ବେମାରିଆ, କାଲି ରାତିରୁ ସେ ଧରମରାଜପୁର ଡାକ୍ତରଖାନାରେ। ତେଣୁ ସଙ୍କଳ୍ପ କରି ତାଙ୍କୁ ଅନେକ ଅନେଇଁ ବସିବି କେତେକାଳ? ସକାଳୁ ସକାଳୁ ହରିଆ ମଉସା ହରିନାମ ଜପ ଆରମ୍ଭ କଲେ, ତାଙ୍କ ଉଠାଣି ମୋ ସ୍ତ୍ରୀ ଘରଣୀ ସେବତୀ ସେଠି ବସି ଜପୁଚି, ତା' ପାଟି ଘୋଳି ହେଲେ ମୋ ପିଇସୀ ଚେମ୍ପେଇ ନାନୀ ଜପୁଚି, ତା' ଉଠାଣି ଆମ ବଡ଼ ଟୋକାର ପାଳି। ତା' ତୁଣ୍ଡ ଖନି ମାରିଗଲେ ମୁଁ ଜପିବି, ମୋ ଉଠାଣି ହରିଆ ମଉସା ଆସିବେ। ଏମନ୍ତ ପ୍ରକାରେ ଆମେମାନେ ଅଖଣ୍ଡ ହରିନାମକୁ ଖଣ୍ଡ ଖଣ୍ଡ କରି ଜପିବୁ।

**ଫଙ୍କସନ୍ ପରେ ଖାମ ସୁମାରି କଲାବେଳକୁ ବିଚରା ଇନ୍‌ଭାଇଟିଆଟା ଶୂନ୍ୟଖାମ୍ ଖୋଲି ମୁହଁ ଆମ୍ୱିଲା କରେ।**

## ସୋର ଶବଦ ନାଇଁ

ହରିଆ ମଉସାଙ୍କ ବୁଦ୍ଧିରେ ସେଦିନ ତାଙ୍କ ବାପାଙ୍କ ଗୋଟେ ଫଅଟ୍ ରଖି, ବାରି ବଗିଚାର ଫୁଲମାଳ ଝୁଲେଇ, ପାଖରେ ଆସନ ପକେଇ ହରିନାମ ଜପ ଚାଲିଲା। ହରିନାମ କେମିତି ଚାଲିଚି, ଦେଖିବାକୁ ସତସତିକା ନଖିଆ ବଡ଼ାପା ଆଇଲେ। ଝାଞ୍ଜ, ମୃଦଙ୍ଗର କିଛି ସୋରଶବଦ ନାଇଁ। ସେ ଦୁଆରେ ପାଦ ଦେଇ ନ ଦେଉଣୁ ରଘୁନାଥେ ଏକାଥାନରେ ଆଖି ବୁଜି - "ଭଜ ନିତାଇ ଗଉର ରାଧେ ଶ୍ୟାମ, ଜପ ହରେ କୃଷ୍ଣ ହରେ ରାମ" ଜପୁଥାନ୍ତି। ଘରେ ରୋଷେଇ ବାସର ନାମ ଗନ୍ଧ ନାଇଁ। ନଖିଆ ବଡ଼ାପା- ଏ ଦିଗ ସେଦିଗ କରି ଚଉଦିଗକୁ ହନୁ ଫଳ ମୂଳ ଠାବ କଲା ଭଳିଆ ତଲାସିଆ ଆଖିରେ ଅନେଇଲେ। 'ବୋହୂମା, ବୋହୂମା' ଡାକ ପକେଇଲେ, ରଘୁନାଥଙ୍କ ବଡ଼ ଟୋକାଟା ବାହାରି ଆସି କହିଲା - 'ଜେଜେ ବୋଉକୁ ଭାରି ଜର, ସାତ ତାଳ ତାତି ତା' ଦେହରେ। ଧାନ ପଇଲେ ଖଇ ଫୁଟି ବାହାରିବ। ଭିତରକୁ ନ ଯାଇ ନଖିଆ ବଡ଼ାପା ମନ ମାରି ଫେରି ଆଇଲେ। ହ୍ୟାପ୍ -ଏଇଟା ସେଇ ଗଣ୍ଠିଗଣ୍ଠିଆ ହରିଆର କାମ। ନ ହେଲେ, ଆଜି କୀର୍ତ୍ତନ ହଉଥାନ୍ତା, ଗିନି କରତାଳ ଖୋଳମାଡ଼ରେ କମ୍ପୁଥାନ୍ତା ସାଇ, ଘର। ଖିଆପିଆ ଚାଲୁଥାନ୍ତା, କ'ଣ କଲା ଏ ବ୍ରହ୍ମଚଣ୍ଡାଳଟା! ମନ ଭିତରଟା ଓଲୁଅ ଓ ବଣ ସାରୁ ମିଶା କଣ୍ଡାୟନରେ ଭରିଗଲା। ଛାଡ଼ ଛାଡ଼ ହୋ। ବଉଁଶ ନାଶ ବେଳକୁ ଏମନ୍ତ ଘୋଟକବଦନ ସନ୍ତାନଙ୍କ ଉତ୍ପତ୍ତି ବୋଲି ମନେ ମନେ ଉଚ୍ଚାରଣ କରୁ କରୁ ୱାପସ୍ ଆଇଲେ।

ପିତୃ ବିୟୋଗ, କର୍ମ ଉପସଂହାର କରି ରଘୁନାଥେ ଦାନା ପାଣି ଜାଗା ସହରକୁ ଫେରି ଆସିଲେ। ତାଙ୍କ କନ୍ୟା ଓ ପୁତ୍ର ସହ ପତ୍ନୀ ସେବତୀ ଗାଆଁରେ କିଛିଦିନ କଟାଇବା ଉତ୍ତାରେ, ସହରମୁଖା ହେଲେ। ରଘୁନାଥଙ୍କ ହାବଭାବରୁ ଘଣ୍ଟେ, ତାଙ୍କ ମଣିଷପଣ କଳି ନେଇଛନ୍ତି। ହରିଆ ମଉସାଙ୍କ ପଟ୍ଟଶିଷ୍ୟ ରଘୁନାଥ ପରମଗଣ୍ଠିଆ, ଏବେ ସହରରେ ପ୍ରାୟ ଅନେକ ଲୋକ ରଘୁନାଥଙ୍କ ସ୍ୱଭାବ ଜାଣିଗଲେଣି। ଯେ କୌଣସି ମ୍ୟାରେଜ୍ ପାର୍ଟି, ବାର୍ଥଡେ ପାର୍ଟିରେ ରଘୁନାଥେ ମୁଦାଖାମ୍ ଉପହାର ଦିଅନ୍ତି, କିନ୍ତୁ ନିଜ ନାମ ଖାମ୍ ଉପରେ ନ ଥାଏ କି ଭିତରେ ଗାନ୍ଧିମୁଣ୍ଡିଆ ନ ଥାଏ। ମନେ ମନେ ଅତି ତାରିଫ୍ ହେଇ ସବୁ ଉଚ୍ଛବରେ ଆଗତୁରା ହାଜିରା ଦିଅନ୍ତି। ଫଙ୍କସନ୍ ପରେ ଖାମ ସୁମାରି କଲା ବେଳକୁ ବିଚରା ଇନ୍‌ଭାଇଟିଆଟା ଶୂନ୍ୟଖାମ୍ ଖୋଲି ମୁହଁ ଆମ୍ୱିଲା କରେ। ଭିତରେ ଫଟା ପାହୁଲାଟାଏ ବି ନ ଥାଏ।

## ଫାଙ୍କା ଖାମ୍

ରଘୁନାଥଙ୍କ ଏମନ୍ତ ଛଞ୍ଚାଣିଆ ଭାବକୁ ଘଣ୍ଟୁ କିନ୍ତୁ ଶୁଙ୍ଘି ଶୁଙ୍ଘି ବାରି ଦେଇଥାନ୍ତି। ଘଣ୍ଟୁଙ୍କ ଉଚ୍ଛବରେ ରଘୁନାଥେ ମୁଦାଖାମ୍ ଦେବା ବେଳେ ଘଣ୍ଟୁ ଧରୁ ଧରୁ ପାଞ୍ଚ ଜଣଙ୍କ ଆଗରେ ଜାଣିଶୁଣି ଚିରି ଦେଇ "ଆହା ଚିରିଗଲା ବୋଲି ଦୁଃଖ ପ୍ରକାଶ

କଲେ। ଖାମ୍‌ଟା ଫାଙ୍କା ଥିବାରୁ, ରଘୁନାଥେ ବି 'ସରି ସରି' କହି ଅଗତ୍ୟା ପକେଟ୍‌ରୁ ଶତକ ଗାନ୍ଧି ମୁଣ୍ଡିଆଟେ ଘଣ୍ଟୁଙ୍କୁ ଧରାଇଦେଲେ। ନିଜକୁ ନୁହେଁ, ଏମନ୍ତ ଭୁଲ ପାଇଁ ନିଜ ପତ୍ନୀ ସେବତୀଙ୍କୁ ଦାୟୀ କଲେ। କି କାଳବେଳାରେ ମଣିଷ ଘରୁ ବାହାରିଥିଲା କେଜାଣି, ହାତକୁ ହାତ ଶତକ ଗଲା, ପୁଣି ପାଞ୍ଚ ଲୋକରେ ଭାଣ୍ଡିଆ। ଶନି ଚଳିଚନ୍ତି ବୋଧେ?

ଘଣ୍ଟୁ ଏଥର ଗଡ଼ ଜିଣିଗଲେ। ମନେ ମନେ ହନ୍ତାଳିଲେ- ଯାହାପ୍ ଗଣ୍ଡିଆ ଶିରୋମଣି, ସବୁ ଆଡ଼େ ଫାଙ୍କା ଖାମ୍ ଦିଆ କରେଇ ଖାଇପିଇ ପୂରା ଚୁର। ବାଃ ଅଭିନବ ଏ ଢଙ୍ଗ। ଆଜି ପୁଅଟା ଝାଡ଼ି ହେଇ ଗଲୁରେ। ମୁହଁ ଉପ୍ରୋଧ ରଖି କହିଲେ - "ଆପଣ ଏମିତି କାହିଁକି ବ୍ୟସ୍ତ ହୋଇ ପଡୁଛନ୍ତି ଆଜ୍ଞା! ଆମର ତ ଏଇଟା ଘରକଥା, ଟଙ୍କା ନ ଦେଇଥିଲେ କ'ଣ ମହାଭାରତ ମାରା ପଡ଼ିଥାନ୍ତା। ମୁଁ କ'ଣ ଟଙ୍କା ଉପହାର ପାଇବାକୁ ଫଙ୍କସନ୍ ଡେଇଚି। ଆମେ ପାଞ୍ଚଜଣ ଏକାଠି ହେବା, ଗପ ସପ ମଜଲିସ୍ କରିବା, ଯାହା ଯେମିତି ହେଇଚି ଗଣ୍ଡେ ତୁଣ୍ଡରେ ନେଇ ଖୁସି ହେବା- ଏଇଟା ମୋ ଉଦ୍ଦେଶ୍ୟ। ଆପଣ ଏତେ ସିରିୟସ୍ କାହିଁକି ହେଉଚନ୍ତି ଆଜ୍ଞା!



ଏଇ ପଦେ କଥାରେ ରଘୁନାଥଙ୍କ ମୁଣ୍ଡରେ ଯେମିତି ଡିନ୍ତୁଳିଆ ବିଛା ନାଉଡ଼ ମାରିଦେଲା। ସତରେ ଆମେ ତ ପଡ଼ିଶା, ଘଣ୍ଟୁ ବାବୁ କେଡ଼େ ଉଦାର ପଣରେ ଟଙ୍କା ନ ଦେଇଥିଲେ ଚଳିଥାନ୍ତା ବୋଲି କହିଲେ। ମୁଁ ବୁଡ଼୍‌ବୋକ, ଟିକିଏ ମାଣ୍ଟେଇ ଯାଇଥିଲେ ଚଳିଥାନ୍ତା। କହୁ କହୁ ଟଙ୍କା ଶହେଟା କାଢ଼ିଦେଲି। ହ୍ୟାପ୍ କେଡ଼େ ବୋକାଟାଏ ମୁଁ। ଟଙ୍କା ତ ଗଲା, ଇଜ୍ଜତ ବି ଧାଉଁକିନା ତଳେ ପଡ଼ିଗଲା। ନା ଯେମିତି ହଉ; ଆଜି ସପରିବାରେ ଏଇଠି ମନଇଚ୍ଛା ଢୋକିବୁ, କାଲି ସକାଳ ପର୍ଯ୍ୟନ୍ତ ଯେମିତି ହଜମ ନ ହୁଏ। ସକାଳ ବେଳା ରୋଷେଇରେ ଅତି ନିକୁଛରେ ତ ଶହେ ଖର୍ଚ୍ଚ ହୋଇଥାନ୍ତା। ସେଥିରେ ଉଠାଇ ଦେବା ପଇସା। ସଙ୍ଗେ ସଙ୍ଗେ କ୍ୱାର୍ଟରକୁ ଯାଇ ପତ୍ନୀ, ପୁତ୍ର, କନ୍ୟାଙ୍କୁ ଆଣି ଭୋଜିରେ ପଶିଗଲେ।

**ରଘୁନାଥଙ୍କ ପ୍ଲାଟୁନ୍**

ଘଣ୍ଟେ ରଘୁନାଥଙ୍କ ପ୍ଲାଟୁନ୍‌କୁ ଦେଖି ମନେ ମନେ ପ୍ରମାଦ ଗଣିଲେ। ସନ୍ତାପି ହେଲେ ଭିତରେ ଭିତରେ - ଏ ଚାରିହେଁ ତ ଏବେ ସବୁ ଚରିଯିବେ। ଖାଲି ଖାମ୍‌ଟାକୁ ଦୁଷ୍ଟବୁଦ୍ଧିରେ ଖୋଲି ଦେବାରୁ ଏତେ ନାଟ ସିନା। ଏମାନେ ତ ଡବଲ୍ ମିଲ୍ ବାଦେ, ଆଉ ସବୁ ଚରିଯିବେ; ହାୟ ଚାଣ୍ଡାଳ ମୁଁ କ'ଣ କଲି? ରଘୁନାଥଙ୍କ ଭଳି, ସେ ବି ନିଜ ମଥାରେ ନିଜ ହାତରେ ମିସ୍ତ୍ରୀ କରଣୀ ଥାପିଲା ଭଳିଆ ମୁଣ୍ଡରେ ପାପୁଲି ଥାପା ଦେଲେ।

ତେଣେ ରଘୁନାଥେ ଶତକ ଆଦାୟ କରିବା ପାଇଁ ସଯତ୍ନେ ଲାଗି ପଡ଼ିଥାନ୍ତି। ମନଇଚ୍ଛା ଚରିଗଲେ, ତଣ୍ଟିଯାଏ ଗିଳିଗଲେ, ଆଇସ୍କ୍ରିମ ପାଇଁ ଆଉ ରାହା ନାଇଁ। ଘଣ୍ଟୁଙ୍କ ଆଖି ସେଆଡ଼େ ପଡୁଥାଏ, ମାତ୍ର କହିବାର ଜୁ ନ ଥାଏ, ନିଜେ ତ ଏ କାଣ୍ଡ କରିଚନ୍ତି, ଛାତି କରଡ଼ି ହେଇ ଯାଉଥାଏ, ନିରାକରଣର ବାଟ ନ ଥାଏ। ରଘୁନାଥେ ସପରିବାର ମଟନ୍ ହାଣ୍ଡି ପାଖରେ ଉଭା ହେଇଥାନ୍ତି। ଶେଷକୁ ନିରୁପାୟ ହେଇ, ବାହାରେ ଅଇଁଠା ଖାଇବା ପାଇଁ ବିହାର କରୁଥିବା ଦୁଇଟି କୁକୁରଙ୍କୁ ରଘୁନାଥଙ୍କ ଆଡ଼କୁ ମୁହାଁଇଦେଲେ, କୁତାଙ୍କ ଭାଉ ଭାଉରୁ ରଘୁନାଥେ ଅଗତ୍ୟା ଥାନ ଛାଡ଼ିଲେ, ଅତି କୁନ୍ଥୁକୁନ୍ଥୁରେ। ପୁଣି କୁତା ଦୁଇଟିଙ୍କୁ ଘଣ୍ଟୁ ନିଜେ ପଦାକୁ ତଡ଼ି ଦେଇ ସୁରକ୍ଷାକର୍ତ୍ତାଙ୍କ ଉପରେ ଅସନ୍ତୋଷ ବର୍ଷିଗଲେ।

ରଘୁନାଥଙ୍କ ପରିବାର ପୂର୍ଣ୍ଣୋଦର, ପୂର୍ଣ୍ଣୋଦରା ହେଇ ଘରକୁ ଧାଇଁଲେ। ତଥାପି ମନ ଦରଜ ଗଲା ନାଇଁ। ସେ ହରିଆ ମଉସାଙ୍କ ଚାଟ ହେଇ, ଏମନ୍ତ ସାଧାରଣ ଘଟଣାରେ ହାରିଯିବାରୁ, ନିଜକୁ ବାରବାର ନୁହେଁ, ନିୟମିତଃ-ଧିକ୍କାର କରିବା ଆରମ୍ଭ କରିଦେଲେ। ଏଥର ସେ ଶୂନ୍ୟସଂକଳ୍ପ ନେଲେ - "ହଉରେ ଘଣ୍ଟୁଆ! ପୁଣି ତୋ ପାଳି ପଡ଼ିବ। ତୋ ଘରେ ମାସକୁ ଚାରି ଆଠଥର ଚା'ପାନ କଲେ ଅନ୍ତତଃ ଶତକ ଖର୍ଚ୍ଚରୁ କିଛି ତ ଭରଣା ହେବ! ଖାଲି ସୁଯୋଗ ଟିକେ ଦରକାର।

**ମନରେ ଚକଟାମନ୍ଥା**

ଘଣ୍ଟୁଙ୍କର ମନ ଭିତରେ ବହୁ ଚକଟାମନ୍ଥା, ଜୀବନରେ ଏଇଟା ପରମ ମିଷ୍ଟେକ୍, ରଘୁନାଥିଆଟା ଚବିଶ କ୍ୟାରେଟ୍ ଶଠ, ତା' ଶଠପଣରେ ଏତେ ଟିକେ ବି ଖାଦ ନାହିଁ। କୃପଣ ପଣରେ ଏ ଖଣ୍ଡମଣ୍ଡଳ କାହିଁକି, ତମାମ ମର୍ତ୍ତ୍ୟମଣ୍ଡଳରେ କେହି ବି ତା ସାଙ୍ଗରେ ପଡ଼ିବେନି। ଶତକ ଦେଇ ସେ ମୋର ସତ୍ୟାନାଶ କରିଚି, ଜୀବନରେ ଜିଇଥିଲେ, ଆତିଥ୍ୟ ତ ଦୂର କଥା, ମୁନ୍ଦାଏ ଭଲ ପାଣି ତାକୁ ଦେଲେ ମୁଁ କୁମ୍ଭୀପାକରେ ଘାଣ୍ଟିହେବି। ଆସୁ ସେ ସୁଯୋଗ।

ଶହେ ଗଣି ଦେଇଥିବାରୁ ରଘୁନାଥଙ୍କ ମନ ଭିତରେ ନାନା ଯନ୍ତ୍ରଣା। ମନଟା ଓଲୁଅ ଚକଟା ଖାଇବା ଭଳି ଗଲୁ ହେଇ ରବେଇ ଖବେଇ ହେଉଥିଲା। ବେଳକାଳ ଉଣ୍ଡି ସପ୍ତାହେ ଛାଡ଼ି ଦେଇ ଚା' ଜଳଖିଆ ଖାଇବା ଆଶାରେ ସକାଳୁ ସକାଳୁ ଯାଇ ଘଣ୍ଟୁ କୁଆଟରରେ ହାଜିରା ଦେଲା। ଘଣ୍ଟୁ ବି ଅତି ଆଦରରେ ତାଙ୍କ ଦୁଆର ମୁହଁରୁ ପାଛୁଡ଼ିନେଲେ। ସତେ କି, କେଉଁକାଳୁ ସେ ରଘୁଙ୍କୁ ଦର୍ଶନ କରିବାକୁ ଚାତକିଆ ଅପେକ୍ଷା କରିଚନ୍ତି।

**ଘଣ୍ଟିଆଣୀଙ୍କ ବିଳାପ**

ଦିହେଁ ସାମ୍ନା ସାମ୍ନି ହେଇ ଆଳାପ କଲେ। କିଛି କ୍ଷଣ ପରେ ଘରୁ ଶୁଣାଗଲା ଘଣ୍ଟିଆଣୀଙ୍କ ବିକଳ ବିଳାପ। ଆଜ୍ଞା ଏକସ୍‌କ୍ୟୁଜ୍ କରନ୍ତୁ, ମୁଁ ଟିକେ ଭିତରୁ ଆଉଚି। ଏଠୁ ଯାଇ ନ ଥିବେ, କାଗଜଟାରେ ଆଖି ପକାଉଥାନ୍ତୁ। ରଘୁନାଥଙ୍କ ମନ ଗଛରେ ଆଶା ପତର ମାନ କଅଁଳିଲା। ଯାହା ହଉ ଘଣ୍ଟୁ ଘର ଭିତରୁ ଚା, ଜଳଖିଆ ଧରି ଆସିବେ। ଅନ୍ତତଃ ବିସ୍କୁଟ ଚା' ମଗେଇ ଥାହାନ୍ତି ଦଶଟଙ୍କା ଭରଣା ହେଇଯିବ। ଶହେରୁ ଦଶ ମିଳିଗଲେ, ଆଉ ନବେ ଆଦାୟ କରିବାକୁ କେତେ ମାତ୍ର? ଏମନ୍ତ ଅଙ୍କ କଷା ଭିତରେ ଗୋଟାଏ ଟ୍ରେରେ ଗ୍ଲାସେ ପାଣି ଧରି ଫେରିଲେ ଘଣ୍ଟୁ। ଥୋଇ ଦେଲେ ରଘୁଙ୍କ ସାମ୍ନାରେ। ରଘୁ ମନେ କଲେ - ଯା ହଉ ଆଜି ତାଙ୍କ ଆସିବା ଷୋଳଣା ସଫଳ ହେବାକୁ ଯାଉଛି। ପାଣି ପରେ ଆଉ କିଛି ଆସିବାର କଳ୍ପନାରେ ମନଟା ଉଲୁଛିଆରେ କନକ ନେଇଗଲା।

ପାଚିଲା ଧାନ କିଆରିରେ ମଇଦେବା ଭଳିଆ, ଘଣ୍ଟୁ ବିକୃତ ମୁଖ ଓ ଆଶଙ୍କିତ ଆତଙ୍କ ଠଉର କଲେ ରଘୁନାଥେ। ଘଣ୍ଟୁ ବୋଇଲେ- ଆଜ୍ଞା! ପ୍ରଥମଥର ଆପଣ ଆମ ଘରକୁ ଆଇଚନ୍ତି, ନିହାତି ଆପଣଙ୍କୁ ଚା', ଜଳଖିଆ ଖୋଇଲେ ମୁଁ ଶାନ୍ତି ପାଆନ୍ତି। ମାତ୍ର ଆମ ଶ୍ରୀମତୀ କାଲିଠୁଁ ଜରପୀଡ଼ାରେ ବେହାଲ, ଖଟଲାଗି ହେଇଛନ୍ତି। ଘରେ ବିସ୍କୁଟ୍ ପଟେ ବି ନାଇଁ। ଆପଣ ଆମର ନିହାତି ପଡିଶା, ବଡ଼ ଉପକାରୀ ଆପଣ, ମୁଁ ତ ଯାଙ୍କୁ ଛାଡ଼ି ଯିବା ସମ୍ଭବ ନୁହେଁ। ଆଜ୍ଞା ମନରେ କିଛି ନ ଭାବି ଗୋଟାଏ ପ୍ୟାକେଟ୍ ବିସ୍କୁଟ ଆଣି ଦେଲେ, ଶ୍ରୀମତୀ ତାକୁ ଖାଇ ମେଡିସିନ୍ ଟିକେ ନିଅନ୍ତେ। ଆଉ କିଏ ହେଇଥିଲେ ମୁଁ କିଛି କହି ନ ଥାନ୍ତି, ପ୍ଲିଜ୍ ଏତିକି ହେଲ୍‌ପ କରନ୍ତୁ। ଭିତରୁ ବିକଳ ଚିତ୍କାର ଶୁଣି ପ୍ରସ୍ଥାନିଲେ ଘଣ୍ଟେ।

ଘଣ୍ଟୁଙ୍କ କଥାରେ ରଘୁନାଥଙ୍କ ମଥାରେ ଡାଇରେକ୍ଟ ବଜ୍ରପାତ। କି ଆଶାରେ ଆଇଥିଲେ, କ'ଣ ଘଟୁଚି। କାନମୁଣ୍ଡା ଆଉଁଶି ପାଖ ବଜାରରୁ ବିସ୍କୁଟ୍ ଆଣି ନିଜେ ନ ଯାଇ, ଭିତର ସତ୍ୟାସତ୍ୟ ତଲାସ କରିବାକୁ ପତ୍ନୀ ସେବତୀକୁ ପ୍ରେରଣ କଲେ। ବିସ୍କୁଟ ହସ୍ତା ସେବତୀ ଗେଟ୍ ଫିଟାଇବା ବେଳକୁ ଘଣ୍ଟୁଆଣୀ ଚଦର ତଳେ କମ୍ପିଲେ। ଘଣ୍ଟୁ ତାଙ୍କୁ ପ୍ରବୋଧନା ଦେଉଥାନ୍ତି ବ୍ୟସ୍ତ ହୁଅନା, ସବୁ ଠିକ୍ ହେଇଯିବ।

**ସେବତୀ ଗେଟ୍ ଫିଟାଇବା ବେଳକୁ ଘଣ୍ଟୁଆଣୀ ଚଦର ତଳେ କମ୍ପିଲେ। ଘଣ୍ଟୁ ତାଙ୍କୁ ପ୍ରବୋଧନା ଦେଉଥାନ୍ତି, ବ୍ୟସ୍ତ ହୁଅନା, ସବୁ ଠିକ୍ ହେଇଯିବ।**

ରଘୁନାଥେ କାହିଁକି, ଯେ କୌଣସି ଆଗନ୍ତୁକ ଆଇଲେ, ଘଣ୍ଟୁଆଣି ଚଦରାବୃତ୍ତା ହେଇ ଖଟଲାଗି ହୁଅନ୍ତି, ଆଗନ୍ତୁକ ଯିବା ପରେ ତାଙ୍କ ସୁସ୍ଥତା ଆପେ ଆପେ ଫେରିଆସେ।

ଘଣ୍ଟୁଙ୍କର ଏମନ୍ତ ଅଭ୍ୟାସଗତ ଅଭିନୟ ଓ ଚଦରର ସାହଚର୍ଯ୍ୟ ବୁଝିଗଲେ ରଘୁନାଥେ। ସେମିତି ଗୋଟାଏ କୁହୁକ ଚଦରର ସନ୍ଧାନ କରୁ କରୁ ଘଣ୍ଟୁଙ୍କ ଉଦ୍ଦେଶ୍ୟରେ ବାହାରେ ଥାଇ ହାତ ଯୋଡ଼ୁଥିଲେ ମଧ୍ୟ ଦେଇଥିବା ଶହେ ଟଙ୍କା ଓ ବିସ୍କୁଟ୍ ଦାମ୍ କଥା ତାଙ୍କ ମନରେ ସ୍ଥାୟୀ ହେଇ ରହିଗଲା। ହରିଆ ମଉସାଙ୍କ ଶିଷ୍ୟ ଆଜି ଘଣ୍ଟୁଙ୍କ କୁହୁକ ଚଦର ପାଖରେ ହାରିଯାଇ, ଏମନ୍ତ ଚଦରର ପ୍ରକୃତ ରହସ୍ୟ ବୁଝିଗଲେ।

(କ୍ରମଶଃ)

□□

ଲେଖକଙ୍କ ଇ-ମେଲ୍ ଠିକଣା:
ajayamishraodia@gmail.com




ପ୍ରବନ୍ଧ

# ସମକାଳୀନ ଓଡ଼ିଆ କାବ୍ୟ ପାଠକ

ପ୍ରଫେସର ବସନ୍ତ କୁମାର ପଣ୍ଡା

ସମକାଳୀନ ଓଡ଼ିଆ କବିତା ବିଷୟରେ କତିପୟ ଆଲୋଚନା ଆଖିରେ ପଡ଼େ କିନ୍ତୁ ସମସାମୟିକ କବି ଓ ପାଠକ ମଧ୍ୟରେ ସମ୍ପର୍କ ଏବଂ ପାଠକର ଭୂମିକା ବିଷୟରେ ଓଡ଼ିଆରେ ଆଲୋଚନା ହୋଇନାହିଁ କହିଲେ ଚଳେ। ବର୍ତ୍ତମାନ ସାହିତ୍ୟିକ ବାତାବରଣର ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଅନ୍ୟାନ୍ୟ ସାହିତ୍ୟରେ ବିଭିନ୍ନ ସାହିତ୍ୟିକ ବିଭାଗ ଓ ପାଠକର ଭୂମିକା ବିଷୟରେ ଅତି ସୂକ୍ଷ୍ମଦୃଷ୍ଟିରେ ଆଲୋଚନା କରାଯାଇଛି। ପାଠକ ଜନସାଧାରଣଙ୍କର ପ୍ରତ୍ୟେକ ସାହିତ୍ୟ ସୃଷ୍ଟି ପ୍ରତି ଏକ ନିର୍ଦ୍ଦିଷ୍ଟ ଦୃଷ୍ଟି ଅଛି। କେତେବେଳେ ପ୍ରତ୍ୟାଖ୍ୟାନ ଓ କେତେବେଳେ ପରିଗ୍ରହଣ ମାଧ୍ୟମରେ ପାଠକର ରୁଚି ଓ ଦୃଷ୍ଟିକୋଣର ପରିଚୟ ମିଳିଥାଏ। ଏହି ଦୃଷ୍ଟିରୁ ବିଚାର କଲେ ସମକାଳୀନ ଓଡ଼ିଆ କବିତାର ସଚେତନ ପାଠକ ନିଶ୍ଚୟ ସଂଖ୍ୟାଗରିଷ୍ଠ ନୁହନ୍ତି। ତେବେ ମନନ-ବିମୁଖ ନ ହୋଇ ସାମ୍ପ୍ରତିକ କବିତାର ସେଇ ନିର୍ଯ୍ୟାସ ନିର୍ଭର ଜୀବନବୋଧକୁ ଗ୍ରହଣ କରିବାର ଅକୁଣ୍ଠ ଆଗ୍ରହ ଘେନି ତାକୁ ଅଧ୍ୟୟନ କଲାବେଳେ ସ୍ୱାଭାବିକଭାବେ ପାଠକକୁ ଯେଉଁ ସକଳ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ, ତାହାରି ଉପରେ ନିର୍ଭର କରି ଓଡ଼ିଆ କାବ୍ୟ ପାଠକର ପ୍ରତ୍ୟୟ ଓ ପରିଣତି ଲକ୍ଷ୍ୟ କରାଯାଇପାରେ।




### କବିତାର ସାର୍ଥକତା

ଯେଉଁ କବିତାରେ ସମକାଳୀନ ସମାଜର ଶୀର୍ଷତମ ଅନୁଭୂତି ଓ ଗଭୀରତମ ଉପଲବ୍ଧି ଯେତେ ପରିମାଣରେ ସ୍ପଷ୍ଟ ହୋଇ ଅଭିବ୍ୟକ୍ତି ଲାଭ କରିଥାଏ, ସେ କବିତା ସେତିକି ସାର୍ଥକ ଓ ପ୍ରାଣଚଞ୍ଚଳ ହୁଏ। ଆଧୁନିକ ଓଡ଼ିଆ କାବ୍ୟଧାରାକୁ ଲକ୍ଷ୍ୟ କଲେ ଦେଖାଯାଏ ଊନବିଂଶ ଶତାବ୍ଦୀର ପ୍ରଥାମୁକ୍ତ ମନ ନେଇ ମଧ୍ୟ ଓଡ଼ିଆ କାବ୍ୟ-ପାଠକ 'ଚନ୍ଦ୍ରଭାଗା' ଓ 'ପାର୍ବତୀ' ପଢ଼ିଲାବେଳେ ଯେତେ ବିଚଳିତ ହୋଇପଡ଼ିଥିଲା, ତା'ଠାରୁ ବେଶି ବିସ୍ମିତ ହୋଇଥିଲା, ଯେତେବେଳେ ସତ୍ୟବାଦୀର ଶୁଦ୍ଧ ଜାତୀୟତାକୁ ଏଡ଼େଇ ସବୁଜ କବିତାର ଅନ୍ତର୍ଗତ ଭାବ ବା 'ଧୂପ'ର ରସୋଚ୍ଛଳ ପ୍ରଣୟାଶ୍ରୟିତାକୁ ନିର୍ବିକାର ଭାବେ ସେ ଗ୍ରହଣ କରିବସିଲା। କିନ୍ତୁ 'ପାଣ୍ଡୁଲିପି'ର ଲୋହିତ ଓ ଧୂସର ଦିଗନ୍ତ ଉପରେ 'କାଳପୁରୁଷ'ର ଅସ୍ୱାଭାବିକ ମୂର୍ତ୍ତି କିମ୍ବା 'ନୂତନ କବିତା'ର ସତ୍ତାହୀନ ନୂତନତା ସେ ପାଠକକୁ କିଂକର୍ତ୍ତବ୍ୟ ଓ ବିବ୍ରତ କରିପକାଇଲା ହଠାତ୍। ପୁଣି 'ସନ୍ଦିଗ୍ଧ ମୃଗୟା', 'ଅନେକ କୋଠରୀ' କିମ୍ବା 'ଦୀପ୍ତି ଓ ଦ୍ୟୁତି' ଓ 'ଶବ୍ଦର ଆକାଶ' ପାଖକୁ ଆସିଲାବେଳକୁ ସାଧାରଣ ପାଠକର ରସବୋଧ ପ୍ରତି ସମ୍ପୂର୍ଣ୍ଣ ଅନାସ୍ଥା ଜନ୍ମିଲା। ନୂତନ କାବ୍ୟକଳାର ଏଇ ଆୟାସଲବ୍ଧ ଚମତ୍କାରିତା ଦେଖି ପାଠକ କବି ଓ କବିତାଠାରୁ ଦୂରେଇ ଯିବାକୁ ଲାଗିଲା। କ୍ରମଶଃ 'ଇସୋଟେରିକ୍' ହୋଇଉଠିଲା କବିତା। ଯେପରି ଜି.ଏସ୍. ଫ୍ରେଜର୍ ଲେଖିଛନ୍ତି "ବୈରୀଭାବ ପ୍ରତିମ ବୌଦ୍ଧିକ ଏଷଣାର ବଶବର୍ତ୍ତୀ ହେବାର ପ୍ରବଣତା ଥିଲେ କବିଙ୍କଠାରେ ଆତ୍ମରକ୍ଷାମୂଳକ ବିଲକ୍ଷଣତା ଦେଖାଦିଏ; ତା ସହ ରୀତିର ବିରୁଦ୍ଧାଚରଣ ଓ ଆତ୍ମଭାବ କୈନ୍ଦ୍ରିକ ମଧ୍ୟ।"

ପୁଣି ଏହା ପରର ଓଡ଼ିଆ କବିତାର ମାନଚିତ୍ର ଦେଖିଲାବେଳକୁ ପାଠକର ଭୂମିକା ବିଷୟରେ ଖୁବ୍ ହତୋତ୍ସାହ ହେବାକୁ ପଡ଼େ। ସହଜେ ତ ପରିମିତ ଲୋକସଂଖ୍ୟାର ପରିଧି, ସେଥିରେ ବା ସାକ୍ଷର କେତେ ପୁଣି ସେମାନଙ୍କ ଭିତରେ

ବୌଦ୍ଧିକ ବୋଲି କେତେଜଣଙ୍କୁ କୁହାଯିବ ମୁଁ ଜାଣେନି, ତେବେ ସେଇ ତଥାକଥିତ ବୌଦ୍ଧିକ ପାଠକ ମଧ୍ୟ ଏଇ କବିତାର ସହୃଦୟ ପାଠକ ହୋଇପାରନ୍ତିନି। କାରଣ ସାମ୍ପ୍ରତିକ କାଳରେ ସେଇ ସହଜ, ଇନ୍ଦ୍ରିୟଗ୍ରାହୀ ବହିର୍ମୁଖୀ କାବ୍ୟ ଆସ୍ୱାଦନର ଆଳସ୍ୟ ମଧୁର ଅପରାହ୍ଣରୁ ଦୂରେଇ ଯାଇ ମନନ ଓ ଚିନ୍ତନ ଦ୍ୱାରା ସଂସ୍କାରମୁକ୍ତ ଏକ ନବୀନ ପ୍ରଭାତର ସୂର୍ଯ୍ୟୋଦୟ ଆଡ଼କୁ ସମସ୍ତେ ଚାହିଁ ରହିଥିଲେ। କିନ୍ତୁ ସେଇ ପ୍ରଭାତ କିରଣର ଦୀପ୍ତି ବା ଆଶାର ଆଲୋକ ବିଚ୍ଛୁରିତ ହେଲା କି ନାହିଁ ଜଣାନାହିଁ, ଏପର୍ଯ୍ୟନ୍ତ ସାଧାରଣ ଓଡ଼ିଆ ପାଠକର ଦୁର୍ବୋଧତାର ଘନ ଯାମିନୀ ବୋଧେ ବିତି ନାହିଁ। ଏହାର ଅନ୍ୟ ଏକ କାରଣ ମଧ୍ୟ ଦର୍ଶାଯାଇପାରେ। ଯୁଦ୍ଧୋତ୍ତର କାଳରେ ସମଗ୍ର ୟୁରୋପରେ ରେନାସାଁର ମାନବତନ୍ତ୍ରୀ ଭାବନା ଇନ୍ଦ୍ରିୟବିଳାସୀ ପଂକ୍ତିରେ ନୂତନ ଜଟିଳ ଜୀବନର ପ୍ରକାଶ ସମ୍ଭବ ନ ଥିଲା। ଏଇ ଅବକ୍ଷୟଶୀଳ ମୁହୂର୍ତ୍ତରେ ସମାଜ କେନ୍ଦ୍ରଚ୍ୟୁତ, ଦେଶାଚାର ନିଷ୍ପ୍ରାଣ ଓ ବହୁ ସନାତନୀ ପ୍ରଥା ଅବଲୁପ୍ତ ହୋଇଯିବା ଫଳରେ ନୂତନ କବିତାରେ ଏସବୁର ପ୍ରକାଶ ପ୍ରୟାସୀ କବି ପାଠକଠାରୁ ବିଚ୍ଛିନ୍ନ ହୋଇପଡ଼ିଥିଲେ। ଆଉ ପାଶ୍ଚାତ୍ୟର ସେଇ ସ୍ୱପ୍ନହୀନ କ୍ଳାନ୍ତିକର ଧାରାକୁ ଅସଂଲଗ୍ନ ଓ ଅର୍ଥହୀନଭାବେ ଓଡ଼ିଆ କବିତା କ୍ଷେତ୍ରରେ ପ୍ରଚଳନ କରି ଗୌରବ ଦାବି କରୁଥିବା କବିମାନେ ମଧ୍ୟ ପାଠକଙ୍କଠାରୁ ଦୂରେଇ ଯାଇଥିଲେ। କବିର ଚତୁର୍ଦ୍ଦିଗରେ ଏକ ନିର୍ମମ ଏକାକୀତ୍ୱ ରାଜୁତି କରୁଥିଲା।

**ପରିବର୍ତ୍ତନ ପ୍ରୟାସୀ କବିଗଣ କବିତାର ଅନ୍ତର୍ନିହିତ ପ୍ରାଣଶକ୍ତିର କଥା ନ ଭାବି ଖାଲି କିଛି 'ଇଜିମ୍' ଓ 'ଆଇଡୋଲଜି'ର ଅପକ୍ୱ ଓ ଅସିଦ୍ଧ ପରୀକ୍ଷାରେ ମାତିଉଠିଲେ।**

## ଜଟିଳ ଓ ଦୁର୍ବୋଧ୍ୟ


କାଳିଦାସ, ଚସର୍ କି ସେକ୍ସପିଅରଙ୍କୁ ଏଇଭଳି ଦୁର୍ଗତିର ସମ୍ମୁଖୀନ ହେବାକୁ ପଡ଼ି ନ ଥିଲା। ସାରଳା, ବଳରାମ କି ଜଗନ୍ନାଥଙ୍କୁ ବି ନୁହେଁ। ପ୍ରାଚୀନ ଚାରଣ କବି ଓ ଅଗଣିତ ଶ୍ରୋତାଙ୍କ ଭିତରେ ଥିବା ଅନ୍ତରଙ୍ଗ ସମ୍ପର୍କ ଯେଉଳିଭାବେ ମୁଦ୍ରାଯନ୍ତ୍ରର ପ୍ରଚଳନରେ ଶିଥିଳ ହୋଇ ଆସିଥିଲା, ସେଇଭଳି ଦୁର୍ବୋଧ ଆଧୁନିକତାର ପ୍ରଭାବରେ ସହଜବୋଧ କବି ଓ ସହୃଦୟ ପାଠକ ଭିତରେ ଥିବା ସରଳ ସମ୍ପର୍କର ପରିଧିଟି କ୍ରମଶଃ ବିସ୍ତୃତ ହୋଇଯାଉଥିଲା। କବିତା ଯେ ଜଟିଳ ଓ ଦୁର୍ବୋଧ ହୋଇପଡୁଛି ଏକଥା କହି ବୁଲିଲେ ପାଠକଗଣ ଆଉ ପାଠକମାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି କବିମାନେ କହିଲେ– 'ଏମାନଙ୍କ ଚେତନା ଓ ରୁଚି ପରିବର୍ତ୍ତନ ହେବା ଦରକାର'।(୨) ଠିକ୍ ଏଇଭଳି ଏକ ସମସ୍ୟାର କଥା ଉଲ୍ଲେଖ କରି ମାର୍କିନ ସମାଲୋଚକ ଜାସେଲ ଲେଖିଛନ୍ତି : "କବିମାନେ ଯଥାସମ୍ଭବ ବିଜ୍ଞାନ ସମ୍ମତ ପ୍ରବଣତାର ସୀମାକୁ ଛୁଇଁ ଥାଆନ୍ତି... ଏପରିକି କବି ଓ ସାଧାରଣ ପାଠକ ପରସ୍ପର ପ୍ରତି ଏକ ଆକ୍ରୋଶ ରଖିଥାଆନ୍ତି, ଯେମିତିକି, କବିଜଣକ କୁହେ, ତୁମେ ଯଦି ମୋତେ ପଢ଼ିବ ନାହିଁ ତେବେ ମୁଁ ମଧ୍ୟ ଏମିତି ବ୍ୟବସ୍ଥା କରିବି ଯେ ତୁମେ ଏହାକୁ ପଢ଼ି ହିଁ ପାରିବ ନାହିଁ।"(୩)

ସେଇ 'ଆଇ ୱିଲ୍ ମେକ୍ ସିଓର, ୟୁ କ୍ୟାନ୍ ନଟ୍'ର ଜିଦ୍ ନେଇ ହିଁ କବିମାନେ ରଚନା କରିଚାଲିଲେ ରାଶି ରାଶି କବିତା। ଯେଉଁ କେତେଜଣ ସ୍ୱକାଳର ମଣିଷ ଓ ସବୁକାଳର ମାଟିକୁ ଉପଜୀବ୍ୟ କରି କବିତା ଲେଖିବା ପାଇଁ ମନଯୋଗ ଦେଲେ ସେମାନେ ପୁରାଣ ପରମ୍ପରା ସହିତ ପାଶ୍ଚାତ୍ୟ ପରାଶ୍ରୟିତାକୁ ସୁନ୍ଦର ଭାବେ ସମନ୍ୱିତ କରିପାରିଲେ। ତାହା ହିଁ ଇଲିୟଟଙ୍କର 'ଟ୍ରାଡିସନ' ଓ 'ଟାଲେଣ୍ଟ'ର ସମନ୍ୱୟ କିନ୍ତୁ ଇଲିୟଟଙ୍କ କାବ୍ୟଭୂମିର ପାଶ୍ଚାତ୍ୟ ପରମ୍ପରା ଭିନ୍ନ। ଗ୍ରୀକ୍ ପୁରାଣ, 'ଗୋଲଡେନ ବାଓ' କି 'ରାଇଚୁଆଲିଟୁ ରୋମାନ୍ସ'ରୁ ସଂଗୃହୀତ କାହାଣୀ ଓ କିଂବଦନ୍ତୀ ଉପରେ ତାହା ପ୍ରତିଷ୍ଠିତ। ଆମ କବିତାର କ୍ଷେତ୍ର ଭିନ୍ନ। ଆପଣା ସଂସ୍କୃତିର ଜୀବନ୍ତ ପ୍ରବାହରେ ସମୃଦ୍ଧ ଇତିହାସ ଓ ପୁରାଣରୁ, ମହାଭାରତ, ରାମାୟଣ, ଭାଗବତ ଆଦିରୁ ମିଥ୍ ରୂପକ ଖୋଜି କବିତାରେ ସ୍ଥାନ ଦେବାପାଇଁ କେହି କେହି ଚେଷ୍ଟା କଲେ। କିନ୍ତୁ ଏଇ ଭାବଧାରାକୁ ସ୍ୱାଗତ କଲାବେଳେ କିମ୍ବା ନିଜ ପରମ୍ପରାର ସମ୍ପଦ ଖୋଜିଲାବେଳେ ଆନ୍ତରିକତା ଓ ଗଭୀର ଅନୁଭୂତିର ଅଭାବରେ ବେଳେବେଳେ ଏହା ଅସ୍ୱଚ୍ଛ ଓ ଅତିକ୍ରମଣୀୟ ହୋଇଉଠିଲା। ପ୍ରକୃତରେ ପରିବର୍ତ୍ତନ ପ୍ରୟାସୀ କବିଗଣ କବିତାର ଅନ୍ତର୍ନିହିତ ପ୍ରାଣଶକ୍ତିର କଥା ନ ଭାବି ଖାଲି କିଛି 'ଇଜିମ୍' ଓ 'ଆଇଡୋଲଜି'ର ଅପକ୍ୱ ଓ ଅସିଦ୍ଧ ପରୀକ୍ଷାରେ ମାତିଉଠିଲେ। ଫଳରେ ଖୁବ୍ କମ୍ ସଫଳ କବିତାକୁ

ବାଦ୍ ଦେଲେ ଅଧିକାଂଶ କବିତା ହିଁ ହେଲା ପାଠକର ଧୈର୍ଯ୍ୟଚ୍ୟୁତିର କାରଣ।

## ମେଟାଫିଜିକାଲ୍ ଶୈଳୀ

ତେଣୁ ସାଧାରଣ ପାଠକର ମନେହେଲା, ଆଜି ବିଶେଷ ଭାବେ ସାମ୍ପ୍ରତିକ ଓଡ଼ିଆ କବିତାରେ ଯେଉଁ ଶୈଳୀ ପ୍ରଚଳିତ- ସେଇ ମୃତ୍ୟୁଚେତନା, ଅନିକେତଭାବ, ସ୍ଥିତିବାଦୀ ଚିନ୍ତାଧାରା ପ୍ରଭୃତି ଯାହାକୁ ଇଂରେଜୀ ସମାଲୋଚନାରେ 'ମେଟାଫିଜିକାଲ୍ ଶୈଳୀ' ଭାବରେ ନିର୍ଣ୍ଣିତ କରାଯାଏ। ମେଟାଫିଜିକାଲ୍ ଶବ୍ଦଟିର ବେଳେବେଳେ ସାହିତ୍ୟିକ ପ୍ରଚଳନରେ ଦ୍ୱନ୍ଦ୍ୱ ଦେଖାଯାଇଥାଏ। ଏଠି 'ମେଟାଫିଜିକାଲ୍' କୌଣସି ଆଧିଭୌତିକ ବିଷୟ ନୁହେଁ। ଏହା ଅବାସ୍ତବ, ଅନାସ୍ଥା, ଅଗ୍ରାହ୍ୟ ଓ ଅପାରଦର୍ଶିତାର ପରିଚାୟକ। ଏଇ ଶୈଳୀ ବା ଧାରା କ'ଣ ପ୍ରକୃତରେ ଆମ କବିଙ୍କର ନିଜସ୍ୱ? ସ୍ୱତଃ ମନକୁ ଆସେ ପ୍ରକୃତରେ କ'ଣ ଆମର ସମକାଳୀନ ବିଶିଷ୍ଟ କବିଗଣ, ଯେଉଁମାନେ ସମାଜର ବିଭିନ୍ନ ପ୍ରତିଷ୍ଠିତ ଆସନରେ ଅବସ୍ଥାପିତ, ଭୋଗବିଳାସୀ ଓ କ୍ରମୋନ୍ନତିର ପ୍ରଚେଷ୍ଟାରେ ଅତିନ୍ଦ୍ର ପ୍ରୟାସୀ, ସେମାନଙ୍କ ଜୀବନକୁ ଏଇସବୁ ଭଗ୍ନମନସ୍କତା, ଇହଲୋକରେ ପରକାଳର ଚିନ୍ତା କ'ଣ ସତରେ ଆଚ୍ଛନ୍ନ କରି ରଖିଛି? ନା ପାଶ୍ଚାତ୍ୟ ଦାର୍ଶନିକ ଓ ସାହିତ୍ୟିକଙ୍କ ତାତ୍ତ୍ୱିକ ବ୍ୟାଖ୍ୟାକୁ ଅସାମଞ୍ଜସ୍ୟ ଓ ଅହେତୁକ ଭାବେ ଗ୍ରହଣ କରି ଓଡ଼ିଆ କବିତାରେ ତା'ର ସଂଯୋଜନ କରାଯାଇଛି। ସାର୍ତ୍ତ କିମ୍ବା କାମ୍ୟୁ, କାଫ୍‌କାଙ୍କୁ ପଢ଼ି, ସେମାନଙ୍କ ଜଟିଳ ତତ୍ତ୍ୱ ସହ ଆମ ପରମ୍ପରାର ପୁରାଣ ଦର୍ଶନକୁ ଯୋଡ଼ି କବିତାରେ ତା'ର ଶାବ୍ଦିକ ପ୍ରକାଶ ଲୋଡ଼ିଛନ୍ତି କବିମାନେ। ସନ୍ଦେହ ନାହିଁ, ଏ ଯୁଗର ଆମ କବିମାନେ କେହି ଅପଣ୍ଡିତ ନୁହନ୍ତି, କେହି ସାରଳା ଦାସ କି ଭୀମଭୋଇ ଭଳି ଅସୀମର ଅପାର୍ଥିବ ଆହ୍ୱାନରେ ଆନ୍ଦୋଳିତ ହୋଇ କବିତା ଲେଖନ୍ତି ନାହିଁ। ଯଦିବା ଆବେଗର ତାଡ଼ନାରେ ସୃଷ୍ଟିର ଦ୍ୱାହି ଦେଇ କେହି କେହି ମଧ୍ୟରାତ୍ରିର ଆବଦ୍ଧ ପ୍ରକୋଷ୍ଠରେ ନିଜ ଶବ୍ଦ-ଖେଳର ଇନ୍ଦ୍ରଜାଲକୁ କବିତା ନାମରେ ଚଳାଇବାରେ ଚେଷ୍ଟିତ।



ଏସବୁରେ ବୌଦ୍ଧିକତାର ଦୀପ୍ତି ଥାଇପାରେ, କବି ହେବାର ଅଦମ୍ୟ ଉତ୍କଣ୍ଠା ଥାଇପାରେ କିନ୍ତୁ ଆବେଗମୟ ଭାବରାଜିର ସରଳ ଆତ୍ମିକ ଅଭିବ୍ୟକ୍ତି ନ ଥାଏ। ତେଣୁ ବୁଝାଇବାର ଶତ ଚେଷ୍ଟା ସତ୍ତ୍ୱେ ତାହା ବୁଝି ହୋଇପାରେ ନାହିଁ। ଏହା ହିଁ ଆଧୁନିକ କବିତା କ୍ଷେତ୍ରରେ ଏକମାତ୍ର ସତ୍ୟ ହୋଇଉଠିଥିଲା। କେତେଜଣ କବି ବ୍ୟକ୍ତିଗତ ଭାବ ଓ ଆବେଗକୁ କିମ୍ବା ଊର୍ଦ୍ଧ୍ୱାୟତନ ଚେତନାକୁ କବିତାରେ ରୂପ ଦେଲାବେଳେ ପ୍ରକାଶ ଭଙ୍ଗୀର ଚମତ୍କାରିତାରେ ତାହା ଲୁଚିଯାଇଛି ବା ପାଠକର ମନକୁ ସ୍ପର୍ଶ କଲାଭଳି ପର୍ଯ୍ୟାୟକୁ ପହଞ୍ଚିବା ପୂର୍ବରୁ ସେଥିରେ ଶିଥିଳତା ଦେଖାଦେଇଛି। ସାଫଲ୍ୟ ଓ ସ୍ୱୀକୃତିର ଗୌରବରେ ଆତ୍ମହରା କବିପ୍ରାଣ ବେଳେବେଳେ ବୈଫଲ୍ୟ ଓ ବିପର୍ଯ୍ୟୟର ବିପୁଳତା ହୃଦୟଙ୍ଗମ କରି ଆତ୍ମତାଡ଼ନାରେ ଅନ୍ତର୍ମୁଖୀ (ଇଣ୍ଟ୍ରୋଭର୍ଟ) ଓ ଆତ୍ମଲୀନ ହୋଇପଡୁଛନ୍ତି। ଯେଉଁ କବି ବା ଯିଏ ଜାତୀୟ ବା ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱୀକୃତି ଓ ଯଶ ପ୍ରତିଷ୍ଠା ଲୋଡୁଛନ୍ତି, ସେମାନେ ନିଜ ଅନ୍ତରଙ୍ଗ ପାଠକଙ୍କଠାରୁ ଦୂରେଇ ଯାଉଛନ୍ତି ବା କବି ଅପେକ୍ଷା ବେଶି ହୋଇଉଠୁଛନ୍ତି ପ୍ରାଜ୍ଞ (ଇଣ୍ଟେଲେକ୍‌ଚୁଆଲ)। ଓଡ଼ିଆ କବିତାର ଦିଗ୍‌ବଳୟକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ହୋଇଉଠେ। ସମକାଳର ଶ୍ରେଷ୍ଠ କାବ୍ୟପୁରୁଷ ରମାକାନ୍ତ ଓ ସୀତାକାନ୍ତଙ୍କଠାରୁ ଆରମ୍ଭ କରି ଏବଂ ଅଶୀତିପରର ବହୁ ପ୍ରକାଶପ୍ରୟାସୀ କବିଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତଙ୍କ ସୃଷ୍ଟି-ସମ୍ପଦକୁ ପାଠ କଲାବେଳେ ପୂର୍ବୋକ୍ତ ଚିନ୍ତା ବାରମ୍ବାର ମନକୁ ଆସିଥାଏ। ଆକାଶ, ସମୁଦ୍ର, ନଦୀ, ଆଲୋକ, ଅନ୍ଧାର- ପ୍ରକୃତିର ବିଭିନ୍ନ ପରିବେଶର ଯେଉଁମାନେ ଚିତ୍ର ଦେବାକୁ ଗଲେ ଆଧୁନିକତାର ଅବକ୍ଷୟର ବାଣୀ ଓ ହତଭାଗ୍ୟ ମଣିଷର କାତର ସ୍ୱର ସେଠି ବଡ଼ କରୁଣ ଶୁଣାଗଲା। ଚିତ୍ରୋତ୍ପଳାଠାରୁ ଭଲ୍‌ଗା ପର୍ଯ୍ୟନ୍ତ ସବୁ ଯେପରିକି ହେଲେ ବିପର୍ଯ୍ୟୟ ସାକ୍ଷୀ। ଅନ୍ଧାରକୁ ଯେତେ ସଚିତ୍ର କଲେ ମଧ୍ୟ ତାହା ମନକୁ ଆଲୋକିତ କଲା ନାହିଁ। ମହୁମାଛି ସର୍ବତ୍ର ମହୁ ଖୋଜୁ ଖୋଜୁ ନିଜ ଭିତରର ମହୁ ଟିକକ ଶୁଷ୍କ ହୋଇଆସୁଥିଲା। ପାଠକ ଏସବୁ ଭିତରକୁ ପ୍ରବେଶ ଅଧିକାର ନ ପାଇ ବା ଦିଗହଜା ହୋଇ ଠିଆହୋଇ ରହିଛି ଚୌକାଠରେ ଚିରକାଳ।

ଯେଉଁମାନେ ପଦ୍ୟାୟିତ ଗଦ୍ୟରେ ସ୍ପନ୍ଦିତ ମୁହୂର୍ତ୍ତର ଆବେଗକୁ ପ୍ରକାଶ କରିବାକୁ ଚାହିଁଲେ, ଯେପରି ରାଜେନ୍ଦ୍ର ପଣ୍ଡାଙ୍କଠାରୁ ସୂର୍ଯ୍ୟ ମିଶ୍ରଙ୍କ ପର୍ଯ୍ୟନ୍ତ ସେମାନଙ୍କ ବୃହତ୍ତର ଚିନ୍ତା ଓ ଉତ୍ତୋଳିତ ଚେତନାକୁ ସ୍ପର୍ଶ କରିବା ନିର୍ଦ୍ଦିଷ୍ଟ ଅଧ୍ୟୟନସାପେକ୍ଷ ହୋଇଉଠିଲା। ଏପରି ଭାବରେ ଗତି କରିଛି ଓଡ଼ିଆ କାବ୍ୟଧାରାର ବିଚିତ୍ର ପ୍ରବାହ।

### ସଂକ୍ରମଣର କଳା

ଶେଷରେ ଏୟା ହିଁ ଆଶା କରାଯାଏ ଯେ, କବିତା ଯଦି ସୃଷ୍ଟି ଓ ସଂକ୍ରମଣର (କ୍ରିଏସନ ଆଣ୍ଡ କମ୍ୟୁନିକେସନ) କଳା ହୁଏ, ତେବେ ସେଥିରେ ସ୍ରଷ୍ଟାର ଯେପରି ମହତ୍ତର ସୃଷ୍ଟି ଦାୟିତ୍ୱ ରହିଛି; ପାଠକର ମଧ୍ୟ ସେହିପରି ନାନ୍ଦନିକ ରସଗ୍ରହଣର ଅଧିକାର ଅଛି। ଆଉ କବିତା କବି ଜୀବନର ଶ୍ରେଷ୍ଠ ଅଭୀପ୍ସା ହେଲେ, ଜୀବନଯଜ୍ଞର ଅମୃତ-ଚରୁ ସେଥିରେ ନିଃସୃତ ଥିଲେ, ତାହା ଯେ ଅନ୍ୟର ମନକୁ ସହଜରେ ଆକର୍ଷଣ କରିବ, ଏଥିରେ ସନ୍ଦେହ ନାହିଁ। ନିଶ୍ଚୟ ସ୍ପର୍ଶ କରିବ ହୃଦୟକୁ, ଯେତେ ବେଦନା, ମୃତ୍ୟୁ ବା ବିଚ୍ଛିନ୍ନତାର କଥା କୁହାଗଲେ ବି ସେଇଥିରେ କେବଳ ସୀମିତ ନ ରହି ଏକ ଚିରନ୍ତନ ଜୀବନବୋଧର ପ୍ରବହମାନତାକୁ ବହନ କରିବ। କେବଳ ବ୍ୟର୍ଥତାର ପୃଷ୍ଠଭୂମିରେ ଅସଂଲଗ୍ନ ଭାବେ ମଣିଷର ଅସହାୟତାକୁ ନ ଫୁଟାଇ ତା'ର ଅଦମ୍ୟ ଅପରାଜେୟ ସର୍ଜନଶୀଳତାର କଥା କହିବାକୁ ଚେଷ୍ଟା କରିବ କବିତା। ସବୁ ଯୁଗର ସବୁ ମଣିଷଙ୍କ ପାଇଁ ଏଥିରେ କିଛି ରସଦ ରହିବ। କବି ଜଣେ ଯୁକ୍ତି କରିଛନ୍ତି "କବିତା ଜୀବନର ବିଷାଦ, ଅନ୍ଧାର, ଧୂଳି ବା ମୃତ୍ୟୁରୁ ପଳାୟନ ନୁହେଁ କିମ୍ବା ଏକ କୃତ୍ରିମ ଆନନ୍ଦ ଓ ରସରାଜ୍ୟର ସୃଷ୍ଟି ଦ୍ୱାରା ଅଙ୍ଗାର ଧୂଳିକୁ ଭୁଲିବାର ପ୍ରୟାସ ନୁହେଁ।"[୪] ଠିକ୍ କଥା ଏସବୁକୁ ଅଙ୍ଗୀକାର କରିନେଲେ ହିଁ କବିତାର ଶାଶ୍ୱତ ଆତ୍ମା ଗଠିତ ହୁଏ।

ବର୍ତ୍ତମାନ ଏହିଭଳି ଏକ ସମୟ ପୁଣି ଉପସ୍ଥିତ ହୋଇଛି। ଅବକ୍ଷୟ ଓ ଅବସାଦକୁ ଭୁଲି ଆଧୁନିକ କବିତାରେ ପରିପୂର୍ତ୍ତି (ରିପ୍ଲେସ୍‌ମେଣ୍ଟ)ର ଯୁଗ ପୁଣି ବିଶ୍ୱମୟ ଆରମ୍ଭ ହେଲାଣି। ଓଡ଼ିଆ କବିତାରେ ମଧ୍ୟ ତା'ର ସୂଚନା ଦେଖିବାକୁ ମିଳିଲାଣି। ଯାହାକୁ ନାମ ଦିଆଯାଉଛି ଆଧୁନିକୋତ୍ତର (ପୋଷ୍ଟ-ମଡର୍ଣ୍ଣ) ସୃଷ୍ଟି। ସରଳ ଭାଷା, ଛନ୍ଦ ଓ ଆବେଗ ଘେନି ସ୍ପର୍ଶଶୀଳ କବିତା ରଚନା କରିବା ପାଇଁ ଚେଷ୍ଟା ଆରମ୍ଭ କଲେଣି କବିଗଣ। ଜୀବନର ସନାତନ ମୂଲ୍ୟବୋଧ ରକ୍ଷାକରିବା ପାଇଁ ଏଥିରେ ସତ୍ୟର ଅନପଭ୍ରଷ୍ଟ ନିରାଜନା କରାଯାଉଛି। ପାଠକମାନେ ସମାଲୋଚନାର ଦୃଷ୍ଟିରେ କବିତା ପାଠକରିବା ବା ବୁଝିବାର ଯେଉଁ ପରମ୍ପରା, ତାହା ଦୂରେଇ ଯାଉଛି। କବିତାର ଲିଖିତ/ପଠିତ ଶବ୍ଦ ଚୟନ ଭିତରୁ କବିର ଭାବ-ଐଶ୍ୱର୍ଯ୍ୟକୁ ବୁଝିବାର ସହୃଦୟତା ଏବେ ପାଠକ ଚିତ୍ତରେ ଦେଖାଦେଇଛି। ଦୁରୂହ ବା ଦୁର୍ବୋଧ ବୋଲି ଦୂରେଇ ନ ଦେଇ କବିତାର ଆତ୍ମାକୁ ଚିହ୍ନିବା ପାଇଁ ଚେଷ୍ଟା କରୁଛନ୍ତି ପାଠକ ଓ ସମାଲୋଚକମାନେ।

ସର୍ବୋପରି କବିତା ଏପରି ଏକ କଳା ଯେଉଁଥିରେ 'ଅଶ୍ରୁ ହୁଏ ସ୍ମିତ, ଆଉ ସ୍ମିତ ହୁଏ ଆଲୋକ'। ପରାଜୟର ସମସ୍ତ ଗ୍ଳାନି କବିତା ରଚନାର ସେଇ ଚରମ ମୁହୂର୍ତ୍ତରେ ବିଜୟର ଅଫୁରନ୍ତ ଉଲ୍ଲାସ ଓ ଅପାର କୌତୁକ ହୋଇ ଦେଖାଦିଏ। ସେଠି ଆଉ ପରିଗ୍ରହଣ ବା ପ୍ରତ୍ୟାଖ୍ୟାନର ଜ୍ଞାନ ନ ଥାଏ। କବିର ଭାଷାରେ ତାହା ଜୀବନର ଅବିଭକ୍ତ ରୂପନ୍ୟାସ ହୋଇ ଦେଖାଦିଏ। ଯାହାକୁ ନ ଜାଣି ମଧ୍ୟ ମାନିବାକୁ ବାଧ୍ୟ ଓ ନ ବୁଝି ମଧ୍ୟ ଗ୍ରହଣ କରିବାକୁ ବାଧ୍ୟ ହୁଏ ପାଠକ।

**ଦୁରୂହ ବା ଦୁର୍ବୋଧ ବୋଲି ଦୂରେଇ ନ ଦେଇ କବିତାର ଆତ୍ମାକୁ ଚିହ୍ନିବା ପାଇଁ ଚେଷ୍ଟା କରୁଛନ୍ତି ପାଠକ ଓ ସମାଲୋଚକମାନେ।**

**ସୂଚନା:**

୧। ଫ୍ରେଜର, ଜି.ଏସ୍.: ଦି ମଡର୍ଣ୍ଣ ରାଇଟର ଆଣ୍ଡ ହିଜ୍ ୱାର୍ଲଡ, ୧୭୩
୨। ଦାଶ, ଜୀବନାନନ୍ଦ: କବିତାର କଥା, ପୃ-୧୬
୩। ଜ୍ୟାସେଲ୍, ରାଣ୍ଡାଲ୍ : ଦି ଅବ୍‌ସ୍କୁରିଟି ଅଫ୍ ଦି ପୋଏଟ୍, ପୋଏଟ୍ରି ଆଣ୍ଡ ଏଜ୍। ସମ୍ପାଦିତ- ଜେ.ରିଭର୍ସ : ଦି ମଡର୍ଣ୍ଣ ପୋଏଟ୍‌ସ, ପୃ. ୨୩।
୪। ମହାପାତ୍ର ସୀତାକାନ୍ତ : ଭିନ୍ନ ଆକାଶ ଭିନ୍ନ ଦୀପ୍ତି, ପୃ-୭୦୨.

□□

ଲେଖକଙ୍କ ଇ-ମେଲ ଠିକଣା:
panda.bk@rediffmail.com



ଅନୁବାଦ

# ବିଧ୍ୱଂସ



ମୂଳ ହିନ୍ଦୀ କାହାଣୀ- ମୁନ୍‌ସୀ ପ୍ରେମଚନ୍ଦ ଅନୁବାଦ- ଆଶିଷ କୁମାର ରାୟ

ବନାରସ ଜିଲ୍ଲାରେ ରହିଛି ବୀରା ନାମକ ଏକ ଗ୍ରାମ। ସେଠାରେ ଗରିବ ଅସହାୟ ବିଧବା ବୁଢ଼ୀ ଲୋକଟିଏ ରହୁଥିଲା। ତା'ର ନାମ ଥିଲା ଭୁନ୍‌ଗୀ ଏବଂ ସେ ମଧ୍ୟ ଥିଲା ସନ୍ତାନହୀନ। ତା'ର ନିଜର କୌଣସି ଜମିବାଡ଼ି ନ ଥିଲା କି ଘରଟିଏ ବି ନ ଥିଲା। କେବଳ ଗୋଟିଏ ଭାଟି, ଯାହାକି ଥିଲା ତା'ର ବଞ୍ଚିବାର ଆଶ୍ରା। ଗ୍ରାମର ଅଧିକାଂଶ ଲୋକେ ଗୋଟିଏ ବେଳାର ଖାଦ୍ୟ ପାଇଁ ଛତୁଆ ଉପରେ ନିର୍ଭର କରୁଥିଲେ। ସେଥିପାଇଁ ଭୁନ୍‌ଗୀର ଭାଟିରେ ସବୁଦିନ ଲୋକଙ୍କ ଭିଡ଼ ଜମୁଥିଲା। ସେମାନେ ଆଣୁଥିବା ବୁଟ, ଯଅ କିମ୍ବା ବାଜରାକୁ ଭାଟିରେ ପକାଇ ତା'ପରେ ତାକୁ ଚକିରେ ପେଷି ଛତୁଆ ପ୍ରସ୍ତୁତ କରୁଥିଲା ସେ। ପାରିଶ୍ରମିକ ବାବଦକୁ ମିଳୁଥିବା ଛତୁଆକୁ ଖାଇ ଭାଟିକୁ ଲାଗିଥିବା ସେହି ଝୁମ୍ପୁଡ଼ିର ଗୋଟିଏ କୋଣରେ ସେ ଶୋଇ ଯାଉଥିଲା। ପ୍ରାତଃକାଳରୁ ଉଠି ଚାରିଆଡୁ ସେ ଭାଟି ଜଳାଇବା ପାଇଁ ଆବଶ୍ୟକ ଜାଳକାଠ, ଶୁଖିଲା ପତ୍ର ଆଦି ସଂଗ୍ରହ କରୁଥିଲା। ଭାଟି ପାଖରେ ହିଁ ସେସବୁ ଗଦା କରି ରଖୁଥିଲା। ଦିପହର ବେଳକୁ ଭାଟି ଜଳାଇ ସେ କାମରେ ଲାଗି ଯାଉଥିଲା।



ତେବେ ସେହି ଗ୍ରାମର ପ୍ରଥା ଅନୁଯାୟୀ ଏକାଦଶୀ ଓ ପୂର୍ଣ୍ଣିମାରେ ଭାଟି ବନ୍ଦ ରହୁଥିବାରୁ ସେଦିନ ଭୁନ୍‌ଗୀକୁ ପ୍ରାୟତଃ ଭୋକରେ ରହିବାକୁ ପଡୁଥିଲା। ଏତଦ୍‌ବ୍ୟତୀତ ଯେଉଁ ଦିନ ଗ୍ରାମର ଜମିଦାର ଉଦୟଭାନ ପାଣ୍ଡେଙ୍କ ଘର ଶସ୍ୟ ଆସି ଭାଟିରେ ପଡୁଥିଲା, ସେଦିନ ମଧ୍ୟ ସେ ଅଧାଉପାସ ରହୁଥିଲା। ପାଣ୍ଡେଜୀ ଭୁନ୍‌ଗୀ ଦ୍ୱାରା ମାଗଣାରେ ଛତୁଆ ତିଆରି କରାଇବା ବ୍ୟତୀତ ବେଳେବେଳେ ତାକୁ ଡାକି ନିଜ ଘରକୁ ପାଣି ବୁହାଇବା ସହିତ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ କରାଉଥିଲେ। ସେଦିନ ମଧ୍ୟ ଭାଟି ବନ୍ଦ ରହୁଥିଲା। ଯେହେତୁ ବିଚାରୀ ସେହି ଅସହାୟ ବୃଦ୍ଧା ଉଦୟଭାନଙ୍କ ଗ୍ରାମରେ ରହୁଥିଲା, ସେଥିପାଇଁ ତାକୁ ନେଇ ବେଠି ଖଟାଇବାକୁ ସେ ନିଜର ଅଧିକାର ବୋଲି ଭାବୁଥିଲେ। ତାଙ୍କ ଦୃଷ୍ଟିରେ ଏହା ଆଦୌ ଅନ୍ୟାୟ ନ ଥିଲା। ତାଙ୍କର ଧାରଣା ଥିଲା ଯେ କାମ ପାଇଁ ଯେହେତୁ ସେ ଭୁନ୍‌ଗୀକୁ କିଛି ଖାଇବାପାଇଁ ଦେଉଛନ୍ତି, ତାହେଲେ ଏଥିରେ ଅନ୍ୟାୟ ରହିଲା କେଉଁଠି ? କୃଷକର ମଧ୍ୟ ଅଧିକାର ଅଛି ତା' ବଳଦକୁ ଦିନସାରା ବିଲରେ ଖଟାଇ ସନ୍ଧ୍ୟା ବେଳକୁ ଭୋକିଲା ପେଟରେ ଖୁଣ୍ଟିରେ ବାନ୍ଧି ଦେଇପାରିବ। ଯଦି ସେ ତାହା ନ କରୁଛି ତେବେ ଏହା ତା'ର ଦୟା ଭାବ ନୁହେଁ, ବରଂ କେବଳ ନିଜର ହିତ ଚିନ୍ତା। ଖାଇବାକୁ ଦେଇ ତା'ଠାରୁ ଅଧିକ କାମ ଆଦାୟ କରିବା ଭଳି କଥା। ଉଦୟଭାନ ସେ ବାବଦରେ ଆଦୌ ଚିନ୍ତିତ ନ ଥିଲେ, କାରଣ ଅଧାପେଟ ରହିଲେ ଭୁନ୍‌ଗୀ ମରି ଯିବନାହିଁ, ଆଉ ଯଦି ବା ଦୈବଯୋଗରୁ ମରିଯାଏ ତେବେ ତା' ଜାଗାରେ ଅନ୍ୟ କାହାକୁ ଆଣି ଭାଟିରେ ରଖାଯାଇପାରିବ। ଭୁନ୍‌ଗୀକୁ ତାଙ୍କ ଗ୍ରାମରେ ସ୍ଥାନ ଦେଇଛନ୍ତି, ଏହା କ'ଣ ପାଣ୍ଡେଜୀଙ୍କର ଏକ ଅନୁଗ୍ରହ ନୁହେଁ କି ?

ଚୈତ୍ର ମାସର ସଂକ୍ରାନ୍ତି ପର୍ବ। ଏହି ଦିନ ନୂଆ ଶସ୍ୟରୁ ତିଆରି ଛତୁଆ ଖିଆଯିବାର ପରମ୍ପରା ରହିଛି। ଏହି ଦିନ ମଧ୍ୟ ଶସ୍ୟ ଦାନ କରାଯାଏ। ଘରେ ନିଆଁ ଜଳେନାହିଁ। ଭୁନ୍‌ଗୀର ଭାଟି ଆଜି ଖୁବ ଜୋରରେ ଜଳୁଥିଲା। ଅନେକ ଲୋକ

ଜମା ହୋଇଥିଲେ ତା' ଭାଟିରେ। କାମରେ ସେ ଏତେ ବ୍ୟସ୍ତ ଥିଲା ଯେ ଶାନ୍ତିରେ ନିଃଶ୍ୱାସ ନେବା ପାଇଁ ଫୁରସତ ନ ଥିଲା। ଗ୍ରାହକମାନେ ଯେତେବେଳେ ତାଙ୍କ କାମ ଶୀଘ୍ର କରିଦେବା ପାଇଁ କହୁଥିଲେ, ସେତେବେଳେ ସେ ଚିଡ଼ି ଉଠୁଥିଲା। ଏହି ସମୟରେ ଜମିଦାରଙ୍କ ଘରୁ ଦୁଇ ଟୋକେଇ ବୁଟ ଆସି ପହଞ୍ଚିଲା। ଯଥାଶୀଘ୍ର ସେସବୁକୁ ଭାଜିବା ପାଇଁ ଜମିଦାର ସାହେବ ହୁକୁମ ଦେଇଥିଲେ। ଭୁନ୍‌ଗୀ ଦୁଇଟିଯାକ ଟୋକେଇକୁ ଦେଖି ଡରିଗଲା। ଦିପହରରୁ ଯଦି ଆରମ୍ଭ କରାଯାଏ ତେବେ ବି ସୂର୍ଯ୍ୟାସ୍ତ ପୂର୍ବରୁ ସବୁଯାକ ବୁଟ ଭାଜିବା ଥିଲା ଏକ ଅସମ୍ଭବ କାର୍ଯ୍ୟ। ଭୁନ୍‌ଗୀ ଭାବିଲା ଆଉ ଘଡ଼ିଏ ଦୁଇଘଡ଼ି ଯଦି ଅନ୍ୟମାନଙ୍କର ଯଅ, ବୁଟ, ଚଣା ଆଦି ଭାଜି ଦେଇଥାନ୍ତି ତେବେ ଆଠଦିନର ଖାଇବା ଯୋଗାଡ଼ ହୋଇ ଯାଇଥାନ୍ତା। ଦଇବ ଏତିକି ବି ସହିପାରିଲାନି। ଏବେ ଜମିଦାର ପାଖରୁ ତ କିଛି ବି ମିଳିବାର ନାହିଁ। ଦୁଇ ଟୋକେଇ ଜିନିଷ ଦେଇ ଯମଦୂତମାନଙ୍କୁ ପଠାଇ ଦେଇଛି। ଏବେ ଗୋଟିଏ ପହର ରାତି ପର୍ଯ୍ୟନ୍ତ ଭାଟି ପାଖରେ ସିଝିବାକୁ ପଡ଼ିବ। ମନରେ ନୈରାଶ୍ୟ ଭରି ଟୋକେଇ ଦୁଇଟି ରଖିବା ବ୍ୟତୀତ ତା'ର ଆଉ କୌଣସି ଚାରା ନ ଥିଲା।

ଜମିଦାରଙ୍କ ପିଆଦା ଚେତାବନୀ ଦେଇ କହିଲେ - ଡେରି ନ ହୁଏ ଯେମିତି।

ଭୁନ୍‌ଗୀ - ଏଇଠି ବସିଥାଅ, ଭଜା ହେଇଯିବା ପରେ ନେଇଯିବ। ଆଉ କାହାର ଦାନା ଛୁଇଁବିନି, ଯଦି ଛୁଏଁ ତେବେ ମୋ ହାତ କାଟିଦେବ।

ପିଆଦା - ବସିବାପାଇଁ ଆମ ପାଖରେ ସମୟ ନାହିଁ। ତେବେ ଯେମିତି ହେଲେ ଉପର ବେଳାକୁ କାମ ସରିବା ଦରକାର।

ଜମିଦାରଙ୍କ ଲୋକ ତ ତାଗିଦ କରି ଚାଲିଗଲେ। ଭୁନ୍‌ଗୀ ଭାଟିରେ ପଡ଼ିଥିବା ବାଲିରେ ବୁଟ ଭାଜିବାକୁ ଲାଗିଲା, କିନ୍ତୁ ଏତେଗୁଡ଼ାଏ ଭାଜିବା ଥିଲା କାଠିକର ପାଠ। ପୁଣି ମଝିରେ ମଝିରେ ଭଜାଭଜି ବନ୍ଦ କରି ଭାଟି ନିଆଁକୁ ଜଳାଇ ରଖିବାପାଇଁ ଜାଳ, ଶୁଖିଲା ପତ୍ର ପକାଇବାକୁ ପଡୁଥିଲା। ସେଥିପାଇଁ ଉପରବେଳା ସୁଦ୍ଧା ଅଧା କାମ ବି ସରିପାରିଲାନି। ତାକୁ ଭୟ ଲାଗିଲା, ଆଉ ଟିକେ ପରେ ଜମିଦାରଙ୍କ ଲୋକ ଆସି ପହଞ୍ଚିଯିବେ। ଆଉ ଆସୁ ଆସୁ ଗାଳି ବକିବା ଆରମ୍ଭ କରିଦେବେ। ସେ ଶୀଘ୍ର ଶୀଘ୍ର ହାତ ଚଳାଇବାକୁ ଲାଗିଲା। ଭାଟି ଭିତରକୁ ବାଲି ଛାଡ଼ିବା ସହିତ ଆଞ୍ଜୁଳା ଆଞ୍ଜୁଳା ବୁଟ ପକାଇ ଭାଜିବାକୁ ଲାଗିଲା। ନିଆଁ କିନ୍ତୁ ଭଲ ଭାବେ ନ ଜଳିବା ଯୋଗୁ ବାଲି ଥଣ୍ଡା ପଡ଼ିବାକୁ ଲାଗିଲା ଆଉ ଦାନାଗୁଡ଼ିକ ଠିକ୍ ଭାବେ ଭାଜି ନ ହୋଇ ସେମେଟି ଗଲା। କ'ଣ କରିବ ତାକୁ କିଛି ବୁଦ୍ଧିବାଟ ଦେଖାଯାଉ ନ ଥିଲା। କିଭଳି ବିପଦରେ ପଡ଼ିଛି, ସେଇ କଥା ଭାବିବାକୁ ଲାଗିଲା। ପୁଣି ଭାବିଲା, ହଁ କୋଉ ଜମିଦାର ଆସି ମୋତେ ଖାଇବାକୁ ଦେଉଛି କି ? କେବେ ମୋ ଆଖିର ଲୁହ ପୋଛି ଦେଇଛି କି ? ନିଜ ରକ୍ତ ନିଗାଡ଼ି ଖାଇବାକୁ ଦାନା ଗଣ୍ଡେ ପାଉଛି, କିନ୍ତୁ ଯେତେବେଳେ ଦେଖ ତାଙ୍କ ଲୋକ ଆସି ମୁଣ୍ଡରେ ବସି ଯାଉଛନ୍ତି। ଏଇଥିପାଇଁ ଯେ ତାଙ୍କ ଜମିଦାରୀର ଚାରିହାତ ଜାଗାରେ ମୁଁ ମୁଣ୍ଡ ଗୁଞ୍ଜିଛି। କ'ଣ ଏତିକି ଟିକେ ଜାଗାର ଦାମ ଏତେ ଅଧିକ ? ଏଭଳି କେତେ ଛୋଟ ଛୋଟ ଜାଗା ତ ଗାଁରେ ବେକାର ପଡ଼ିଛି। ଏଭଳି କେତେ ବଖରା ଘର ବି ଭଙ୍ଗାରୁଜା ହୋଇ ପଡ଼ିଛି ଆଉ କେତେ ଚାଷଜମିରେ ଫସଲ ବି ହେଉନି। ତଥାପି ମୋ ଉପରେ ଜୁଲୁମ୍। କିଛି ଏପଟ ସେପଟ ହୋଇଗଲେ ଧମକ ମିଳୁଛି - ଭାଟି ଭାଙ୍ଗିଦେବି, ଚୁଲି ଖୋଳିଦେବି। ମୋର ଯଦି କେହି ସାହା ଭରସା ଥାଆନ୍ତେ, ତେବେ କ'ଣ ସେ ମୋତେ ଏମିତି ଗାଳିମାଡ଼ ସହିବାକୁ ପଡ଼ନ୍ତା ?

**ହଁ, କୋଉ ଜମିଦାର ଆସି ମୋତେ ଖାଇବାକୁ ଦେଉଛି କି ? କେବେ ମୋ ଆଖିର ଲୁହ ପୋଛି ଦେଇଛି କି ?**

ସେ ଏଭଳି କୁତ୍ସିତ ଚିନ୍ତାରେ ପଡ଼ିଥିବା ବେଳେ ଜମିଦାରଙ୍କ ପିଆଦା ଦୁଇଜଣ ଆସି କର୍କଶ ସ୍ୱରରେ ପଚାରିଲେ - କ'ଣ ହେଲା, ସବୁତକ ଭଜା ହୋଇଗଲା ?


ଭୁନ୍‌ଗୀ ଭୟଭୀତ ନ ହୋଇ କହିଲା - ଭାଜୁଛି ତ, ଦେଖା ଯାଉନି କି ?

ପିଆଦା - ସାରାଦିନ ବିତିଗଲା, ଆଉ ତୋ ଦ୍ୱାରା ଏତିକି କାମ ହେଇପାରିଲାନି ? ଏଗୁଡ଼ିକୁ ତୁ ଭାଜୁଛୁ ନା ନଷ୍ଟ କରୁଛୁ।

ଏସବୁ ତ ସେମେଟି ଯାଇଛି, ଏଥିରୁ ଛତୁଆ କେମିତି ହେବ ? ପୂରା ସତ୍ୟାନାଶ କରିଦେଇଛୁ। ଦେଖିବୁ ଆଜି ଜମିଦାର ବାବୁ ତୋ'ର କି ଅବସ୍ଥା କରିବେ।

ପରିଣାମ ଏଇଆ ହେଲା ଯେ ସେହି ରାତିରେ ଭାଟିକୁ ଖୋଳିତାଡ଼ି ନଷ୍ଟ କରି ଦିଆଗଲା ଏବଂ ଅଭାଗିନୀ ବିଧବା ଭୁନ୍‌ଗୀ ନିରାଶ୍ରୟା ହୋଇଗଲା।

ଭୁନ୍‌ଗୀର ରୋଜଗାର ବୁଡ଼ିଯିବା ଫଳରେ ପର ଘରେ କାମ ପାଇଟି କରି ଏବଂ ମାଗିଯାଚି ଖାଇବା ବ୍ୟତୀତ ଆଉ କିଛି ଉପାୟ ନ ଥିଲା। ଭାଟି ଧ୍ୱଂସ ହେବା ଫଳରେ ଗାଁ ଲୋକେ ମଧ୍ୟ ବହୁତ ହଇରାଣ ହେଲେ। ବିଚାରୀ ବୁଢ଼ୀକୁ ଭାଟି ଜଳାଇବାର ଅନୁମତି ଦେବାପାଇଁ ଲୋକମାନେ ଯାଇ ଜମିଦାରଙ୍କୁ ନେହୁରା ହେଲେ, କିନ୍ତୁ ସେ ଏଥି ପ୍ରତି ଧ୍ୟାନ ଦେଲେ ନାହିଁ। ସେ ନିଜ ରୋବାବରେ ଆଞ୍ଚ ଆଣିବାକୁ ଚାହୁଁ ନ ଥିଲେ। ବୁଢ଼ୀକୁ ତା'ର କେତେଜଣ ଶୁଭଚିନ୍ତକ ଅନୁରୋଧ କଲେ ଯେ ସେ ଯାଇ ଅନ୍ୟ କୌଣସି ଗ୍ରାମରେ ଭାଟି ବସାଉ। ଭୁନ୍‌ଗୀର ବୃଦ୍ଧା ମନ କିନ୍ତୁ ଏହି ପ୍ରସ୍ତାବକୁ ସ୍ୱୀକାର କରି ପାରିଲା ନାହିଁ। ଏହି ଗ୍ରାମରେ ହିଁ ସେ ନିଜ ଜୀବନର ପଚାଶ ବର୍ଷ ବିତାଇଛି। ଏଠାକାର ପାଣି ପବନ ଏବଂ ପ୍ରତ୍ୟେକ ଗଛଲତା ସହିତ ସେ ଏକ ଅତୁଟ ବନ୍ଧନରେ ବାନ୍ଧି ହୋଇ ଯାଇଛି। ଜୀବନର ସୁଖଦୁଃଖ ସବୁ ସେ ଏହି ଗାଁରେ ହିଁ ଦେଖିଛି। ଏହି ଗ୍ରାମରେ ମିଳୁଥିବା ଦୁଃଖ ତା'ପାଇଁ ଅନ୍ୟ ଗ୍ରାମର ସୁଖଠାରୁ ମଧ୍ୟ ଅଧିକ ପ୍ରିୟ ଥିଲା।



ଏହି ଅବସ୍ଥାରେ ପୂରା ମାସଟିଏ ବିତିଗଲା। ସକାଳୁ ସକାଳୁ ଜମିଦାର ଉଦୟଭାନ ନିଜର ଦୁଇତିନି ଜଣ ପିଆଦା ସହିତ ଖଜଣା ଅସୁଲ କରିବାପାଇଁ ଯାଉଥିଲେ। ଗୁମାସ୍ତା ଉପରେ ତାଙ୍କର ବିଶ୍ୱାସ ନ ଥିଲା। ଖଜଣା ଆଦାୟ କରିବା ତଥା କୌଣସି ଉପହାର ପାଇବାକୁ ଗଲାବେଳେ ନିଜ ବିଶ୍ୱସ୍ତ ପିଆଦାଙ୍କ ବ୍ୟତୀତ ସେ ଅନ୍ୟ କୌଣସି କର୍ମଚାରୀଙ୍କୁ ସାଙ୍ଗରେ ନିଅନ୍ତି ନାହିଁ। ଯିବା ସମୟରେ ଭୁନ୍‌ଗୀର ଝୁମ୍ପୁଡ଼ି ଆଡ଼କୁ ଚାହିଁବା କ୍ଷଣି ତାଙ୍କ ଦେହରେ ସତେ ଯେମିତି ନିଆଁ ଲାଗିଗଲା। ଭାଟିର ପୁନରୁଦ୍ଧାର କାର୍ଯ୍ୟ ଚାଲିଥିଲା। ବୁଢ଼ୀ ସେଠାରେ ମାଟି ଚକଟି ଚୁଲା ତିଆରି କାମରେ ଲାଗି ପଡ଼ିଥିଲା। ବୋଧହୁଏ ଅଧରାତିରୁ ସେ ନିଜ ଭାଟି ତିଆରି କାମରେ ଲାଗିଥିଲା ଏବଂ ସୂର୍ଯ୍ୟୋଦୟ ବେଳକୁ ତାହା ସମାପ୍ତ କରିବାକୁ ଚାହୁଁଥିଲା। ତା' ମନରେ ଆଉ କାହା ପ୍ରତି ଡର ନ ଥିଲା, ଏପରିକି ଜମିଦାରଙ୍କ ଆଦେଶ ବିରୁଦ୍ଧରେ ଯିବାର ଡର ମଧ୍ୟ ତା' ମନରୁ ଚାଲିଯାଇଥିଲା। ତେବେ କ୍ରୋଧ ଯେ ଏତେ ବ୍ୟାପକ ହୋଇପାରେ ସେଭଳି ଆଶଙ୍କା ସେ ଆଦୌ କରି ନ ଥିଲା। କୌଣସି ପ୍ରତିପତ୍ତିଶାଳୀ ପୁରୁଷ ଯେ ଜଣେ ଦୀନହୀନ ଅବଳା ପ୍ରତି ଏଭଳି ଆଚରଣ କରିବ ସେକଥା ସ୍ୱପ୍ନରେ ବି ଭାବି ନ ଥିଲା। ସ୍ୱଭାବତଃ ମାନବ ଚରିତ୍ରକୁ ସେ ବହୁତ ଉଚ୍ଚ ସ୍ଥାନ ଦେଇଥିଲା। କିନ୍ତୁ ଆଃ ! ହତଭାଗିନୀ ! ତା' କପାଳରେ କ'ଣ ଏଇଆ ଲେଖାଥିଲା ?

ହଠାତ ଉଦୟଭାନ ଗର୍ଜନ କରି କହିଲେ - କାହା ହୁକୁମ୍‌ରେ ତୁ ଏସବୁ କରୁଛୁ ?

ଭୁନ୍‌ଗୀ ହଡ଼ବଡ଼େଇ ଯାଇ ଦେଖିଲା ଯେ ଖୋଦ୍ ଜମିଦାର ତା' ସାମ୍‌ନାରେ ଛିଡ଼ା ହୋଇଛନ୍ତି।

ଉଦୟଭାନ ପୁଣି ଗର୍ଜି ଉଠିଲେ - କାହା ହୁକୁମରେ ଭାଟି ତିଆରି କରୁଛୁ ?

ଭୁନ୍‌ଗୀ ଡରିଯାଇ କହିଲା - ସମସ୍ତେ କହିଲେ ତ ଭାଟି ତିଆରି କରିବାକୁ। ସେଥିପାଇଁ ମୁଁ କରୁଛି।

ଉଦୟଭାନ - ମୁଁ ଏବେ ଏହାକୁ ପୁଣି ଥରେ ଭାଙ୍ଗିଦେବି। ଏହା କହି ସେ ଭାଟିକୁ ଗୋଟେ ଗୋଇଠା ମାରିଲେ। ଓଦା ମାଟିରେ ନିର୍ମିତ ଚୁଲା ଗୋଟିଏ ଗୋଇଠା ପ୍ରହାରରେ ଛିନ୍ନଛତ୍ର ହୋଇଗଲା। ଆଉ ଗୋଟେ ପାହାର ସେ ମାଟି ନନ୍ଦ ଉପରେ ପକାଇବାକୁ ଯାଉଥିଲେ, କିନ୍ତୁ ବୁଢ଼ୀ ସାମ୍‌ନାକୁ ଆସିଯିବାରୁ ପାହାରଟା ଯାଇ ବସିଲା ତା' ଅଣ୍ଟା ଉପରେ। ଏବେ ତା' ମନରେ କ୍ରୋଧ ଜାତ ହେଲା। ଅଣ୍ଟାକୁ ଆଉଁସି କହିଲା - ତୁମେ ମଣିଷକୁ ନ ଡରୁଛ ନାହିଁ, ଭଗବାନଙ୍କୁ ତ ଡର। ମୋ ଘର

ଉଜାଡ଼ି, ମୋତେ ଉପାସରେ ରଖି ତୁମେ କ'ଣ ପାଇବ ? କ'ଣ ଏହି ଚାରି ହାତ ଜାଗାରୁ ତୁମ ପାଇଁ ସୁନା ବାହାରି ପଡ଼ିବ ? ମୁଁ ତୁମରି ଭଲ ପାଇଁ କହୁଛି, ଗରିବ ବିଧବାର ନିଃଶ୍ୱାସ ପଡ଼ିବ। କାହା ମନରେ ଦୁଃଖ ଦିଅନି, କାହାକୁ ଅସହାୟ କରି ଦିଅନି।

ଉଦୟଭାନ - କହି ଦେଉଛି, ଏବେ ଆଉ ଏଠି ଭାଟି ତିଆରି କରିବୁନି।

ଭୁନ୍‌ଗୀ - ଭାଟି ତିଆରି କରିବିନି ତ ଖାଇବି କ'ଣ ?

ଉଦୟଭାନ - ତୋ ଖାଇବାପାଇଁ ମୁଁ ଠିକା ନେଇନି।

ଭୁନ୍‌ଗୀ - ତାହେଲେ ମୁଁ କୁଆଡ଼େ ଯିବି ? ତୁମ ଘରେ ତ ବେଠି ଖଟୁଛି।

ଉଦୟଭାନ - ଗାଁରେ ରହିବୁ ତ ବେଠି ଖଟିବାକୁ ପଡ଼ିବ।

ଭୁନ୍‌ଗୀ - ବେଠି ତ ଖଟିବି, କିନ୍ତୁ ଭାଟି କାମ ଆରମ୍ଭ ହେବା ପରେ। କେବଳ ଗାଁରେ ରହିବା ପାଇଁ ତୁମ ଘରେ ବେଠି ଖଟି ପାରିବିନି।

ଉଦୟଭାନ - ତେବେ ଗାଁ ଛାଡ଼ି ଚାଲିଯା।

ଭୁନ୍‌ଗୀ - କାହିଁକି ଛାଡ଼ି ଚାଲିଯିବି। ଗୋଟେ ଜମିରେ ବାରବର୍ଷ ଚାଷ କଲେ ସେ ଜମି ତା'ର ହୋଇଯାଉଛି। ମୁଁ ତ ଏଇ ଚାଳିଆରେ ରହି ବୁଢ଼ୀ ହୋଇଗଲିଣି। ମୋ ଶାଶୂ ଶଶୁର, ତାଙ୍କ ବାପା ଜେଜେବାପା ବି ଏଇଠି ରହୁଥିଲେ। ଏବେ ଯମରାଜାଙ୍କ ଛଡ଼ା କେହି ମୋତେ ଏଠୁ ଅଲଗା କରିପାରିବେନି।

ଉଦୟଭାନ - ଆଚ୍ଛା, ତୁ ଏବେ ମୋତେ ଆଇନ ପାଠ ପଢ଼ାଉଛୁ। ଯଦି ମୋ ଗୋଡ଼ ତଳେ ପଡ଼ିଥାନ୍ତୁ ତେବେ ମୁଁ ରହିବାକୁ ଦେଇଥାନ୍ତି। ଏବେ ତ ମୁଁ ଯେମିତି ହେଲେ ତତେ ଏଠୁ ବାହାର କରିବି। ଏହାପରେ ପିଆଦାମାନଙ୍କୁ ପାଟି କରି କହିଲେ - ଆବେ ଦେଖୁଛ କ'ଣ ? ଭାଟି ଲଗାଇବ ବୋଲି ସେ ଯେଉଁ ଜାଳପତ୍ର ଏଠି ଜମା କରିଛି, ସେଥିରେ ନିଆଁ ଲଗାଇ ଦିଅ। ଦେଖିବି କେମିତି ସେ ଏଠି କାମ କରିବ।

ଗୋଟିଏ କ୍ଷଣ ମଧ୍ୟରେ ସେଠି ହାହାକାର ପଡ଼ିଗଲା। ଶୁଖିଲା କାଠିକୁଟାପତ୍ରରେ ନିଆଁ ଧରି ଏହାର ଜ୍ୱାଳା ଆକାଶକୁ ମୁହାଁଇଲା। ଏହାର ଲେଲିହାନ ଶିଖା ଉନ୍ମତ୍ତ ହୋଇ ଉଠିଲା। ଗାଁଟା ସାରା ଲୋକ ସେହି ଅଗ୍ନି ପର୍ବତ ନିକଟରେ ଆସି ଜମା ହୋଇଗଲେ। କିଛି ସମୟ ପର୍ଯ୍ୟନ୍ତ ଭୁନ୍‌ଗୀ ସେହିଠାରେ ଉଦାସୀନ ଭାବେ ଛିଡ଼ା ହୋଇ ଧ୍ୱଂସ ପାଉଥିବା ତା' ଚାଳିଆ ଆଡ଼କୁ ଚାହିଁ ରହିଲା। ହଠାତ ସେ ଦ୍ରୁତ ଗତିରେ ଧାଇଁ ଯାଇ ସେହି ଅଗ୍ନିକୁଣ୍ଡ ମଧ୍ୟକୁ ଡେଇଁ ପଡ଼ିଲା। ଲେକେ ତାକୁ ସେଥି ମଧ୍ୟରୁ ଟାଣି ଆଣିବାକୁ ଧାଇଁଲେ, କିନ୍ତୁ ନିଆଁ ଏତେ ଜୋରରେ ବ୍ୟାପିଯାଇଥିଲା ଯେ ତା' ପାଖକୁ ଯିବାକୁ କାହାରି ସାହସ ହେଲାନାହିଁ। କ୍ଷଣକ ମଧ୍ୟରେ ଭୁନ୍‌ଗୀର ଜୀର୍ଣ୍ଣଶୀର୍ଣ୍ଣ ଶୁଷ୍କ ଶରୀର ଅଗ୍ନିରେ ସ୍ୱାହା ହୋଇଗଲା।

ସେହି ସମୟରେ ଖୁବ୍ ଜୋରରେ ପବନ ବୋହିବା ଆରମ୍ଭ କଲା। ଅଗ୍ନିର ଉର୍ଦ୍ଧ୍ୱଗାମୀ ଶିଖା ପୂର୍ବ ଦିଗକୁ ଧାଇଁବାରେ ଲାଗିଲା। ଅବିଳମ୍ବେ ସେହି ଉନ୍ମତ୍ତ ଜ୍ୱାଳା ଭାଟି ନିକଟରେ ଥିବା କେତେଜଣ କୃଷକଙ୍କ ଚାଳିଆକୁ ପାଉଁଶରେ ପରିଣତ କରିଦେଲା। ଏତିକିରେ ତାହା ଶାନ୍ତ ହେଲାନାହିଁ। ପବନର ବେଗ ଦ୍ୱାରା ପ୍ରୋତ୍ସାହିତ ହୋଇ ଲେଲିହାନ ଅଗ୍ନି ଶିଖା ଆହୁରି ଆଗକୁ ବଢ଼ିବାକୁ ଲାଗିଲା। ଏବେ ସମ୍ମୁଖରେ ଥିଲା ଜମିଦାର ଉଦୟଭାନଙ୍କ ଘର। ତାହା କିଛିକ୍ଷଣ ମଧ୍ୟରେ ଅଗ୍ନି ଶିଖା ଦ୍ୱାରା କବଳିତ ହେଲା। ଗାଁରେ ହୋହାଲ୍ଲା ପଡ଼ିଗଲା। ନିଆଁ ଲିଭାଇବାର ପ୍ରୟାସ ଆରମ୍ଭ ହେଲା। ଘର ଉପରକୁ ପକାଯାଉଥିବା ଜଳ କିନ୍ତୁ ନିଆଁରେ ଘିଅ ଭଳି କାମ କରିବାକୁ ଲାଗିଲା। ଅଗ୍ନିଶିଖା ଆହୁରି ଅଧିକ ବ୍ୟାପକ ହୋଇ ଉଦୟଭାନଙ୍କ ବିଶାଳ ଭବନକୁ ଗ୍ରାସ କରିନେଲା। ଦେଖୁ ଦେଖୁ ସେହି ଭବନ ଅଗ୍ନିର ସମୁଦ୍ର ତରଙ୍ଗ ମଧ୍ୟରେ ଉବୁଟୁବୁ ହେଉଥିବା ନୌକା ଭଳି ପ୍ରତୀୟମାନ ହେଲା ଏବଂ କିଛି ସମୟ ମଧ୍ୟରେ ତାହା ସେହି ଅଗ୍ନି ସାଗର ମଧ୍ୟରେ ବିଲୀନ ହୋଇଗଲା। ଏଥିସହିତ ସେହି ଭସ୍ମାବଶେଷ ନିକଟରେ ଯେଉଁ କ୍ରନ୍ଦନରୋଳ ସୃଷ୍ଟି ହେଲା ତାହା ଭୁନ୍‌ଗୀର ଶୋକମୟ ବିଳାପଠାରୁ ମଧ ଥିଲା ଅଧିକ ହୃଦୟ ବିଦାରକ।

**ପବନର ବେଗ ଦ୍ୱାରା ପ୍ରୋତ୍ସାହିତ ହୋଇ ଲେଲିହାନ ଅଗ୍ନି ଶିଖା ଆହୁରି ଆଗକୁ ବଢ଼ିବାକୁ ଲାଗିଲା।**

□□

ଅନୁବାଦକଙ୍କ ଇ-ମେଲ୍ ଠିକଣା:
ashisports@gmail.com




ଏକାଙ୍କିକା

# ଆମ ଘର

**ଅଳକା ନନ୍ଦ**

ଘନଶ୍ୟାମ ବାବୁ, ବୟସ ୭୦ । ତାଙ୍କ ବୈଠକଖାନା। ସାଧାରଣ ସାଜସଜ୍ଜା। ସୋଫା ସେଟ୍‌ଟିଏ ପଡ଼ିଚି। ମଝିରେ ଟେବୁଲଟିଏ। ଟେବୁଲ ଉପରେ ଗୋଟେ ଫୁଲଦାନୀରେ କିଛି ମଲ୍ଲିଫୁଲ ପତ୍ରସହ ରଖାହେଇଚି। ଟେବୁଲ ଉପରେ ଫୋନଟିଏ ରଖା ହେଇଚି। ଘର କୋଣରେ ଛୋଟ ବେତଥାକଟିଏ। ତା' ଉପରେ କିଛି ପତ୍ରିକା ଓ ବହି ସଜାହେଇ ରଖା ହେଇଚି। ଅନ୍ୟ କୋଣରେ ଛୋଟ ଟେବୁଲ ଉପରେ ଗୋଟେ ରେଡିଓ ରଖାହେଇଚି। ତା' ପଛ କାନ୍ଥରେ କାନ୍ଥଘଡ଼ିଟିଏ। ରେଡିଓରୁ ଶ୍ୟାମାମଣି ପଟ୍ଟନାୟକଙ୍କ ଗୀତ 'ମଲ୍ଲୀ ମାଳ ଶ୍ୟାମକୁ ଦେବି' ବାଜୁଚି। ଘନଶ୍ୟାମ ସୋଫା ଉପରେ ପତ୍ରିକାଟିଏ ପଢୁପଢୁ ଶୋଇପଡ଼ିଛନ୍ତି। ପତ୍ରିକାଟି ଘନଶ୍ୟାମ ବାବୁଙ୍କ ମୁହଁ ଉପରେ ରହିଛି। ଫୋନର ଘଣ୍ଟି ବାଜିବା ଓ ଘନଶ୍ୟାମ ଚମକିପଡ଼ି, ଉଠି ପଡ଼ିବା ଓ ଫୋନ ଉଠେଇବା...



ଘନଶ୍ୟାମ-- (ବଡ଼ପାଟିରେ)- ହାଲୋ କିଏ? କିଏ କହୁଛ? ଟିକେ ଜୋରରେ କୁହ ହାଲୋ।

(ଭିତରୁ ସୁମିତ୍ରା ଦେବୀ ଲୁଗା କାନିରେ ହାତ ପୋଛୁପୋଛୁ ପ୍ରବେଶ)

ସୁମିତ୍ରା-- କ'ଣ ହେଲା? ଏଡ଼େ ଜୋରରେ ରଡ଼ି ପକେଇଚ କାହିଁକି? କିଏ ଫୋନ କରିଚି?

ଘନଶ୍ୟାମ-- (ସୁମିତ୍ରାକୁ ହାତରେ ଚୁପ ରହିବାକୁ ଠାରି) ଆରେ ବାବା ଟିକେ ଜୋରରେ କୁହ। କିଛି ଶୁଭୁନି। ଆଚ୍ଛା। ଅଜୁ? ଆଶୀର୍ବାଦ ଆଶୀର୍ବାଦ। କେମିତି ଅଛୁ? ଇଣ୍ଟରଭିଉରେ ଭଲ କଲୁ? ବାଃ। କଂଗ୍ରାଚୁଲେସନ୍ସ।

ଅଜୁ-- (ଅନ୍ତରାଳରୁ) ଅଜା, ଅଡିସନରେ ମୋର ସିଲେକ୍ସନ ହେଇ ଯାଇଚି। ଗୋଟେ ଛୋଟ ରୋଲ୍ ବି ମିଳିଗଲା ଟିଭି ସିରିୟଲରେ।

ଘନଶ୍ୟାମ-- ଅଭିନୟରେ କ୍ୟାରିଅର କରିବୁ। ହେଲେ ଭଲରେ ଭାବିଚିନ୍ତି ଠିକଣା କରିଚୁଟି ବାପା? ରିଲ୍ ଜୀବନ ଓ ରିୟଲ ଜୀବନ ଭିତରେ ଅନେକ ତଫାତ ଅଛି। ଭାବିଚୁ ତ? ତୋ ମମି ଡାଡି ରାଜି ତ?

ଅଜୁ-- ହଁ ଅଜା, ଦେ ଆର ଚିଲ୍।

ସୁମିତ୍ରା-- (ଫୋନ ଛଡ଼େଇ ନେଇ) ବାଃ ପୁଅ। ମୁଁ ତୋ ସିନେମା, ହଲରେ, ମାଗଣାରେ ଦେଖି ପାରିବି ନା? ଟିକଟ କିଣିବାକୁ ପଡ଼ିବନି ତ?

ଅଜୁ-- ଇଏସ ଆଇ, ନୋ ଟିକଟ। ଆଗ ସିନେମା ଯାଏ ପହଞ୍ଚେ ତ! ଆଇ, ମାଉସୀର ନମ୍ବରଟା ଟିକେ କହିବ? ଗୁଡ୍ ନିଉଜଟା ତାକୁ ଦେବି।

ସୁମିତ୍ରା-- (ଘନଶ୍ୟାମଙ୍କୁ) ଟିକେ ଫୋନ ଡାଇରେକ୍ଟରୀଟା ଦେଲ, ସେ ଥାକ ଉପରେ ରଖା ହେଇଚି। (ଥାକ ଆଡ଼େ ହାତ ଦେଖାଇବା)

ଘନଶ୍ୟାମ-- (ଖୋଜିବା ଏବଂ ନ ପାଇ)କାହିଁ? କୋଉଠି ରଖିଚ? ଏଣେ ତେଣେ ରଖି ଦେଇ ମିଛରେ ବୁଢ଼ାଟାକୁ ଖୋଜଉଚ। ବିଚରା ପତି ମୁଁ (ମୁହଁ ଶୁଖାଇ)।

ସୁମିତ୍ରା-- (ଫୋନଟା ଘନଶ୍ୟାମଙ୍କୁ ଧରାଇ) ଟିକେ କଥା ହୁଅ। ମୁଁ ଖୋଜୁଚି। (ଥାକ ଉପରେ ନ ପାଇ ଟେବୁଲ ଉପରେ ପତ୍ରିକା ଉପରେ ନଜର ପଡ଼ିଯିବା ଓ ପତ୍ରିକାଟି ଉଠଉ ଉଠଉ

ତା’ ଭିତରୁ ସାନ ଡାଇରେକ୍ଟରୀଟା ତଳେ ପଡ଼ିଯିବା ଏବଂ ତାକୁ ଉଠେଇ ଘନଶ୍ୟାମଙ୍କୁ ଦେଖାଇ) ଏଇଟା କ’ଣ ? ଏଠିକି କେମିତି ଆସିଲା ? କହିଲେ କ’ଣ ନା ମୁଁ  ଏଠିସେଠି ରଖି ଦଉଚି ।

ଘନଶ୍ୟାମ-- କୋଉଠୁ ମିଳିଲା ?

ସୁମିତ୍ରା-- (ପତ୍ରିକାଟି ଦେଖାଇ) ପେଜ୍‌ରେ ଦାଗ ଦେବାକୁ ଯା ଭିତରେ ରଖିଚ । ହୁଁ (ଫୋନଟା ଛଡ଼ାଇ ନେଇ ବାଁ ହାତରେ ଡାଇରେକ୍ଟରୀ ବଢ଼େଇଦେଇ) ନମ୍ବରଟା କହିଲ । ସଭା ଉପରେ ଲେଖା ହେଇଚି ।  ଅଜୁ ଟିକେ ଧରିଥା ।

ଘନଶ୍ୟାମ-- (ନମ୍ବର ଖୋଜି ନ ପାଇ) କୁଆଡ଼େ ଗଲା ନମ୍ବରଟା ? ଦିଶୁନି । (ଇଆଡ଼େ ସିଆଡ଼େ ଚାହିଁ ଖୋଜିବା ଓ ଆଖି ମଳିବା) ଚଷମାଟା ଏଇ ରଖିଥିଲି, କୁଆଡ଼େ ଗଲା ।

ସୁମିତ୍ରା-- (ଫୋନ ଧରି ଚଷମା ଖୋଜିବା । ଘନଶ୍ୟାମ ମଧ ତଳେ ବସି ଖୋଜିବା ଓ ତାଙ୍କ ମୁଣ୍ଡ ଉପରେ ଚଷମାକୁ ଦେଖି, ନିଜ ମୁଣ୍ଡରେ ହାତ ଦେଇ) ହେ ଭଗବାନ ! ତମକୁ ନେଇ କ’ଣ କରିବି ?

ଘନଶ୍ୟାମ-- ଏଇଲେ ମୁଁ କ’ଣ କଲି ? ପୁଣି ମୋ ଉପରେ ପୁଣି ବାହାଣ ?

ସୁମିତ୍ରା-- (ମୁଣ୍ଡ ଆଡ଼କୁ ହାତରେ ଦେଖାଇ) ଦେଖ ନିଜ ମୁଣ୍ଡକୁ । ଦୁନିଆ ଖୋଜା ହେଲାଣି, (ଗାଇବା ଠାଣିରେ) ଚଷମା ମସ୍ତକେ ବିରାଜିଛନ୍ତି ।  ସେ ପିଲାଟିର କେତେ ଫୋନ ବିଲ୍ ବଢ଼ିବଣି । (ରାଗି) ଏବେ ଜଲଦି ନମ୍ବର ଟା କୁହ ।

ଘନଶ୍ୟାମ-- (ହସି, ଚଷମା କାଢ଼ି ପିନ୍ଧିବା ଓ ନମ୍ବର ଡାକିବା) ୯୮୧୧୩୬୭୨୪୨ ।

ସୁମିତ୍ରା-- ଲେଖିଲୁ ? ଏବେ ରଖିଦେ । ତୋର ବହୁତ ପଇସା ଉଠିବଣି । ଭଲରେ ଥା । (ଫୋନଟା ରଖିଦେଇ)

ଘନଶ୍ୟାମ-- ପିଲାଟା କ’ଣ ଭାବିଥିବ ?

ସୁମିତ୍ରା--  କ’ଣ ଭାବିବ ଆଉ ? ତା’ ଅଜା ଗୋଟେ ପାଗଳ । କେଡ଼େ ଜୋରରେ ପାଟି କରି କଥା କହୁଥିଲ, କ’ଣ ଆମ ଅଜୁ କାଲ ?

(ବାହାରୁ ପର୍ଦ୍ଦା ଖୋଲି ଶଙ୍କର ବାବୁଙ୍କ ପ୍ରବେଶ । ବୟସ ୭୦)

ଶଙ୍କର-- କିଏ ପାଗଳ କିଏ କାଲ ?

ସୁମିତ୍ରା-- (ନଇଁପଡ଼ି) ନମସ୍କାର ଭାଇ । ଭଲ ଅଛନ୍ତି ?

ଶଙ୍କର-- ନମସ୍କାର । ଆଜ୍ଞା ବୁଝିଲେ, ଆମ ବୟସରେ ଭଲ ରହିବାର ଉପାୟ ଆମକୁ ନିଜେ ଖୋଜିବାକୁ ପଡ଼ିବ । ଆମ ବିବେକର ଯଦି ଆମେ ସାରଥି ସାଜିବା ତେବେ ଜୀବନ ନଉକା ଭଲ ଚାଲିବ । ମୁଁ ସେଇ ଚେଷ୍ଟାରେ ଅଛି ।

ସୁମିତ୍ରା-- ଠିକ କହିଲେ ଦୀପ୍ତି, ତୃପ୍ତି, ନାତି ନାତୁଣୀ ସମସ୍ତେ ଭଲ ଅଛନ୍ତି ?

ଶଙ୍କର-- ହଁ ହଁ । ସମସ୍ତଙ୍କ ଖବର ଭଲ । ଯେଝା ପରିବାରକୁ ନେଇ ଯିଏ ବ୍ୟସ୍ତ ।  ଆର ମାସ ୧୫ ତାରିଖରେ ମୋ ସ୍ତ୍ରୀ’ର ଶ୍ରାଦ୍ଧ ପଡୁଚି । ଆସିବେ ସବୁ ।

ଘନଶ୍ୟାମ-- ସମୟଟା କେଡ଼େ ଜୋରରେ ଦଉଡୁଚି । ଚାହୁଁ ଚାହୁଁ ଦୁଇବର୍ଷ ହେଇଗଲା ।

ଶଙ୍କର-- ତୋର ମନେ ରହିବଟି ? ଦିହେଁ ନିଶ୍ଚେ ଆସିବ ।

ଘନଶ୍ୟାମ-- ସେଇଟା କ’ଣ ? ତୁ ଡାକିଲେ ଯିବୁ ନ ହେଲେ ଯାଇ ନ ଥାନ୍ତୁ । ଏ ଫର୍ମାଲିଟି କେବେଠୁ ? ଶ... ଗୋଟେ ଚଟକଣୀ ଥୋଇବି ଯେ

ଶଙ୍କର-- (ଜୋରରେ ହସିବା)

ଘନଶ୍ୟାମ-- ଜଳଖିଆ ଖାଇଚୁ ?

ଶଙ୍କର-- ଘଡ଼ିକୁ ଚାହାଁ । କେତେଟା ବାଜିଚି ? ନଅଟା ବେଳକୁ ତୋ ଘରକୁ ଆସିବି ଘରୁ ଜଳଖିଆ ଖାଇ ? ତୁ ବାଡ଼େଇବୁନି ?

ଘନଶ୍ୟାମ-- ତା ତ ଏକଦମ ଠିକ୍ କଥା । ସୁମିତ୍ରା, ଆଜି ପରଟା ଆଉ ଆଳୁ ସରୁସରୁ କାଟି ଭାଜି ଦିଅ । ଓଲି ପିଆଜ ଓ ଗୋଟା କଞ୍ଚାଲଙ୍କା ବି ପକେଇବ । ଆମେ ସାଙ୍ଗ ହେଇ ଖାଇବା ।

ସୁମିତ୍ରା-- ହଉ ହଉ । ସାଙ୍ଗେ ସାଙ୍ଗେ କରି ଆଣୁଚି । (ପ୍ରସ୍ଥାନ)

ଘନଶ୍ୟାମ-- ଶଙ୍କରା, ସବୁ ରବିବାର ଦିନ ତମ ଘରେ ସକାଳେ ପରଟା ଆଳୁଭଜା ହଉଥିଲା । ଆଉ ମୁଁ ତୋ’ ସାଙ୍ଗେ ପଢ଼ିବା ଆଳରେ ଘରୁ ପଳଉ ଥିଲି ଖାସ ତାଆରି ଲୋଭରେ ।

**ଆମ ବୟସରେ ଭଲ ରହିବାର ଉପାୟ ଆମକୁ ନିଜେ, ଖୋଜିବାକୁ ପଡ଼ିବ । ଆମ ବିବେକର ଯଦି ଆମେ ସାରଥି ସାଜିବା ତେବେ ଜୀବନ ନଉକା ଭଲ ଚାଲିବ ।**

(ଦିହେଁ ହସିବା)

ଶଙ୍କର-- ଦଶମ ଶ୍ରେଣୀରେ ତ ଆଉ ଆସିଲୁନି...

ଘନଶ୍ୟାମ-- (ହସି) ଦିନେ ଧରା ପଡ଼ିଗଲି ପରା! ତା'ପରେ ଯୋଉ ମାଡ଼ ଖାଇଚି।

ଶଙ୍କର-- (ହସିହସି) ଆମେ କେତେ ମାଡ଼ ଖାଉଥିଲେ ପିଲାଦିନେ ନାଇଁ? ଗଛରେ ଚଢ଼ି ଆମ୍ବ ଚୋରିକରି ଧରା ପଡ଼ିଲେ ମାଡ଼। ଗଛରୁ ପଡ଼ିଗଲେ ବି ମାଡ଼।

ଘନଶ୍ୟାମ-- ମାଡ଼ ଖାଇ କାନ୍ଦିଲେ ବି ମାଡ଼। ବଡ଼ମାନଙ୍କ ସହ ଯୁକ୍ତିତର୍କ କଲେ ମାଡ଼। ସେମାନଙ୍କୁ ଜବାବ ନ ଦେଲେ ବି ମାଡ଼। (ଦିହେଁ ଖୁବ ହସିବା)

ସୁମିତ୍ରା-- (ହାତରେ ଟ୍ରେ, ତା' ଉପରେ ଦୁଇଟି ପ୍ଲେଟରେ ପରଟା ଆଳୁଭଜା, ମିଠା, ଦୁଇ ଗିଲାସ ପାଣି ଧରି ପ୍ରବେଶ) ପ୍ଲେଟ ଦୁଇ ଜଣଙ୍କ ହାତରେ ଦେଇ, ଖାଆନ୍ତୁ ଦିହେଁ।

ଭାଇ, ବହୁତ ଦିନ ପରେ ଯାଙ୍କୁ ମନଖୋଲି ହସିବାର ଦେଖୁଚି।

ଘନଶ୍ୟାମ-- ସୁମିତ୍ରା,ତମ ପ୍ଲେଟ୍‌ଟା ନେଇଆସୁନ? ଏକାଠି ଖାଇବା

ସୁମିତ୍ରା-- ଆଣୁଚି ଆଣୁଚି (ପ୍ରସ୍ଥାନ)

(ଘନଶ୍ୟାମ ଜଲଦି ଜଲଦି ଖାଇବା)

ଶଙ୍କର-- ଆରେ ଧୀରେ ଖା। ପିଲାଦିନ କଥା ଭୁଲି ଗଲୁଣି ଜଲଦି ଖାଇଲେ କେମିତି ମାଡ଼ ଖାଉଥିଲୁ।

ଘନଶ୍ୟାମ-- (ଖାଉ ଖାଉ) ଧୀରେ ଖାଇଲେ ବି ମାଡ଼ ଖାଉଥିଲୁ। ଆକ୍‌ଚୁଆଲି ଆମେ ସବୁ କଥାରେ ମାଡ଼ ଖାଉଥିଲୁ। କେତେଦିନରୁ ମାଡ଼ ଖାଇନୁ ବୋଲି ବି ମାଡ଼ ଖାଉଥିଲୁ। ନାଇଁ?

ଶଙ୍କର-- ହଁ (ଭିତରକୁ ଚାହିଁ ଜୋରରେ ଭାଉଜ! ଘନ ମୋ ପରଟା ନେଇଗଲା ମୋ ପାଇଁ ଆଉ ପରଟା, ଆଳୁଭଜା ନେଇ ଆସିବେ।) (ଦିହେଁ ହସିବା)


ସୁମିତ୍ରା ପରଟା ଆଳୁଭଜା ଦିହିଁଙ୍କୁ ଦେଇ ନିଜେ ଖାଇବା)

ଶଙ୍କର-- ବହୁତ ବଢ଼ିଆ ହେଇଚି ପରଟା ଆଳୁଭଜା। ବୋଉ ମନେ ପଡିଗଲା। ଆଚ୍ଛା ଘନ, ଗୋଟେ କଥା କହ। ଦି' ଝିଅ ଯାକ କହୁଛନ୍ତି ମୋ ଘର ବିକି ଦେଇ ଛ, ଛ ମାସ ତାଙ୍କ ଘରେ ରହିବି।

ଘନଶ୍ୟାମ-- ତୁ କ'ଣ ଚାହୁଁଛୁ?

ଶଙ୍କର-- ମୋ ହିସାବରେ ମୁଁ ସେମାନଙ୍କ ଅତୀତ ଓ ତାଙ୍କ ପରିବାର ତାଙ୍କ ଭବିଷ୍ୟତ। ସେମାନେ ତାଙ୍କ ଭବିଷ୍ୟତ ପ୍ରତି ସଜାଗ ହେବା ଉଚିତ। ତା'ଛଡ଼ା ମୋର ଏଇ ଘର ପ୍ରତି ଇମୋସନାଲ ଆଟାଚ୍‌ମେଣ୍ଟ ବହୁତ। ମୁଁ ମରିଗଲା ପରେ, ଘର ବିକି ସେମାନେ ପଇସାକୁ ତାଙ୍କ ଭିତରେ ବାଣ୍ଟି ନିଅନ୍ତୁ ସେଥିରେ ମୋର କିଛି ଆପତ୍ତି ନାହିଁ। ହେଲେ!! ଏବେ!!

ଘନଶ୍ୟାମ-- ହୁଁ ସେମାନେ ବି ତତେ ଏକା ଛାଡ଼ିବାକୁ ଚାହୁଁ ନାହାନ୍ତି। ମୋ ପିଲେ ବି ଲଗାଇଛନ୍ତି ଯାଇ ଆମେରିକାରେ ରହିବାକୁ ତାଙ୍କ ପାଖରେ। ହେଲେ ଆମେ ଟାଳି ଟୁଳି ଦଉଚୁ।



ଶଙ୍କର-- ଯାଉନ? ଏଠି ତ ବେଳେବେଳେ ହଇରାଣ ହେଇ ଯାଉଚ? ଏଠି ପାଣି, ଇଲେକ୍ଟ୍ରିସିଟି ସବୁର ଅସୁବିଧା। ସୋସାଇଟିର ସବୁଦିନିଆ ପ୍ରବ୍ଲେମ। ସେଠି ସୁଖ ହିଁ ସୁଖ।

ଘନଶ୍ୟାମ-- ବୁଝିଲୁ ଭାଇ, ଦି'ଟା ଜିନିଷ ମୁଁ ଗଣେନି। ନିଜ ଜାଗାର ଦୁଃଖ ଆଉ ଅନ୍ୟ ଜାଗାର ସୁଖ। ଯୁଆଡ଼େ ଯାଆ, ଏ ଦି'ଟା ଜିନିଷ ଆମ ସାଙ୍ଗେ ସାଙ୍ଗେ ଚାଲିଥିବ।

ଶଙ୍କର-- ସତ କହିଲୁ ଭାଇ। ଆଚ୍ଛା। ତୋର ଶ୍ରୀନିବାସ ମହାନ୍ତି ମନେ ଅଛି?

ଘନଶ୍ୟାମ-- ହଁ ହଁ ଜମିଦାର ଘରର ପୁଅ ତ?

ଶଙ୍କର-- ତା' ବାପା, ମା ସବୁ ଚାଲିଯିବା ପରେ ଗାଁ ଜମିବାଡ଼ି, ଘର ଦ୍ୱାର ବିକି ଦେଇ ଏଇଠି ଗୋଟେ ୨୦ ବଖରାର ଘର କରିଚି। ଦି ବେଡ୍‌ରୁମ୍, ଉଆନ ବେଡ୍‌ରୁମ, ଆଟାଚ୍‌ଡ ବାଥରୁମ ସାଙ୍ଗରେ। ୨୦ ଜଣ ଏକାଠି ଖାଇ ବସିଲା ଭଳି ଡାଇନିଂ ହଲ୍। ଟିଭି ରୁମ ଚାରିଟା। ବଗିଚା। ଖେଳିବା ପାଇଁ ବ୍ୟବସ୍ଥା ରହିଛି। ସ୍ପା, ହସ୍ପିଟାଲର ବି ସୁବିଧା ଅଛି। ସନ୍ଧ୍ୟା ବେଳେ ସତ୍‌ସଙ୍ଗ, ସାହିତ୍ୟ ଚର୍ଚ୍ଚାର ବି ସୁବିଧା ଅଛି।

ସୁମିତ୍ରା-- ସେଠି କେମିତିକା ଲୋକ ସବୁ ରହିବେ?

ଶଙ୍କର-- ଆମ ଭଳିଆ ବୁଢ଼ାଲୋକମାନେ।

ସୁମିତ୍ରା-- ଆଉ ସେମାନେ ଚଳିବେ କେମିତି। ଚାକର ବାକର? ରୋଷେଇ?

ଶଙ୍କର-- ସବୁ ସେମାନେ ଦେବେ। ନର୍ସ, ଡାକ୍ତର ମଧ୍ୟ। ଆମକୁ ଖାଲି ଲୁଗାପଟା ଧରିଯିବାକୁ ହେବ। ମୁଁ ତ ଭାବୁଚି ସେଇଠି ରହିବି। ମଝିରେ ଯାଇ ପିଲାଙ୍କ ପାଖେ ବୁଲି ଆସିବି।

ସୁମିତ୍ରା-ଆଉ ଆପଣ ନ ଥିଲା ବେଳେ ଆପଣଙ୍କ ରୁମ୍‌ରେ ତାଲା ପଡ଼ିବ?

ଶଙ୍କର-- ମୋ ଇଚ୍ଛା। ଚାବି ଦେଇ ଦେଇଗଲେ ସେମାନେ ସଫା କରିବେ ରୁମ୍।

ସୁମିତ୍ରା-- ବାଃ ଭଲ ଆଇଡିଆ ତ। ଆଉ ମାସକୁ କେତେ ଭଡ଼ା?

ଶଙ୍କର-- ସେଇ କଥାଟା ଜାଣିନି। ତେବେ ମୁଁ ଦେଇ ପାରିବି ବୋଲି ଭାବୁଚି। କିରେ ଘନ? ଚୁପ୍ ହେଇ ବସିଲୁ ଯେ? କ'ଣ ମୋ ନିଷ୍ପତ୍ତିଟା ମନକୁ ଯାଉନି?

ସୁମିତ୍ରା-- ପିଲେ ଆସିଲେ?

ଶଙ୍କର-- ସେ କଥାଟି ହେଲା ଅସଲ। ତେବେ ଏଠି ନୂଆ ସୁବିଧାଟିଏ ଅଛି। ଗେଷ୍ଟ ରୁମ୍ ଦଶଟି ରଖିଛି। ଏ ସିଷ୍ଟମ୍ ଆଉ କୋଉ ବୃଦ୍ଧାଶ୍ରମରେ ନାହିଁ। ଯାର ନାଁ ଦେଇଚି 'ଆମ କୁଟୀର'। ବୁଝିଲୁ ଘନ, ଶ୍ରୀନିବାସ ଭାବିଚିନ୍ତି କାମଟେ କରିଚି। ନାଇଁ? କ'ଣ ଭାବୁଚୁ ଏତେ ସମୟ ଧରି?

ଘନଶ୍ୟାମ-- ହୁଁ ମୁଁ ଭାବୁଚି।

ଶଙ୍କର-- କ'ଣ ଭାବୁଚୁ? ଜଲଦି କହ?

ଘନଶ୍ୟାମ-- ଭାବୁଚି!!! (ବଡ଼ ପାଟିରେ) ଆମେ ବି ସେଠି ରହିବା!! ଏଇଲେ ତ ଆମ ଅବସ୍ଥା ସ୍ୱଚ୍ଛଳ। ମାନେ ଯେତେ ପଇସା ହଉ ଆମେ ଦେଇ ପାରିବା। କାହାଠୁ ମାଗିବାକୁ ପଡ଼ିବନି। ଆଉ ଯୋଉଠି ରହିବା ଏକାଠି ରହିବା। ମଝିରେ ମଝିରେ ଯାଇ ପିଲାଙ୍କ ପାଖରେ ବୁଲି ଆସିବା। ପିଲାଙ୍କ ପରିବାର ବି ଖୁସ୍, ଆମ ଜରା ନିବାସରେ ଆମେ ବି ଖୁସ୍। ଆଉ ଯଦି ପିଲାମାନଙ୍କର ଦରକାର ପଡ଼ିଲା ଯାଇ ତାଙ୍କ ପାଖେ ଠିଆ ହେଇଯିବା। ପିଲେ ଆସିଲେ ଏଠି ଗେଷ୍ଟ୍‌ରୁମ ତ ଅଛି। (ସମସ୍ତେ ଜୋରରେ ହସିବା)

**କାହାଠୁ ମାଗିବାକୁ ପଡ଼ିବନି; ଆଉ ଯୋଉଠି ରହିବା ଏକାଠି ରହିବା।**

(ପର୍ଦ୍ଦା ପତନ)

□□

ଲେଖିକାଙ୍କ ଇ-ମେଲ ଠିକଣା:
alkananda@yahoo.com

ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ




ଧାରା ଶ୍ରୀରାଧା

କବି - ମଙ୍ଗଳାପ୍ରସାଦ ପ୍ରଧାନ

DHARA SHREE RADHA TRUST
Regd. No.: 4108170538
Bhubaneswar, Odisha

DHARA SHREE RADHA TRUST
(A Literary & Cultural Organisation)
Email - dharashreeradha2017@gmail.com



ବିଜ୍ଞାନ ଆଧାରିତ ଗଳ୍ପ

# ଶଙ୍ଖ

ଡା. ଦୁର୍ଯ୍ୟୋଧନ ଦାସ

ସହକର୍ମୀ ଅଧ୍ୟାପକଙ୍କୁ ସି.ଏଲ୍. ଆପ୍ଲିକେସନ୍ ଅଫିସରେ ଦାଖଲ କରିବାକୁ ଦେଇ ଶ୍ରୀମୟ ବାହାରି ପଡ଼ିଛନ୍ତି ଗାଁକୁ। ପତ୍ନୀ ଶ୍ରୀମତୀ ଆବାକାବା ହୋଇ ପଚାରୁଛନ୍ତି, "କ'ଣ ହେଇଚି ସକାଳୁ ସକାଳୁ ଗାଁକୁ ଯିବ ବୋଲି ପ୍ରସ୍ତୁତ ହେଉଛ ?" "ଘରୁ ସବୁ ମୂଲ୍ୟବାନ ଜିନିଷ ପତ୍ର ଚୋରି ହୋଇ ଯାଇଛି - ସେଥିପାଇଁ ଶୀଘ୍ର ଯିବାକୁ ପଡୁଛି।"

- ଘରେ କ'ଣ ଥିଲା ଯେ ଚୋରି ହୋଇଯାଇଛି ? ସମ୍ପତ୍ତି ଭିତରେ ଜେଜେମା' ତାଙ୍କ ବାପ ଘରୁ ଆଣିଥିବା ଅଧାଉଇଖିଆ ଶିଶୁକାଠର ସିନ୍ଦୁକ, ଜେଜେ ବସୁଥିବା ହାତଭଙ୍ଗା ଚେୟାର, ହଳେ ପଶା, ଗୋଟେ ଶିଳ - ଏସବୁକୁ କିଏ କ'ଣ ପାଇଁ ନେବ ? ହଁ ମୂଲ୍ୟବାନ ଜିନିଷ ଭିତରେ ଥିଲା ଜେଜେ ପିଉଥିବା ପିତଳ ଗ୍ଲାସ ଓ ପିତଳ ଡାଳ ଏବଂ କଂସା ଥାଳି ପଟେ। ଏଥିପାଇଁ ଏତେ ବ୍ୟସ୍ତ ? ଫୋନ୍ କରୁନ ନିର୍ମଳଙ୍କୁ, (ଶ୍ରୀମୟଙ୍କ ବଡ଼ବାପା ପୁଅ ସାନ ଭାଇ - ଯେ ଗାଁରେ ରହୁଛନ୍ତି) କ'ଣ ହେଇଛି ସେ କହିବେ ?

- ନାନା ତା' ପାଖକୁ କି ରମାଙ୍କ ପାଖକୁ ଆଦୌ ଫୋନ୍ କରିବ ନାହିଁ - ସେମାନେ ଖରାପ ଭାବିବେ।

- ତା' ହେଲେ ତମକୁ ଏକଥା କହିଲା କିଏ ?

- ମୋତେ ସ୍ୱପ୍ନରେ ବଉ କହୁଥିଲା। ତା' ପୂଜା ଘରୁ ଶଙ୍ଖ, ପିତଳ ଝୁଣା ଦାନୀ, ଆଳତି ଚୋରି ହୋଇ ଯାଇଛି। ଏଥିପାଇଁ ଜେଜେ ମା' ମଧ୍ୟ କାନ୍ଦୁଛନ୍ତି। ଟିକିଏ ରହସ୍ୟ କରି ଶ୍ରୀମତୀ କହୁଛନ୍ତି,

- ସ୍ୱର୍ଗରେ କ'ଣ ବଉଙ୍କ ସହ ଜେଜେ ମା'ଙ୍କର ଦେଖା ହୋଇଯାଇଛି। ଷାଠିଏ ବର୍ଷ କାଳ କ'ଣ ଜେଜେ ମା' ବଉଙ୍କୁ ଅପେକ୍ଷା କରି ରହିଥିଲେ ? ବାପା କି ଜେଜେଙ୍କ ସହିତ ତାଙ୍କର ଭେଟ ହୋଇଛି କି ନାହିଁ ପଚାରିଲ ନାହିଁ ?

- ଦେଖ ଶ୍ରୀମତୀ ଏପରି ପରିହାସମୂଳକ କଥା କହି ମୋ ଶୁଭଯାତ୍ରାକୁ ବିଗାଡ଼ ନାହିଁ। ତମେ କ'ଣ ଜାଣିଛ ଯେ ପୂଜା ସାମଗ୍ରୀ ବିଷୟରେ ? ସବୁ ଜିନିଷକୁ ମେଟେରିଆଲିଷ୍ଟିକ୍ ଦୃଷ୍ଟିକୋଣରୁ ଦେଖ ନାହିଁ; ସେଥିରେ ସଂଶ୍ଳିଷ୍ଟ ଥିବା ସମ୍ପର୍କ, ଶ୍ରଦ୍ଧା ଓ ସଂସ୍କାରକୁ ଚିହ୍ନ। ବସ୍ତୁରେ ଥିବା ମୂଲ୍ୟକୁ ଟଙ୍କାରେ ତଉଲା ଯାଇପାରେ; ମାତ୍ର ସେଥିରେ ଥିବା ସ୍ମୃତିର ସମ୍ପଦକୁ ଅଟକଳ କରିବା ପାଇଁ ଏ ପର୍ଯ୍ୟନ୍ତ ମୁଦ୍ରାର ଉଦ୍ଭାବନ ହୋଇନାହିଁ।


**ସ୍ୱର୍ଗରେ କ'ଣ ବଉଙ୍କ ସହ ଜେଜେ ମା'ଙ୍କର ଦେଖା ହୋଇଯାଇଛି ? ଷାଠିଏ ବର୍ଷ କାଳ କ'ଣ ଜେଜେ ମା' ବଉଙ୍କୁ ଅପେକ୍ଷା କରି ରହିଥିଲେ ?**

ନୀରବ ରହିଯାଇଛନ୍ତି ଶ୍ରୀମତୀ। ଜିନିଷପତ୍ର ପ୍ୟାକ୍ କରିଦେଇଛନ୍ତି ବ୍ୟାଗ୍‌ରେ। ଗାଁରେ ରହିବାରେ କିଛି ଅସୁବିଧା ହେବ ନାହିଁ ଶ୍ରୀମୟଙ୍କର। ଭାଇ-ଭାଇବୋହୂ ଓ ପୁତୁରା-ଝିଆରୀମାନେ ତାଙ୍କୁ ଭକ୍ତି କରନ୍ତି। ନିର୍ମଳଙ୍କୁ ଫୋନ୍‌ରେ ଜଣାଇଦେଲେ ଘର ଝଡ଼ାଝଡ଼ି କରିଦେବେ। ବଉ ମରିବାର ଛଅ ମାସ ହୋଇଗଲାଣି। ସେ ଘରେ କେହି ଶୋଉ ନ ଥିବେ। ଗୋଟେ ରୁମ୍‌ରେ ତ ଜିନିଷପତ୍ର ଭର୍ତ୍ତି। ଗାଁରେ ସାପ ବେଙ୍ଗଙ୍କୁ ଭାରି ଭୟ। ତେଣୁ ଶ୍ରୀମତୀ ସତର୍କ କରାଇ କହୁଛନ୍ତି,

- "ତମେ ନିର୍ମଳଙ୍କ ଘରେ ଶୋଇଯିବ। ଯଦି ଆମ ଘରେ ଶୁଅ ଦୁଆର ମୁହଁରେ କଳା ଫିନାଇଲ ଢାଳିଦବ। ମଶାରିକୁ ଭଲ କରି ବିଛଣା ଚାରିପାଖରେ ଖୋସିଦେବ। ରୁମ୍‌ରେ ବଲ୍‌ବ ଜଳାଇବ। ମୁଣ୍ଡ ପାଖରେ ଟର୍ଚ୍ଚ ବି ରଖିବ।

- ହଁ ବାବା ହଁ - ସବୁ ତମ ଉପଦେଶ ମୁତାବକ କରିବି। ଆଉ ମୋ ଜେଜେମା' ହୋଇ ଉପଦେଶ ଦିଅ ନାହିଁ।

ପୁଶ୍ ବ୍ୟାକ୍ ସିଟ୍। ଚରି ଘଣ୍ଟାର ବସ୍ ଯାତ୍ରା ଆଦୌ କ୍ଲାନ୍ତିକର ହେବ ନାହିଁ। କିନ୍ତୁ ସିଟ୍‌ରେ ବସୁ ବସୁ ଶ୍ରୀମୟ ଅନୁଭବ କରୁଛନ୍ତି ଅଶାନ୍ତି, ଅସ୍ଥିରତା ଓ ଅନ୍ୟମନସ୍କତା। ଟିକିଏ ଆଖିବୁଜି ଆଉ ଥରେ ବଉକୁ ଓ ଜେଜେମା'କୁ ସ୍ୱପ୍ନରେ ଦେଖନ୍ତେ ବୋଲି ଚିନ୍ତା କରିବା ମୁହୂର୍ତ୍ତରେ ନିଦ ଅପସରି ଯାଉଛି ଆଖି ପତାରୁ। ପାଞ୍ଚ ଦିନ ଲାଗ ଲାଗ ଯେଉଁ ସ୍ୱପ୍ନ ତାଙ୍କୁ ଆଜି ଗାଁ ଯିବାକୁ ବାଧ କରୁଛି ତାକୁ ଡାକିଲେ ବି ପାଖ ପଶୁ ନାହିଁ। ଯେ ନିଦରେ ଆସି ନିଦରେ ଉଭେଇଯାଏ ସେ ବୋଧହୁଏ ସୌଖୀନ ସ୍ୱପ୍ନ - ବିଳାସର ବାଲିଘର; ମାତ୍ର ଯେ ନିଦ୍ରାରୁ ଉଠେଇଦେଇ ତା'ର ସନ୍ଧାନରେ କର୍ମତତ୍ପର କରାଏ ସେ ହେଉଛି ସଂଭ୍ରାନ୍ତ ସ୍ୱପ୍ନ - ଉନ୍ମାଦନାର ଉଆସ। ସେ ବାଲିଘର ହେଉ କି ଉଆସ ହେଉ, ସେଠାରେ ଦଣ୍ଡେ ହେଲେ ମୁହାଁମୁହିଁ ହୋଇ ଯାଆନ୍ତା କି ସେ ଦୁଇ ଅଶରୀରୀଙ୍କ ସହିତ - ଅବସାଦରୁ ମୁକ୍ତି ମିଳନ୍ତା।



ଗତ ପାଞ୍ଚ ଦିନ ଧରି ଏକାଗ୍ରତା ନାହିଁ ପାଠ ପଢ଼ିବାରେ ଓ ପଢ଼ାଇବାରେ। ଶ୍ରୀମୟ ଅନୁଭବ କରୁଛନ୍ତି ଫିଜିକ୍ସ କ୍ଲାସରେ ଆଲୋକର ପ୍ରତିଫଳନ ଓ ପ୍ରତିସରଣ ବିଷୟରେ ପଢ଼ାଇଲା ବେଳେ ବ୍ୟବହାର କରୁଥିବା ଦର୍ପଣ ଓ ପ୍ରିଜମ୍ ହୋଇଯାଉଛନ୍ତି ସେ ନିଜେ। ତାଙ୍କ ମଧ୍ୟରେ କେବେ ପ୍ରବାହିତ ହେଉଛି ଆବେଗର ସ୍ୱଚ୍ଛ ରଶ୍ମି ତ କେବେ ଆଘାତ ପାଇ ପ୍ରତିଫଳିତ ହେଉଛି ଆକୁଳତାର ଆଲୋକରେଖା। ପ୍ରତିସରିତ ରଶ୍ମିରେ ନାହିଁ ବାଇଗଣି-ହରିଦ୍ରା-ସବୁଜ ପରି ସୁଖଶାନ୍ତିର ରଙ୍ଗିନ ବିଭୋରତା। ବରଂ ସେଥିରେ ଅଛି ବହୁ ସଞ୍ଚିତ ଭଗବତ୍ ବିଶ୍ୱାସର ଖଣ୍ଡିତ ରକ୍ତଛିଟା। ପ୍ରତିଫଳିତ ଆଲୋକରେ ଦିଶୁଛି ବ୍ୟକ୍ତି ସହିତ ବ୍ୟକ୍ତିତ୍ୱର ଓଲଟା ଛବି। ଚିନ୍ତାରେ ଶ୍ରୀମୟଙ୍କର ମୁଣ୍ଡ ବିନ୍ଧିଛି - ଅନିଦ୍ରାରେ ବଢ଼ିଛି ପେଟର ଯନ୍ତ୍ରଣା - ଭାବନାର ବ୍ୟତିକ୍ରମରେ ସ୍ପନ୍ଦନରେ ଆସିଛି ତୀବ୍ରତା। ମାନସିକ ଯନ୍ତ୍ରଣାର ଦୈହିକ ପ୍ରତିଫଳନ ଅସହ୍ୟ ହେବାରୁ ଉପାସନା ପାଇଁ ସେ ପରାମର୍ଶ ନେଇଛନ୍ତି ଏକଦା ବିଦ୍ୟାଳୟର ସହପାଠୀ ଏବର ମେଡ଼ିକାଲ କଲେଜର ଭେଷଜ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ସତ୍ୟଙ୍କ ସହିତ।

ପ୍ରେସକ୍ରିପ୍‌ସନ୍‌ରେ ଡାଇକ୍ଲୋଫେନେକ୍ ସୋଡ଼ିୟମ୍‌ର ନାଆଁ ଦେଖି ପ୍ରତିବାଦ କରି କହିଛନ୍ତି ଶ୍ରୀମୟ;

"ଏ ବିନ୍ଧା ଛିଟିକା ବଟିକା ମୋତେ କ'ଣ ପାଇଁ ଦେଉଛୁ ?"

"ହଁ ଏହି ଔଷଧ ଉଭୟ ଶାରୀରିକ ମାନସିକ ପୀଡ଼ା ହରଣକାରୀ ଔଷଧ।"

"କିପରି ଏ କାମ କରିବ ବୁଝେଇ ଦଉନୁ। ଦେଖ୍ ପିଠା ଖାଇବା ଲୋକ ବିନ୍ଧ ଗଣିବା ଉଚିତ ନୁହେଁ, ତଥାପି ଦୋସ୍ତ ଭାବରେ କହୁଛି ଶୁଣ୍ - ଉଭୟ ପୀଡ଼ାର ସ୍ନାୟବିକ ପରିପଥ ସମାନ। ଉଭୟ ପୀଡ଼ାର ଅନୁଭବ ପାଇଁ ମସ୍ତିଷ୍କରେ ରହିଛି ଏଣ୍ଟେରିଅର ସିଙ୍ଗୁଲେଟ୍ କର୍ଟେକ୍ସ ଏବଂ ପ୍ରିଫ୍ରାଲକର୍ଟେକ୍ସ ନାମକ ଦୁଇଟି ସ୍ନାୟୁପୀଠ। ମାନସିକ ପୀଡ଼ା ଯାହାକୁ ଆମେ କହୁଛୁ 'ସାଇକୋଲ୍‌ଜିଆ', ତାହା ସୂକ୍ଷ୍ମ ହୋଇଥିବାରୁ 'ଥାଟାମସ୍' ଏବଂ 'ଇନ୍‌ସୁଲାର୍ କୋରଟେକ୍ସ'ରେ ତା' ପାଇଁ ମଧ୍ୟ ରହିଛି ବିଶ୍ଳେଷଣ କେନ୍ଦ୍ର। ହଁ ତୁ ଏତେ ଭିତରକୁ ନ ଯାଇ ଏହି ଔଷଧ ଖା ଏବଂ ଚିନ୍ତା ମୁକ୍ତ ରହିବାକୁ ଚେଷ୍ଟାକର।

ତା'ଛଡ଼ା 'ସାଟ୍ରେଲିନ' ନାମକ ଗୋଟିଏ ଏଣ୍ଟିଓଲାଇଟିକ ବଟିକା ଦେଉଛି ରାତିରେ ଖାଇବୁ - ସବୁ ଏଞ୍ଜାଇଟ୍ ପାଣି ଫୋଟକା ପରି ମିଳେଇଯିବ ଏବଂ ତୁ ନିଦରେ ଘୁଙ୍ଗୁଡ଼ି ମାରିବୁ।"

"ଏ କ'ଣ ଯେଉଁ ସ୍ୱପ୍ନ ମୋତେ ବିବ୍ରତ କରୁଛି ତାକୁ ଅଟକାଇ ପାରିବ ?

"ନା ଏ ଔଷଧ ଯେଉଁ ପରିବାରର ସଦସ୍ୟ ସେ ପରିବାର କେହି ସ୍ୱପ୍ନକୁ ବନ୍ଦ କରିପାରିବେ ନାହିଁ ବରଂ ସେଗୁଡ଼ିକୁ ମୂର୍ତ୍ତିମନ୍ତ କରି ସ୍ମୃତିରେ ଥାପିଦେଇ ପାରିବେ।"

- "ମନକୁ ନିରୁଦ୍‌ବିଗ୍ନ ଓ ଶାନ୍ତ ରଖିବା ପାଇଁ 'ସିରୋଟୋନିନ୍' ନାମକ ନ୍ୟୁରୋଟ୍ରାନ୍ସମିଟରର ପରିମାଣ ସ୍ଥିର ରହିବା ଦରକାର। ଏହି ସମତୁଲ ଅବସ୍ଥା ଆସେ କ୍ଷରଣ ଓ ନିଷ୍କାସନ ପ୍ରକ୍ରିୟା ମଧ୍ୟରେ ସମନ୍ୱୟ ରହିଲେ। ମାତ୍ର ଅଶାନ୍ତ ମନ ନିଷ୍କାସିତ ସିରୋଟୋନିନ୍‌କୁ ପୁଣିଥରେ ଶୋଷଣ କରି ମସ୍ତିଷ୍କରେ ତା'ର ପରିମାଣ ବୃଦ୍ଧି ଘଟାଇ ଡିପ୍ରେସନର ମୁଖ୍ୟ

ନାୟକ ବନିଯାଏ । ଯେଉଁ ପରିବାରର ଔଷଧ ଏହି ପ୍ରକ୍ରିୟାକୁ ବନ୍ଦ କରିଦିଏ ତା'ର ନାମ ଏସ୍.ଏସ୍.ଆର୍.ଆଇ (ସିଲେକ୍ଟିଭ୍ ସେରୋଟନିନ୍ ର୍ୟୁପଟେକ୍ ଇନ୍‌ହିବିଟର୍ସ) । ଯେଉଁ ଦୁଇପ୍ରକାର ନିଦ୍ରାର ସଂଯୋଗ ସ୍ଥଳରେ ସ୍ୱପ୍ନ ତା'ର ଲୀଳା ରଚନା କରେ ସେହି ଲୀଳାଭୂମିରୁ ମାତ୍ର ଗୋଟିଏ ପ୍ରକାରର ନିଦକୁ ଏଞ୍ଜିଓଲାଇଟିକ୍ ନଷ୍ଟ କରିପାରୁଥିବାରୁ ଏହା ସ୍ୱପ୍ନ ପ୍ରୁଫ୍ ବଟିକା ନୁହେଁ । ମାତ୍ର ଉଭୟ ନିଦକୁ ଏକ କରିଦେଉଥିବା କୁମ୍ଭକର୍ଣ୍ଣ ନିଦ୍ରାପ୍ରଦାୟୀ ବଟିକା ତୋତେ ଦେବି ବୋଲି ଭାବୁଛି ।

"ଥାଉ ମୋତେ ଆଉ ପରୀକ୍ଷାର ଗିନିପିଗ୍ କରନା । ମୁଁ ଗାଁକୁ ଗଲେ ସବୁ ସମସ୍ୟାର ସମାଧାନ ହୋଇଯିବ ।"

ଶ୍ରୀମୟ ଗୋଡ଼କୁ ଛାଟ କରି, ହାତକୁ ହୁଗୁଳା କରି ଜଙ୍ଘ ଉପରେ ରଖି, ମୁଣ୍ଡକୁ ପଛକୁ ଝୁଙ୍କାଇ ଆଖି ବନ୍ଦ କରି ରିଲାକ୍ସ ହେବାକୁ ଚେଷ୍ଟା କରୁଛନ୍ତି । ଏସି ପବନ ଶରୀରକୁ ଆରାମ ଆସୁଥିଲେ ବି ମନରେ ଅମୁନି ଚିନ୍ତାର ଉପଦ୍ରବ । ମାନସିକ ଚାପ ବଢ଼ୁଛି ସିନା କମୁନାହିଁ - ଉତ୍ତେଜନାର ପାରଦ ଉପରକୁ ଉଠି ଚଢୁଛି ସିନା ଖସୁନାହିଁ । ସତରେ ଜେଜେମା' କ'ଣ କାନ୍ଦୁଛି ? ତା' ପ୍ରିୟ ଶଙ୍ଖ ଚୋରି ହୋଇଯାଇଛି ବୋଲି ଲୁହ ଗଡ଼ାଉଛି ? ତା' ଶଙ୍ଖର ଯତ୍ନ ନେଇପାରିଲା ନାହିଁ ବୋଲି ସେ ଶ୍ରୀମୟଙ୍କୁ ଅଭିଶାପ ଦେଉ ନାହିଁ ତ ? ନା ଏମିତି ଭାବିବା ବୋକାମି ? ଶ୍ରୀମୟ ଯେତେ ବଡ଼ ଅପରାଧ କରିଥିଲେ ବି ଜେଜେମା' ଅଭିଶାପ ତ ବହୁତ ଦୂରର କଥା ଗାଳି ପଦେ ବି ଦେବ ନାହିଁ । ଜେଜେମାର ସ୍ନେହର ବଳୟ ଏତେ ସୁଦୃଢ଼ ଯେ ତାକୁ ଭେଦି କାହାର କଟୁ ବଚନ କି କୁଦୃଷ୍ଟି ନାତି ଉପରକୁ ଆସିପାରିବ ନାହିଁ ।



ନିରକ୍ଷରା ଜେଜେମା' ଯୁକ୍ତାକ୍ଷରର ଯନ୍ତା ଭିତରୁ ବାହାରି ନ ପାରି ପାଠର ପାହାଡ଼କୁ ଜୁଳୁଜୁଳୁ କରି ଅନାଉଥିବା ତା' ବଡ଼ ବୋହୂ ଅର୍ଥାତ୍ ବଉକୁ ଶଙ୍ଖର ମହତ୍ତ୍ୱ ସମ୍ପର୍କରେ ବୁଝାଉଥିବା ବାକ୍ୟଗୁଡ଼ାକ ଶ୍ରୀମୟଙ୍କ ମଗଜରେ ଏବେ ବି ଗୁଞ୍ଜରଣ ସୃଷ୍ଟି କରେ । ସେଦିନ ଶଙ୍ଖ ବଜେଇ ସାରି ନ ଧୋଇ ସିଂହାସନରେ ରଖିଦେବାରୁ ଜେଜେମା' ବଉକୁ କିପରି ଶାସ୍ତି ଦେଇଥିଲା, ସେ କଥା ମନେ ପଡ଼ିଗଲେ ସେ କିପରି ଅଧ୍ୟାତ୍ମବାଦୀ ସହିତ ଶୃଙ୍ଖଳାପ୍ରିୟା ଥିଲା ତାହା ଜଣାପଡ଼େ । ସେ କହୁଥିଲା ବିଷ୍ଣୁଙ୍କ ଆଜ୍ଞାରେ ଚନ୍ଦ୍ର, ସୂର୍ଯ୍ୟ ଏବଂ ବରୁଣ ଶଙ୍ଖରେ ବିରାଜମାନ କରୁଛନ୍ତି । ପ୍ରଜାପତି ଅଛନ୍ତି ପୃଷ୍ଠଭାଗରେ ଏବଂ ଅଗ୍ର ଭାଗରେ ଗଙ୍ଗା ଏବଂ ସରସ୍ୱତୀ ନଦୀ । ଆୟୁର୍ବେଦ ଅନୁସାରେ ଶଙ୍ଖର ଧ୍ୱନି ତରଙ୍ଗ ବାୟୁମଣ୍ଡଳରେ ଥିବା ଅଶୁଭ ଶକ୍ତି ଏବଂ କ୍ଷତିକାରକ ଜୀବାଣୁଙ୍କୁ ଧ୍ୱଂସ କରିଦିଏ ।

ଗୁରୁଙ୍କ ଉପଦେଶରୁ ସାର ସଂଗ୍ରହ କରି ଜେଜେମା' ଯେତେବେଳେ ତା' ବୋହୂମାନଙ୍କୁ ବୁଝାଉଥିଲା ସେତେବେଳେ ଶ୍ରୀମୟ ଥିଲେ ଦଶ ବାର ବର୍ଷର ବାଳକ । ବାୟୁମଣ୍ଡଳରେ ଥିବା ସତ (ସତ୍ତ୍ୱ), ରଜ, ତମ ଗୁଣ ମଧ୍ୟରୁ ବେଶିଥାଏ ରଜ ଓ ତମଗୁଣର ତରଙ୍ଗ । ତାକୁ କୁଆଡ଼େ ସତରେ (ସତ୍ତ୍ୱ) ପରିଣତ କରିଦିଏ ଶଙ୍ଖଧ୍ୱନି । ସେତେବେଳେ ଜେଜେମା'ର ଏ ତତ୍ତ୍ୱ ଦର୍ଶନକୁ ବାତୁଳତା ମନେ କରୁଥିବା ଶ୍ରୀମୟଙ୍କ ନିର୍ବୋଧ ବିଚାର ଏବେ ଜ୍ଞାନ-ବିଜ୍ଞାନରେ ବିମଣ୍ଡିତ । ସେ ଶଙ୍ଖ ଧ୍ୱନିର ବିଶ୍ଳେଷଣ କରି ଜାଣିପାରିଛନ୍ତି ତାହାର ପ୍ରଖରତା ୧୦୦ ଡେସିବଲ ହେଉଥିଲା ବେଳେ ଦ୍ରବଣ ହେଉଛି ୭.୮୩ ହର୍ଜ - ହୃଦ୍‌ସ୍ପନ୍ଦନର ଦ୍ରବଣ ଏବଂ ଓଁ କାରର ଦ୍ରବଣ ସହ ସମାନ । ଏହି ଦ୍ରବଣ ମାନସିକ ଶାନ୍ତି ଦେବାରେ ଯୋଗ୍ୟତା ରଖେ । କାରଣ ଯୋଗାରୂଢ଼ ସ୍ଥିତିରେ ମସ୍ତିଷ୍କରେ ଯେଉଁ ଥିଟା ତରଙ୍ଗ ଉତ୍ପନ୍ନ ହୁଏ ତା'ର ଦ୍ରବଣ ହେଉଛି 4–8 $H_z$ ।

ଶ୍ରୀମୟ ଆଶ୍ଚର୍ଯ୍ୟ ହୁଅନ୍ତି ଯେତେବେଳେ ସେ ଜୈବିକ ପ୍ରକ୍ରିୟା ସହିତ ଭୌତିକ ପ୍ରକ୍ରିୟାର ସମ୍ପର୍କ ବିଷୟରେ ଭାବନ୍ତି । ନାନାବିଧ ଆବେଗ, ସୁଷୁପ୍ତି-ଜାଗରଣ, ଉତ୍ତେଜନା-ସମାଧିର ସାନ୍ଦ୍ରତାକୁ ମାପି ହେଉଛି ହର୍ଜରେ - ଧ୍ୱନି ତରଙ୍ଗର ଏକକରେ । ମନ ସଚେତନ ହୋଇ କାର୍ଯ୍ୟ କରୁଥିଲେ ମସ୍ତିଷ୍କରେ ଉତ୍ପନ୍ନ

ହୁଏ ବିଟା ତରଙ୍ଗ (10 – 30 $H_z$) ମନକୁ ସ୍ଥିର ଓ ଏକାଗ୍ର କଲାବେଳେ ଜାତହୁଏ ଆଲ୍‌ଫା ତରଙ୍ଗ (8 – 12 $H_z$) ଏବଂ ଯୋଗାରୂଢ଼ ତନ୍ମୟ ସ୍ଥିତିରେ ଡେଲ୍‌ଟା ତରଙ୍ଗ (< 4 $H_z$)।

ସିଟ୍‌ରେ ଆରାମ କରୁ କରୁ ଶ୍ରୀମୟଙ୍କୁ ଆସିଯାଇଛି ଛାଇ ନିଦ। ସେ ଦେଖୁଛନ୍ତି ବଉ ତାଗଦା କରିଦେଉଛି – "ଯା ଶୀଘ୍ର ଘର ଖୋଲି ଦେଖ ମୋ ଠାକୁର ଘର ଖାଲି। ଫିମ୍ପିମରା ଜଗନ୍ନାଥ ଓ ମା' ପଦ୍ମାବତୀ ଓ ତାରିଣୀଙ୍କ ଭଙ୍ଗା ବନ୍ଧେଇ ଫଟୋ ଛଡ଼ା ଆଉ କିଛି ନାହିଁ। ଜେଜେମା'ର ଶଙ୍ଖରେ ପଶୁଛି ଆଉ କାର ଛେପ – ସେ ବାଜୁନାହିଁ ତ କଇଁ କଇଁ ହେଇ ଧକଉଛି। ପ୍ରଥମେ ସେ ତା'ର ମାଙ୍ଗଳିକ ନିନାଦରେ ସଂଖୋଳି ଥିଲା ତୋ ଜେଜେବାପା – ଜେଜେ ମା'ଙ୍କ ବର-ବଧୂ ରୂପକୁ। ତା' ପରେ ମୁଁ ଯେତେବେଳେ ଶ୍ୱଶୁର ଘରର ଏରୁଣ୍ଡି ଡେଇଁ ଗୃହ ପ୍ରବେଶ କଲି ସେତେବେଳେ ତୋ ବାପା ଓ ମୋର ବନ୍ଦାପନାରେ ଅଂଶଗ୍ରହଣ କରିଥିଲା ସେହି ଶଙ୍ଖର ପ୍ରଣବ ଝଙ୍କାର। ଆଉ ତୁ ଓ ଶ୍ରୀମତୀଙ୍କୁ ମୁଁ ପାଛୋଟି ଆଣିଥିଲି ସେହି ଶଙ୍ଖର କଲ୍ୟାଣକାରୀ ଧ୍ୱନିରେ। ତୋ ପୁଅ-ବୋହୂଙ୍କ ବିବାହ ଉତ୍ସବକୁ ତା'ର ଶବ୍ଦ ଯେପରି ବିଧୂନିତ ହେବ ତା'ର ଯତ୍ନ କରିବୁ। ଯେମିତି ହେଉ ଉଦ୍ଧାର କରିବୁ ଅପହୃତ ମୋ ଧୂପଦାନୀ ଓ ଆଳତି। ଠାକୁରଙ୍କ ଫଟୋ ସହିତ ତାକୁ ନେଇ ଯିବୁ ତୋ ଚକିରି କ୍ଷେତ୍ରକୁ। ଭିନ୍ନ ଭିନ୍ନ ବୋତଲରେ ମୁଁ ରଖିଥିବା ଗଙ୍ଗା, ଯମୁନା, ତ୍ରିବେଣୀ ଓ ମହୋଦଧିର ଜଳ ଯଦି ଥାଏ ତାକୁ ମଧ୍ୟ ନେଇଯିବୁ।

ଯା ଭିତରେ ଚରିଘଣ୍ଟା ବିତିଯାଇଛି। ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ରିକ୍ସା ଧରି ଶ୍ରୀମୟ ପହଞ୍ଚି ଯାଇଛନ୍ତି ଘର ଆଗରେ। କିଛି ଖବର ନ ଦେଇ ଗାଁକୁ ଚାଲି ଆସିଥିବାରୁ ଅଭିମାନଭରା କଣ୍ଠରେ ସାନ ଭାଇ କହୁଛି, "ମୋତେ ଫୋନ୍ କରିଥିଲେ ବାଇକ୍‌ରେ ଷ୍ଟାଣ୍ଡରୁ ନେଇ ଆସିଥାନ୍ତି। କ'ଣ ପାଇଁ ଏତେ ତରବର ହେଲ ଭାଇ। ଆମକୁ କ'ଣ ପର କରିଦେଲଣି କି ?"

"ଆରେ ପାଗଳଟା, ସେପରି କିଛି କଥା ନାହିଁ। ଛ'ମାସ ହେଲା ଆସି ନ ଥିଲି ତ ମନଟା ଖାଲି ଗୁଡ଼େଇ ତୁଡ଼େଇ ହେଲା। ତୁମ୍ଭମାନଙ୍କ କଥା ମନେ ପଡ଼ିଲା; ତେଣୁ ଚାଲି ଆସିଲି। ଏହା ଏକ ସରପ୍ରାଇଜ୍ ବୋଲି ଗ୍ରହଣ କର।"

ଶ୍ରୀମୟ ଦେଖିରି ହୋଇଥିବା ଘର ଲୋକଙ୍କ ମନରେ ଯେଉଁ ଭାବାନ୍ତର ଆସିବା କଥା ତାହା କାହାରି ମୁହଁରେ ଦେଖୁ ନାହାନ୍ତି। ତା'ହେଲେ ଚେରିଫୋରି ମିଛକଥା। ସ୍ୱପ୍ନର ମାୟାରେ ସେ ବାୟା ହୋଇଯାଇଛନ୍ତି – ଏଇଟା ସତକଥା। ବିଶ୍ୱାସ – ଅବିଶ୍ୱାସର ଦୋ'ଛକିରେ ଛିଡ଼ା ହୋଇ ସେ ଭାବୁଛନ୍ତି ବିଜ୍ଞାନର ବିଜ୍ଞତାକୁ ଚିତା କାଟିଦେବାର ତାକତ ଅଛି ସ୍ୱପ୍ନ ପାଖରେ।

**ବିଶ୍ୱାସ – ଅବିଶ୍ୱାସର ଦୋ'ଛକିରେ ଛିଡ଼ା ହୋଇ ସେ ଭାବୁଛନ୍ତି ବିଜ୍ଞାନର ବିଜ୍ଞତାକୁ ଚିତା କାଟିଦେବାର ତାକତ ଅଛି ସ୍ୱପ୍ନ ପାଖରେ।**

ଶ୍ରୀମୟ ଚା ବିସ୍କୁଟ ଖାଉଛନ୍ତି। ପିଲାଙ୍କ ଭଲମନ୍ଦ କଥା ପଚରୁଛନ୍ତି। ଏହି ସମୟରେ ଚାଷ କରୁଥିବା ମୂଲିଆ ନିତିଆ ଆସି ପ୍ରଣାମ କରିଛି। ତା' ମୁଣ୍ଡରୁ ଟୋକେଇଟିଏ ଓହ୍ଲାଇ ଦେଇ କହୁଛି, "ସାନ ବାବୁ ସବୁ ଜିନିଷ ଠିକ୍ ଅଛିନା ନାହିଁ ଦେଖିନିଅ।

– ସାତ ଦିନ ହେଲା ତ୍ରିନାଥ ମେଳା ସରିଲାଣି ଏବେ କ'ଣ ଜିନିଷ ଆଣୁଛୁ ? ଠିକ୍‌ଠାକ୍ ପୂଜା ସରିଗଲା ତ ?

– ହଁ ବାବୁ ପୂଜାରେ ଲାଗୁଥିବା ବାମାବର୍ତ୍ତ ଶଙ୍ଖ କେବଳ ତମ ଘରେ ଥିଲା। ବୁଢ଼ୀମା'ର ଅକଲକୁ ଧନ୍ୟ କହିବା ତମ ଘର ପୂଜକ କହିବା ଅନୁସାରେ ତମ ଘରୁ ଏହାକୁ ନେଇଥିଲି।

ଶ୍ରୀମୟ ବିସ୍ମୟ ଚକିତ ହୋଇ ଦେଖୁଛନ୍ତି ଶଙ୍ଖ – ଧୂପଦାନୀ – ଆଳତି ଆସନ ଉପରେ ତାଙ୍କୁ ଅନାଇ ରହିଛନ୍ତି। ଏହି ସମୟରେ ସ୍ୱପ୍ନ ବିଶ୍ଳେଷକ ସିଗ୍‌ମଣ୍ଡ ଫ୍ରଏଡ୍‌ଙ୍କ ଉକ୍ତି ତାଙ୍କୁ ଯେତିକି ଆଶ୍ଚର୍ଯ୍ୟ ଲାଗୁଛି ସେତିକି ବି ଅଦ୍ଭୁତ ଲାଗୁଛି – "ଡ୍ରିମ୍‌ସ ଆର୍ ୱିସ୍ ଫୁଲ୍‌ଫିଲ୍‌ମେଣ୍ଟସ"। ସେ ବୁଝିପାରୁ ନାହାନ୍ତି କାହାର କେଉଁ ଅସଫଳ ଇଚ୍ଛା ଧାର ଦିଆଯାଇଥିବା ପୂଜା ସାମଗ୍ରୀକୁ ଅପହରଣର ପ୍ରତୀକ କରି ତାଙ୍କ ସ୍ୱପ୍ନରେ ସଫଳତା ଲାଭ କରୁଛି ?

□□

ଲେଖକଙ୍କ ଇ-ମେଲ୍ ଠିକଣା:
dr.duryodhan.das@gmail.com

ପ୍ରବନ୍ଧ



# ଦୁର୍ଦ୍ଦଶାରେ ଓଡ଼ିଆ ଭାଷା

**ବୈଷ୍ଣବ ଚରଣ ମହାନ୍ତି**

ଓଡ଼ିଶା ପାଇଁ ମାରକ ଦଶାର ଦଶନ୍ଧି ଥିଲା ଊନବିଂଶ ଶତାବ୍ଦୀର ଷଷ୍ଠ ଦଶକ; ଓଡ଼ିଶାରେ ମୃତ୍ୟୁର ତାଣ୍ଡବ ରଚିଥିଲା ନଅଙ୍କ ଓ ଓଡ଼ିଆ ଭାଷା ପାଇଁ ଆତଙ୍କ ଆଣିଦେଇଥିଲେ ପଡ଼ୋଶୀ ରାଜ୍ୟର ପଲେ ପଣ୍ଡିତ। ୧୮୬୪ରେ ଓଡ଼ିଶା ସ୍କୁଲ ବିଭାଗର ଇନିସ୍‌ପେକ୍ଟର ଉମାଚରଣ ହାଲ୍‌ଦାର ଓଡ଼ିଶାର ବିଦ୍ୟାଳୟରୁ ଓଡ଼ିଆ ଭାଷା ଉଠିଯାଇ ବଙ୍ଗଳା ଚଳାଯାଉ ବୋଲି ଇଂରେଜ ସରକାରକୁ ପ୍ରସ୍ତାବ ଦେଲେ। ୧୮୬୮ ଡିସେମ୍ବର ୯ ତାରିଖରେ କଟକ ଡିବେଟିଂ କ୍ଲବ୍‌ରେ ଭାଷଣ ଦେଇ ରାଜେନ୍ଦ୍ରଲାଲ୍ ମିତ୍ର କହିଲେ- "ଉତ୍କଳର ଯଥାର୍ଥ ହିତାକାଙ୍କ୍ଷୀ ଯେ ହେବେ, ସେ ସର୍ବାଗ୍ରେ ଉତ୍କଳଭାଷା ଉଠାଇଦେଇ ବଙ୍ଗଭାଷା ପ୍ରଚଳନ କରିବାର ଚେଷ୍ଟା କରିବେ; କାରଣ ଯେତେକାଳ ଉତ୍କଳ ଭାଷା ଉଠିଯାଇ ନାହିଁ, ସେତେକାଳ ଏ ଦେଶର ଉନ୍ନତି ହେବା ଅସମ୍ଭବ।"




କଟକ ହାଇସ୍କୁଲ୍‌ର ଆଇନ୍ ଉପଦେଷ୍ଟା ରାଜକୃଷ୍ଣ ମୁଖୋପାଧ୍ୟାୟ 'ଉତ୍କଳ ହିତୈଷିଣୀ'ର ୧୮୬୯ ଜୁଲାଇ ୧ ତାରିଖ ସଂଖ୍ୟାରେ ଲେଖିଲେ-"ଉତ୍କଳ ସଙ୍କର ଭାଷା ଅଟେ" ଓ "ବଙ୍ଗଭାଷାର ବିକୃତି ହେଲେ ଉତ୍କଳ ଭାଷା ହୁଏ"। ଉମାଚରଣ ହାଲ୍‌ଦାର ସେଇ ଜୁଲାଇ ପ୍ରଥମ ସପ୍ତାହରେ 'କଟକ ଷ୍ଟାର' ପତ୍ରିକାରେ ଏକ ପ୍ରବନ୍ଧ ଲେଖି ଓଡ଼ିଆ ଭାଷାକୁ ବଙ୍ଗୀୟ ଲିପିରେ ଲେଖାଯାଉ ବୋଲି ପ୍ରସ୍ତାବ ଦେଲେ। ବାଲେଶ୍ୱର ସରକାରୀ ସ୍କୁଲ୍‌ର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ୧୮୭୦ ଜାନୁୟାରୀରେ 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନହେ' ବୋଲି ଏକ ବହି ଛାପି ବାଣ୍ଟିଲେ।

୧୮୬୮ ଜାନୁୟାରୀ ୪ ତାରିଖରେ ଗୌରୀଶଙ୍କରଙ୍କ ଉତ୍କଳ ଦୀପିକାରେ ପ୍ରକାଶ ପାଇଲା- "ଓଡ଼ିଶା ପ୍ରଦେଶର ବିଦ୍ୟାଳୟ ସମୂହ ସଂକ୍ରାନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ବଙ୍ଗଳା ଗଭର୍ଣ୍ଣମେଣ୍ଟର ବିଚାରାଧୀନ ଅଛି। ଶିକ୍ଷା ବିଭାଗର ଡାଇରେକ୍ଟର ଏବଂ ଏ ପ୍ରଦେଶର ଇନିସ୍‌ପେକ୍ଟର ଗଭର୍ଣ୍ଣମେଣ୍ଟରେ ପ୍ରସ୍ତାବ କରିଛନ୍ତି ଯେ ଓଡ଼ିଶାର ସ୍କୁଲ୍ ସମସ୍ତରେ ବଙ୍ଗଭାଷାର ଅଧ୍ୟୟନ ବଳାତ୍କାରପୂର୍ବକ ଚଳନ ହେଉ ଏବଂ ବଙ୍ଗପୁସ୍ତକମାନ ଏ ସମସ୍ତ ବିଦ୍ୟାଳୟର ପାଠ୍ୟପୁସ୍ତକ ବୋଲି ଧାର୍ଯ୍ୟହେଉ।... ଯାହା ହେଉ ଏ ପ୍ରସ୍ତାବ ଓଡ଼ିଶାର ଭାବୀ ମଙ୍ଗଳ ଆଶାର ମୂଳୋତ୍ପାଟନ କରିବାର ଉପକ୍ରମ କରିଅଛି ଏବଂ ଶୀଘ୍ର ଏଥିର ଅନ୍ୟଥା ନ ହେଲେ ରକ୍ଷା ନାହିଁ।..."

### ଦୋ'ଛକିରେ ଭାଷା

ପ୍ରକୃତରେ ରକ୍ଷା ହେଇଗଲା ଓଡ଼ିଆ ଭାଷା ଗୌରୀଶଙ୍କର ରାୟ, ଫକୀରମୋହନ ସେନାପତି, ଜନ୍ ବିମ୍ସ, ଟି.ଇ.ରେଭେନ୍‌ସା ପ୍ରମୁଖଙ୍କ ପାଇଁ। ଏଇମାନଙ୍କ ପ୍ରଚେଷ୍ଟାରେ ବଙ୍ଗଳା ଭାଷା ଓଡ଼ିଆ ସ୍କୁଲ୍ ପାଠ୍ୟକ୍ରମରୁ ୧୮୭୩ରେ ତଡ଼ା ଖାଇଲା। ପୋତାଯାଇଥିବା ସେଇ ଭାଷାମଞ୍ଜିରୁ ଉଠିଥିବା ଗଜାକୁ ଦ୍ରୁମ କରି ବଢ଼ାଇ ଭାଷା ଭିତ୍ତିରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବାକୁ ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଓ ନୀଳମଣି ବିଦ୍ୟାରତ୍ନ ଆଦି କମ୍ ତ୍ୟାଗ ସ୍ୱୀକାର କରିନାହାନ୍ତି। ବଙ୍ଗାଳୀ ବାବୁମାନେ ଓଡ଼ିଆ ଭାଷାକୁ ବଙ୍ଗଳା ଲିପିରେ ଲେଖି ଓଡ଼ିଆ ଲିପିକୁ ଉଜାଡ଼ିଦେବା ଓ ଓଡ଼ିଆ ଭାଷାକୁ ବିଦ୍ୟାଳୟ ପାଠ୍ୟକ୍ରମରୁ ଉଠାଇ ଦେବାର ଯୋଜନା ପଛର ଅନ୍ୟତମ ଯୁକ୍ତି ଥିଲା ଓଡ଼ିଆରେ ଉପଯୁକ୍ତ ପାଠ୍ୟ ପୁସ୍ତକ ନାହିଁ।

ବଙ୍ଗାଳୀ ବାବୁମାନଙ୍କ ଯୁକ୍ତିକୁ ମିଥ୍ୟା ପ୍ରମାଣ କରିବାକୁ

ପ୍ରାଥମିକ ବିଦ୍ୟାଳୟରେ ଅକ୍ଷରଶିକ୍ଷା ପାଇଁ, ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ଗୋବିନ୍ଦ ରଥ ଲେଖି ପ୍ରକାଶ କଲେ 'ବର୍ଣ୍ଣବୋଧକ', ମଧୁସୂଦନ ମିଶ୍ର 'ବର୍ଣ୍ଣନିର୍ଣ୍ଣୟ', ଘନଶ୍ୟାମ ମିଶ୍ର 'ବର୍ଣ୍ଣପରିଚୟ', କପିଳେଶ୍ୱର ବିଦ୍ୟାଭୂଷଣ 'ବର୍ଣ୍ଣଶିକ୍ଷା', ଅଭିନ୍ନ ନାୟକ 'ବର୍ଣ୍ଣବୋଧକ', ବଳରାମ ଦାସ 'ଶିକ୍ଷାମଞ୍ଜରୀ', କାଳିପ୍ରସାଦ ଦାସ 'ବର୍ଣ୍ଣବିଜ୍ଞାନ', ଚତୁର୍ଭୁଜ ପଟ୍ଟନାୟକ 'ବାଳବୋଧିନୀ', ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ 'ବର୍ଣ୍ଣବିଜ୍ଞାନ', ଜଗନ୍ନାଥ ରାଓ 'ପ୍ରଥମପାଠ'ଏବଂ ମଧୁସୂଦନ ରାଓ 'ବର୍ଣ୍ଣବୋଧ' ଇତ୍ୟାଦି।

ସବୁକୁ ବଳିଯାଇ ମଧୁସୂଦନଙ୍କ 'ବର୍ଣ୍ଣବୋଧ' ସର୍ବଜନଗ୍ରାହ୍ୟ, ସର୍ବଜନପ୍ରିୟ ହୋଇପାରିଲା, ଏବେ ମଧ୍ୟ ସର୍ବଜନପ୍ରିୟ ହୋଇ ରହିଛି। ମଧୁସୂଦନ ଥିଲେ ଜଣେ ଆଦର୍ଶ ଶିକ୍ଷକ, ଶିକ୍ଷା ପରିଦର୍ଶକ, ଭାଷାବିତ୍, ଉଭୟ ଭାଷା ଓ ଶିକ୍ଷା କ୍ଷେତ୍ରରେ ତାଙ୍କର ଥିଲା ଗଭୀର ଅନୁଭୂତି, ଅନୁଧ୍ୟାନ ଆଉ ଅନୁଶୀଳନ। ତାଙ୍କର ନିଷ୍ଠା, ନିଦିଧ୍ୟାସ, ଆଧ୍ୟାତ୍ମିକତା, ଉଦାର ମାନବିକତା, କବିତ୍ୱ ଏବଂ ସର୍ବୋପରି ଓଡ଼ିଆ ଭାଷାପ୍ରୀତିରୁ ଜନ୍ମ ନେଇଥିଲା 'ବର୍ଣ୍ଣବୋଧ'ଏବଂ ଖୁବ୍ କମ୍ ଦିନରେ ଏଇ 'ବର୍ଣ୍ଣବୋଧ' ପାଲଟି ଯାଇଥିଲା ଓଡ଼ିଆ ଜାତିର ଅକ୍ଷରବେଦ। ଓଡ଼ିଆ ଭାଷା ଯଦି ବଞ୍ଚିଛି; ଶୁଦ୍ଧ, ଶକ୍ତ, ସୁଠାମ ହୋଇ ଆଜି ଠିଆ ହୋଇଛି; ତା' ପଛରେ 'ବର୍ଣ୍ଣବୋଧ'ର ଅବଦାନକୁ କେହି ଅସ୍ୱୀକାର କରିବେ ନାହିଁ।




'ବର୍ଣ୍ଣବୋଧ' ଯଦିଓ ଶତାଧିକ ବର୍ଷହେଲା ସହସ୍ରାଧିକ ସଂସ୍କରଣରେ ପ୍ରକାଶ ଲଭି ଏ ଜାତିକୁ ଅକ୍ଷର ଶିକ୍ଷା ଦେଇ ସାକ୍ଷର ଶିକ୍ଷିତ କରି ଚାଲିଛି, ତଥାପି ଏ ଅକୃତଜ୍ଞ ଓଡ଼ିଆ ବର୍ଣ୍ଣବୋଧ ରଚନାର ରୁପାର ଜୟନ୍ତୀ କି ସୁନାର ଜୟନ୍ତୀ କି ହୀରାର ଜୟନ୍ତୀଟିଏ ପାଳନ କରିନି। ଏତେ ସବୁ ସତ୍ତ୍ୱେ ବି 'ବର୍ଣ୍ଣବୋଧ'ର ଅବଦାନକୁ ଆମ ସରକାର ଅସ୍ୱୀକାର କରିନାହାନ୍ତି। କେନ୍ଦ୍ର ସରକାରଙ୍କ ପାଖରେ ଶାସ୍ତ୍ରୀୟ ମାନ୍ୟତା ପାଇଁ ଓଡ଼ିଶା ସରକାର ଦାଖଲ କରିଥିବା ଦଲିଲ୍ ଦସ୍ତାବିଜ୍‌ର ୨୮୨ ପୃଷ୍ଠାର ଆନେକ୍‌ସର୍ - XXIV(12)ରେ ଥିବା 'ପ୍ରେଜେଣ୍ଟ ଓଡିଆ ସ୍କ୍ରିପ୍ଟ : ମଧୁ ବର୍ଣ୍ଣବୋଧ' (୧୯୦୫) ହେଉଛି ତା'ର ଜ୍ୱଳନ୍ତ ପ୍ରମାଣ। -

**ବର୍ଣ୍ଣମାଳାର ତାଲିକା**

ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଗଠିତ ବିଶେଷଜ୍ଞ କମିଟି କର୍ତ୍ତୃକ ପ୍ରସ୍ତୁତ ଦଲିଲ୍‌ରେ ଆମ ଓଡ଼ିଆ ବର୍ଣ୍ଣମାଳାରେ ସମୁଦାୟ ୪୯ଟି ବର୍ଣ୍ଣ (୧୩ଟି ସ୍ୱରବର୍ଣ୍ଣ + ୩୬ଟି ବ୍ୟଞ୍ଜନ ବର୍ଣ୍ଣ) ଏବଂ ପାଞ୍ଚଟି ଅତିରିକ୍ତ ବର୍ଣ୍ଣ ଅଛି ବୋଲି ଏକ ତାଲିକା ରହିଲା। ସେ ତାଲିକା ଆଉ କିଛି ନୁହେଁ, ୧୯୦୫ରେ ପ୍ରକାଶିତ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧରେ ଦିଆଯାଇଥିବା ବର୍ଣ୍ଣମାଳାର ତାଲିକା। ଆମ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ପାଖରେ ସେହି ଦଲିଲ୍ ପେଶ୍ କଲେ ଏବଂ ୨୦୧୪ ମାର୍ଚ୍ଚ ୧୧ରେ ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ଭାଷା ବୋଲି ଭାରତ ସରକାର ଘୋଷଣା କଲେ।

ଶାସ୍ତ୍ରୀୟ ମାନ୍ୟତା ପାଇଁ ଆବଶ୍ୟକ ତଥ୍ୟ ପ୍ରମାଣର ଦଲିଲ୍ ଦସ୍ତାବିଜ୍ ପ୍ରସ୍ତୁତ କରିବାକୁ ଗଠିତ ରାଜ୍ୟ ଭାଷା କମିଟିର ଆବାହକ ଓଡ଼ିଆ ଭାଷା ପ୍ରତିଷ୍ଠାନର ତତ୍କାଳୀନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ପ୍ରସନ୍ନ କୁମାର ମହାନ୍ତି ଦିଲ୍ଲୀରେ ସେହି ଦଲିଲ୍ ଦସ୍ତାବିଜ୍ ଦାଖଲ କରି ଫେରିବା ପରେ ଆଗ 'ମଧୁ ବର୍ଣ୍ଣବୋଧ'କୁ 'ଓଡ଼ିଆ ବର୍ଣବୋଧ' କରି ସରକାରୀ ପଇସାରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ପ୍ରକାଶ କରିଦେଲେ। ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ମାତ୍ର ଛଅ ମାସ ବି ସମ୍ଭଳା ପଡ଼ିଲେନି। କେନ୍ଦ୍ରୀୟ ଭାଷା କମିଟି ସମକ୍ଷରେ ପେସ୍ କରାଯାଇଥିବା ମଧୁ ବର୍ଣ୍ଣବୋଧର ସେଇ ବର୍ଣ୍ଣମାଳାକୁ ଭାଙ୍ଗି ବଦଳେଇଦେଲେ।

ପ୍ରକଳ୍ପ ବିଚାର କମିଟି ଓ କାର୍ଯ୍ୟନିର୍ବାହୀ କମିଟିର ବିନା ଅନୁମୋଦନ ଓ ଅନୁମତିରେ ଏପରିକି ଅଜାଣତରେ ମୂଳ ବର୍ଣ୍ଣବୋଧକୁ କାଟି, ଯୋଡ଼ି, ବିକୃତ କରିଦେଲେ, ମୂଳ ବର୍ଣ୍ଣବୋଧର ବର୍ଣ୍ଣକ୍ରମକୁ ବିଶୃଙ୍ଖଳ କରିଦେଲେ, ବର୍ଣ୍ଣମାଳାରୁ ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ ଉଠେଇଦେଲେ,'ଙ୍କ'କୁ ଆଣି ବର୍ଣ୍ଣମାଳା ଭିତରେ ଥୋଇଲେ, ଯୁକ୍ତାକ୍ଷରକୁ ଭାଙ୍ଗି ଅନୁସ୍ୱାର ଦେଇ ଲେଖିବାର ବିକଳ୍ପ ବାଟ ବତାଇ ବର୍ଣ୍ଣବୋଧକୁ ବିକୃତ ବିକଳାଙ୍ଗ ବିପର୍ଯ୍ୟସ୍ତ କରିଦେଲେ ଏବଂ ରିଭ୍ୟୁ ନ କରି ବହି ଛାପିଦେଲେ।

ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ବିଜୟାନନ୍ଦ ସିଂହଙ୍କ ମନ୍ତବ୍ୟ ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ-"ଓଡ଼ିଆ ଭାଷା ପ୍ରତିଷ୍ଠାନର 'ବର୍ଣ୍ଣବୋଧ' ହେଉଛି ଏକ ଠକାମି, ଦୁରଭିସନ୍ଧିମୂଳକ କାର୍ଯ୍ୟ। ... ମଧୁସୂଦନଙ୍କୁ ଅପମାନିତ କରିବା, ଭାଷା ସାହିତ୍ୟ ପରମ୍ପରାକୁ ଭାଙ୍ଗିବା ପାଇଁ ଇଏ ଗୋଟାଏ ଷଡ଼ଯନ୍ତ୍ର। ... ଏ ବହିର ସମ୍ପାଦକ ଦୁଇଜଣଙ୍କୁ ନିଯୁକ୍ତ କରିଛି କିଏ? 'ବର୍ଣବୋଧ' ଛପା ହେବା ପୂର୍ବରୁ ରିଭ୍ୟୁ ହେଇଛି କି?" ଡକ୍ଟର ସିଂହଙ୍କ ଏଇ ଶେଷ ପ୍ରଶ୍ନ ଦୁଇଟିର ଉତ୍ତର ପାଣି ପକେଇ ଖୋଜିଲେ ବି ମିଳିବନି ଏବଂ ଖୋଜି ନ ପାଇବା ପାଇଁ ଓଡ଼ିଆ ଭାଷା ପ୍ରତିଷ୍ଠାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ସଂସ୍କୃତି ବିଭାଗକୁ ଲମ୍ଫ ମାରିବାର ବ୍ୟବସ୍ଥା କରିଦିଆଗଲା।

## ମାନ୍ୟତା ପାଇଁ ଦଲିଲ

ଶାସ୍ତ୍ରୀୟ ମାନ୍ୟତା ପାଇଁ ଆବଶ୍ୟକ ତଥ୍ୟ ପ୍ରମାଣର ଦଲିଲ୍ ଦସ୍ତାବିଜ୍ ପ୍ରସ୍ତୁତ କରିବାକୁ ଗଠିତ ରାଜ୍ୟ ଭାଷା କମିଟିର ଅଧ୍ୟକ୍ଷ ଥିଲେ ପଦ୍ମଶ୍ରୀ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ। ୨୦୧୩ ଜୁଲାଇ ୨୩ ତାରିଖରେ ନୂଆ ଦିଲ୍ଲୀରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଭାଷା ବିଶେଷଜ୍ଞ କମିଟି ଆଗରେ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପ୍ରସଙ୍ଗରେ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧରେ ଥିବା ଓଡ଼ିଆ ବର୍ଣ୍ଣମାଳାର ଉପରୋକ୍ତ ତାଲିକା ପେସ୍ କରିଥିଲେ। ୧୬ ଜୁନ୍, ୨୦୧୪ ତାରିଖ ସମାଜରେ 'ଓଡ଼ିଆ ବର୍ଣ୍ଣକ୍ରମ ଓ ବର୍ଣ୍ଣସଂଖ୍ୟା' ଶୀର୍ଷକ ତାଙ୍କ ପ୍ରବନ୍ଧରେ କିନ୍ତୁ ଲେଖିଲେ- "ହ୍ରସ୍ୱ ଦୀର୍ଘର ବିଭେଦ କେଉଁ କାଳୁ ଲୋପ ପାଇଲାଣି। ତେଣୁ 'ଇ, ଉ'କୁ ରଖି ଅଯଥା ବୋଝ ମୁଣ୍ଡାଇବାର ଆବଶ୍ୟକତା ଅଛି କି? ଏହା ଥିବାରୁ ବନାନ ଭୁଲ୍ ହେବାକୁ ବାଧ୍ୟ। ...ସେହିପରି ତିନିଟି ଶ,ସ,ଷ ଏବଂ ଦୁଇଟି ଜ, ଯ। ଓଡ଼ିଆ ଉଚ୍ଚାରଣରେ ଏହା ସ ଓ ଜ। ପଣ୍ଡିତ ନୀଳକଣ୍ଠ ତାଙ୍କ ବ୍ୟାକରଣ ବିଚାରରେ ଗୋଟିଏ ସ ରଖିବାକୁ କହିଛନ୍ତି। ତେବେ ପାଞ୍ଚଟି ଓଡ଼ିଆ ଅକ୍ଷରର ପ୍ରୟୋଜନ ଅଛି କି?"

କେନ୍ଦ୍ର ସରକାରଙ୍କୁ ଆମ ବର୍ଣ୍ଣମାଳାର ଗୋଟାଏ ତାଲିକା ଧରାଇଦେବା ଅର୍ଥ ସବୁ ରାଜ୍ୟ ଜାଣିଲେ ଆମ ଓଡ଼ିଆ ଭାଷାର ବର୍ଣ୍ଣମାଳାରେ ୪୯ଟି ବର୍ଣ୍ଣ ଅଛି। ଆମ ଭାଷାଘରର ମୁରବି ଡକ୍ଟର ପଟ୍ଟନାୟକଙ୍କ ମୁଣ୍ଡକୁ କିନ୍ତୁ ଏ ଭଗାରିହସା ବୁଦ୍ଧି ଆସିଲା କେମିତି?

ଡକ୍ଟର ପ୍ରଫୁଲ୍ଲ କୁମାର ତ୍ରିପାଠୀ ସ୍ୱୀକାର କରିଛନ୍ତି ଓଡ଼ିଆ ତାଙ୍କର ପ୍ରଥମ ଭାଷା ନୁହେଁ, ତଥାପି ଦୀର୍ଘଦିନ ଧରି ସେ ଯେପରି ଓଡ଼ିଆ ଭାଷା ଗବେଷଣାରେ ନିଷ୍ଠାର ସହିତ ଆପଣାର ଅଧ୍ୟୟନ, ଅଧ୍ୟବସାୟ, ଅନୁଶୀଳନ ଜାରି ରଖିଛନ୍ତି ତାହା ଅନନ୍ୟ, ସେଥିପାଇଁ ତାଙ୍କୁ ପ୍ରଶଂସା କରିବାକୁ ଅଭିଧାନେ ଶବ୍ଦ ବି ନଅଣ୍ଟ ହେବ। ଓଡ଼ିଆ ଯୁକ୍ତାକ୍ଷରକୁ ଅନୁସ୍ୱାର ଓ ହଳନ୍ତ ଦେଇ ଭାଙ୍ଗିବା କ୍ଷେତ୍ରରେ ତାଙ୍କ ଭୂମିକା କିନ୍ତୁ ପ୍ରଶ୍ନବାଚୀ ସୃଷ୍ଟି କରେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ଭକ୍ତକବି ମଧୁସୂଦନଙ୍କ 'ବର୍ଣ୍ଣବୋଧ'କୁ ସେ ସମ୍ପାଦନା କରି 'ଓଡ଼ିଆ ବର୍ଣବୋଧ' କରିଛନ୍ତି।

**କେନ୍ଦ୍ର ସରକାରଙ୍କୁ ଆମ ବର୍ଣ୍ଣମାଳାର ଗୋଟାଏ ତାଲିକା ଧରାଇଦେବା ଅର୍ଥ ସବୁ ରାଜ୍ୟ ଜାଣିଲେ ଆମ ଓଡ଼ିଆ ଭାଷାର ବର୍ଣ୍ଣମାଳାରେ ୪୯ଟି ବର୍ଣ୍ଣ ଅଛି।**

'ବର୍ଣ୍ଣବୋଧ' ଏକ ପ୍ରାଥମିକ ପୁସ୍ତକ (ପ୍ରାଇମର୍), ଏଇଥିରୁ ପିଲାର ଅକ୍ଷର ଶିକ୍ଷାର ମୂଳଦୁଆ ପଡ଼େ। ଡକ୍ଟର୍ ତ୍ରିପାଠୀ ଶୁଦ୍ଧ ଲିଖନ ପାଇଁ 'ବନାନ ଓ ପ୍ରୟୋଗ ଧାରା', 'ଓଡ଼ିଆ ବନାନ ଅଭିଧାନ' ଆଦି ଏକାଧିକ ପୁସ୍ତକ ରଚନା କରିଛନ୍ତି; କିନ୍ତୁ ତାଙ୍କ ସମ୍ପାଦିତ 'ଓଡ଼ିଆ ବର୍ଣବୋଧ' ତ୍ରୁଟିର ଏକ ଖଜୁରି ଗଛ ପାଲଟିଲା କେମିତି? ଏଥି ଯୋଗୁ ଓଡ଼ିଆ ଭାଷାର ମୂଳଦୁଆ ଭୁଶୁଡ଼ିବନି ତ? ଡକ୍ଟର୍ ତ୍ରିପାଠୀଙ୍କ ଦ୍ୱାରା ସମ୍ପାଦିତ 'ଓଡ଼ିଆ ବର୍ଣବୋଧ'ରେ ଏ ଉଡ୍ରୀ ଭାଷାକୁ କେମିତି ବିଷକୃତ, ବିକଳଶରୀରା କରାହୋଇଛି ସେଥିରୁ ମାତ୍ର କେତୋଟି

ଉଦାହରଣ ଆସନ୍ତୁ ଦେଖିବା : 'ଓଡ଼ିଆ ବର୍ଣବୋଧ'ର ୩୨ ପୃଷ୍ଠାରେ ଡକ୍ଟର୍ ତ୍ରିପାଠୀ ଲେଖିଲେ- 'କେହି କେହି ବଲ୍‌କ ପିନ୍ଧନ୍ତି ।' -ଏ 'ବଲ୍‌କ'ଟିର ଅର୍ଥ କ'ଣ? 'ଓଡ଼ିଆ ବର୍ଣ୍ଣବୋଧ'ର ୩୩ ପୃଷ୍ଠାରେ ଥିବା ଜ୍ + ଜ + ଓ୍ୱ = ଜ୍ଜ କି? ଙ୍ + କ୍ଷ = ଂକ୍ଷ ଏକ ଯୁକ୍ତାକ୍ଷର କି? ଏ ପଛଆଡୁଆ ଅନୁସ୍ୱାରଦିଆ 'ଂକ୍ଷ'କୁ ଆମ ପିଲାଏ କେମିତି ଉଚ୍ଚାରଣ କରିବେ? ୫ + ୩ = ୫୩ କି? ତେବେ ୩୧ ପୃଷ୍ଠାରେ ଲ + ଗ = ଲ୍‌ଗ, ଦ୍ + ଘ= ଦ୍‌ଘ, ଶ + ଛ = ଶ୍ଛ ହେଲା କେମିତି? ପୁଣି ତ୍ + ଥ = ତ୍‌ଥ ନ ହୋଇ ଥ୍ତ ହେଲା କାହିଁକି? କ'ଣ ଏଠି ୫ + ୩ = ୩୫ ? ଚ୍ + ଞ୍ଚ = ଚ୍ଞ୍ଚ ଯୁକ୍ତାକ୍ଷର ହେବ ବୋଲି ଲେଖାଯାଇଛି; ଏହା କ'ଣ ଏକ ଯୁକ୍ତାକ୍ଷର? ଚ୍ଞ୍ଚକୁ ଉଚ୍ଚାରଣ କରିହେବ କି?

ଓଡ଼ିଆ ଭାଷା ପ୍ରତିଷ୍ଠାନ 'ଓଡ଼ିଆ ବର୍ଣବୋଧ' ସମ୍ପର୍କରେ କହିଛି - "ଏଥିରେ ଅନାବଶ୍ୟକ ଯୁକ୍ତାକ୍ଷରକୁ ବାଦ୍ ଦିଆଯାଇଥିବା ବେଳେ ସହଜରେ ଜଣେ ଯେପରି ଗୋଟିଏ ଶବ୍ଦକୁ ଲେଖିପାରିବ ସେଥିପାଇଁ ଉପାୟ ବତାଇ ଦିଆଯାଇଛି। ...ନୂଆ ରୂପରେ ବର୍ଣ୍ଣବୋଧକୁ ବର୍ଣବୋଧ, ମହାନ୍ତିକୁ ମହାଂତି ...ଲେଖାଯାଇଛି।" -(ସମ୍ବାଦ-୨୯ ଏପ୍ରିଲ୍, ୨୦୧୪)। ଉଦାହରଣ ସ୍ୱରୂପ


ଓଡ଼ିଆ
ବର୍ଣବୋଧ
ମୂଳ ରଚନା : ଭକ୍ତକବି ମଧୁସୂଦନ ରାଓ
ପ୍ରକାଶକ : ଓଡ଼ିଆ ଭାଷା ପ୍ରତିଷ୍ଠାନ
(ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ)
ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧
E-mail : odiabhasapratisthan@yahoo.co.in
ଅଳଂକରଣ : ଶ୍ରୀ ହୀରାଲାଲ୍ ବରିହା
ପ୍ରକାଶକାଳ : ୨୦୧୪ ମସିହା
© ପ୍ରକାଶକଂକଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ
ମୁଦ୍ରଣ : ପ୍ରିଂଟ୍‌ଟେକ୍ ଅଫ୍‌ସେଟ୍ ପ୍ରା.ଲି., ଭୁବନେଶ୍ୱର

ଆସନ୍ତୁ ଦେଖିବା ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କ ଅନୁସ୍ୱାରଦିଆ ନାଆଁ କେମିତି ସୁନ୍ଦର ଶୁଭୁଛି ଓ ଶୋଭାକର ଦିଶୁଛି। କଟକ ଷ୍ଟୁଡେଣ୍ଟ୍ ଷ୍ଟୋର୍ ପ୍ରକାଶିତ ଡକ୍ଟର 'ମଂହାତି'ଙ୍କ ପୁସ୍ତକ "ଓଡ଼ିଆ ସାହିତ୍ୟର ଇତିହାସ : ଆଦ୍ୟ ପ୍ରୟାସ" ପଛ ମଲାଟର ଭିତର ପଟେ ଲେଖକ ପରିଚୟ ଦେବାକୁ ଯାଇ ଲେଖାଯାଇଛି ଡ.'**ମଂହାତି**'। ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଖୋଦ୍ ଶ୍ରୀଯୁକ୍ତ ମହାନ୍ତିଙ୍କ କ୍ଷେତ୍ରରେ ଅନୁସ୍ୱାର ଏଠି 'ହ'କୁ ଛାଡ଼ପତ୍ର ଦେଇ 'ମ'କୁ ଦୁତିଅ ହେଇଛି। ଏଇ ଅନୁସ୍ୱାରିଆ 'ମଂହାତି'ଙ୍କୁ କ'ଣ ଆମେ 'ମଂ+ହାତି' କହିବା? ଅନୁସ୍ୱାର ଦେଇ ଯୁକ୍ତାକ୍ଷରକୁ ଭାଙ୍ଗିଲେ ଭାଷା କେମିତି ଭ୍ରଷ୍ଟ ହୁଏ, ବିଶୃଙ୍ଖଳ ହୁଏ, ବିପର୍ଯ୍ୟସ୍ତ ହୁଏ ଏହାଠାରୁ ବଳି ଆଉ ବଡ଼ ପ୍ରମାଣ ଆମେ କ'ଣ ଦେବା?

## ବର୍ଣ୍ଣମାଳାର ବୋଝ

ଡକ୍ଟର ତ୍ରିପାଠୀ, ଡକ୍ଟର ମହାନ୍ତିଙ୍କ ପରେ ଆସନ୍ତୁ ଡକ୍ଟର ପଟ୍ଟନାୟକଙ୍କ ପାଖକୁ ଯିବା। ୧୬ ଜୁନ୍, ୨୦୧୪ ତାରିଖ ସମାଜରେ ପ୍ରକାଶିତ 'ଓଡ଼ିଆ ବର୍ଣ୍ଣକ୍ରମ ଓ ବର୍ଣ୍ଣସଂଖ୍ୟା'ରେ ଡକ୍ଟର ପଟ୍ଟନାୟକ ଲେଖିଛନ୍ତି-"...ସେହିପରି ତିନିଟି ଶ, ସ, ଷ ଏବଂ ଦୁଇଟି ଜ, ଯ। ଓଡ଼ିଆ ଉଚ୍ଚାରଣରେ ଏହା ସ ଓ ଜ। ପଣ୍ଡିତ ନୀଳକଣ୍ଠ ତାଙ୍କ ବ୍ୟାକରଣ ବିଚାରରେ ଗୋଟିଏ ସ ରଖିବାକୁ କହିଛନ୍ତି। ତେବେ ୫ଟି ଓଡ଼ିଆ ଅକ୍ଷରର ଆବଶ୍ୟକତା ଅଛି କି? +++ 'ହ୍ରସ୍ୱ ଦୀର୍ଘ ବିଭେଦ ଓଡ଼ିଆରେ କେଉଁ କାଳୁ ଲୋପ ପାଇଲାଣି। ତେଣୁ ବର୍ଣ୍ଣମାଳାରେ 'ଈ', 'ଊ'କୁ ରଖି ଅଯଥା ବୋଝ ମୁଣ୍ଡେଇବାର ଆବଶ୍ୟକତା ଅଛି କି? ଏହା ଥିବାରୁ ବନାନ ଭୁଲ୍ ହେବାକୁ ବାଧ୍ୟ।"

ଡକ୍ଟର ପଟ୍ଟନାୟକ ଯାହା ଲେଖିଛନ୍ତି- "ଏହା ଥିବାରୁ ବନାନ ଭୁଲ୍ ହେବାକୁ ବାଧ୍ୟ"- ପ୍ରକୃତରେ ତାଙ୍କର ଏ କଥାଟା ଶତକଡ଼ା ଶହେଭାଗ ସତ। ତା' ନ ହେଲେ ଡକ୍ଟର ପଟ୍ଟନାୟକଙ୍କ ଭଳି ବର୍ତ୍ତମାନ ଭାରତବର୍ଷରେ ସବୁଠାରୁ 'ବର୍ଷିୟାନ୍' ଭାଷାବିଜ୍ଞାନୀ ହୋଇ 'ବର୍ଷୀୟାନ୍' ଶବ୍ଦଟାକୁ 'ବର୍ଷିୟାନ୍' ଲେଖି ଭୁଲ୍ କରି ନ ଥାନ୍ତେ। ୨୬.୧୧.୧୯୯୮ରେ ପ୍ରକାଶିତ ତାଙ୍କ ଲେଖାରେ 'ବର୍ଣ୍ଣାଶୁଦ୍ଧି'କୁ ଦୁଇଥର 'ବର୍ଣ୍ଣଶୁଦ୍ଧି' ଲେଖିଥିବାରୁ ତାଙ୍କ କହିବା କଥାର ବିପରୀତ ଅର୍ଥ ବୁଝାଉ ନ ଥାନ୍ତା । ନିଜ ମାତୃଭାଷାରେ ରଚିତ ନିଜ ବହି "ଭାଷା ଓ ସାହିତ୍ୟ"(ପକ୍ଷୀଘର ପ୍ରକାଶନୀ, ପ୍ରଥମ ସଂସ୍କରଣ-୨୦୧୬)ର ମୁଖବନ୍ଧରେ ସେ ଋଣୀକୁ 'ଋଣି'(୩ ଥର), ସମ୍ପୂର୍ଣ୍ଣକୁ 'ସମ୍ପୁର୍ଣ୍ଣ', ଶାନ୍ତିନିକେତନକୁ 'ଶାନ୍ତିନୀକେତନ', ପୂର୍ବସୂରୀକୁ 'ପୂର୍ବସରୀ', କୁଳପତିକୁ 'କୂଳପତି', ଦେଶୀକୁ 'ଦେଶି', ବିଦେଶୀକୁ 'ବିଦେଶି', ତାଲିକାକୁ 'ତାଳିକା', ସଙ୍କଳନକୁ 'ସଂକଳକ' ଲେଖିଥାନ୍ତେ କେମିତି?

ସବୁଠାରୁ ମଜାର କଥା ଯେ ଏ ବହିରେ 'ବନାନ ଭୁଲର କାରଣ' ବୋଲି ଏକ ପ୍ରବନ୍ଧ ଅଛି ଏବଂ ଏଇ ପ୍ରବନ୍ଧରେ

ଡକ୍ଟର ପଟ୍ଟନାୟକ ଭୁଲ ଶବ୍ଦର ଭୁଲ ବନାନ କରି 'ଭୂଲ' ବୋଲି ଲେଖିଛନ୍ତି, ତ୍ରୁଟିପୂର୍ଣ୍ଣକୁ ତ୍ରୁଟିପୂର୍ଣ୍ଣ କରି 'ତୃଟିପୂର୍ଣ୍ଣ' ବୋଲି ଲେଖିଛନ୍ତି। ଏଇ 'ବନାନ ଭୁଲର କାରଣ'ରେ 'ଶବ୍ଦ'କୁ ଆଠଥର ବନାନ ଭୁଲ୍ କରି 'ଶବ୍ଦ' ଭାବେ ଲେଖିଛନ୍ତି।

**କେମନ୍ତ ଧାରଣା !**

ଓଡ଼ିଆ ଭାଷା ପ୍ରତିଷ୍ଠାନ' ଦ୍ୱାରା ୨୦୧୯ ଫେବୃଆରୀରେ ପ୍ରକାଶିତ 'ବର୍ଣ୍ଣମାଳା ଆଲୋଚନା' ବହିର ପ୍ରଥମ ପ୍ରବନ୍ଧ 'ଓଡ଼ିଆ ବର୍ଣ୍ଣମାଳା ଧାରଣା (କନ୍‌ସେପ୍ଟ)' ପ୍ରଥମ ବାକ୍ୟରେ ଡକ୍ଟର ପଟ୍ଟନାୟକ ପ୍ରବୃତ୍ତି ଜାଗାରେ ଲେଖିଛନ୍ତି 'ପ୍ରବୃତି', ସଞ୍ଜକୁ ଲେଖିଛନ୍ତି 'ସଞ୍ଜ', ବାଞ୍ଛକୁ ଲେଖିଛନ୍ତି 'ବାଞ୍ଛ', ବ୍ୟଞ୍ଜନକୁ 'ବ୍ୟଞ୍ଜନ'। ୧୬ ଜୁନ୍ , ୨୦୧୪ ତାରିଖ 'ସମାଜ'ରେ ପ୍ରକାଶିତ ତାଙ୍କ ଲେଖା 'ଓଡ଼ିଆ ବର୍ଣ୍ଣ ସଂଖ୍ୟା ଓ ବର୍ଣ୍ଣକ୍ରମ'ରେ ସେ ଲେଖିଛନ୍ତି-"ପଣ୍ଡିତ ନୀଳକଣ୍ଠ ଅନୁନାସିକ ବର୍ଗୀୟ ବ୍ୟଞ୍ଜନକୁ ସ୍ୱତନ୍ତ୍ର ଅକ୍ଷର ଲେଖି ଅନୁସ୍ୱାରଯୁକ୍ତ ବର୍ଗୀୟ ବ୍ୟଞ୍ଜନ ଲେଖିବାକୁ ଡାକରା ଦେଇଥିଲେ। ତାଙ୍କ ଲେଖା 'ପଂଡିତ'କୁ ଯେଉଁମାନେ 'ଫଡିତ' କହି ଥଟ୍ଟା କଲେ, ସେମାନେ ଜାଣି ନ ଥିଲେ ଯେ ଅକ୍ଷରରୁ ଛାଡ଼ି କରି ଲେଖିଲେ ତାହା ଅନୁସ୍ୱାର। ଏହା ଲେଖିବାର ସୁଯୋଗ ଯେ ଓଡ଼ିଆ ବ୍ୟାକରଣର ଏକ ଅମୂଲ୍ୟ ଦାନ, ଏହା ସେମାନେ ବୁଝିଲେ ନାହିଁ।" ଡକ୍ଟର ପଟ୍ଟନାୟକ ଯଦି ଏତେ କଥା ବୁଝିଥିଲେ ସେ ତାଙ୍କ ପ୍ରବନ୍ଧ 'ଓଡ଼ିଆ ବର୍ଣ୍ଣମାଳା ଧାରଣା (କନ୍‌ସେପ୍ଟ)'ରେ 'ସଙ୍ଘ'କୁ 'ସଘଂ' ବୋଲି ଲେଖିଲେ କେମିତି ? ? ?

ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ୨୦୧୭ରେ ପ୍ରକାଶିତ 'ଚଳନ୍ତି ଓଡ଼ିଆ ଅଭିଧାନ', ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ୨୦୧୮ ପ୍ରକାଶିତ 'ପଠିତ ଓଡ଼ିଆ ଶବ୍ଦକୋଷ', ୨୦୧୯ରେ ଅଷ୍ଟମ ଶ୍ରେଣୀର 'ଆମ ଓଡ଼ିଆ ବ୍ୟାକରଣ' ଏବଂ ପ୍ରଥମ ଶ୍ରେଣୀ ପିଲାଙ୍କ ପାଇଁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଅକ୍ଷର ଶିକ୍ଷା ବହି 'ହସଖେଳ'ରେ ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ମାନ୍ୟତା ପାଇଁ ପ୍ରଦତ୍ତ ଦଲିଲ୍ ଅନୁସାରେ ବର୍ଣ୍ଣ ସଂଖ୍ୟା ବା ବର୍ଣ୍ଣକ୍ରମ ନାହିଁ।

'ସାହିତ୍ୟ ଚର୍ଚ୍ଚା' ୨୦୨୩ ମଇ ସଂଖ୍ୟାରେ ପ୍ରଫେସର ଉଦୟନାଥ ସାହୁ ଓଡ଼ିଆ ବର୍ଣ୍ଣମାଳାରେ ସମୁଦାୟ ୫୫ଟି ବର୍ଣ୍ଣ ରହିବା ଉଚିତ ବୋଲି କିଛି ଭାଷାବିଦ୍‌ଙ୍କୁ ନେଇ ଗଠିତ ଏକ ସଂଗୋଷ୍ଠୀ ପ୍ରସ୍ତାବ ଦେଇଥିବା କଥା ଲେଖିଛନ୍ତି। ଆମ ଓଡ଼ିଆ ଭାଷାବିଦ୍‌ମାନେ ବର୍ଣ୍ଣମାଳାରୁ କେବଳ କାଟିବା, କମେଇବା, ଛାଡ଼ିବା, ଛିଣ୍ଡେଇବା, ଉପାଡ଼ିବା, ଉଠେଇବା କଥା କହନ୍ତି; ଯୋଡ଼ିବା, ଗଢ଼ିବା କଥାର ଇଏ ହୁଏତ ପ୍ରଥମ ଉଦାହରଣ।

୧୯୧୪ ମସିହା ଜାନୁୟାରୀ ୧୨ ତାରିଖ 'ଆଶା' ପତ୍ରିକାରେ ପଣ୍ଡିତ ଗୋପବନ୍ଧୁ ଯୁକ୍ତାକ୍ଷରକୁ ଭାଙ୍ଗି ଅନୁସ୍ୱାର ଦେଇ 'ସତ୍ୟବାଦୀ'ର ଏକ ବିଜ୍ଞାପନ ବାହାର କଲେ। ୧୯୧୪ ମସିହା, ଫିବ୍ରେଓରୀ ମାସ ୧୬ ତାରିଖ'ରେ ପ୍ରାପ୍ତପତ୍ର ସ୍ତମ୍ଭରେ ପ୍ରକାଶିତ ଏକ ଏ ଚିଠିରେ ପଣ୍ଡିତ ଗୋଦାବରୀଶ ବନାନ, ବ୍ୟାକରଣ ଆଦି ନୀତିନିୟମର ସବୁ ବାଡ଼ ଭାଙ୍ଗି ଚୂର୍‌ମାର କରିଦେଇ ପଣ୍ଡିତ ଗୋପବନ୍ଧୁଙ୍କ ଆଙ୍ଗୁଠି ଦେଖାରୁ ଉନ୍ମତ୍ତ ଉତ୍ସାହରେ ବାହା ଗିଳି ପକାଇଲେ। ଏମିତି କି ଦାସେ ଆପଣେ ନିଜ ନାଆଁ 'ଗୋପବନ୍ଧୁ ଦାସ' ବୋଲି ଦସ୍ତଖତ କରିଥିବା ବେଳେ, ପଣ୍ଡିତ ଗୋଦାବରୀଶ କିନ୍ତୁ ନିଜ ନାଆଁକୁ ବି ଛାଡ଼ିନାହାନ୍ତି, ଦସ୍ତଖତ କରିଛନ୍ତି 'ଗୋଦାବରିସ ମିସ୍ର'।

> **ଆମ ଓଡ଼ିଆ ଭାଷାବିଦ୍‌ମାନେ ବର୍ଣ୍ଣମାଳାରୁ କେବଳ କାଟିବା, କମେଇବା, ଛାଡ଼ିବା, ଛିଣ୍ଡେଇବା, ଉପାଡ଼ିବା, ଉଠେଇବା କଥା କହନ୍ତି।**

ସତ୍ୟବାଦୀ ଗୋଷ୍ଠୀଙ୍କ ଲିପିସଂସ୍କାର ଥିଲା ସମସ୍ୟା ସମାଧାନ ପାଇଁ, ବର୍ତ୍ତମାନର ଲିପିସଂସ୍କାର ହେଉଛି ସମସ୍ୟା ସୃଷ୍ଟି ପାଇଁ। ମୁଦ୍ରଣ ସମସ୍ୟା ଦୂର ପାଇଁ ସେମାନେ ଯୁକ୍ତାକ୍ଷର ଭାଙ୍ଗି ଅନୁସ୍ୱାର ଦେଇ ଲେଖୁଥିଲେ। କମ୍ପ୍ୟୁଟର ଆସିବା ପରେ ବର୍ଣ୍ଣମାଳାକୁ ବିଭ୍ରଷ୍ଟ କରିବା ସହ ନିଜକୁ ନଈକୁ ଠେଲିବା ପରି ମାରାତ୍ମକ ହେବ। କଟକ ଜଗତପୁର ଭିତରେ ମହାନଦୀରେ ପୋଲ ହେବା ପୂର୍ବରୁ ଲୋକେ ଗାମୁଛା ବଦଳି ନଈରେ ପଶି ଯାଉଥିଲେ। ଏବେ ଗାମୁଛା ବଦଳି କିଏ ନଈରେ ପଶି ଯାଉଛି କି ? ଯିଏ ଯିବ, ସିଏ ମରିବ ନା ନାହିଁ? ଏଣୁ ଜାଣିଜାଣି ଆମ ଭାଷାକୁ ବୁଡ଼ି ମରିବାକୁ ଦିଆ ନ ଯାଉ।

□□

ଲେଖକଙ୍କ ଇ-ମେଲ ଠିକଣା:
baishnabamohanty@gmail.com

ଗଳ୍ପ

# ସେ ନିଶ୍ଚୟ ଆସିବ



ରବି ସ୍ୱାଇଁ

ବିମଳା ଖୁଡ଼ୀ ସେଇ ଗୋଟିଏ ଜାଗାରେ ବସି ଅନେଇ ରହିଥାଏ। ତା' ଗେରସ୍ତ ସତୁରା ଏଇ ବାଟେ ଆସିବ। ନିଶ୍ଚୟ ଫେରି ଆସିବ।

ଯିଏ ଯେତେ ବୁଝେଇଲେ ସେ କାହା କଥା ମନକୁ ନିଏନି। ଗରମର ହୁଏ ସମସ୍ତଙ୍କ ଉପରେ। ତମେ ଗୁରା କ'ଣ ଜାଣିଚ? ସେ ପରା ମତେ କଥା ଦେଇ ଯାଇଚି- ମୁଁ ସାଙ୍ଗେ ସାଙ୍ଗେ ଆସିବି। ସେ ଜମା ମିଛ କହେନା। ସେ ନିଶ୍ଚୟ ଆସିବ।

ପୁଅ ବୋହୂ ପାଖ ପଡ଼ୋଶୀ ବନ୍ଧୁବାନ୍ଧବ କେତେ ବୁଝେଇଲେ ନାଇଁ ସେଇ ଏକା କଥା। ମତେ କଥା ଦେଇ ଯାଉଚି। ମୁଁ ସାଙ୍ଗେ ସାଙ୍ଗେ ନେଇକି ଆସିବି। ସେ ତା' କଥା ରଖିବ। ତମେ ମତେ ରାଣ୍ଡ ହେବାକୁ କାଇଁକି କହୁଚ? ମୁଁ ଅହ୍ୟ ସୁଲକ୍ଷଣୀ ହେଇ ତା' ଆଗରୁ ମଶାଣିକି ଯିବି। ସେ ଖଇ କଉଡ଼ି ବିଞ୍ଚିବ।



ଏକା ଜିଦି ମୁଁ କାଚ ପିନ୍ଧିବି। ସିନ୍ଦୂର ନାଇବି। ପୁଅ ବାଧ୍ୟ ହେଇ କେଇପଟ ଇମିଟେସନ୍ ଚୁଡ଼ି, ଚେନ ଆଉ କିଛି ବିନ୍ଦି ଆଣି ଦେଇଚି। ବୋହୂ ଶାଶୁକୁ ଏସବୁ ପିନ୍ଧେଇ ଦେଇ କହେ- ବୋଉ, ତମକୁ ଏସବୁ ଭାରି ମାନୁଚି।

ଏକଥା ଶୁଣି ବିମଳା ଖୁଡ଼ୀ ହସିଦିଏ। ହଁ ସେ ଆସି ଦେଖିବ ମୁଁ ତାକୁ ସେମିତି ଅପେକ୍ଷା କରି ରହିଛି।

ସମୁଦ୍ର ପାଖାପାଖି ଗାଁ। ସେଦିନ ବି ସେମିତି ବାତ୍ୟାଟିଏ ଘୋଟି ଆସିଲା। ସତୁରା ବେସ୍ତ ହେଇ କହିଲା - କ'ଣ ବଡ଼ ବାତ୍ୟା ହବ ବୋଲି ଟିଭି ଘନଘନ କହୁଚି। ମୁଁ ଯାଉଚି ଚୁଙ୍ଗୁଡ଼ି ଘେରିଆଡୁ ଟିକିଏ ବୁଲିଆସେ। ଜଗୁଆଳିଙ୍କି କହି ଦେଇ ଆସିବି- ହୁସିଆର ହେଇ ଥିବେ। ଜାଲ ନେଇ ଆସିବି। କାଳେ ଭାସିଭୁସା ଯିବ।

ବିମଳା ଖୁଡ଼ୀ ଆକଟ କଲା- ନାଇଁ ନାଇଁ ଏ ମେଘ ପବନରେ କୁଆଡ଼େ ଯିବ? ଜଗୁଆଳି ପ୍ରାଣ ବିକଳରେ କିଏ କୁଆଡ଼େ ପଳେଇ ଯିବେଣି। ସମସ୍ତଙ୍କର ଯାହାହବ ଆମର ସେଇଆ ହବ। ମୋ ରାଣ ତମେ ଜମା ଯାଅନି।

ହାଃ- ମୁଁ ଯିବି ଆସିବି। କାଇଁ ବେସ୍ତ ହଉଚୁ? ମେଘ ପବନ ବଢ଼ିଗଲେ ଆଉ କ'ଣ ପାଇ ହବ? ତୁ କବାଟ ଦେ। ମୁଁ ସାଂଗେ ସାଂଗେ ଆସୁଚି।

ବାତ୍ୟା ମହାବାତ୍ୟା ହେଇଗଲା।

ଏଠିସେଠି ଶବ ଭାସୁଥିବାର ଦେଖାଗଲା। ସେମାନଙ୍କ ପୁଅ ପୁତୁରାମାନେ ଶବ ଆଣି ସତ୍କାର କଲେ। ଶୁଦ୍ଧି ଶୁଦ୍ଧା ବି ହେଲେ।

ପଣ୍ଡିତ କହିଲା- ସେ ଜିଇଥିଲେ ତ ଫେରି ଆସନ୍ତାଣି। ଆଉ ଅପେକ୍ଷା ନ କରି ଶୁଦ୍ଧି ହେଇପଡ଼।

ବିମଳା ଖୁଡ଼ୀର ଚୁଡ଼ି ଯେତେବେଳେ ସେମାନେ ଜବରଦସ୍ତ ଭାଙ୍ଗିଲେ ସେ ବେହୋସ ହେଇଗଲା।

ବହୁକଷ୍ଟରେ ହୋସ୍ ଫେରିଲା ପରେ ସେ ଖାଲି କାନ୍ଦିବାକୁ ଲାଗିଲା- ସେ ମତେ କହି ଯାଇଚି- ନିଶ୍ଚୟ ଆସିବ। ତମେ ମତେ କାଇଁକି ରାଣ୍ଡ କରି ପକଉଚ? ମୋ ଗେରସ୍ତ ବଞ୍ଚିଚି। ମୁଁ ଅହ୍ୟ ସୁଲକ୍ଷଣୀ ହେଇ ଆଗେ ମରିବି।

ଖୁଡ଼ୀ ଜିଦ୍ କଲା। କାନ୍ଦିଲା। ଖାଇଲାନି। ମୁଣ୍ଡ ପିଟିଲା।

ପୁଣି ନକଲି ସଧବା ହେଇ ତା' ବାଟକୁ ଚାହିଁ ବସିଲା। ସେମିତି ଅପଲକ ନେତ୍ରରେ ଅନେଇ ରହିଚି। ଏଇ ବାଟରେ ସେ ଯାଇଚି। ଏଇବାଟେ ନିଶ୍ଚୟ ଫେରିବ।

□□

ଲେଖକଙ୍କ ଇ-ମେଲ ଠିକଣା:
rswainpdp@gmail.com



କବିତା

# ସନେଟ୍‌ରୁ ଚଉପଦୀ

ଆଲୋକ କୁମାର ପ୍ରଧାନ


## ବାପା

ବହିଲାପଣକୁ ବନ୍ଧଟିଏ ବାପା ଉଠିଲା ପଣକୁ ରଞ୍ଜା
ମୁକ୍ତ ଆକାଶରେ ଡେଣାଟିଏ ସିଏ ଖୁସି ରାଇଜର ରଜା
ସଂସାର ଭାରକୁ କନ୍ଧୁଅ କରି ସେ ସୁଖେ ଭୋଗୁଥାନ୍ତି ଦୁଃଖ
ବାପାଙ୍କ ଠୁଁ କେବେ ଫେରେକି ଉତ୍ତର କେଉଁଥିରେ ତାଙ୍କ ସୁଖ !

ଆମରି ସ୍ୱପ୍ନକୁ କଜ୍ଜଳ କରି ସେ ବରଜି ଦିଅନ୍ତି ମନ
ବାପା ଆଉ ବାପାପଣିଆକୁ ଧରି ନୀରବେ କାଟନ୍ତି ଦିନ
କୋଶେ ଦୂରତାକୁ ପାହୁଣ୍ଡେ କରନ୍ତି ଲୁହକୁ ନ ଦେଇ ଧରା
ଅଖିଆ ପେଟରେ ସାତସିଆଁ ପିନ୍ଧି ବାଣ୍ଟନ୍ତି ଖୁସି ପସରା।

ସବୁ ବାପାମାନେ କାନ୍ଦନ୍ତିନି ବୋଲି ବାଆ ପାଇଁ ବତା ସିଏ
ସବୁ ବାପାଙ୍କର ସୁଖ ଲୁଚିଥାଏ ଆମ ଖୁସି ଥିବା ଯାଏଁ
ପତର ପଡ଼ିଲେ ପଥର ପଡ଼ିବା ପରି ତାଙ୍କୁ ଲାଗୁଥାଏ
ଆକାଶେ ଖୁସିର ଉଡ଼ାଣରେ ମନ ଆମରି ପାଖରେ ଥାଏ।

ବାପାଙ୍କ ହୃଦୟ ତୂଳାଠୁଁ ନରମ ବାହାରଟା ବଡ଼ ଟାଣ
ବାପା ହେବା ବଡ଼ କଠୋର ତପସ୍ୟା ଅସହଜ ବାପାପଣ।



## ବାପା

ବହିଲାପଣକୁ ବନ୍ଧଟିଏ ହେଉଥିବେ
ଉଠିଲାପଣକୁ ରଞ୍ଜାଟିଏ ହୋଇ ହାତ ଧରି ଚାଲୁ ଥିବେ
ବାପାଙ୍କ ପରି କେ ହେବେ
ବହିଲାପାଣିକି ବନ୍ଧ ହେଇ ରୋଧୁଥିବେ।୦।

ସଂସାର ଭାରକୁ କାନ୍ଧେ ବୋହି ବୋହି ଦୁଃଖ ଭୋଗୁଥିବେ ବାପା
ତାଙ୍କ ସୁଖ କିଛି ପଚାରିଲେ ଥରେ ଉତ୍ତର ନଥାଏ ଦେଖା
ଆମ ଦୁଃଖ-ସୁଖ ନିକିତିରେ ଯିଏ
ନିଜକୁ ତଉଲୁ ଥିବେ
ବହିଲା ପାଣିକି ବନ୍ଧ ହେଇ ରୋଧୁଥିବେ।୧।

ଆମରି ସ୍ୱପ୍ନକୁ ଆଖିର କଜ୍ଜଳ କରି ଗଣୁଥିବେ ଦିନ
ବାପାପଣିଆର ଧାରେ ଧାରେ ଚାଲି ନିଜଠି ନ ରଖି ମନ
ନ ଖାଇ ନ ପିନ୍ଧି କୋଶେକୁ ପାହୁଣ୍ଡ
କରି କିଏ ଜିଉଁଥିବେ
ବହିଲା ପାଣିକି ବନ୍ଧ ହେଇ ରୋଧୁଥିବେ।୨।

ବାପାମାନେ କାଳେ କାନ୍ଦନ୍ତିନି ବୋଲି ବାଆ ପାଇଁ ବତା ସିଏ
ପତର ପଡ଼ିଲେ ଆମରି ଉପରେ ଲାଗେ ପଥର ପରାଯେ ।
ଆକାଶେ ଖୁସିର ଉଡ଼ାଣରେ ସିଏ
ଆମ ପାଖେ ପାଖେ ଥିବେ
ବହିଲା ପାଣିକି ବନ୍ଧ ହେଇ ରୋଧୁଥିବେ।୩।

ତୂଳା ଠୁଁ ନରମ ବାପାଙ୍କ ହୃଦୟ ବାହାରକୁ ଭାରି ଟାଣ
ବାପା ହେବା ସିନା କଠୋର ତପସ୍ୟା ଅସହଜ ବାପାପଣ
ବାପା ଭାବ ଭାବି ବାପାଟେ
ହେବାକୁ ଭଣେ ଆଲୋକ ପ୍ରଧାନ
ବହିଲା ପାଣିକି ବନ୍ଧ ହେଇ ରୋଧିବାରେ ରଖି ମନ । ।୪।

□□

କବିଙ୍କ ଇ-ମେଲ ଠିକଣା:
alokkumarp787@mail.com

ଗଳ୍ପ

# ଦୁଇଟି ଅଣୁଗପ



**ଡ. ଅନୀଲ କୁମାର ପାଢୀ**

## ଚପଲ୍

ମୋ ଚପଲଟି ଚମଡ଼ାର ଥିଲା। ଟିକେ ପୁରୁଣା ହୋଇଯାଇଥିଲା। ସୋର ଯାଇଥିବା ବେଳେ ବାପା ମୋ କିଣିଦେଇଥିଲେ।

ଖରାପ ଥିଲା ଆର୍ଥିକ ଅବସ୍ଥା ଆମର। ଗୋଟାଏ ଅନୁଦାନପ୍ରାପ୍ତ ମଧ୍ୟଇଂରାଜୀ ବିଦ୍ୟାଳୟରେ ହେଡ୍‌ମାଷ୍ଟର ଥିବା ବାପା ପାଉଥିଲେ ମୋଟେ ଶହେ ଚାଳିଶ ଟଙ୍କାର ଦରମା। ନିଜେ ରବର ଚପଲ ପିନ୍ଧୁଥିଲେ।

ସେଦିନ ଅମାର ଆଗରେ ଥୁଆ ହୋଇଥିବା ହଳେ ନୂଆ ଚପଲ ଉପରେ ମୋର ନଜର ପଡିଲା। ବାପାଂକ ଚପଲ ଛିଡ଼ି ଯାଇଥିଲା। ବୋଧେ ବାପା ତାଂକ ପାଇଁ ଆଣିଛନ୍ତି। ନୂଆ ଚପଲ ପିନ୍ଧିବା ଲୋଭରେ ମୋ ଚପଲଟିକୁ ରଖିଦେଇ ବାପାଂକ ଚପଲ ପିନ୍ଧି ସ୍କୁଲ ବାହାରିଗଲି, ଏ କଥା ଜାଣି ବି ଥିଲି ଯେ ବାପା ବରଂ ଖାଲିପାଦରେ ସ୍କୁଲ ଯିବେ, ମୋ ଚମଡ଼ା ଚପଲ ପିନ୍ଧିବେ ନାହିଁ।



କିଛିବାଟ ଯାଇଛି କି ନାହିଁ, ମୋତେ ଚାରିଆଡ଼ ବାପା ବାପା ବାସିଲା। ସେଇ ଧୋତିପଞ୍ଜାବୀର ଝାଳୁଆ ଗନ୍ଧ ସାଙ୍ଗକୁ ଚମନବାହାର୍ ଆଉ ଧୂଳିଗୁଣ୍ଡିର ବାସ୍ନା! ଶୁଭିଲା ବାପାଙ୍କ ପଞ୍ଜାବୀ ପକେଟରେ ଥିବା ଚାରେଣିଆଠଣିର ଠଣଠାଣ୍ ଶବ୍ଦ। ମୋ ପାଦରୁ ବାପାଙ୍କ ନୂଆ ଚପଲ ଖସିଯାଇଥିଲା।


ଏବେ ମୁଁ ଦେଖୁଛି କଅଣ! କିଛି ଦୂରରେ ଧୂଳିଧୂସରିତ ହୋଇ ପଡିଛନ୍ତି ବାପା! ସତେଯେମିତି ମୁଁ ବାପାଙ୍କୁ ପିନ୍ଧି ଏଯାଏ ଚାଲିଆସିଛି!!

## ସ୍ଥିରତା

ମୁଁ ଭିତରେ ସେଫ୍ ଲ୍ୟାଣ୍ଡିଂ କରିସାରିଥିଲି। କେଉଁ ଧ୍ରୁବରେ କେଜାଣି।

ମୁଁ ଆଉ ରୋଭର୍ ଦୁହେଁ ଭିତରର ଆବୁଡ଼ାଖାବୁଡ଼ା ରାସ୍ତାରେ ଆଗକୁ ଚାଲିଥିଲୁ। ଓହୋଃ, କେଡେ ବିଶାଳ ଏଇ ସ୍ଥାନ! ଯେମିତି ଅଗଣିତ ବ୍ରହ୍ମାଣ୍ଡ ଓ ଆଲୋକବର୍ଷକୁ ନେଇ ତିଆରି ହୋଇଛି!

ଶୁଣିଥିଲି, ଷଡ଼ ବ୍ରହ୍ମାଣ୍ଡ ଅଛି ଏଠି। କେତେକେତେ ବ୍ଲାକ୍ ହୋଲ୍। ଏଠି ପାଣି, ଆକାଶ, ମାଟି, ନିଆଁ ଓ ପବନ ମିଳେ। ତେବେ, ଏଠି ପରଗ୍ରହୀ ନ ମିଳିବେ କାହିଁକି!



ରୋଭର୍ ମୋତେ ଇସାରା କଲା। ଅନେକ ଅନେକ ଦୂରରେ କେହିଜଣେ ଠିଆହେବା ପରି ଲାଗୁଥିଲା। ଏ ଦୃଶ୍ୟ ଦେଖିବାକ୍ଷଣି ମୋର ଲୋମକୂପ ଟାଙ୍କୁରି ଉଠିଲେ! ପରଗ୍ରହୀ ନୁହେଁ ତ!

ଆମେ, ପାହାଡ଼, ଝଡ଼, ସ୍ୱପ୍ନ, ବାସ୍ତବତା, ସୂତ୍ର, ଗଣିତ ସବୁ ଚଢ଼ି ସେହି ପରଗ୍ରହୀ ଆଡ଼କୁ ଆଗଉଥିଲୁ। ଅଥଚ ତା' ଆଉ ଆମ ଭିତରେ ଦୂରତା ଯାହା ଥିଲା ସେୟା। ଜାଣିହେଉ ନ ଥିଲା ଆମେ ସ୍ଥିର ନା ସେ ଆମ ପରି ସମାନ ବେଗରେ ଆମଠାରୁ ଦୂରେଇ ଯାଉଛି! ଇଏ ବି ତ ସ୍ଥିରତାର ଆଉ ଏକ ପରିଭାଷା!

ଅମ୍ଳଜାନ ସରି ଆସୁଥିଲା।

ଆମେ ଫେରିଆସିବାକୁ ବାଧ୍ୟ।

□□

ଲେଖକଙ୍କ ଇ-ମେଲ ଠିକଣା:
anilparhi@gmail.com



ଶିଶୁ ଗଳ୍ପ

# ବିନୟୀ ବଣି ଓ ଅବିନୟୀ ବଗୁଲୀ

ରତ୍ନାକର ଦାସ

ଗଛ କୋରଡ଼ରେ ଥିବା ବଣି ତା' ଛୁଆମାନଙ୍କୁ ନେଇ ଖୁସିରେ ରହେ। ପାଖ ବିଲ ଓ ପଡ଼ିଆରୁ ଆହାର ସଂଗ୍ରହ କରେ ବେଶି ଦୂରକୁ ନ ଯାଇ ଛୁଆମାନଙ୍କ ପାଟିରେ ଆହାର ଗୁଞ୍ଜି ଦେଇ ସେ ଯେତିକି ଆନନ୍ଦ ଅନୁଭବ କରେ, ତା' ଠାରୁ ଢେର୍ ଅଧିକ ଖୁସିରେ କୁରୁଳି ଉଠନ୍ତି ତା' ଛୁଆମାନେ। ଅମାପ ଶାନ୍ତି ଅନୁଭବ କରନ୍ତି, ମା'ଠାରୁ ସ୍ନେହ ମମତା ପାଇବା ସହିତ ତା' ମୁହଁରୁ ହିତ କଥା ମାନ ଶୁଣି।

ସେଇ ଗଛର ଉପର ଡାଳରେ ରହୁଥିବା ବଗୁଲୀ ତା' ଛୁଆଙ୍କ ସାଥିରେ ଅନେକ ସମୟ ବିତାଏ। ସୁଲୁସୁଲିଆ ପବନ ବହିଲେ ବସାରେ ଥାଇ ଦୋଳି ଖେଳିବାର ମଜା ଅନୁଭବ କରନ୍ତି ସମସ୍ତେ। କୋରଡ଼ରେ ଥିବା ବଣିକୁ ଥଟ୍ଟା ମଜା କରି ଅନେକ କଥା କହନ୍ତି ମଧ୍ୟ। କିନ୍ତୁ ବଣିର ସେ ସବୁକୁ ନଜର ନ ଥାଏ। ବଗୁଲୀ ତା' ପ୍ରତି ହିଂସା ଆଚରଣ କରୁଥିଲେ ବି ବଣିର କିନ୍ତୁ ସାମାନ୍ୟତମ ପ୍ରତିହିଂସା ମନୋଭାବ ନ ଥାଏ।

ବଗୁଲୀ ଆହାର ସଂଗ୍ରହ କରିବାକୁ ଯେତେବେଳେ ଦୂରକୁ ଯାଏ, ବଣିକୁ ସିଏ କିଛି କହି ନ ଥିଲେ ବି ବଗୁଲୀ ଛୁଆ ପ୍ରତି ନଜର ରଖିଥାଏ ବଣି। ତା' ଛୁଆ ମାନଙ୍କୁ ମଧ୍ୟ "ବାଦ ଓ ବିଭେଦ"ର ପରିଣତି ସମ୍ପର୍କରେ ବୁଝାଇବା ସହିତ ମହତ୍ କଥା କହିବା, ଭଲ ବାଟରେ ଯିବାକୁ ପରାମର୍ଶ ଦିଏ । ମା' ବଣିର କଥାକୁ ତା' ଛୁଆମାନେ କେବଳ ଯେ ଶୁଣନ୍ତି ତା' ନୁହେଁ, ପାଳନ କରନ୍ତି ମଧ୍ୟ।

ବଣି ଯେତେବେଳେ ବସା ଛାଡ଼ି ଆହାର ଖୋଜିବାକୁ ଯାଏ, ବଗୁଲୀକୁ ଅତି ବିନୟ ଭାବରେ ଅନୁରୋଧ କରିଥିଲେ ମଧ୍ୟ ସିଏ ଆଡ଼ଆଖିରେ ଚାହେଁ ନାହିଁ ବଣି ଛୁଆମାନଙ୍କୁ। ଏପରିକି ଦିନେ ବଣି ଛୁଆକୁ ଆକ୍ରମଣ କରୁଥିବା ବାଜପକ୍ଷୀକୁ ଘଉଡ଼ାଇବାରେ ବଗୁଲୀ ସାମାନ୍ୟ ଚେଷ୍ଟା କରି ନ ଥିଲା। ଯୋଗକୁ ମା' ବଣି ସେହି ବେଳକୁ ଫେରି ଆସିଥିବାରୁ ଛୁଆମାନେ ମରଣ ମୁହଁରୁ ରକ୍ଷା ପାଇଗଲେ।

ଦିନକୁ ଦିନ ବଗୁଲୀ ତଥା ତା' ଛୁଆମାନଙ୍କ ଏ ପ୍ରକାର ଆଚରଣ ବଣିକୁ ଅସହନୀୟ ହେଲା। ସିଏ ବଗୁଲୀକୁ ପଦଟିଏ କିଛି ନ କହି ଅନ୍ୟ ଗଛରେ ବସା ତିଆରିବାକୁ ଉଚିତ ମଣିଲା। ସେତେବେଳକୁ ତା' ଛୁଆମାନେ ବି ଖଣ୍ଡିଉଡ଼ା ଦେଉଥାନ୍ତି। ସେମାନଙ୍କୁ ଭଲ ଭାବରେ ଉଡ଼ା ଶିଖାଇବା, ଖାଦ୍ୟ ସଂଗ୍ରହର କୌଶଳ ବତାଇବା, ଅନ୍ୟକୁ ବିନୟ ଭାବରେ କଥା କହିବା, ସମ୍ମାନ ଦେବା ଇତ୍ୟାଦିରେ ନିପୁଣ କରାଇବା ପାଇଁ ସିଏ ନୂଆ ନୀଡ଼କୁ ଉଡ଼ିଗଲା ଛୁଆଙ୍କୁ ତା' ପିଠିରେ ବସାଇ।



ସେମାନେ ଚାଲିଯିବା ପରେ ବଗୁଲୀ ଓ ତା'ର ଛୁଆମାନେ ଅମାପ ଆନନ୍ଦରେ ଖେଳାବୁଲା କଲେ। ମା' ଡେଣାରେ ମୁହଁ



ଗୁଞ୍ଜି, ବଣି ଛୁଆମାନଙ୍କୁ ବିଲ କିବା ପଡ଼ିଆରେ ଦେଖିଲେ କଥା କହିବା ଦୂରେ ଅଛି, ଚାହିଁବେ ନାହିଁ ବୋଲି କହିଲେ ତା'ର ଛୁଆମାନେ। ନାଚି ଉଠିଲେ କୁନି କୁନି ଡେଣାକୁ ଝାଡ଼ି ଖୁବ୍ ଖୁସିରେ। ଏମିତି କିଛି ଦିନ ବିତିଗଲା ସେମାନଙ୍କର।

ଦିନେ ଆକାଶରେ ଘୋଟିଥିବା କଳାହାଣ୍ଡିଆ ବଉଦଟା ଚାହୁଁ ଚାହୁଁ ମେଘରେ ପରିଣତ ହୋଇ ବୋହି ପଡ଼ିଲା ତଳକୁ ତା' ସାଙ୍ଗରେ ଖୁବ୍ ଜୋର୍‌ରେ ପବନ, ବିଜୁଳି ଓ ଘଡ଼ଘଡ଼ି। ପବନର ବେଗ ଏତେ ବେଶି ଥିଲା ଯେ କେତେକ ଗଛ ଉପୁଡ଼ି ପଡ଼ିଲା ଓ ଆଉ କେତେକ ଗଛର ଡାଳମାନ ଭାଙ୍ଗି ଲୋଟି ପଡ଼ିଲା ତଳେ। ସେଇ ପବନରେ ମଧ୍ୟ ବଗୁଲୀ ବସା ବାନ୍ଧିଥିବା ଡ଼ାଳଟି ଗଛଠାରୁ ଢେର୍ ଦୂରରେ ଫିଙ୍ଗି ହୋଇ ପଡ଼ିଲା ଓ ପାଣି କାଦୁଅରେ ଗୋଳେଇ ହୋଇଗଲା।

ମା' ବଗୁଲୀର ଜୀବନ ତ ନ ଥିଲା, କିନ୍ତୁ ତା'ର ଛୁଆମାନେ ବର୍ଷା ପବନ ମାଡ଼ର ଆଘାତରେ ଛଟପଟ ହୋଇ ବିକଳ ହେଉଥିଲେ। ସେତେବେଳକୁ ଉଡ଼ି ଜାଣିଥିବା ବଣିର ଛୁଆମାନେ ସେଠାରେ ପହଞ୍ଚି ତାଙ୍କ ପାଟିରେ ଆହାର ଦେଉଥିଲେ, ବିପଦରେ ସାହାଯ୍ୟ କରିବାର ମାନସିକତା ନେଇ ଓ ଧନ୍ୟ ମଣୁଥିଲେ ନିଜକୁ।

□□

ଲେଖକଙ୍କ ଇ-ମେଲ ଠିକଣା:
sahityarkdas@gmail.com

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୪. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।


୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏ ନାହିଁ।

୯. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।




**ପୁସ୍ତକ ସମୀକ୍ଷା**

# ରାଜନୀତି ଭୋଗିବାର କାହାଣୀ

**ଲେଖକ : ଅଧ୍ୟାପକ ବିଶ୍ୱରଞ୍ଜନ**

**ପ୍ରକାଶକ : ପେନ୍ ଇନ୍ ବୁକ୍ସ**

**ପୃଷ୍ଠା : ୧୭୬, ମୂଲ୍ୟ: ଟ. ୨୯୯/-**

ଅଧ୍ୟାପକ ବିଶ୍ୱରଂଜନ ଜଣେ ପ୍ରବୀଣ ସାହିତ୍ୟିକ ହୋଇଥିବା ସହ ରାଜନୀତି ବିଜ୍ଞାନର ଜଣେ ସୁବିଦିତ ବିଶାରଦ ମଧ୍ୟ। ଏହା ସତ୍ତ୍ୱେ ତାଙ୍କର ରଚନା-ସମଗ୍ର ସାହିତ୍ୟଧର୍ମୀ ସୃଜନଶୀଳତା ପାଇଁ ଯେତିକି ସୁପରିଚିତ, ରାଜନୀତିଧର୍ମୀ ତତ୍ତ୍ୱାନୁଶୀଳନ ପାଇଁ ସେତିକି ନୁହଁ। ସେହି ଅଭାବଟିକୁ ଏବେ କିଛି ମାତ୍ରାରେ ପୂରଣ କରିଛି ଏହି ପୁସ୍ତକ। ବିଭିନ୍ନ ସମୟରେ କେତେକ ସମ୍ବାଦପତ୍ରରେ ପ୍ରକାଶପାଇଥିବା ଲେଖକଙ୍କର ବିବିଧ ରାଜନୈତିକ ପ୍ରସଙ୍ଗ ଆଧାରିତ ରଚନାକୁ ନେଇ ପୁସ୍ତକଟି ସଂକଳିତ।

ମୁଖବନ୍ଧରେ ଲେଖକ ଏହିଭଳି ଭାବରେ ସଂକଳନଟିର ଆଭିମୁଖ୍ୟକୁ ଅଭିବ୍ୟକ୍ତ କରିଛନ୍ତି:

'ଗଣତାନ୍ତ୍ରିକ ଭାରତର ଜଣେ ସଚେତନ ନାଗରିକ ଭାବରେ, ନିର୍ବାହ ନିରାପତ୍ତାକୁ ଶ୍ରେୟ ନ ମଣି ପ୍ରକାଶ କରିଛି ମୋ ପ୍ରାଣର କଥା; ଯାହା ଦେଖୁଛି, ଭୋଗୁଛି, ଓ ଅଙ୍ଗେ ନିଭାଉଛି - ସାମ୍ପ୍ରତିକ ରାଜନୀତିର ଧାରା ଓ ଧାରଣା ଭିତରେ।'

ସୂଚିପତ୍ରର ପ୍ରଥମ ପ୍ରବନ୍ଧ 'କଞ୍ଚା କଦଳୀପତ୍ରରେ ସକାଳର ଦୃଶ୍ୟ'ରେ ରାଜନୀତି ଭଳି ଏକ ନିରସ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିବା ବେଳେ ବି ଲେଖକ ନିଜର ବକ୍ତବ୍ୟକୁ ରସସିକ୍ତ କରିବାକୁ ପଛାଇ ନାହାନ୍ତି। ଏଥିରେ ସେ ଏକ କବିଦୃଷ୍ଟି ନେଇ ପରଖିଛନ୍ତି 'ବହୁ ଦୂରରେ କାବୁଲରେ ମଣିଷର ଶରୀର ଧାରଣ କରିଥିବା ଦ୍ୱିପାଦ ବିଶିଷ୍ଟ ଭୟଙ୍କର ଜନ୍ତୁ'ମାନଙ୍କୁ। ତାଲିବାନୀୟ ଗୋଷ୍ଠୀର ଅମାନବୀୟ କ୍ରୁରତା ଉଦବେଳିତ କରିଛି ତା'ଙ୍କର ଲେଖକୀୟ ସତ୍ତା।

ଗୋଟିକ ପରେ ଗୋଟିଏ, ବିବିଧ ରାଜନୈତିକ ପ୍ରସଙ୍ଗକୁ ନେଇ ଅଗ୍ରସର ହୋଇଛି ଆଲୋଚନାର ପ୍ରବାହ। ପ୍ରବନ୍ଧଗୁଡିକର ଶିରୋନାମାରୁ ହିଁ ଧାରଣା କରିହୁଏ ଏଥିରେ ଚର୍ଚ୍ଚିତ ହୋଇଥିବା ବିଷୟଗୁଡ଼ିକର ମହତ୍ତ୍ୱ; ଯେପରି, 'ଗଣତନ୍ତ୍ରର ଆତ୍ମନିର୍ଭର ହସ', 'ସତ୍ୟ ଓ ଗଣତନ୍ତ୍ର', 'ଜାତୀୟ କଂଗ୍ରେସ: ଦୁର୍ଗ ପତନର ଦୁଃସ୍ଥିତି' ଓ 'ବ୍ୟଙ୍ଗଚିତ୍ରରେ ରାଜନେତାଙ୍କ ରୂପରଙ୍ଗ।'

ତେବେ ଏଥିରେ ସଙ୍କଳିତ ପ୍ରବନ୍ଧଗୁଡ଼ିକୁ ସେମାନଙ୍କର ସମୟାନୁକୂଳତା ଦୃଷ୍ଟିରୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି ହେଲା, ସେହି ଶ୍ରେଣୀର ପ୍ରବନ୍ଧ ଯେଉଁଗୁଡ଼ିକର ସର୍ବକାଳୀନ ପ୍ରାସଙ୍ଗିକତା ରହିଛି; ଏବଂ ଦ୍ୱିତୀୟଟି ହେଲା ସେହିଗୁଡ଼ିକ, ଯାହାର ବିଷୟବସ୍ତୁ ଗୋଟିଏ ନିର୍ଦ୍ଦିଷ୍ଟ ସମୟର ଘଟଣାବଳୀ ଉପରେ ଆଧାରିତ, ଅର୍ଥାତ୍ ସେହି ସମୟ ଯେତେବେଳେ ତାହା ପ୍ରଥମେ ସମ୍ବାଦପତ୍ର ସ୍ତମ୍ଭରେ ପ୍ରକାଶ ପାଇଥିଲା। ତେବେ ପୂର୍ବ-ପ୍ରକାଶିତ ପ୍ରବନ୍ଧମାନଙ୍କୁ ପରବର୍ତ୍ତୀ କାଳରେ ପୁସ୍ତକାକାରରେ ପୁନଃସଂକଳିତ କରି ପ୍ରକାଶ କରିବା ବେଳେ ତାହା କେଉଁ ତାରିଖରେ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା ତାହା ସୂଚିତ କରିବା ଆବଶ୍ୟକ ଥିଲା।

ଏବର ସାଧାରଣ ପାଠକୀୟ ଅଭିରୁଚିକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ସମ୍ବାଦପତ୍ର ବା ପତ୍ରପତ୍ରିକାମାନଙ୍କରେ ବିଭିନ୍ନ ସମୟରେ ପ୍ରକାଶିତ ହେଉଥିବା ଲେଖାଗୁଡ଼ିକର ପୁନଃ ସଂକଳନ ପାଠକମାନଙ୍କୁ ଆଜିକାଲି ବିଶେଷ ଭାବରେ ଆକର୍ଷିତ କରିପାରୁନାହିଁ। ଏଣୁ ଆଲୋଚ୍ୟ ପୁସ୍ତକଟିର ପାଠକୀୟ ଗ୍ରହଣୀୟତା ଆହୁରି ଅଧିକ ହୋଇପାରିଥାଆନ୍ତା ଯଦି ପୂର୍ବପ୍ରକାଶିତ ରଚନାର ସଂକଳନ ପରିବର୍ତ୍ତେ ସେହି ବିଷୟଗୁଡ଼ିକ ଉପରେ ଏକ ନୂତନ 'ପ୍ରୋଜେକ୍ଟ' ରୂପେ ରଚିତ ସଦ୍ୟ ପ୍ରବନ୍ଧମାନ ଲେଖକଙ୍କ କଲମରୁ ରୂପ ନେଇଥାଆନ୍ତା।

*- ନିହାର ଶତପଥୀ*

# ସାହିତ୍ୟ ସମାଚାର

## ଓଡ଼ିଶାର ରାମାୟଣ ପରମ୍ପରା ଉପରେ ଦିଲ୍ଲୀରେ ଜାତୀୟ ସେମିନାର



କେନ୍ଦ୍ର ସାହିତ୍ୟ ଅକାଡେମୀ ତଥା ଜେ.ଏନ୍.ୟୁଠାରେ ଥିବା 'ଆଦିକବି ସାରଳା ଦାସ ଓଡ଼ିଆ ଅଧ୍ୟୟନ କେନ୍ଦ୍ର'ର ମିଳିତ ଆନୁକୂଲ୍ୟରେ ସେପ୍ଟେମ୍ବର ୨୦ ତାରିଖ ଦିନ ନୂଆଦିଲ୍ଲୀଠାରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସାହିତ୍ୟ ଅକାଡେମୀର ସଚିବ କେ.ଶ୍ରୀନିବାସ ରାଓ। ସମ୍ମାନିତ ଅତିଥି ଭାଷା, ସାହିତ୍ୟ ଓ ସଂସ୍କୃତି ସଂସ୍ଥାନର ଡିନ୍ ଶୋବା ଶିବଶଙ୍କରନ୍ କହିଥିଲେ ଯେ ଓଡ଼ିଆରେ ରାମାୟଣର ଯେତେଗୋଟି ଲିଖିତ ସ୍ୱରୂପ ଅଛି, ଅନ୍ୟ ଭାଷାରେ ତାହା ନାହିଁ। ଆଦିକବି ସାରଳା ଦାସ ଓଡ଼ିଆ ଅଧ୍ୟୟନ କେନ୍ଦ୍ରର ଚେଆର୍ ପ୍ରଫେସର ଉଦୟନାଥ ସାହୁ ଏକ ପ୍ରବନ୍ଧ ପାଠ କରି ଓଡ଼ିଶାର ରାମାୟଣ ପରଂପରା, ବିଶେଷତଃ ବିଚିତ୍ର ରାମାୟଣ ବିଷୟରେ ଏକ ସାରଗର୍ଭକ ବିବରଣୀ ପ୍ରଦାନ କରିଥିଲେ। ସଭାମୁଖ୍ୟ ଭାବରେ ବକ୍ତବ୍ୟ ରଖି ଗୌରହରି ଦାସ ମତ ଦେଇଥିଲେ ଯେ ସାରଳା ଦାସ ଓ ସିଦ୍ଧେଶ୍ୱର ଦାସ ଜଣେ କିମ୍ବା ଦୁଇଜଣ ବ୍ୟକ୍ତି ଏ ନେଇ ମତ ପାର୍ଥକ୍ୟ ରହିଛି। କାର୍ଯ୍ୟକ୍ରମର ପରିଶେଷରେ ଭାରତୀୟ ଭାଷା କେନ୍ଦ୍ରର ସହକାରୀ ପ୍ରଫେସର ମାଲଖାନ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଦିକବି ସାରଳା ଦାସ ଚେଆର୍ ଦ୍ୱାରା ସମ୍ପାଦିତ 'ଶତାବ୍ଦୀର ସାରଳା ସମୀକ୍ଷା' ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା।

## ଜୟନ୍ତ ମହାପାତ୍ରଙ୍କ ରଚନାର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନାଚକ୍ର




ଓଡ଼ିଶା ଲେଖକ ସମବାୟ ସମିତି ଆନୁକୂଲ୍ୟରେ ସେପ୍ଟେମ୍ବର ୨୦ ତାରିଖ ସନ୍ଧ୍ୟାରେ ଦିବଂଗତ କବି ଜୟନ୍ତ ମହାପାତ୍ରଙ୍କ ରଚନାରେ ତାଙ୍କର ଆତ୍ମଜୀବନୀମୂଳକ ତତ୍ତ୍ୱର ପ୍ରତିଫଳନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଜର ବକ୍ତବ୍ୟ ରଖି ମୁଖ୍ୟବକ୍ତା କେଦାର ମିଶ୍ର କହିଥିଲେ ଯେ ଜୟନ୍ତ ମହାପାତ୍ର ଆତ୍ମଜୀବନୀରେ ନିଜକୁ ନିଷ୍ଠୁର ଭାବରେ ଅନାବୃତ କରିଛନ୍ତି। ସେ ମଧ୍ୟ କହିଥିଲେ ଯେ ତାଙ୍କର କବିତାରେ ଏକ ନିଚ୍ଛକ ପ୍ରତ୍ୟକ୍ଷ ଅନୁଭବ ଥାଏ। ଏପରିକି ତା'ଙ୍କର ଅନେକ ସ୍ୱରଚିତ କବିତାର ବିଷୟବସ୍ତୁରେ ତାଙ୍କର ନିଜ ନାମ 'ଜୟନ୍ତ ମହାପାତ୍ର'ର ଉଲ୍ଲେଖ ରହିଛି। ସାଲବେଗ ଓ ଜୟନ୍ତ ମହାପାତ୍ରଙ୍କ ମଧ୍ୟରେ ଏକ ଅଦ୍ଭୁତ ସାମଂଜସ୍ୟ ମଧ୍ୟ ଲକ୍ଷ୍ୟ କରାଯାଏ।

ଭୁବନେଶ୍ୱର 'ଏମସ୍' ହାସପାତାଳର ପୂର୍ବତନ ନିର୍ଦ୍ଦେଶକ ତଥା ସୋଆ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡା. ଅଶୋକ ମହାପାତ୍ର କହିଥିଲେ ଯେ ଅସନ୍ତୋଷ ହିଁ ସୃଜନଶୀଳତାର ମଂଜ। ଜୟନ୍ତ ମହାପାତ୍ରଙ୍କ ସାରସ୍ୱତ ଜୀବନରେ ଏହାର ଦୃଷ୍ଟାନ୍ତ ବିଶେଷ ଭାବରେ ଦେଖିବାକୁ ମିଳେ। 'ପୌରୁଷ'ର ସଂପାଦକ ଅସିତ ମହାନ୍ତି, ସ୍ୱର୍ଗତ ଜୟନ୍ତ ମହାପାତ୍ର ଏକ ସାକ୍ଷାତକାରରେ ଦେଇଥିବା ବିବୃତି ଉଦ୍ଧାର କରି କହିଲେ ଯେ ସେ ବିଳମ୍ବରେ ଓଡ଼ିଆ ଭାଷାରେ ଲେଖିବାକୁ ଆରମ୍ଭ କରିବାର କାରଣ ପଚରାଯିବାରୁ ସେ ନିଜ ଲୋକଙ୍କ ପାଖକୁ ଫେରିଆସିବାକୁ ଏହା କରିଥିଲେ ବୋଲି କହିଥିଲେ।

# ଶେଷ ପୃଷ୍ଠା



# ଆଢ୍ୟମ୍ମନ୍ୟବିଷ୍ଣୁ *

ଭାଗବତରେ ପଢ଼ିଥିଲି ପଦୁଟିଏ; କେତେ ସହିବି ଗର୍ଭ କଷ୍ଟ। ବିଧାତା କଲା ମୋତେ ହଟ।

ପରନ୍ତୁ, ଓଡ଼ିଆ ସାହିତ୍ୟସଂସାରର କିଂକର୍ତ୍ତବ୍ୟବିମୂଢ଼ ଆଢ୍ୟମ୍ମନ୍ୟବିଷ୍ଣୁଗଣ ଅବସ୍ଥାତ୍ରୟରେ ରଚୁଛନ୍ତି; କେତେ ସହିବି ଶବ୍ଦ କଷ୍ଟ। ସାହିତ୍ୟ କଲା ମୋତେ ହଟ।

ଅକ୍ଷର ଶିକ୍ଷା ସରିଲା ପରେ ପ୍ରାୟ ସଭିଏଁ ଏବେ ଲେଖକ। ପୁସ୍ତକ ପଢ଼ିଲା ପରେ ପ୍ରାୟ ସଭିଏଁ ଏବେ ପ୍ରକାଶକ। ଏଠାରେ କହିବା ବାହୁଲ୍ୟ ଯେ ଏବେ ଲେଖକ ଲେଖାଟିଏ ଲେଖିବା ପରେ ନିଜ ଲେଖା ହିଁ ନିଜେ ପଢୁ ନାହାନ୍ତି। ଏଣେ ଲେଖାଚାଲିଛି ଆଉ ଛପା ଚାଲିଛି ଶହଶହ ପୁସ୍ତକ। ଲେଖକଙ୍କ ଭିଡ଼ରେ ପାଠକ ଏବେ ଅଣନିଃଶ୍ୱାସୀ। ଆଜି ଅଧିକାଂଶ ପାଠକଙ୍କ ପାଇଁ ଓଡ଼ିଆ ସାହିତ୍ୟ ଦୁର୍ବୋଧ।

ହେ ମୋର ସାହିତ୍ୟିକ ଆଢ୍ୟମ୍ମନ୍ୟବିଷ୍ଣୁଗଣ;

ସୁଧୀ ଲେଖକର ଆତ୍ମବୋଧରୁ ପ୍ରେରିତ ଭାବ ହୃଦୟତନ୍ତ୍ରୀକୁ ସ୍ପର୍ଶ କରେ; ହୃଦୟ ରୋମାଞ୍ଚିତ ହୋଇ ଆତ୍ମଧ୍ୱନି ସହ ଗାଇ ଉଠେ ଶବ୍ଦତତ୍ତ୍ୱସମ୍ଭୁତ ସାହିତ୍ୟରାଗ। ଏହି ଆତ୍ମବୋଧ ବିନା ଶବ୍ଦ, ବାକ୍ୟ, ସାହିତ୍ୟର ସର୍ଜନା କାହିଁ! ଦଶଶିର ଦୁହିଁ ସେଇ ସୁଧୀ ଲେଖକ, ଭାବବୋଧ ଅଧେତବ୍ୟ ଚତୁର୍ବେଦୀ ପ୍ରଜ୍ଞାନ କଣିକା ପଦପଦ କରି ଲେଖିଥାଏ। ଶବ୍ଦବ୍ରହ୍ମ ବୋଧରେ ତା ରଚନାରେ ଥାଏ ପଞ୍ଚତନ୍ତ୍ର, ଷଡ଼ଦର୍ଶନ, ସପ୍ତତଳମର୍ମର ଭାବ। ସେଥିରୁ ପାଠକ ଆହରଣ କରେ ପ୍ରଜ୍ଞାରୂପୀ କାରଣଜଳରେ ଶବ୍ଦବ୍ରହ୍ମ ସ୍ଥାପନ କରି ସର୍ଜନା ହୋଇଥିବା ସାହିତ୍ୟସୁଧା।

ଆଖିରେ ଆଖିଏ ସପନ ଓ ହୃଦୟରେ ସରାଗ ନେଇ ଏବେ ମଧ୍ୟ ପାଠକ, ରଚକର ଆଖ୍ୟାନ ପଢ଼ିବା ପାଇଁ ପ୍ରତୀକ୍ଷା କରିଛି। ଆଜିର ସାହିତ୍ୟ ପାଳନିଆଁ ପାଇଁ ପାଠକଙ୍କୁ ଉତ୍ତମ ଲେଖକୀୟ ପାଳ ଯୋଗାଇ ଦିଆଯାଉ। ଜଳିବ!

ସାମ୍ପ୍ରତିକ ପରିସ୍ଥିତିରେ, ସାହିତ୍ୟ ସଂସାରରେ ସୁଧୀ ଲେଖକଟିଏ ବିରଳ। ଆଢ୍ୟମ୍ମନ୍ୟବିଷ୍ଣୁଙ୍କ କଣ୍ଢଘଣ୍ଟ ସାହିତ୍ୟହାଟରେ, ରଚନା ପରେ ପ୍ରକାଶନ, ଲୋକାର୍ପଣ, ପ୍ରଦର୍ଶନୀ; ପ୍ରଦର୍ଶନୀରୁ ଉପହାର; ଉପହାରପର୍ବ ଉତ୍ତାରୁ ଏବେ ପୁସ୍ତକ ସମଗ୍ର ରଦି ସାମଗ୍ରୀ ହୋଇଛି। ଏଣୁ ପାଠକ ହେବାକୁ ସଂଶୟ ଏବେ ସାହିତ୍ୟପ୍ରେମୀ ସମଗ୍ରଙ୍କର! ଏଣୁ, ପାଠକକୁଳକୁ ଅନୁରୋଧ କରିବି; ନେଡ଼ିଗୁଡ଼ କହୁଣି ଆଡ଼କୁ ବହିଯିବା ପୂର୍ବରୁ ଲେଖକମାନଙ୍କୁ ସୁଧାରିବାର ବେଳ ଉପନୀତ ଏବେ। ମନେ ପଡ଼େ ଦୁଇଧାଡ଼ି, ସ୍ୱଭାବକବିଙ୍କ ପ୍ରଣୟବଲ୍ଲରୀରୁ;

ଧନ୍ୟ ଧନ୍ୟ ପିତା ଗେହ୍ଲେଇ ସୁତାର କିଛି ନଧଇଲେ ଦୋଷ;

ତ୍ରୁଟି ଚାହିଁ ସ୍ନେହ, ନ ତୁଟି ତାଙ୍କର ଅଧିକ ବଢ଼ିଛି ତୋଷ।

ଅତଃ; ଆଜିକାଲିର ଆଢ୍ୟମ୍ମନ୍ୟବିଷ୍ଣୁଙ୍କ ପ୍ରାଦୁର୍ଭାବରେ ଅତିଷ୍ଠ ହେବା ପୂର୍ବରୁ ପ୍ରକୃତ ସାହିତ୍ୟସାଧକଙ୍କ ପ୍ରତ୍ୟଭିଜ୍ଞା ହିଁ ବିଧେୟ। ଆଢ୍ୟମ୍ମନ୍ୟବିଷ୍ଣୁଙ୍କ ବିସାହିତ୍ୟ ପଢ଼ି ଅଯଥାର୍ଥ ମୁହଁଦେଖା ବାଃ ବାଃ କରି ତାଙ୍କୁ କବିସମ୍ରାଟ, କବିବର, କବିରତ୍ନଙ୍କ ସହ ତୁଳନା କରିବା ବନ୍ଦ କରିବାକୁ ହେବ। ସେମାନଙ୍କ ରଚନାକୁ ସାହିତ୍ୟର ସୁବର୍ଣ୍ଣ ଇତିହାସର ପୃଷ୍ଠାଟିଏର ମାନ୍ୟତା ଦେବା ପୂର୍ବରୁ ଆମ ପୂର୍ବସୂରୀଙ୍କ ରଚନାସମଗ୍ରର ଅଧ୍ୟୟନ କରିବା ଏକାନ୍ତ ଅପରିହାର୍ଯ୍ୟ। ସାହିତ୍ୟ ସଂସାରର ଆଢ୍ୟମ୍ମନ୍ୟବିଷ୍ଣୁଙ୍କ ବୋଧହୀନ ରଚନାକୁ କାଳଜୟୀ ବୋଲି ଅଭିହିତ କରିବାର ଚାଟୁବାଦ ବନ୍ଦ କରିବାକୁ ହେବ। ଆଜିର ମାଟିରେ ଯଦି ସୁସାହିତ୍ୟର ପ୍ରଜ୍ଞାବୀଜବପନ ନହୁଏ ତେବେ ଆସନ୍ତାକାଲିର ବୃକ୍ଷରେ ଅମୃତମୟ ସାହିତ୍ୟଫଳ କାହୁଁ ପାଇବା! ହେଜିବାର ବେଳ ଏବେ; ଆପଣଙ୍କର ଏଇ ଶାରଦୀୟ ଋତୁରେ। ସୁମନାସ, ପାଠକସମଗ୍ରଙ୍କୁ। ଅସ୍ତୁ।

-ପ୍ରଭୂ

*** ଆଢ୍ୟମ୍ମନ୍ୟବିଷ୍ଣୁ** – ଯେ ପୂର୍ବେ ନଥିଲା କିନ୍ତୁ ହଠାତ୍ ବଡ଼ଲୋକ ହୋଇଅଛି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com



**DEFINING A NEW PRESENT ENVISAGING A BETTER FUTURE**

canonfire

Paradeep Phosphates Limited

www.paradeepphosphates.com

ୟୁକୋ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ସଂସ୍ଥା)

यूको बैंक
(भारत सरकार का उपक्रम)


UCO BANK
(A Govt. of India Undertaking)

ସମ୍ମାନ ଆପଣଙ୍କ ବିଶ୍ୱାସର | सम्मान आपके विश्वास का | Honours Your Trust

# UCO HOME LOAN

**EMI: Rs.766/-* per lac**

Zero Processing & Documentation Charges





MAX. REPAYMENT
UPTO 30 Yrs

Scan to Apply

T&C Apply

1800-103-0123 (Toll Free) 8334001234 7666399400 Follow us




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy